# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**September- 2015**


| ୭୨ ଭାଗ | ୨ୟ ସଂଖ୍ୟା | ଭାଦ୍ର – ଆଶ୍ୱିନ | ସେପ୍ଟେମ୍ବର – ୨୦୧୫ |
|---|---|---|---|



**ମନୋରଞ୍ଜନ ପାଣିଗ୍ରାହୀ,** ଆଇ.ଆର୍.ଏସ୍

କମିଶନର ତଥା ଶାସନ ସଚିବ

**ସୁଶୀଲ୍ କୁମାର ଦାସ,** ଓ.ଏ.ଏସ୍ (ଏସ୍.ଏ.ଜି)

ନିର୍ଦ୍ଦେଶକ

**ଡ. ଲେନିନ୍ ମହାନ୍ତି**

ସମ୍ପାଦକ

(ଭାରପ୍ରାପ୍ତ)

ସମ୍ପାଦନା ସହଯୋଗୀ

**ଗୋବିନ୍ଦଚନ୍ଦ୍ର ମଲ୍ଲିକ**

**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ–ଆଉଟ୍ ଡିଜାଇନିଂ

**ମାନସ ନାୟକ**

**ପୁଷ୍ପାଞ୍ଜଳି ପାଇକରାୟ**

ସହ ସମ୍ପାଦକ

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ

**ହେମନ୍ତ କୁମାର ସାହୁ**

**ସୁମିତ୍ରା କର**

ଫଟୋ :

**କିଶୋର କୁମାର ସିହ୍ନା**

**ରାଜୁ ସିଂ ଓ ମନୋରଂଜନ ମହାନ୍ତି**



ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର–୭୫୧୦୦୧

ଇ–ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.odisha.gov.in

ଫୋନ୍ : ୦୬୭୪–୨୫୩୦୨୧୧

ପ୍ରତିଖଣ୍ଡ : ଟ. ୫.୦୦


# ସୂଚୀ

ସେପ୍ଟେମ୍ବର – ୨୦୧୫


| | | |
|---|---|---|
| ● ଗଣପର୍ବ ନୂଆଖାଇ-ଏକ ଦୃଷ୍ଟିପାତ | ସୁବାଷ ନିଆଲ | .... ୧ |
| ● ଆଦିବାସୀଙ୍କ ବସାଘର ଓ ଗ୍ରାମ ସଂଗଠନ | ରଂଜନ ପ୍ରଧାନ | .... ୬ |
| ● ପ୍ରଥମ ଜାତୀୟ ହସ୍ତତନ୍ତ ଦିବସ -୨୦୧୫ | ସୁଚେତା ପ୍ରିୟଦର୍ଶିନୀ | .... ୨୨ |
| ● ଓଡ଼ିଶାର ଯାଦୁଘର | ନିର୍ମଳା କୁମାରୀ ମହାପାତ୍ର | .... ୨୫ |
| ● ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ | ପଣ୍ଡିତ ରାମକୃଷ୍ଣ ମିଶ୍ର | .... ୨୯ |
| ● ରାଜକନିକା | ହରିହର ପଣ୍ଡା | .... ୩୧ |
| ● ମଣିଷ ଭଳି ମଣିଷଟିଏ (କବିତା) | ଜୟନ୍ତ ପଟ୍ଟନାୟକ | .... ୩୫ |
| ● ସାଧାରଣ ମଣିଷ: ଅସାଧାରଣ ବ୍ୟକ୍ତିତ୍ୱ | ପୁଷ୍ପାଞ୍ଜଳି ପାଇକରାୟ | .... ୩୬ |
| ● ଆମ ସଂଗୀତର ବିଭବ: ପ୍ରଫୁଲ୍ଲ ଓ ପ୍ରଣବ | ଚିନ୍ମୟ ରାୟ | .... ୪୦ |
| ● ଗୁରୁ ଦିବସର ଅନୁଚିନ୍ତା | ସରସ୍ୱତୀ ପାତ୍ର | .... ୪୨ |
| ● ଭବ୍ୟ ବନ୍ଧୁତ୍ୱ (କବିତା) | ଦେବେନ୍ଦ୍ରନାଥ ମହାନ୍ତି | .... ୪୪ |
| ● ଗଣକବି ବୈଷ୍ଣବ ପାଣିଙ୍କ ଦୃଷ୍ଟିରେ ଲକ୍ଷ୍ମୀପୂଜା | ସୁଶ୍ରୀ ସରୋଜିନୀ ପାଣି | .... ୪୫ |
| ● ଭାରତ ମାତାର ଯୋଗ୍ୟ ସନ୍ତାନ (କବିତା) | ସରୋଜ ରଂଜନ ପଟ୍ଟନାୟକ | .... ୪୯ |
| ● ସଂହତି ଓ ସଂସ୍କୃତିର ସାହାନାଇ: ନୂଆଖାଇ | ପ୍ରଫୁଲ୍ଲ କୁମାର ଦାସ | .... ୫୦ |
| ● ଶ୍ରାବଣ ମାସର ମାହାତ୍ମ୍ୟ ଓ ଗହ୍ମାପୂର୍ଣ୍ଣିମା | ନଗେନ୍ଦ୍ର ନାଥ ପଟ୍ଟନାୟକ | .... ୫୨ |
| ● ଓଡ଼ିଶାର ପୁଚିଖେଳ | କ୍ଷୀରୋଦ ପ୍ରସାଦ ମହାନ୍ତି | .... ୫୫ |
| ● ଓଡ଼ିଆ ଗୀତିକାବ୍ୟର ଛନ୍ଦ | କସ୍ତୁରୀ ଖଟାଇ | .... ୫୮ |
| ● ଗାଁରେ ପୁଣି ପାଠାଗାର ପ୍ରତିଷ୍ଠା ହେଉ | ଇଂ. ଅଭୟ ସୂତାର | .... ୬୨ |
| ● ଉନ୍ନତ ପ୍ରଣାଳୀରେ ଚିନାବାଦାମ ଚାଷ | ଡକ୍ଟର ଦେବୀ ପ୍ରସନ୍ନ ଖୁଣ୍ଟିଆ<br>ଡକ୍ଟର ନିରାକାର ରଣସିଂହ | .... ୬୫ |
| ● ଜଗନ୍ନାଥ ଦାସଙ୍କ ଭାଗବତ | ଲକ୍ଷ୍ମୀଚରଣ ସାମନ୍ତରାୟ | .... ୬୯ |
| ● ସପ୍ରସଙ୍ଗ ଓଡ଼ିଶା | | .... ୭୨ |


❖ ❖ ❖

# ସମ୍ପାଦକୀୟ




ଭାରତୀୟ କ୍ଷେପଣାସ୍ତ୍ର ପରୀକ୍ଷା ସ୍ଥଳ ହ୍ୱିଲର ଦ୍ୱୀପକୁ 'ସାଧାରଣ ଲୋକଙ୍କ ରାଷ୍ଟ୍ରପତି' ଏବଂ ମିଜାଇଲ୍ ମ୍ୟାନ୍ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ନାମରେ ନାମିତ କରି ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଥିବାରୁ ଓଡ଼ିଶାବାସୀ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛନ୍ତି ।

ଲେନିନ୍ ମହାନ୍ତି

**ସମ୍ପାଦକ**

# ଗଣପର୍ବ ନୂଆଖାଇ–ଏକ ଦୃଷ୍ଟିପାତ

**ସୁବାଷ ନିଆଲ**

ନୂଆଖାଇ ବା ନବାନ୍ନ ଭକ୍ଷଣ ପଶ୍ଚିମ ଓଡ଼ିଶାର ଏକ ଗଣପର୍ବ । ଏହି ପର୍ବରେ ଧାର୍ମିକ ମାନ୍ୟତା ତୁଳନାରେ ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧର ଯଥେଷ୍ଟ ଝଲକ ପରିଲକ୍ଷିତ ହୁଏ । ଜାତି, ଧର୍ମ, ନିର୍ବିଶେଷରେ ଏହି ପର୍ବ ପାଳନ ନିମନ୍ତେ ଲୋକେ ସାମିଲ ହୁଅନ୍ତି । କୃଷିଭିତ୍ତିକ ଏହି ପର୍ବ ସାମାଜିକ ଜୀବନରେ ବେଶ୍ ଗୁରୁତ୍ୱ ବହନ କରେ । ଏହା ଯେ କେବଳ ପଶ୍ଚିମ ଓଡ଼ିଶାର ସୀମିତ, ତାହା ନୁହେଁ, ଛତିଶଗଡ଼ ରାଜ୍ୟର ପାଶ୍ୱବର୍ତ୍ତୀ ଅଞ୍ଚଳ ସମେତ ଓଡ଼ିଶାର କେନ୍ଦ୍ରାଞ୍ଚଳ ଅର୍ଥାତ୍ ଅନୁଗୁଳ, ଢେଙ୍କାନାଳ, କେଉଁଝର, କନ୍ଧମାଳ ଆଦି ଜିଲ୍ଲାରେ ପାଳନ ହେଉଥିବାର ଦେଖାଯାଏ ।





ଭାଦ୍ରବ ମାସର ପ୍ରାରମ୍ଭରେ କ୍ଷେତରେ ପାଚୁଥିବା ଛୋଟ କିସମର ଧାନ ଏବଂ ଗୁଜୁରୀ, ସୁଆଁ, କାଙ୍ଗ, କୋସଲା ଆଦି ଶସ୍ୟାଦି ଅମଳ ହେବା ପରେ ଏହାକୁ ଆନୁଷ୍ଠାନିକ ଭାବେ ନିଜର ଅଧିଷ୍ଠାତ୍ରୀ ଗୃହଦେବୀ ଓ ଗ୍ରାମ ଦେବୀ, ଦେବତାଙ୍କୁ ଅର୍ପଣ ପୂର୍ବକ ଏହି ନୂଆ ଅନ୍ନ ଭୋଜନର ଶୁଭାରମ୍ଭକୁ ନୂଆଖାଇ ବୋଲି ଅଭିହିତ କରାଯାଇଛି । ବିଶେଷ ଭାବେ ଏଠାରେ ବୁଝିବାକୁ ହୁଏ ଯେ ଆମ ପୂର୍ବପୁରୁଷମାନେ ସମୟର ସ୍ରୋତରେ ଅନେକ ସଂଘର୍ଷମୟ ପରିସ୍ଥିତି ଦେଇ କେଉଁ ଦ୍ରବ୍ୟକୁ ଖାଦ୍ୟପଯୋଗୀ ତାହା ନିରୂପଣ କରି ଆମକୁ ବଞ୍ଚାଇ ରଖିବାର ଦୁର୍ବାର ପ୍ରୟାସ କରିଥିଲେ । ତାଙ୍କର ଉତ୍ତର ଦାୟାଦ ଭାବେ ପ୍ରଥମ ଫସଲ ଆଦାୟ ପରେ ତାଙ୍କୁ ଅର୍ପଣ କରିବା ଏବଂ ସେମାନଙ୍କ ଅବଦାନକୁ ସ୍ମୃତିଚାରଣ କରିବା ଏହି ପର୍ବ ଆୟୋଜନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ସେଥିପାଇଁ ଆଜି ଯାଏଁ ନୂଆଖାଇ ପର୍ବରେ ନୂଆ ଅନ୍ନ ଭୋଜନ ସହ ଗୁରୁଜନମାନଙ୍କ ନିକଟରେ ପ୍ରଣିପାତ କରି ଆଶୀର୍ବାଦ ଭିକ୍ଷା କରିବାର ପରମ୍ପରା ଚାଲି ଆସିଛି । ତେବେ ଏଠାରେ ପଶ୍ଚିମ ଓଡ଼ିଶାରେ ନୂଆଖାଇ ପର୍ବ ପାଇଁ ଭାଦ୍ରବ ମାସକୁ ବଛା ଯିବା କାରଣ ସମ୍ପର୍କରେ ସାମାନ୍ୟ ଆଲୋକପାତ କରାଯାଇପାରେ । ପୂର୍ବେ ଯେତେବେଳେ ଚାଷ ଜମି ପାଇଁ ଜଳସେଚନର ସୁବିଧା ଓ ଆଧୁନିକ ସାର ପ୍ରୟୋଗ କରି ଅମଳ ଦ୍ୱିଗୁଣା କରିବାର ସଂସାଧନ ନଥିଲା କି କଳ ଲଙ୍ଗଳ କରି ଫସଲ ଫଳାଇବା ସୁବିଧା ନଥିଲା ସେତେବେଳେ ଚାଷୀ କେବଳ ବର୍ଷା ଉପରେ ଚାଷ ପାଇଁ ନିର୍ଭର କରୁଥିଲା । ଆଜିକାଲିର ଜମିବାଡ଼ି ପରି ପର୍ଯ୍ୟାପ୍ତ ଚାଷ କ୍ଷେତ ମଧ୍ୟ ନଥିଲା । ପଶ୍ଚିମ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଥିଲା ବଣ ଜଙ୍ଗଲଘେରା । ଆଷାଢ଼ ମାସରେ ବର୍ଷା ଓହ୍ଲାଇ ଆସିଲେ କ୍ରମାଗତ ଭାବେ ଦୁଇ ତିନି ମାସ ଧରି ବର୍ଷା ଲାଗି ରହୁଥିଲା । ଶ୍ରାବଣ ମାସର ଝଡ଼ିବର୍ଷା

କେବେକେବେ ଲଗାତାର ଭାବେ ଦଶ ପନ୍ଦର ଦିନ ଧରି ରହୁଥିଲା । କୋରାପୁଟ, କଳାହାଣ୍ଡି ଭଳି ଜିଲ୍ଲାମାନଙ୍କରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡୁଥିଲା । ଗରିବ ଲୋକେ କାମଧନ୍ଦା ପାଉ ନଥିଲେ । କାମ ପାଇଁ ଯିବାରେ ବର୍ଷା ଦାଉ ସାଧୁଥିଲା । ଏହି ସମୟକୁ Hungry Season ବୋଲି ମଧ୍ୟ କୁହାଯାଏ । ଚାଷୀଟିଏ ଗଚ୍ଛିତ କରି ରଖିଥିବା ବିହନ ତକ ଜମିରେ ବୁଣି ଦେବା ପରେ ତା'ପାଖରେ ମୂଳ ଲାଗି ଚଳିବା ଛଡ଼ା ଅନ୍ୟ ଉପାୟ ନ ଥାଏ । ଏହା ଅଧିକାଂଶ ପରିବାରର ଦୃଶ୍ୟ । ଚାଷ ଯୋଗ୍ୟ ଜମି ଯେତେ କମ୍ ଥିଲା ଶସ୍ୟ ଉତ୍ପାଦନ ମଧ୍ୟ ସେଭଳି ଥିଲା ଅତି ନଗଣ୍ୟ । ସେହି ସମୟରେ ଗୁରୁଜୀ, ମାଣ୍ଡିଆ, ସୁଆଁ ଭଳି ସ୍ୱଳ୍ପକାଳୀନ ଅମଳ ଯୋଗ୍ୟ ଶସ୍ୟ ଲୋକଙ୍କ ଭୋକ ମେଣ୍ଟାଇବାରେ ସହାୟକ ହେଉଥିଲା ।

ଏହି ସମୟରେ କେତେକ ଦେଶୀୟ ପ୍ରଜାତିର ଧାନ ପାଚିବା ଆରମ୍ଭ କରେ । ସେଗୁଡ଼ିକ ହେଲା– ଷାଠିଏ ଦିନରେ ହେଉଥିବା ଷେଟ୍‌କା ସରିଆ, ମାଲଧାନ, ଆଣ୍ଟଧାନ ଭଳି ସ୍ୱଳ୍ପକାଳୀନ ଅମଳଯୋଗ୍ୟ ଧାନ । ଏ କିସମର ଧାନଗୁଡ଼ିକ ଅଳ୍ପ ବର୍ଷା ଜଳରେ ମଧ୍ୟ ହୋଇଥାଏ । ପାହାଡ଼ି ଇଲାକା ସମେତ ଡାଲୁ ସ୍ଥାନମାନଙ୍କରେ ସହଜରେ ଚାଷ କରାଯାଇପାରେ । ଏ ପ୍ରଜାତିର ଧାନରେ ଧାନଗଛ ମୂଳେ ପାଣି ଜମି ରହିବାର ଆବଶ୍ୟକତା ନଥାଏ । ବୃଷ୍ଟି ଜଳରେ ଏହା ଅକ୍ଳେଶରେ ହୋଇଥାଏ । ଏହି ନୂଆ ଶସ୍ୟକୁ ଖାଇବାର ସାମୂହିକ ଆୟୋଜନର ନାମ 'ନୂଆଖାଇ' । ଏହା ଏକ ସାମାଜିକ ସ୍ୱୀକୃତିପ୍ରାପ୍ତ ପରମ୍ପରା । ସ୍ଥାନୀୟ ବିଧି ମୁତାବକ ଭୂମି, ଭୂମା, ହଳ ବଳଦ, ପୂର୍ବପୁରୁଷଙ୍କୁ ଖାଦ୍ୟ ଯୋଗ୍ୟ ଶସ୍ୟ ଉତ୍ପାଦନରେ ଥିବା ଅତୁଳନୀୟ ଅବଦାନର ଗୁଣକୀର୍ତ୍ତନ ପୂର୍ବକ ତାଙ୍କୁ ପ୍ରଥମେ ଅର୍ପଣ କରାଯାଇ ଏହି ଶସ୍ୟକୁ ଖାଦ୍ୟ ରୂପେ ଗ୍ରହଣ କରାଯାଏ । ତା'ପରଠାରୁ ନୂଆ ଫସଲର ଖାଦ୍ୟ ଖାଇବାର ପ୍ରକ୍ରିୟା ସବୁଠି ଚାଲେ । ତେବେ ଆସନ୍ତୁ ଜାଣିବା କିପରି ପାଳନ କରାଯାଏ ଏହି ପର୍ବକୁ । ନିର୍ଦ୍ଧାରିତ ଦିନ ପ୍ରାତଃରୁ ଗାଁର ପୁଅଝିଅମାନେ ଏକାଠି ରୁଣ୍ଡ ହୋଇ କ୍ଷେତକୁ ଧାନକେଣ୍ଡା ଆଣିବାକୁ ଯାଇଥାନ୍ତି । ସ୍ଥଳ ବିଶେଷରେ ଅନ୍ୟର କ୍ଷେତରୁ ଧାନକେଣ୍ଡା ଛିଣ୍ଡାଇ ଆଣିବାକୁ ପଡେ । ତେବେ ବି କ୍ଷେତ ମାଲିକ ଏଥିରେ ପ୍ରତିରୋଧ କରିନଥାନ୍ତି ଅନ୍ୟ ପକ୍ଷରେ ଲୋକେ ବି କ୍ଷେତ୍ରର ଫସଲ ନଷ୍ଟ ଭଳି କାର୍ଯ୍ୟ କରିନଥାନ୍ତି । ପାଞ୍ଚରୁ ଦଶଟି ଧାନକେଣ୍ଡା ହେଲେ ଯଥେଷ୍ଟ । କ୍ଷେତରୁ ଆଣିଥିବା ଧାନକେଣ୍ଡାକୁ ଘରେ ଥୋଇଦେଇ ସମସ୍ତେ ବାହାରି ଯାଆନ୍ତି ଗାଧୋଇବାକୁ । ସେପଟେ ସକାଳୁ ମାଆମାନେ ଉଠି ନିଜ ଘର ସଫା ସୁତୁରାରେ ଲାଗିଯାନ୍ତି । ପ୍ରାୟ ସପ୍ତାହ ପୂର୍ବରୁ ମାଟିଘର ହୋଇଥିଲେ ଲିପାପୋଛା, ପକ୍କାଘର ହେଲେ ଚୂନମରା ପ୍ରଭୃତି ସରିଯାଇଥାଏ । ଲୁଗାପଟାଗୁଡ଼ିକୁ ମଧ୍ୟ ସଫାସୁତୁରା କରାଯାଇଥାଏ । ଘରର ମହିଳାମାନେ ଏସବୁ କାର୍ଯ୍ୟ ମିଳିମିଶି ସଂପାଦନ କରିଥାନ୍ତି । କେତେକ ସ୍ଥାନରେ ଝୋଟି, ଚିତା ପ୍ରଭୃତି ପକାଇ ଘରକୁ ସଜାଇବା ଦେଖିବାକୁ ମିଳେ । ମହିଳାମାନେ ଗାଧୁଆପାଧୁଆ ସାରି ଘରକୁ ଅଣାଯାଇଥିବା ଧାନକେଣ୍ଡାରୁ ଧାନ ବାହାର କରି ସେଥିରୁ ଚୁଡା ତିଆରି କରିଥାନ୍ତି । ଏହି ନୂଆଚୁଡାକୁ ପୂଜା ପାଇଁ ପ୍ରସ୍ତୁତ ଭୋଗରେ ମିଶାଇ ଦିଆଯାଏ । ଏଥିରେ ଗୁଡ, ଘିଅ, ପଞ୍ଚାମୃତ ଭଳି ପବିତ୍ର, ସୁସ୍ୱାଦୁ ଦ୍ରବ୍ୟକୁ ମିଶାଯାଇ ଭୋଗ ପ୍ରସ୍ତୁତ କରାଯାଏ । ଏହି ସମୟରେ ଗ୍ରାମଦେବୀଠାରେ ମଧ୍ୟ ପୂଜା ଅର୍ଚ୍ଚନାର ବ୍ୟବସ୍ଥା କରାଯାଏ । ସେଠାରେ ଗ୍ରାମର ମୁଖ୍ୟଲୋକ ସମବେତ ହୋଇ ଏହି ପୂଜା କରିଥାନ୍ତି ।

ଗ୍ରାମର ସର୍ବମଙ୍ଗଳ କାମନା ପୂର୍ବକ ଗ୍ରାମଦେବୀଙ୍କଠାରେ ପ୍ରଥମେ ନବାନ୍ନ ଅର୍ପଣ କରାଯାଏ । ସେହି ଭୋଗକୁ ଆଣି ଗ୍ରାମର ପ୍ରତ୍ୟେକ ଘରେ ବାଣ୍ଟି ଦିଆଯାଏ । ତା'ପରେ ପ୍ରତି ଘରେ କରାଯାଉଥିବା ପୂଜା ଭୋଗ ସହ ମିଶ୍ରଣ କରି ନବାନ୍ନ ଭୋଗକୁ ପ୍ରଥମେ ଗୁହାଳରେ ପୂଜା କରି ଗାଈଗୋରୁଙ୍କୁ ଦିଆଯାଇଥାଏ । ପରେ ଯଦି ଗାଁରେ ସେହି ସମୟରେ କୌଣସି ସାଧୁ, ସନ୍ଥ, ବାବାଜୀ ଭଳି ସନ୍ନ୍ୟାସୀ ଥାନ୍ତି ତେବେ ତାଙ୍କୁ ନେଇ ନବାନ୍ନ ଦିଆଯାଇଥାଏ ସେପଟେ ପରିବାରର ମୁଖ୍ୟ କିମ୍ବା କେହି ଜଣେ ସଦସ୍ୟ କିଛି ପୂଜା ସାମଗ୍ରୀ ନେଇ ନିଜ କ୍ଷେତକୁ ଯାଇ ସେଠାରେ ଧୂପ ଦୀପ ଜଳାଇ ପୂଜା କରିବା ସହ କ୍ଷେତରେ ଗାଈ କ୍ଷୀର ଢାଳିବାର ମଧ୍ୟ ପରମ୍ପରା ରହିଛି । ଏହାକୁ ଗୋରସତୁକା ବା କ୍ଷେତପୂଜା ବୋଲି କୁହାଯାଏ । ବିଧି ଅନୁଯାୟୀ ବିଭିନ୍ନ ଜିଲ୍ଲାରେ ଜାତି ଓ ଇଷ୍ଟଦେବୀଙ୍କୁ ଆଧାର କରି ବିଭିନ୍ନ ପତ୍ରରେ ନୂଆଖାଇଁ ପ୍ରସାଦ ସେବନ କରାଯାଇଥାଏ । ବଲାଙ୍ଗିର, ବରଗଡ, ସମ୍ବଲପୁର ଜିଲ୍ଲାରେ ବ୍ରାହ୍ମଣମାନେ ରେଙ୍ଗାଲ(ସର୍ଗି), କୁଲିତାମାନେ ମହୁଲପତ୍ର ଏବଂ ଅନ୍ୟଜାତିର ଜନସାଧାରଣ କୁରେଇପତ୍ରରେ ନୂଆ ଖାଇବାର ପରମ୍ପରା ରହିଛି ।

ଗୃହରେ ପ୍ରଥମେ ଶିଶୁମାନଙ୍କୁ ଏକତ୍ର ବସାଇ ନବାନ୍ନ ଭୋଗ ସହ ଘରେ ତିଆରି ପିଠା, ଖିରୀ ଓ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ଦିଆଯାଇ ଥାଏ । ପରେ ପରେ ଘରର ମୁରବୀ ଓ ଅନ୍ୟମାନେ ବସି ନବାନ୍ନ ଭକ୍ଷଣ କରିଥାନ୍ତି । ଏଥିରେ ଘରର

ମହିଳାମାନେ ମଧ୍ୟ ସାମିଲ ହୋଇଥାନ୍ତି । ଏହି କାର୍ଯ୍ୟ ପ୍ରାୟତଃ ପୂର୍ବାହ୍ନ ୧୦ରୁ ୧୧ ଘଟିକା ମଧ୍ୟରେ ସମାପନ ହୁଏ । ଏଠାରେ ସୂଚନାଯୋଗ୍ୟ ଯେ, ପରିବାରର କେହି ଯଦି ବାହାରେ ରହୁଥାନ୍ତି ତେବେ ଏହି ପର୍ବରେ ଆସି ସାମିଲ ହୋଇଥାନ୍ତି । ଏହା ପରିବାରରେ ଥିବା ଏକତାକୁ ପ୍ରଦର୍ଶିତ କରିଥାଏ । କୌଣସି କ୍ଷେତ୍ରରେ ନୂଆଖାଇ ବେଳେ ଯଦି ପରିବାରର ସଦସ୍ୟ ସାମିଲ ହୋଇ ପାରିଲା ନାହିଁ ତେବେ ତାକୁ ନୂଆଖାଇର ନବାନ୍ନ ପ୍ରସାଦକୁ ସଯତ୍ନରେ ତା' ନିକଟକୁ ପହଞ୍ଚାଇ ଦେବାର ମଧ୍ୟ ବ୍ୟବସ୍ଥା କରାଯାଇଥାଏ । ଐତିହ୍ୟ ଓ ପରମ୍ପରାକୁ ଭିତ୍ତି କରି ମିତମର୍ସାତଙ୍କୁ ନୂଆଖାଇଁ ଭାର ଦିଆଯାଇଥାଏ । ଉତ୍ସବର ଦୁଇଦିନ ପୂର୍ବରୁ ପରସ୍ପର ମଧ୍ୟରେ ପିତ୍ତଳ ପରାଦରେ ଚାଉଳ, ମୁଗ, କୋଳଥ, ପନିପରିବା ଏବଂ ନୂଆ ଲୁଗା ଦିଆନିଆ ହୋଇଥାଏ । ଏଥିରେ କୌଣସି ଜାତି, ଧର୍ମ ଓ ବର୍ଣ୍ଣର ବାଛବିଚାର ନଥାଏ । ବିଶେଷଭାବେ ଯୌଥ ପରିବାରରେ ଏହି ପର୍ବ ଏକ ଅତୁଟ ବନ୍ଧନର ପରିଚୟ ଦେଇଥାଏ । ତେବେ କୌଣସି ସଦସ୍ୟ ଯଦି ତା'ର ରାଗ ଅଭିମାନକୁ ପ୍ରଦର୍ଶନ କରିବାକୁ ଚାହୁଁଥାଏ ତେବେ ନୂଆଖାଇରୁ ନିଜକୁ ଦୂରେଇ ରଖିବା ହିଁ ଯଥେଷ୍ଟ । ତେବେ ସାଧାରଣତଃ ଏହା ମିଳନର ପର୍ବ ହୋଇଥିବା ହେତୁ ଏଭଳି ଘଟଣା ଦେଖିବା ବିରଳ ।

ମଧ୍ୟାହ୍ନରେ ନବାନ୍ନ ସହ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଏ । ନିଜ ନିଜର ସାମର୍ଥ୍ୟ ପ୍ରକାରେ ବିଭିନ୍ନ ବ୍ୟଞ୍ଜନ ସହ ଏହା ସମାହିତ ହୁଏ । ପରିବାରର ସମସ୍ତ ସଦସ୍ୟ ଖିଆପିଆ ସାରିବା ପରେ ନୂଆ ଲୁଗାପଟା ପିନ୍ଧି ଘରୁ ବାହାରିଥାନ୍ତି । ଏହି ସମୟରେ ଗୃହକର୍ତ୍ତା ବା ପରିବାରର ମୁଖ୍ୟ, ବୟସ୍କ ବ୍ୟକ୍ତିଙ୍କୁ ପରିବାରର ସମସ୍ତେ ଜୁହାର ହୋଇଥାନ୍ତି । ପରେ ପରିବାର ପରିବାର ମଧ୍ୟରେ ଓ ତା'ପରେ ଗାଁଯାକ ଲୋକେ ପରସ୍ପରକୁ ଜୁହାର ଭେଟ ହୋଇ ନୂଆଖାଇ ଜୁହାର ଜଣାଇଥାନ୍ତି । ଗାଁମାନଙ୍କରେ ଗ୍ରାମର ମୁଖିଆ, ଗୌନ୍ତିଆଙ୍କ ନିକଟକୁ ଯାଇ ନୂଆଖାଇ ଜୁହାର ହେବାର ପରମ୍ପରା ରହିଛି । ଏହା ହିଁ ଗ୍ରାମର, ପରିବାରର ପରସ୍ପର ମଧ୍ୟରେ ଥିବା ପ୍ରତିବଦ୍ଧତାର ପରିଚୟ ଦିଏ । ସେହିପରି ପୁରୁଣା ମନାନ୍ତର ମତାନ୍ତର ଭୁଲି ଏହି ଦିନ ସମସ୍ତେ ବନ୍ଧୁତ୍ୱର ବନ୍ଧନରେ ପୁଣି ଥରେ ବାନ୍ଧି ହୋଇଯାନ୍ତି । ଅପରାହ୍ନରେ ଭଜନ, କୀର୍ତ୍ତନ, ନାଚଗୀତର ଆସର ଜମେ । ଯୁବକ ଯୁବତୀମାନେ ଏକତ୍ର ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ କରି ନୂଆଖାଇ ପର୍ବର ଭବ୍ୟତାକୁ ରଙ୍ଗୀନ କରିଥାନ୍ତି । ପଶ୍ଚିମ ଓଡ଼ିଶାର ଲୋକଗୀତ, ଲୋକନୃତ୍ୟ ଡାଲଖାଇ, ରସରକେଲି, ମାଇଲାଜଡ଼, ଚଡ଼େୟା ଚଡ଼େୟାଣୀ, ଘୁମୁରା ପ୍ରଭୃତି ସ୍ଥାନେ ସ୍ଥାନେ ଆୟୋଜିତ ହୋଇଥାଏ । ବିଭିନ୍ନ ସ୍ଥାନରେ ଖେଳକୁଦର ଆୟୋଜନ ମଧ୍ୟ କରାଯାଏ । ପୂର୍ବେ ଏସବୁ କାର୍ଯ୍ୟକ୍ରମ ସଞ୍ଜ ନଇଁ ଯିବା ସଙ୍ଗେ ସଙ୍ଗେ ବନ୍ଦ ହୋଇ ଯାଉଥିଲା । ତେବେ ବିଜୁଳି ଆଲୁଅର ସୁବିଧା ଥିବା ଗାଁମାନଙ୍କରେ ସ୍ଥଳ ବିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ବିଳମ୍ବିତ ରାତ୍ରୀ ଯାଏଁ ଚାଲୁଥିବା ପରିଲକ୍ଷିତ ହୁଏ ।

ନୂଆଖାଇର ପରଦିନକୁ ନୂଆଖାଇ ବାସି ବୋଲି କୁହାଯାଏ । ଏହି ଦିନ ସକାଳୁ ଘରେ ଘରେ ମାଛ, ମାଂସ ପ୍ରଭୃତି ଆମିଷ ସହ ଭୋଜନ ବ୍ୟବସ୍ଥା କରାଯାଏ । ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇ ଉଠେ । ଗାଡ଼ିମଟର ଚଳାଚଳ ବନ୍ଦ ହୋଇଯାଏ । ଲାଗେ ସତେ ଯେମିତି ସମଗ୍ର ଅଞ୍ଚଳରେ ଅଘୋଷିତ କର୍ଫ୍ୟୁ ଜାରୀ ହୋଇଛି । ସମସ୍ତେ ପର୍ବରେ ସାମିଲ ହୋଇଯାନ୍ତି । ଉତ୍ସବର ମାହୋଲ ଜମେ । ସର୍ବତ୍ର ନୂଆଖାଇର ବାସ୍ନା ପରିଲକ୍ଷିତ ହୁଏ । ନୂଆଖାଇ ଅବସରରେ ଘରର ପ୍ରତ୍ୟେକ ସଦସ୍ୟ ନୂଆ ଲୁଗା ପିନ୍ଧିବା ଦେଖାଯାଇଥାଏ । ସାହୁକାର, ମହାଜନମାନେ ମଧ୍ୟ ନୂଆଖାଇ ପାଇଁ ଧାର କରଜ ଦେବାରେ କୁଣ୍ଠା କରନ୍ତି ନାହିଁ । ମାଲିକମାନେ ତାଙ୍କ ଅଧୀନରେ କାମ କରୁଥିବା ମୁଲିଆ, ମଜଦୁର୍‌ମାନଙ୍କୁ ନୂଆଖାଇ ପାଇଁ ସ୍ୱତନ୍ତ୍ର ବେତନ, ମଜୁରୀ ଦେଇ ଛୁଟିରେ ଯିବାକୁ କହିଥାନ୍ତି । ଏଥିରୁ ଏହି ପର୍ବର ଗୁରୁତ୍ୱ ସହଜେ ଅନୁମେୟ ।

ପଶ୍ଚିମ ଓଡ଼ିଶାର ଏହି ଆଞ୍ଚଳିକ ପର୍ବ ଆଜି ସମଗ୍ର ଦେଶରେ ପାଳିତ ହେଉଥିବା ଲକ୍ଷ୍ୟ କରାଯାଉଛି । ଓଡ଼ିଶାରେ ଏହି ଦିନକୁ ସରକାରୀ ଛୁଟି ଦିନ ଘୋଷଣା କରାଯାଇଛି । ଫଳତଃ ସାରା ରାଜ୍ୟରେ ଏହି ପର୍ବ ପାଳନର ଅବସର ଆସିଛି । ତେବେ ଏହି ପର୍ବ ମହାମିଳନର ପର୍ବ । ମାଟି ମାତାକୁ ସମ୍ମାନ ପ୍ରଦର୍ଶନର ପର୍ବ ଏବଂ ସମତାର ପର୍ବ ହୋଇଥିବା ହେତୁ ଏହାର ଗ୍ରହଣୀୟତା କ୍ରମେ ବୃଦ୍ଧି ପାଇବାରେ ଲାଗିଛି । ପ୍ରବାସରେ ଓଡ଼ିଆମାନେ ରାଜ୍ୟ ବାହାରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ରାୟପୁର, ଜାମସେଦ୍‌ପୁର, ରାଞ୍ଚି, ବିଶାଖାପାଟଣା ପ୍ରଭୃତି ସ୍ଥାନମାନଙ୍କରେ ପାଳନ କରୁଥିବାର ଦେଖା ଯାଉଛି । ''ନୂଆଖାଇ ଭେଟ୍‌ଘାଟ୍'' ଏବେ ଜାତି, ଧର୍ମ, ବର୍ଣ୍ଣର ସୀମା ଲଙ୍ଘନ କରି ସର୍ବତ୍ର ପାଳନ ହେଉଥିବା ସୁଖର ଖବର । ନୂଆଖାଇ ନା'ରେ ଏକତ୍ର ହୋଇ ଭାଇଚାରାର ପରିବେଶ ସୃଷ୍ଟି କରିବା, ପରସ୍ପର ପ୍ରତି ସହଯୋଗର ହାତ ବଢ଼ାଇବା ଏକ ସ୍ୱାଗତଯୋଗ୍ୟ ବିଷୟ । ତେବେ ନୂଆଖାଇ

ପଞ୍ଜାବର ବୈଶାଖୀ, ଆସାମର ବିହୁ, ଦକ୍ଷିଣର ପୋଙ୍ଗଲ ଓ ଓଣମ ସହ ତୁଳନା କରାଯାଇପାରେ । ଦେଶ ବାହାରେ ନୂଆଖାଇ ପର୍ବ ପାଳନ ଏହାର ମହାନତାକୁ ଏକ ନୂତନ ପରିଚୟ ଦେଇପାରିଛି ।

ନୂଆଖାଇ ପର୍ବ କେବଳ ହିନ୍ଦୁମାନେ ପାଳନ କରନ୍ତି ତାହା ନୁହେଁ । ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ଅନ୍ୟ ଧର୍ମର ଲୋକ ମଧ୍ୟ ଏହି ପର୍ବ ପାଳନ କରିଥାନ୍ତି । ଖ୍ରୀଷ୍ଟଧର୍ମୀମାନେ ପବିତ୍ରତାର ସହ ନବାନ୍ନକୁ ତାଙ୍କ ଆରାଧ୍ୟ ପ୍ରଭୁ ଯୀଶୁଙ୍କୁ ଅର୍ପଣ ପୂର୍ବକ ପରିବାର ଲୋକଙ୍କ ସହ ସାମୂହିକ ଭାବେ ଭକ୍ଷଣ କରିଥାନ୍ତି । ଏହି ଅବସରରେ ସେମାନେ ସ୍ୱତନ୍ତ୍ର ଭାବେ ଚର୍ଚ୍ଚରେ ପ୍ରାର୍ଥନା କରି ପରିବାରର ସମସ୍ତଙ୍କ ମଙ୍ଗଳ, ଗ୍ରାମର ମଙ୍ଗଳ କାମନା କରିବା ଦେଖାଯାଇଥାଏ । ଏପରିକି ଅନ୍ୟ ଧର୍ମର ଜ୍ଞାତିକୁଟୁମ୍ବଙ୍କ ସହ ପିଠାପଣା ଦିଆନିଆ ପରି ଅପୂର୍ବ ସମଭାବାପନ୍ନ ଭାବ ପରିଦୃଶ ହୁଏ । ସେହିପରି ମୁସଲମାନ୍ ଧର୍ମାବଲମ୍ବୀମାନେ ମଧ୍ୟ ଅନୁରୂପ ଭାବେ ନବାନ୍ନ ଭକ୍ଷଣ କରିଥାନ୍ତି । ସମସ୍ତେ ନୂଆ ଲୁଗାପଟା ପିନ୍ଧି ଏହି ପର୍ବ ପାଳନ କରି ନବାନ୍ନ ଭକ୍ଷଣ କରିଥାନ୍ତି । ନୂଆଖାଇ ଭେଟ୍‌ଘାଟ୍‌ରେ ପରସ୍ପରକୁ ନୂଆଖାଇ ଜୁହାର କରିବାରେ ସମସ୍ତେ ସାମିଲ ହୋଇଥାନ୍ତି । ଏ କ୍ଷେତ୍ରରେ ଝାରସୁଗୁଡ଼ା ଜିଲ୍ଲାର ରେମଣ୍ଡାର ମୁସଲମାନ୍ ଗୌନ୍ତିଆଙ୍କ ଭୂମିକା ସର୍ବବିଦିତ । ତାଙ୍କ ପରିବାରର ମୁଖ୍ୟ ମହମ୍ମଦ ଜମିଉଲ୍ଲହା ନୂଆଖାଇରେ କୋରାନ୍ ପାଠ କରି ନୂଆଧାନରେ ଶିର୍‌ନୀ, କ୍ଷୀର, ଜର୍‌ଦା ପ୍ରଭୃତି ତିଆରି କରି ନବାନ୍ନ ଭକ୍ଷଣ କରୁଥିବା ଜଣାଯାଏ । ଏହି ଗୌନ୍ତିଆ ମଧ୍ୟ ରଥଯାତ୍ରା ବେଳେ ତାଙ୍କ ଗ୍ରାମ ରଥଯାତ୍ରାରେ ରଥ ଉପରେ ଛେରାପହଁରା କରିଥାନ୍ତି । ନୂଆଖାଇ ଧର୍ମ ଧର୍ମ ମଧ୍ୟରେ ଥିବା ତିକ୍ତତା ଭୁଲି ଏକତାର ସୂତ୍ରରେ ବାନ୍ଧିହେବା ପାଇଁ ସୁଯୋଗ ଆଣି ଦେଇଥାଏ । ଏହା ମଣିଷପଣିଆକୁ ଜାହିର କରିବାର ଏକ ପର୍ବ ।



ମହିମା ଧର୍ମାବଲମ୍ବୀମାନେ ନୂଆଖାଇକୁ ନିଆରା ଢଙ୍ଗରେ ପାଳନ କରିଥାନ୍ତି । ଏହି ଧର୍ମରେ ଦୀକ୍ଷିତ ଭକ୍ତଗଣ ଉଭୟ ସନ୍ନ୍ୟାସୀ ଓ ଗୃହୀଭକ୍ତ ଏକତ୍ରିତ ଭାବେ ନୂଆଖାଇ ପର୍ବ ପାଳନ କରିଥାନ୍ତି । ମହିମାଧର୍ମର ମୁଖ୍ୟପୀଠ ଢେଙ୍କାନାଳର ଯୋରନ୍ଦା ଗାଦି ସମେତ ଭୀମଭୋଇଙ୍କର ଜନ୍ମସ୍ଥାନ ଖଲିଆପାଲିଠାରେ ଏହି ପର୍ବ ମହାଆଡମ୍ବର ସହକାରେ ପାଳିତ ହୋଇଥାଏ । ନୂଆଖାଇ ପର୍ବରେ ସାମିଲ ହେବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରେ ଭ୍ରମଣ କରୁଥିବା ସାଧୁସନ୍ଥ ଏହି ଦିନ ଯୋରନ୍ଦାଠାରେ ଏକତ୍ରିତ ହୋଇଥାନ୍ତି । ନୂଆଧାନରେ ତିଆରି ଚୁଡ଼ାକୁ ଶୁଦ୍ଧ ଘିଅ, ମହୁ, ଗୁଡ, ଗାଈଘିଅ, ଛେନା, ଦହି, କଦଳୀ, ବୁନ୍ଦିଆ, ନଡ଼ିଆ ପ୍ରଭୃତିର ସମିଶ୍ରଣରେ ଭୋଗ ତିଆରି ହୁଏ । ପ୍ରଥମେ ହଜାର ହଜାର ଭକ୍ତଗଣଙ୍କ ଉପସ୍ଥିତିରେ ପ୍ରବୁଦ୍ଧ ସ୍ୱାମୀ ମହିମା ଗୋସାଇଁଙ୍କୁ ଭକ୍ତି ନିବେଦନ ସହ ଅର୍ପଣ କରିବା ପରେ ଭକ୍ତଗଣଙ୍କ ମଧ୍ୟରେ ଭୋଗକୁ ବଣ୍ଟା ଯାଇଥାଏ । ପବିତ୍ର ମନରେ ଭକ୍ତଗଣ ଏହି ପ୍ରସାଦ ଗ୍ରହଣ କରି ନୂଆଖାଇ ପାଳନ କରିଥାନ୍ତି । ହେଲେ ଏହାକୁ 'ନୂଆଖାଇ' ପରିବର୍ତ୍ତେ 'ନୂଆଖିଆ' ବୋଲି କୁହାଯାଇ ଥାଏ । ସମସ୍ତଙ୍କ ବିଶ୍ୱାସ ଯେ ନୂଆଖିଆ ପ୍ରସାଦପ୍ରାପ୍ତ ବ୍ୟକ୍ତି କେବେ ବି ବର୍ଷ ମଧ୍ୟରେ ଭୋକିଲା ରହେ ନାହିଁ । ସଦାସର୍ବଦା ତା' ଘର ଅନ୍ନପୂର୍ଣ୍ଣା ରହେ ।

ନୂଆଖାଇ ପର୍ବ କେବେଠାରୁ ପାଳନ କରାଯାଉଛି ତା'ର ସଠିକ୍ ତଥ୍ୟ ଯଦିଓ ନାହିଁ ତେବେ ଏହା କୁହାଯାଇପାରେ ଯେ ଏହା ମଣିଷ ସଭ୍ୟତା ଭଳି ଅତି ପ୍ରାଚୀନ । ମାଟି ମାତାର ବୁକୁ ଚିରି ଫସଲ ଉପୁଜାଇ କ୍ଷୁଧା ନିବାରଣ କରିବା ଯେବେଠାରୁ ମଣିଷ ଶିଖିଛି । ମାଟି ମାଆର ଏହି ଅବଦାନ ପାଇଁ ପ୍ରଥମ ଶସ୍ୟକୁ ନବାନ୍ନ ନୈବେଦ୍ୟ ଭାବେ ସମର୍ପଣ କରିବା ହିଁ ନୂଆଖାଇର ଅନ୍ୟ ନାମ ।

ସମର୍ପଣର ଏହି ପର୍ବରେ ସର୍ବତ୍ର ସ୍ଥାନୀୟ ଇଷ୍ଟଦେବୀଙ୍କୁ ପ୍ରଥମେ ନବାନ୍ନ ଅର୍ପଣ କରାଯିବାର ନଜିର ରହିଛି । ସମ୍ବଲପୁରରେ ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ଟିଟିଲାଗଡ଼ରେ ଘଣ୍ଟେଶ୍ୱରୀ, କଳାହାଣ୍ଡିରେ ମାଣିକେଶ୍ୱରୀ, ସୁବର୍ଣ୍ଣପୁରରେ ମା' ସୁରେଶ୍ୱରୀ, ସୁନ୍ଦରଗଡ଼ରେ ମା' ଶିଖରେଶ୍ୱରୀ,

ବୌଦ୍ଧରେ ମା' ଭୈରବୀ, ଉମରକୋଟରେ ମା' ପେଣ୍ଡ୍ରାଣୀ, ନବରଙ୍ଗପୁରରେ ମା' ଭଣ୍ଡାରଘରିଆଣୀ, ରାୟଗଡ଼ାରେ ମା' ମାଝୀଗୌରୀ ପ୍ରମୁଖ ଦେବୀଙ୍କ ନୂଆଖାଇରେ ଆଶୀର୍ବାଦ କାମନା କରାଯାଇଥାଏ । ଏହା ମାଟି ମା' ସହ ମଣିଷର ସମ୍ପର୍କର ଏକ ଅତୁଟ ବନ୍ଧନର ପର୍ବ ।

ପୂର୍ବେ ଯେତେବେଳେ ଗମନାଗମନ ତଥା ଯୋଗାଯୋଗର ଏତେଟା ସୁବିଧା ନଥିଲା ସେହି ସମୟରେ ନୂଆଖାଇର ନିର୍ଦ୍ଦିଷ୍ଟ ତାରିଖର ମଧ୍ୟ ନିର୍ଦ୍ଧାରଣ କରାଯାଉ ନଥିଲା । ସ୍ଥାନୀୟ ଭାବେ ଲୋକେ ନିଜର ସୁବିଧା ମୁତାବକ ନିଜ ଗ୍ରାମରେ ସଭାକରି ଦିନ ଧାର୍ଯ୍ୟ କରୁଥିଲେ । ଭାଦ୍ରବ ଶୁକ୍ଳପକ୍ଷର କୌଣସି ଦିନରେ ମଧ୍ୟ ଏହା ଆୟୋଜିତ ହେଉଥିଲା । ଦିନଧାର୍ଯ୍ୟ ହେଲା ପରେ ସମସ୍ତଙ୍କୁ ଅବଗତ ପାଇଁ ଗାଁ ଚୌକିଆ ଡିଣ୍ଡିମ ପିଟି ଗାଁରେ ନୂଆଖାଇ ଦିନ ବିଷୟରେ ଜଣାଇଦିଏ । ସେହି ଅନୁଯାୟୀ ଲୋକେ ଗାଁ ବାହାରେ ଥିବା ନିଜ ସମ୍ପର୍କୀୟମାନଙ୍କୁ ନୂଆଖାଇରେ ଯୋଗ ଦେବାକୁ ଖବର ପଠାଇଥାନ୍ତି । ସେବେଠୁ ଆରମ୍ଭ ହୁଏ ନୂଆଖାଇ ପ୍ରସ୍ତୁତି ପର୍ବ । କେତେକ ସ୍ଥାନରେ କରଦ ରାଜାମାନେ ନିଜ ଇଲାକାରେ ଗୋଟିଏ ଦିନରେ ନବାନ୍ନ ଭକ୍ଷଣ ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି । ସେଥିରେ କୋଡିଏ/ପଚିଶଟି ଗ୍ରାମ ଏକାଥରେ ନୂଆଖାଇ ପର୍ବ ପାଳନ କରିବାର ନଜିର ରହିଛି । ତା'ଛଡ଼ା କେତେକ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କ ଶୁଭଲଗ୍ନ ନିର୍ଦ୍ଧାରଣ କରି ଅଞ୍ଚଳବାସୀଙ୍କୁ ନୂଆଖାଇର ଦିନ ସମ୍ପର୍କରେ ଅବଗତ କରାଯାଇଥାଏ । ତେବେ ଦିନଧାର୍ଯ୍ୟ ପାଇଁ ଗ୍ରାମ ମୁଖିଆ, ମନ୍ଦିର ପୂଜାରୀ ଓ ରାଜାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଏସବୁ ସତ୍ତ୍ୱେ ଯଦି ଗାଁରେ କୌଣସି ବ୍ୟକ୍ତିର ଅକସ୍ମାତ ସେହିଦିନ କିମ୍ବା ତା'ପୂର୍ବଦିନ ମୃତ୍ୟୁ ହୁଏ, ତେବେ ସେହି ଗ୍ରାମବାସୀ ନୂଆଖାଇବାରୁ ବିରତ ରହନ୍ତି । ପୁଣିଥରେ ସଭା ଡାକି ଶୁଦ୍ଧିକାର୍ଯ୍ୟ ପରେ ଅନ୍ୟ ଏକ ଦିନ ଧାର୍ଯ୍ୟ କରାଯାଇଥାଏ । ଏହା ଗାଁରେ ପରସ୍ପର ପ୍ରତି ଥିବା ସ୍ନେହ, ମମତା ଓ ଏକତାକୁ ମଜଭୁତ କରିଥାଏ । ତେବେ କହିବାକୁ ଗଲେ ନୂଆଖାଇ ସାମଗ୍ରିକ ଭାବେ ଏକ ସାମୂହିକ ପର୍ବ ଏବଂ ଏକ ଖୁସିର ପର୍ବ ।

ତେବେ ଦିନ ଧାର୍ଯ୍ୟ ନେଇ ସମ୍ବଲପୁରଠାରେ ମା' ସମଲାଇ ମନ୍ଦିରର ମୁକ୍ତିମଣ୍ଡପର ପଣ୍ଡିତମାନେ ଦିନ ଧାର୍ଯ୍ୟ, ଶୁଭଲଗ୍ନ ଗଣନା କରୁଥିବାର ପ୍ରବାଦ ରହିଛି । ପଶ୍ଚିମ ଓଡ଼ିଶାରେ ପ୍ରଥମେ ମା' ସମଲାଇଙ୍କଠାରେ ନବାନ୍ନ ଅର୍ପଣ ପରେ ସମଗ୍ର ଅଞ୍ଚଳରେ ନୂଆଖାଇ ପର୍ବ ପାଳନ କରାଯାଉଥିବା ବିଶ୍ୱାସ କରାଯାଏ । ଏସବୁ ସତ୍ତ୍ୱେ କଳାହାଣ୍ଡି ରାଜା ଭାଦ୍ର ଶୁକ୍ଳପକ୍ଷ ଦଶମୀ ତିଥିରେ ତାଙ୍କ ରାଜ୍ୟରେ ନୂଆଖାଇ ପର୍ବ ପାଳନ କରି ଆସୁଥିବା ଆଜି ବି ପ୍ରଚଳିତ ।

ନୂଆଖାଇର ଲୋକପ୍ରିୟତା ଏବଂ ଗ୍ରହଣୀୟତା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ୧୯୯୨ ମସିହାରେ ଭାଦ୍ର ଶୁକ୍ଳପକ୍ଷ ପଞ୍ଚମୀ ତିଥିକୁ ନୂଆଖାଇ ଭାବେ ପରିଗଣିତ କରି ସରକାରୀ ଛୁଟି ଘୋଷଣା କରିଥିଲେ । ସେବେଠାରୁ ଏହା ସରକାରୀ କ୍ୟାଲେଣ୍ଡରରେ ସ୍ଥାନିତ ହୋଇ ଆସୁଛି । ସାରା ରାଜ୍ୟରେ ଛୁଟି ଘୋଷଣା ପରେ ନୂଆଖାଇର ମାନ୍ୟତା ଓ ଗୁରୁତ୍ୱ ବୃଦ୍ଧି ପାଇଛି ।

ଆଜି ନୂଆଖାଇ କେବଳ ରାଜ୍ୟର ପଶ୍ଚିମ ଭାଗରେ ସୀମିତ ହୋଇ ରହିନାହିଁ । ନୂଆଖାଇ ଭେଟ୍‌ଘାଟ୍ ନାମରେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଅନୁଷ୍ଠାନମାନଙ୍କ ଦ୍ୱାରା ହର୍ଷ, ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଆସୁଛି । ପ୍ରବାସରେ ମଧ୍ୟ ଓଡ଼ିଆମାନେ ନୂଆଖାଇ ଭେଟ୍‌ଘାଟ୍‌ରେ ସାମିଲ ହୋଇ ପରସ୍ପର ମଧ୍ୟରେ ସ୍ନେହଶ୍ରଦ୍ଧା ବାଣ୍ଟୁଥିବା ଦେଖାଯାଉଛି । ଫଳରେ ସଦ୍‌ଭାବନାର ବାସ୍ନା ବିଚ୍ଛୁରିତ ହେବାରେ ଲାଗିଛି । ଏହି ଅବସରରେ ନୃତ୍ୟ, ସଙ୍ଗୀତ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ଓ ଅନ୍ୟାନ୍ୟ ସୃଜନଶୀଳ କୀର୍ତ୍ତି ଓ କୃତୀର ପରିପ୍ରକାଶ କରି ଏହି ପର୍ବର ଗାରିମାକୁ ବହୁଗୁଣିତ କରିବା ପାଇଁ କେତେକ ଅନୁଷ୍ଠାନ ଏବେ ଆଗେଇ ଆସିଛନ୍ତି, ଯାହା ଏକ ଶୁଭ ସଙ୍କେତ ।

ଆଜି ନୂଆଖାଇ ନିଜର ମହାନ୍ ମାନବବାଦୀ ଚିନ୍ତନ, ଭୂମିଭୂମା ପ୍ରତି ରହିଥିବା ନିବିଡ ସମ୍ପର୍କ, କ୍ଷୁଧାମୁକ୍ତିର ପ୍ରୟାସ ଓ ସର୍ବୋପରି ଏକାନ୍ନବର୍ତ୍ତୀ ସାମାଜିକ ଜୀବନର ପ୍ରତିବଦ୍ଧତା ପାଇଁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଛି । ଯେତେଦିନ ଯାଏଁ ମଣିଷ ଧରଣୀ ବୁକୁରେ ଶସ୍ୟ ଉପୁଜାଇ ନିଜର କ୍ଷୁଧା ମେଣ୍ଟାଉଥିବ ନୂଆଖାଇ ସେତେଦିନ ଯାଏଁ ବିଶ୍ୱବାସୀଙ୍କୁ ପ୍ରତିବର୍ଷ ଏକତା ଓ ବନ୍ଧୁତ୍ୱର ବାର୍ତ୍ତା ଦେଉଥିବ ।

ସୂଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର

# ଆଦିବାସୀଙ୍କ ବସାଘର ଓ ଗ୍ରାମ ସଂଗଠନ

**ରଂଜନ ପ୍ରଧାନ**

ଗୋଷ୍ଠୀଗତ ଭାବେ ମିଳିମିଶି ବଞ୍ଚିବା, ପରସ୍ପର ସୁଖଦୁଃଖରେ ଠିଆହେବା ଓ ଜୀବନକୁ ଉପଭୋଗ କରିବାର କଳା କେବଳ ଆଦିବାସୀମାନଙ୍କୁ ହିଁ ଜଣା। ଆଧୁନିକ ମଣିଷ ଭଳି ଗୋଷ୍ଠୀଛଡ଼ା ହୋଇ ବଂଚିବା ସେମାନେ ଜାଣନ୍ତି ନାହିଁ। 'ଗୋଷ୍ଠୀ ଜୀବନ' ହେଉଛି ସେମାନଙ୍କ ବଞ୍ଚିବାର ପୁଞ୍ଜି। ଜୀବନ ଜିଇଁବାର କଳା। ଯେତେ ବାଦବିବାଦ, ଶତ୍ରୁତା ଥାଉନା କାହିଁକି ବିପଦ ଆପଦରେ ସବୁକିଛି ଭୁଲି ଏକଜୁଟ୍ ହୋଇପାରିବା ସେମାନଙ୍କର ଏକ ସ୍ୱତନ୍ତ୍ର ସାମାଜିକ କଳା। ଛଳନା ଶୂନ୍ୟତା, ନିଷ୍କପଟ, ଅନ୍ୟର ଦୁଃଖରେ ଦୁଃଖୀ ହେବା ଆଦି ଗୁଣଗୁଡ଼ିକର ବିକାଶ ହୋଇପାରିଛି କେବଳ ସେମାନଙ୍କ ଶୃଙ୍ଖଳିତ ଗ୍ରାମ ସଂଗଠନ ପାଇଁ। ଶୃଙ୍ଖଳିତ ଓ ସୁସଂଗଠିତ ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥା ଆଦିବାସୀଙ୍କୁ ନିଜର ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରାଇ ଦେଇଥାଏ ।

ସାଧାରଣତଃ ଆଦିବାସୀମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ, ପାହାଡ଼ ଶୀର୍ଷରେ କିମ୍ବା ପାଦଦେଶରେ ଛୋଟ ଛୋଟ ବସତି ସ୍ଥାପନ କରି ମିଳିମିଶି ଏକତ୍ର ରହନ୍ତି। ଜଣେ ଅସୁବିଧାରେ ପଡ଼ିଲେ କି ବିପଦରେ ପଡ଼ିଲେ ସମଗ୍ର ଗ୍ରାମବାସୀ ଠିଆ ହୋଇଯାଆନ୍ତି। ପାରସ୍ପରିକ ସହଯୋଗରେ ଆଦିବାସୀଙ୍କ ଗୋଷ୍ଠୀ ଜୀବନ ସୁନ୍ଦର ଓ ସୁଖମୟ ହୋଇଉଠେ।

ସାମାଜିକ ଓ ସାଂସ୍କୃତିକ ଜୀବନକୁ ପରିଚାଳନା କରିବା ପାଇଁ ପ୍ରତି ଆଦିବାସୀ ଗାଁମାନଙ୍କରେ ପାରମ୍ପରିକ ଗ୍ରାମ ସଂଗଠନଗୁଡ଼ିକ ବିଶେଷ ଭୂମିକା ନିର୍ବାହ କରିଥାନ୍ତି। ଏହି ଗ୍ରାମ ସଂଗଠନ ମାଧ୍ୟମରେ ସେମାନଙ୍କ ମଧ୍ୟରେ ସମ୍ପର୍କ ଓ ଭାଇଚାରା ସୁଦୃଢ଼ ହୋଇଥାଏ। ଆଜିର ଗଣତାନ୍ତ୍ରିକ ଢ଼ାଞ୍ଚାଠାରୁ ଖୁବ୍ ଉନ୍ନତ ପାରମ୍ପରିକ ଗ୍ରାମ ସଂଗଠନଗୁଡ଼ିକ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ନିୟନ୍ତ୍ରଣ କରିଆସୁଥିଲା। ଏବେକାର ପଞ୍ଚାୟତିରାଜ ବ୍ୟବସ୍ଥା ସୃଷ୍ଟି ହେବାର ବହୁବର୍ଷ ତଳୁ ଗଢ଼ି ଉଠିଥିବା ଏହି ପାରମ୍ପରିକ ଆଦିବାସୀ ଗ୍ରାମ ସଂଗଠନଗୁଡ଼ିକ କେତେ ସଂଗଠିତ ଓ ଶୃଙ୍ଖଳିତ, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଏହା ଦୃଢ଼ତାର ସହ କୁହାଯାଇପାରେ । ଆଜିର ପଞ୍ଚାୟତିରାଜ ବ୍ୟବସ୍ଥାର ଆଙ୍ଗିକ ଓ ଆତ୍ମିକ ସଂରଚନା ଆଦିବାସୀଙ୍କ ପାରମ୍ପରିକ ଗ୍ରାମ ସଂଗଠନଗୁଡ଼ିକର ଭିତ୍ତିଭୂମି ଓ ମୌଳିକ ସୂତ୍ର ଉପରେ ଆଧାରିତ। ଆଦିବାସୀଙ୍କ ପ୍ରାଚୀନ ଓ ପାରମ୍ପରିକ ଗ୍ରାମ ସଂଗଠନଗୁଡ଼ିକ କେତେ ଯେ ଗଣତାନ୍ତ୍ରିକ ଓ ପ୍ରାସଙ୍ଗିକ ତାହା ଏହି ଅଧ୍ୟୟନରୁ ଜଣାପଡ଼ିବ।

ବର୍ତ୍ତମାନ ଜାତୀୟସ୍ତରରେ ଆଦିବାସୀଙ୍କ ଜନସଂଖ୍ୟା ଶତକଡ଼ା ୮.୫୮ ଥିଲାବେଳେ ରାଜ୍ୟର ଏହି ହାର ଶତକଡ଼ା ୨୨.୮୫ ଅଛି। ଅର୍ଥାତ୍ ରାଜ୍ୟର ମୋଟ ୧୦୦ଜଣ ଲୋକଙ୍କ ମଧ୍ୟରୁ ୨୩ ଜଣ ହେଉଛନ୍ତି ଆଦିବାସୀ। ନିଶ୍ଚିତ ଭାବେ କୁହାଯାଇ ପାରିବ, ଓଡ଼ିଶା ଏକ ଆଦିବାସୀବହୁଳ ରାଜ୍ୟ। ମାତ୍ର ଆଦିବାସୀଙ୍କ ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଓ ସାଂସ୍କୃତିକ ଜୀବନରେ ଯେଭଳି ବିକାଶ ହେବାକଥା ତାହା ହୋଇପାରିନାହିଁ। ଆଦିବାସୀ କଲ୍ୟାଣ ପାଇଁ ଗତ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ଧରି ବହୁ ନୀତି ଓ ଯୋଜନା ପ୍ରସ୍ତୁତ ହୋଇଛି ଏବଂ ବହୁ ଆଇନ୍ କାର୍ଯ୍ୟକାରୀ ହୋଇଛି ମାତ୍ର ଫଳ କ'ଣ ହୋଇଛି ? ପ୍ରକୃତରେ ଆଦିବାସୀଙ୍କର ବିକାଶ ହୋଇପାରିଛି କି ? ଏହା ଏବେ ଚିନ୍ତାର ବିଷୟ।

୧୯୬୦ ମସିହାରୁ ଭେରିଅର ଏଲ୍ୱିନ୍‌ଙ୍କ ରିପୋର୍ଟଠାରୁ ଆରମ୍ଭ କରି ୟୁ.ଏନ୍.ଦେବରଙ୍କର ୧୯୬୭ ମସିହା ରିପୋର୍ଟ, ଏଲ୍.ପି.ବିଦ୍ୟାର୍ଥୀଙ୍କର ୧୯୬୨ ମସିହା ରିପୋର୍ଟ, ବି.କେ.ରାୟ ବର୍ମନଙ୍କ ୧୯୮୨ ମସିହା ରିପୋର୍ଟ, ଜାତୀୟ ଆଦିବାସୀ କମିଶନର ମୁଖ୍ୟ ବି.ଡ଼ି. ଶର୍ମାଙ୍କର ୧୯୯୦ ମସିହା ରିପୋର୍ଟ,

ଭୁରିଆ କମିଟିର ୧୯୯୫ ମସିହା ରିପୋର୍ଟ ଏବଂ କେନ୍ଦ୍ର ସରକାରଙ୍କର ଆଦିବାସୀ ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତୁତ ୨୦୦୬ ମସିହା 'ଜାତୀୟ ଆଦିବାସୀ ନୀତି' ଆଦି ରିପୋର୍ଟ ଆଧାରରେ ଅନେକ ନୀତି ଓ ଆଇନ୍ ପ୍ରସ୍ତୁତ ହୋଇଛି। ଏହି ସମସ୍ତ ରିପୋର୍ଟରେ ଆଦିବାସୀଙ୍କ ଗ୍ରାମ ସଂଗଠନ, ଅର୍ଥନୀତି, ସମାଜ ବ୍ୟବସ୍ଥା ଓ ସାଂସ୍କୃତିକ ବିକାଶ କଥା କୁହାଯାଇଛି। ସେହିଭଳି ଆଦିବାସୀଙ୍କ ବିକାଶ ଉଦ୍ଦେଶ୍ୟରେ 'ଆଦିବାସୀ ଉପ ଯୋଜନା' ମଧ୍ୟ କାର୍ଯ୍ୟକାରୀ ହେଉଛି ।

ଆଦିବାସୀଙ୍କ ବିକାଶ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍ 'ପେସା'('PESA' -Panchayats Extention to the Scheduled Areas Act-1996) କଥା ଆଲୋଚନା କରାଯାଇପାରେ। ଦେଶର ଅନ୍ୟ ରାଜ୍ୟମାନଙ୍କରେ ଏହି ଆଇନ୍ ଲାଗୁ ହୋଇଥିବାବେଳେ ଓଡ଼ିଶାରେ ଆଜିଯାଏଁ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଆଦିବାସୀ ଅଞ୍ଚଳରେ ପ୍ରାଶାସନିକ ବ୍ୟବସ୍ଥା ଓ ଗ୍ରାମ ସଂଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ପେସା' ଆଇନ୍ ବିଶେଷ ସହାୟକ ହୋଇପାରିବ।

ପ୍ରତି ଗାଁରେ ଗୋଟିଏ କରି 'ଗ୍ରାମ ସଭା' ରହିବ ଏବଂ ଏହି ଗ୍ରାମସଭା ଆଦିବାସୀମାନଙ୍କର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ନିୟନ୍ତ୍ରଣ କରିବ ବୋଲି ଆଇନ୍‌ରେ ଉଲ୍ଲେଖ ରହିଛି। ସବୁଠୁ ବଡ଼କଥା ହେଉଛି ଆଦିବାସୀଙ୍କ ପାରମ୍ପରିକ ବିଚାର ବ୍ୟବସ୍ଥା ଓ ଗ୍ରାମ ସଂଗଠନକୁ ଏହି ଆଇନ୍‌ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଗ୍ରାମର ଆର୍ଥିକ ସାମାଜିକ ବିକାଶ ସମ୍ପର୍କିତ ସମସ୍ତ ଯୋଜନାକୁ ଗ୍ରାମସଭା ଅନୁମୋଦନ କରିବ। ଏହା ବ୍ୟତୀତ ଯୋଜନାର ରୂପାୟନ, କାର୍ଯ୍ୟକାରିତା ଓ ମୂଲ୍ୟାୟନ କ୍ଷମତା ଗ୍ରାମସଭା ହାତରେ ରହିବ। ଯୋଜନା ଖର୍ଚ୍ଚର ବିନିଯୋଗ ପ୍ରମାଣପତ୍ର (ୟୁସି) ମଧ୍ୟ ଗ୍ରାମସଭା ପ୍ରଦାନ କରିବ ବୋଲି 'ପେସା' ଆଇନ୍‌ରେ ଉଲ୍ଲେଖ ରହିଛି। ଜମି ଅଧିଗ୍ରହଣ ନିଷ୍ପତ୍ତି, ନିଶା ନିବାରଣ କ୍ଷମତା, ଲଘୁ ବନଜାତ ଦ୍ରବ୍ୟର କିଣାବିକା, ମୂଲ୍ୟ ନିର୍ଦ୍ଧାରଣ ଓ ଲାଇସେନ୍‌ସ ପ୍ରଦାନ କ୍ଷମତା, ବିଚାର ବ୍ୟବସ୍ଥା ଆଦି ଅନେକ କ୍ଷମତା ଗ୍ରାମ ସଭାରେ ରହିବ ବୋଲି ଏହି ଆଇନରେ ବ୍ୟବସ୍ଥା ରହିଛି। ଏହି 'ପେସା' ଆଇନ୍‌ରେ ଯେଉଁସବୁ ବିଷୟରେ ଗୁରୁତ୍ୱ ଦିଆଯାଇଛି, ତାହା କିଛି ନୂତନ କଥା ନୁହେଁ । ଶତାଧିକ ବର୍ଷ ତଳେ ମଧ୍ୟ ଆଦିବାସୀଙ୍କର ପାରମ୍ପରିକ 'ଗ୍ରାମ ସଂଗଠନ' ଗୁଡ଼ିକରେ ଏସବୁ ଦିଗପ୍ରତି ଗୁରୁତ୍ୱ ଦିଆଯାଇଥିଲା। 'ପେସା' ଆଇନ୍‌ରେ ଯାହାସବୁ କୁହାଯାଇଛି ଅନୁରୂପ ବ୍ୟବସ୍ଥା ଓଡ଼ିଶାରେ ବସବାସ କରୁଥିବା ପ୍ରାୟ ସମସ୍ତ ପାରମ୍ପରିକ ଆଦିବାସୀ ଗ୍ରାମ ସଂଗଠନମାନଙ୍କରେ ଦେଖିବାକୁ ମିଳିଥାଏ। ମାତ୍ର ଆଜି ସେସବୁ ପାରମ୍ପରିକ ଗ୍ରାମ ସଂଗଠନ ନିଜର ଅସ୍ତିତ୍ୱ ହରାଇ ବସିଛି ଏବଂ ତାଙ୍କ ସ୍ଥାନ ନେଇଛନ୍ତି ଆଧୁନିକ ଗଣତାନ୍ତ୍ରିକ ପଞ୍ଚାୟତିରାଜ ବ୍ୟବସ୍ଥା।

ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ପାରମ୍ପରିକ ଗ୍ରାମ ସଂଗଠନଗୁଡ଼ିକ ଏକ ମହତ୍ୱପୂର୍ଣ୍ଣ ଭୂମିକା ତୁଲେଇ ଆସିଛି। ଏହା ମାଧ୍ୟମରେ ଆଦିବାସୀଙ୍କ ପ୍ରାଶାସନିକ ଓ ସାଂଗଠନିକ ଦକ୍ଷତା ବୃଦ୍ଧି ପାଇବା ସହ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନ ଶୃଙ୍ଖଳିତ ଓ ମାର୍ଜିତ ହୋଇଥାଏ। ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ସଦ୍‌ଭାବନା ସୃଷ୍ଟି କରିବା ଦିଗରେ ଏହି ଗ୍ରାମ ସଂଗଠନ ପ୍ରମୁଖ ଭୂମିକା ତୁଲେଇଥାନ୍ତି। ଏହି ପାରମ୍ପରିକ ଗ୍ରାମ ସଂଗଠନମାନଙ୍କ ଉପରେ ଆଦିବାସୀମାନଙ୍କର ଅତୁଟ ଆସ୍ଥା, ବିଶ୍ୱାସ ଓ ସମ୍ମାନ ରହିଥାଏ। ଅତୀତରେ ଆଦିବାସୀ ଗାଁ ଗୁଡ଼ିକର ପ୍ରାଶାସନିକ ବ୍ୟବସ୍ଥା ଖୁବ୍ ଶୃଙ୍ଖଳିତ ଓ ସଂଗଠିତ ଥିଲା। ଗ୍ରାମ୍ୟ ପ୍ରାଶାସନିକ ବ୍ୟବସ୍ଥାରେ ଗାଁରେ ଜଣେ ମୁଖିଆ ଥିଲେ ଏବଂ ତାଙ୍କୁ ସହଯୋଗ କରିବା ପାଇଁ ଅନ୍ୟାନ୍ୟ ପାରିଷଦବର୍ଗ ରହିଥିଲେ। ଏହା ବ୍ୟତୀତ ସାଂସ୍କୃତିକ ଓ ଧାର୍ମିକ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ଆଉ ଜଣେ ଲେଖାଏଁ ଧାର୍ମିକ ମୁଖିଆ ଓ ତାଙ୍କ ସହଯୋଗୀମାନେ ମଧ୍ୟ ଗ୍ରାମ ସଂଗଠନର ପ୍ରମୁଖ ଅଙ୍ଗ ହୋଇ ରହିଥିଲେ।

ବର୍ତ୍ତମାନ ଆଧୁନିକ ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗୁ ହେବାପରେ 'ଗ୍ରାମ ସଂଗଠନ' ପରମ୍ପରାରେ କିଛି ମାତ୍ରାରେ ପରିବର୍ତ୍ତନ ଦେଖାଦେଇଛି। ଏବେ ଅଧିକାଂଶ ଜନଜାତି ଗୋଷ୍ଠୀରେ ପାରମ୍ପରିକ ଗାଁ ମୁଖିଆ କିମ୍ବା ଧାର୍ମିକ ମୁଖିଆମାନଙ୍କର କିଛିଟା ଗୁରୁତ୍ୱ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଇଛି। ସେମାନଙ୍କ ସ୍ଥାନ ଆଧୁନିକ ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ନେଇଛନ୍ତି। ପାରମ୍ପରିକ ମୁଖିଆଙ୍କ ସ୍ଥାନରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ୱାର୍ଡ଼ମେମ୍ବର, ସରପଞ୍ଚ, ସମିତି ସଭ୍ୟ, ସଭ୍ୟାମାନେ ଗାଁର ବିବାଦ ସମାଧାନ କରୁଛନ୍ତି। ମାତ୍ର ସେଦିନ ଗ୍ରାମ ସଂଗଠନଗୁଡ଼ିକରେ ଥିବା ପ୍ରଶାସନିକ ଆନ୍ତରିକତା, ସଚ୍ଚୋଟତା ଓ ନିରପେକ୍ଷତା କ'ଣ ଆଜିର ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରତିଫଳିତ ହୋଇପାରୁଛି ?

ଦକ୍ଷିଣ ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀମାନଙ୍କ ମଧ୍ୟରେ କନ୍ଧ, ଗଦବା, ପରଜା, ବଣ୍ଡା, କୋୟା,

ଡିଡାୟୀ, ପେଣ୍ଟିଆ, ଅମାନାତ୍ୟ, ଦୁରୁଆ, ସଉରା, ଭତରା, ଗଣ୍ଡ ଆଦିବାସୀ ଗୋଷ୍ଠୀଗୁଡ଼ିକରେ ଏହି ପାରମ୍ପରିକ ଗ୍ରାମ ସଂଗଠନ ଆଜିର ଦିନରେ ବି ତାର ପ୍ରାସଙ୍ଗିକତା ହରାଇ ନାହିଁ। ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରବେଶ ହୋଇ ସାରିଥିଲେ ମଧ୍ୟ ଆଜି ବି ପାରମ୍ପରିକ ଗ୍ରାମସଭା ଓ ଗୋଷ୍ଠୀ ଗୃହରେ ଆଦିବାସୀମାନେ ମେଳି ହେଉଛନ୍ତି ଏବଂ ବିଚାର ଆଲୋଚନା କରାଯାଉଛି। ମାତ୍ର ଦୁଃଖର ବିଷୟ, ଆଜିର ଆଧୁନିକ ମଣିଷମାନେ ଏହି ପାରମ୍ପରିକ ଗ୍ରାମ ସଂଗଠନର ନିଷ୍ପତ୍ତି ଓ ବିଚାରକୁ ଗ୍ରହଣ କରିବା ଅବସ୍ଥାରେ ନାହାନ୍ତି। ସେମାନେ କୋର୍ଟ, କଚେରୀ, ଥାନା ଓ ଫାଣ୍ଡିକୁ ଅଧିକ ଗ୍ରହଣୀୟ ଓ ବିଶ୍ୱାସଯୋଗ୍ୟ ମନେ କରୁଛନ୍ତି ।

ପ୍ରାଚୀନ ଓ ପାରମ୍ପରିକ ଆଦିବାସୀ ଗ୍ରାମ ସଂଗଠନ ବ୍ୟବସ୍ଥାରେ ପ୍ରତି ଆଦିବାସୀ ଗାଁରେ ଜଣେ ମୁଖିଆ ଥାନ୍ତି। ଏମାନେ କେଉଁଠି ନାୟକ, ମୁଦୁଲି ତ ଆଉ କେଉଁଠି ପେଦା, ଗମାଙ୍ଗ, ପଧାନ ଭାବେ ପରିଚିତ ହୋଇଥାନ୍ତି। ଆଦିବାସୀଙ୍କ ବିଚାରରେ, ଏହି ଗାଁ ମୁଖିଆ ଉତ୍ତମ ଚରିତ୍ରର ଏବଂ ନିରପେକ୍ଷ ସ୍ୱଭାବର ବ୍ୟକ୍ତି ହୋଇଥିବା ବାଞ୍ଛନୀୟ। ଦକ୍ଷିଣ ଓଡ଼ିଶାରେ ବସବାସ କରୁଥିବା ପରଜା, ଗଦବା, ଭତରା ଓ ବଣ୍ଡାମାନଙ୍କ ଗାଁ ମୁଖିଆଙ୍କୁ 'ନାୟକ' ବା 'ମୁଦୁଲି' କୁହାଯାଉଥିବାବେଳେ କୋୟାମାନଙ୍କ ଗାଁ ମୁଖିଆଙ୍କୁ 'ପେଦା' ଏବଂ ସଉରାମାନଙ୍କ ଗାଁ ମୁଖିଆଙ୍କୁ 'ଗମାଙ୍ଗ' କୁହାଯାଏ ।

ସେହିଭଳି ଉତ୍ତର ଓଡ଼ିଶାରେ ବସବାସ କରୁଥିବା ଜନଜାତି ଗୋଷ୍ଠୀ ଜୁଆଙ୍ଗ, ଭୂୟାଁ, ସାନ୍ତାଳ, କୋହ୍ଲ, ଖଡ଼ିଆ, ଲୋଧା, ମାଙ୍କିଡ଼ିଆ, ବାଥୁଡ଼ିମାନଙ୍କ ଗ୍ରାମ୍ୟ ସଂଗଠନରେ ଅନେକ ସାମଞ୍ଜସ୍ୟ ରହିଥାଏ। ଏ ଅଞ୍ଚଳରେ ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥାରେ ଢ଼ାଞ୍ଚାଗତ ଐକ୍ୟତା ଲକ୍ଷ୍ୟ କରାଯାଏ। ଜୁଆଙ୍ଗମାନଙ୍କ ଗ୍ରାମ ସଂଗଠନର ମୁଖିଆଙ୍କୁ 'ପଧାନ' ଏବଂ ପିଢ଼ ମୁଖ୍ୟଙ୍କୁ 'ପିଢ଼ ସର୍ଦ୍ଦାର' କୁହାଯାଉଥିବା ବେଳେ କୋହ୍ଲ ସଂପ୍ରଦାୟର ଗାଁ ମୁଖିଆଙ୍କୁ 'ମହାତୋ', ସାନ୍ତାଳ ଗୋଷ୍ଠୀର ଗାଁ ମୁଖିଆଙ୍କୁ 'ମାଝୀହାଳମ୍' ଏବଂ ମାଙ୍କିଡ଼ିଆଙ୍କ ଗାଁ ମୁଖିଆଙ୍କୁ 'ଦେରିବୁଢ଼ା' କୁହାଯାଇଥାଏ। ଏମାନେ ଗ୍ରାମର ବିବାଦ ସମାଧାନ କରିବା ସହିତ ଲୋକଙ୍କର ସୁଖଦୁଃଖ ଓ ହାନିଲାଭ ବୁଝନ୍ତି। ଏମାନେ ସମାଜର ଖୁବ୍ ସମ୍ମାନସ୍ପଦ ବ୍ୟକ୍ତିଭାବେ ଜଣାଶୁଣା ଏବଂ ସମାଜରେ ଏମାନଙ୍କ ସ୍ଥାନ ଖୁବ୍ ଉଚ୍ଚରେ ଥାଏ। ଅତୀତରେ ଏହି ଗାଁ ମୁଖ୍ୟଙ୍କ ହାତରେ କର ବା ଖଜଣା ଆଦାୟର ଦାୟିତ୍ୱ ନ୍ୟସ୍ତ ଥିଲା ଏବଂ ଏମାନେ ଗାଁର ଯାବତୀୟ ମାମଲାର ସାମାଧାନ କରୁଥିଲେ।

ରାଜ୍ୟର ବିଭିନ୍ନ ଜନଜାତି ଗୋଷ୍ଠୀଙ୍କ ଗ୍ରାମ ସଂଗଠନ ଓ ପାରମ୍ପରିକ ପ୍ରଶାସନିକ ବ୍ୟବସ୍ଥାରେ ବହୁ ସମାନତା ଲକ୍ଷ୍ୟ କରାଯାଇଥାଏ। ତେବେ କେତେକ ଆଦିବାସୀ ଗୋଷ୍ଠୀରେ ଗ୍ରାମ ସଂଗଠନମାନଙ୍କରେ ଅନେକ ଭିନ୍ନତା ପରିଲକ୍ଷିତ ହୋଇଥାଏ।

ପ୍ରତି ଆଦିବାସୀ ଗ୍ରାମରେ ଗୋଟିଏ 'ଗୋଷ୍ଠୀ ଗୃହ' ଥାଏ। ଏହି ଗୋଷ୍ଠୀ ଗୃହ ଗ୍ରାମ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଭାବେ ଜଣା। ଗୋଷ୍ଠୀଗୃହଟି ମୁଖ୍ୟତଃ ଗ୍ରାମବାସୀଙ୍କ ଅବସର ବିନୋଦନ କେନ୍ଦ୍ରର ଭୂମିକା ତୁଲାଇଥିବା ବେଳେ ଗ୍ରାମ୍ୟ ନ୍ୟାୟପାଳିକା, ଗ୍ରାମସଭା, ଅତିଥିଶାଳା, ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ କରିଥାଏ। ସ୍ଥଳ ବିଶେଷରେ ଏହି ଗୋଷ୍ଠୀ ଗୃହ ବିଭିନ୍ନ ନାମରେ ପରିଚିତ। ଜୁଆଙ୍ଗଙ୍କ 'ମଜାଙ୍ଗ୍', ଭୂୟାଁଙ୍କ 'ମଣ୍ଡଘର', କୁଟିଆ କନ୍ଧଙ୍କ 'ଡିଣ୍ଡା', ବଣ୍ଡାମାନଙ୍କ 'ଇଙ୍ଗରସେନ୍' ଓରାଂମାନଙ୍କର 'ଧୂମକୁରିଆ', ଗଣ୍ଡମାନଙ୍କର 'ଗୋଟୁଲ', ପରଜାଙ୍କ 'ଧାଙ୍ଗଡ଼ାବସା' ଡିଡାୟୀଙ୍କ 'ଇଙ୍ଗିରେସାଙ୍ଗ', ମାଙ୍କିଡ଼ିଆଙ୍କ 'ଧିଙ୍ଗାଲା ଗିତିବ୍' ଆଦି ଆଦିବାସୀ ଗ୍ରାମ ସଂଗଠନର ପ୍ରମୁଖ ଯୁବା ଅନୁଷ୍ଠାନ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାକୁ ସର୍ବାଧିକ ପ୍ରଭାବିତ କରିଥାଏ। ଗଠନ ଦୃଷ୍ଟିରୁ ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ଗ୍ରାମ ସଂଗଠନରେ ସାମାନ୍ୟ ଭିନ୍ନତା ପରିଲକ୍ଷିତ ହେଉଥିଲେ ମଧ୍ୟ ଏଗୁଡ଼ିକର କାର୍ଯ୍ୟଧାରା ଓ ଉଦ୍ଦେଶ୍ୟ ପ୍ରାୟ ସମାନ ହୋଇଥାଏ।

**ପରଜା ଗ୍ରାମ ସଂଗଠନ**

ପରଜାମାନେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବହୁଳ ଭାବେ ବସବାସ କରନ୍ତି। ଓଡ଼ିଶାରେ ଯେତିକି ସଂଖ୍ୟାରେ ପରଜା ବାସ କରନ୍ତି, ତାହାର ଶତକଡ଼ା ୯୧ ପ୍ରତିଶତ କେବଳ ଅବିଭକ୍ତ କୋରାପୁଟ (କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନାଗିରି) ଜିଲ୍ଲାରେ ହିଁ ଦେଖିବାକୁ ମିଳନ୍ତି। ଏଣୁ କୋରାପୁଟ ଅଞ୍ଚଳକୁ ପରଜାମାନଙ୍କ ରାଜ୍ୟ କହିଲେ ଭୁଲ୍ ହେବନି। ପ୍ରତି ପରଜା ଗାଁରେ ମୁଖ୍ୟତଃ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥାଏ। ପ୍ରଥମଟି ହେଉଛି 'ବେରଣ ମୁଣ୍ଡା' ଓ ଦ୍ୱିତୀୟଟି 'ନିଶାଣି ମୁଣ୍ଡା'। ବେରଣ ମୁଣ୍ଡା ହେଉଛି ଗ୍ରାମସଭା ସ୍ଥଳ। ଏହା ଗ୍ରାମ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏଠି ଗାଁ ମୁଖିଆଙ୍କ ସମେତ ଅନ୍ୟ ସଦସ୍ୟ ଓ ବୟୋବୃଦ୍ଧମାନେ ବସି ଗ୍ରାମର ଭଲମନ୍ଦ ସମସ୍ୟା ଏବଂ ପର୍ବପର୍ବାଣି ପାଳନ ବିଷୟରେ ଆଲୋଚନା କରନ୍ତି। ବେରଣ ମୁଣ୍ଡା ସାଧାରଣତଃ ଗ୍ରାମର ମଧ୍ୟ ଭାଗରେ ଏବଂ ଗାଁ ମୁଖିଆଙ୍କ ଘର ସାମ୍ନାରେ ଅବସ୍ଥିତ ଥାଏ।

'ନିଶାଣି ମୁଣ୍ଡା' ହେଉଛି ଦେବତାଙ୍କ ଆସ୍ଥାନ ସ୍ଥଳ। ଏଠି ଗ୍ରାମ ଦେବତା ପୂଜା ପାଆନ୍ତି। ପରଜାମାନଙ୍କ ଗ୍ରାମ ଦେବତା ହେଉଛନ୍ତି 'ହୁଣ୍ଡି ଦେବତା'। ଲମ୍ବାଲମ୍ବା ପଥର ପରିବେଷ୍ଟିତ ବଖରା ଭିତରେ ହୁଣ୍ଡି ଠାକୁରାଣୀଙ୍କ ଆସ୍ଥାନ ଥାଏ। ହୁଣ୍ଡି ଠାକୁରାଣୀ କହିଲେ ଗୋଟିଏ ମାଟି ହାଣ୍ଡି, ଲୁହାକାତି ଏବଂ ଏକ ସ୍ଥାୟୀ ଲୁହା ଖମ୍ବର ସମାହାରକୁ ବୁଝିବାକୁ ପଡ଼ିଥାଏ। ଏହି ଲୁହା ଖୁଣ୍ଟିଟି ଗ୍ରାମ ପ୍ରତିଷ୍ଠା ହେବା ଦିନୁ ସ୍ଥାପିତ ହୋଇଥାଏ। ସ୍ଥାୟୀ ଲୁହା ଖମ୍ବଟିକୁ ନ ବଦଳେଇ ମାଟି ହାଣ୍ଡି ଓ କାତିକୁ ବର୍ଷରେ ତିନିଥର ଯଥା ବନ୍ଧାପନା ବା ଶ୍ରାବଣ ମାସରେ ନୂଆଖିଆ ସମୟରେ ଏବଂ ଚଇତ୍ ପରବ୍ ସମୟରେ ବଦଳାଯାଏ। 'ନିଶାଣି ମୁଣ୍ଡା' ଶବ୍ଦଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ପରଜା ଭାଷା ଓଡ଼ିଆ ଭାଷାର ବେଶ୍ ନିକଟବର୍ତ୍ତୀ। ଏହା ଆର୍ଯ୍ୟ ଭାଷା ପରିବାର ଅନ୍ତର୍ଗତ ଏକ ଭାଷା। 'ନିଶାଣି' ଶବ୍ଦଟି ସଂସ୍କୃତ ଶବ୍ଦ 'ନିଶାଣ'ରୁ ଆସିଛି ଯାହାର ଅର୍ଥ 'ଚିହ୍ନ'। କୌଣସି ଏକ ପରଜା ଗାଁ ପ୍ରତିଷ୍ଠା ହେବା ପୂର୍ବରୁ ଦିଶାରି ପ୍ରଥମେ କେଉଁଠି ଗାଁ ପ୍ରତିଷ୍ଠା କଲେ ମଙ୍ଗଳ ହେବ ତାହାର ଏକ ସଂକେତ ପ୍ରଦାନ କରନ୍ତି। ତା'ପରେ ସେହି ସ୍ଥାନରେ ହିଁ ନିଶାଣି ମୁଣ୍ଡାଙ୍କୁ ଥାପନା କରାଯାଏ। କ୍ରମେ କ୍ରମେ ଏହାହିଁ ଏକ ନିଶାଣ ବା ଚିହ୍ନ ପାଲଟିଯାଏ। ପରଜାମାନେ ଏହି ସ୍ଥାନରୁ ମାଟି ନେଇ ନିଜ ନିଜର ଘର ତୋଳନ୍ତି। ନିଶାଣି ଦେବତା ହେଉଛନ୍ତି ଗାଁର ସର୍ବପ୍ରାଚୀନ ଓ ସର୍ବମାନ୍ୟ ଦେବତା। ତାଙ୍କୁ ସମସ୍ତ ପରଜା ଖୁବ୍ ମାନନ୍ତି ଏବଂ ଏହି ଦେବତା ଗ୍ରାମ ପ୍ରଶାସନିକ ବ୍ୟବସ୍ଥାର ମଧ୍ୟ ପ୍ରମୁଖ ଅଙ୍ଗ ଭାବେ କାର୍ଯ୍ୟ କରନ୍ତି।

ଅତୀତରେ ପ୍ରତି ପରଜା ଗାଁରେ ଅବିବାହିତ ଯୁବକମାନଙ୍କ ପାଇଁ ଏକ ବିରାଟ ଶୋଇବା ଘର ଥିଲା, ତାକୁ 'ଧାଙ୍ଗଡ଼ା ବସା' କୁହାଯାଉଥିଲା। ସେହିପରି ପ୍ରତି ଗାଁରେ ଅବିବାହିତ ପରଜା ଯୁବତୀମାନଙ୍କ ପାଇଁ ଏକ 'ଧାଙ୍ଗିଡ଼ି ବସା' ଥିଲା। ଧାଙ୍ଗଡ଼ାମାନେ 'ଧାଙ୍ଗଡ଼ା ବସାଘରେ' ଏବଂ ଧାଙ୍ଗିଡ଼ିମାନେ 'ଧାଙ୍ଗିଡ଼ିବସା' ଘରେ ଶୟନ କରୁଥିଲେ। ଏହି ଧାଙ୍ଗଡ଼ା ଓ ଧାଙ୍ଗିଡ଼ି ବସା ଗ୍ରାମ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଥିଲା। ଏବେ କିନ୍ତୁ ଅଧିକାଂଶ ପରଜା ଗାଁରେ ଧାଙ୍ଗିଡ଼ିବସା ଦେଖିବାକୁ ମିଳେନା । ମାତ୍ର ଧାଙ୍ଗଡ଼ାବସା ହିଁ ଗ୍ରାମର ସାଂସ୍କୃତିକ ଓ ସାମାଜିକ ପ୍ରାଣକେନ୍ଦ୍ର ଥିଲା। ସନ୍ଧ୍ୟାରେ ଯୁବକ, ଯୁବତୀମାନେ 'ବେରଣ ମୁଣ୍ଡା' ଠାରେ ଏକତ୍ର ହୋଇ ନାଚ, ଗୀତ ପ୍ରତିଯୋଗିତା କରନ୍ତି ଏବଂ ସେମାନେ ନାଚି ନାଚି ହାଲିଆ ହୋଇଗଲା ପରେ ନିଜ ନିଜର ବସାଘରକୁ ଫେରନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଧାଙ୍ଗଡ଼ା ବସା ଓ ଧାଙ୍ଗିଡ଼ି ବସାର ପ୍ରାସଙ୍ଗିକତା ଅନୁଭବ କରିହେଉନାହିଁ । ଏହି ପରମ୍ପରା ଏବେ ଅବିଭକ୍ତ କୋରାପୁଟ ଜିଲ୍ଲାର କୌଣସି ଅଞ୍ଚଳରେ ଆଉ ଦେଖିବାକୁ ମିଳୁନାହିଁ । ତେବେ ବଣ୍ଡା ସମ୍ପ୍ରଦାୟରେ ଏପରି ବ୍ୟବସ୍ଥା ଅଦ୍ୟାବଧି ପ୍ରଚଳିତ ଅଛି। ଏହା ସେମାନଙ୍କ ସାମାଜିକ ଜୀବନକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ।

**ପରଜା ଗାଁର ପ୍ରଶାସନିକ ବ୍ୟବସ୍ଥା**

ପରଜା ଗାଁର ଶାସନ ବ୍ୟବସ୍ଥା ଅତି ବ୍ୟବସ୍ଥିତ ଓ ଶୃଙ୍ଖଳିତ। ଗାଁର ପ୍ରଶାସନିକ ବ୍ୟବସ୍ଥାରେ 'ଯାନୀ', 'ମୁଦୁଲି', 'ନାୟକ', 'ଚାଲାଣ', 'ଦିସାରି', 'ଶିରା' (କାଳିସୀ), 'ଗୁଣିଆ', 'ଗୁରୁମାଇ' (ମହିଳା ପୂଜକ) ଏବଂ 'ଭାଟ ନାୟକ'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

ପରଜା ଗାଁରେ ଦୁଇ ପ୍ରକାର ମୁଖିଆ ଥାଆନ୍ତି। ଧାର୍ମିକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ, ଗାଁରେ ଜଣେ ମୁଖିଆ ଥାଆନ୍ତି, ତାଙ୍କୁ 'ଯାନୀ' କହନ୍ତି । ଯାନୀ ହେଉଛନ୍ତି ଗାଁ ମୁଖିଆ ଏବଂ ପୂଜକ। ଏମାନେ ଗାଁର ପୂଜାରୀ । ଗାଁର ସମସ୍ତ ପ୍ରକାର ପୂଜା, ପର୍ବପର୍ବାଣି ପାଳନ ବେଳେ ଯାନୀମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପୂର୍ବକାଳରେ ରାଜାମାନେ ଦେବଦେବୀ ପୂଜାର୍ଚ୍ଚନା ନିମନ୍ତେ ଯାନୀ ବା ପୂଜକମାନଙ୍କୁ ଜମି ପ୍ରଦାନ କରିଥିଲେ। ଦେବଦେବୀଙ୍କ କୃପା ପାଇଁ, ରୋଗ ବଇରାଗରୁ ରକ୍ଷା ପାଇଁ, ଗାଈ ଗୋରୁଙ୍କ ଆରୋଗ୍ୟ ପାଇଁ ଭଲ ଫସଲ ପାଇଁ, ଭଲ ବର୍ଷା ପାଇଁ ଯାନୀମାନେ ଦେବତାମାନଙ୍କୁ ପୂଜା କରନ୍ତି ଏବଂ ଗ୍ରାମର ମଙ୍ଗଳ କାମନା କରନ୍ତି। ଯାନୀଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଗଲେ ସେମାନେ ଆଉ ପୂଜା କରିବାକୁ ଯୋଗ୍ୟ ହୋଇ ନଥାନ୍ତି। ତାଙ୍କ ଅନ୍ତେ ତାଙ୍କ ପୁତ୍ର କିମ୍ବା ଉତ୍ତରାଧିକାରୀମାନଙ୍କୁ ନୂତନ ଯାନୀ ଭାବେ ନିଯୁକ୍ତ କରାଯାଏ। ପରଜା ଗାଁରେ ଧର୍ମୀୟ ମୁଖିଆଙ୍କୁ ଛାଡ଼ି ଅନ୍ୟ ଜଣେ ମୁଖିଆ ଥାଆନ୍ତି, ଯାହାକୁ 'ମୁଦୁଲି' ବା 'ନାୟକ' କହନ୍ତି। 'ମୁଦୁଲି' ବା 'ନାୟକ'ମାନେ ହେଉଛନ୍ତି ଗ୍ରାମ ସଂଗଠନ ସର୍ବମୟ କର୍ତ୍ତା ଓ ପ୍ରାଶାସନିକ ମୁଖ୍ୟ। ପ୍ରତି ପରଜା ଗାଁରେ ଜଣେ ଲେଖାଏଁ 'ମୁଦୁଲି' ବା 'ନାୟକ' ଥାଆନ୍ତି। ଗାଁଗୁଡ଼ିକୁ ଘେରି କେତେଗୁଡ଼ିଏ ଗୁଡ଼ା ବା ପାଲି ଥାଏ। 'ମୁଦୁଲି' ବା 'ନାୟକ' ହେଉଛନ୍ତି ଗାଁର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏବଂ ତାଙ୍କ କଥାକୁ ସମସ୍ତେ ମାନନ୍ତି। ଗାଁର ଭଲମନ୍ଦ, ନ୍ୟାୟ ନିଶାପ ସବୁ ଏହି ମୁଦୁଲି ବୁଝିଥାନ୍ତି। ଗାଁରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ମୁଦୁଲି ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। କୋରାପୁଟ, ଲକ୍ଷ୍ମୀପୁର, ଜୟପୁର, ନନ୍ଦପୁର ଅଞ୍ଚଳରେ ପରଜାମାନଙ୍କ ଗ୍ରାମ ମୁଖିଆଙ୍କୁ 'ନାୟକ' କୁହାଯାଉଥିବା ବେଳେ ନବରଙ୍ଗପୁର, ପାପଡ଼ାହାଣ୍ଡି, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, କୋଷାଗୁମୁଡ଼ା ଅଞ୍ଚଳରେ 'ନାୟକ' କିମ୍ବା

'ମୁଦୁଲି'ମାନଙ୍କ ପରିବର୍ତ୍ତେ 'ଯାନୀ' ହିଁ ଗାଁର ସର୍ବେସର୍ବା । ତେବେ ରାୟଗଡ଼ା ଓ କାଶୀପୁର ଅଞ୍ଚଳରେ ପରଜା ଗାଁ ମୁଖିଆମାନେ 'ମୁଦୁଲି' ଭାବେ ପରିଚିତ ହୋଇଥାନ୍ତି । ପରଜା ସମାଜରେ ଯଦି କେହି କୁକର୍ମ ବା ଅପକର୍ମ କାରଣରୁ ସମାଜରୁ ବାସନ୍ଦ ହୋଇଯାଏ, ତେବେ ତାକୁ ପୁନର୍ବାର ଜାତିରେ ମିଶେଇବା ପାଇଁ ଉଦ୍ୟମ କରାଯାଏ । ଏହି ଜାତିଚ୍ୟୁତ ଲୋକଙ୍କୁ ଯେଉଁ ବ୍ୟକ୍ତି କ୍ରିୟା, କର୍ମ, ପୂଜା, ପାଠ କରି ମିଶେଇଥାନ୍ତି ତାଙ୍କୁ 'ଭାଟ ନାୟକ' କୁହାଯାଏ । ଭାଟ ନାୟକମାନେ ଏକ ସ୍ୱତନ୍ତ୍ର ଶ୍ରେଣୀର ସମ୍ମାନସ୍ପଦ ବ୍ୟକ୍ତିତ୍ୱ ଏବଂ ଏମାନେ ସାଧାରଣତଃ ପୂଜାରୀ ଶ୍ରେଣୀର ପରଜା ।

ଯଦି କୌଣସି ପରଜା ଯୁବକ ପରଜା ଜାତିର ନିୟମ ଉଲ୍ଲଙ୍ଘନ କରି ଅନ୍ୟ ଜାତିର ଯୁବତୀକୁ ବିବାହ କରେ, କୌଣସି ପରଜାକୁ ଯଦି ବାଘ ମାରିଦିଏ (ଦେବତାଙ୍କ କ୍ରୋଧଯୋଗୁଁ ବାଘ ଖାଇଯାଏ ବୋଲି ବିଶ୍ୱାସ କରାଯାଏ) ତେବେ ଏମାନେ ପାପ କରିଛନ୍ତି ବୋଲି ପରଜା ସମାଜ ବିଚାର କରେ ଏବଂ ଏମାନଙ୍କୁ ଜାତିରୁ ଅଲଗା କରାଯାଏ । ଏହି ଜାତିଚ୍ୟୁତ ବ୍ୟକ୍ତି ନିଜର ଦୋଷକୁ ସ୍ୱୀକାର କରି ଗ୍ରାମବାସୀଙ୍କୁ ଭୋଜି ଦେଇ ପୁଣି ଜାତିରେ ମିଶେ । ଭାଟ ନାୟକ ହିଁ ଏହି ଜାତିଚ୍ୟୁତ ଲୋକଙ୍କୁ ପୂଜାପାଠ କରି ପୁନର୍ବାର ଜାତିରେ ମିଶାଇଥାନ୍ତି । ପରଜା ଗ୍ରାମ ସଂଗଠନରେ 'ଚାଲାଣ' ହେଉଛନ୍ତି ଜଣେ ଅନ୍ୟତମ ପ୍ରମୁଖ ସଦସ୍ୟ । ଚାଲାଣ ଗାଁ ମୁଖିଆଙ୍କ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରନ୍ତି । ମୁଖିଆଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଲାଣ ଗାଁର ସବୁ ଲୋକଙ୍କୁ ବେରଣରେ ଯୋଗ ଦେବାପାଇଁ ନିମନ୍ତ୍ରଣ ଦେଇଥାନ୍ତି । ଗାଁରେ ପାଳନ ହେବାକୁ ଥିବା ପର୍ବପର୍ବାଣି, ଯାନିଯାତରା ଓ ଅନ୍ୟାନ୍ୟ ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅବସରରେ ଗାଁ ମୁଖିଆ 'ମୁଦୁଲି' ଗାଁରେ ସଭା ଡକାନ୍ତି । ଚାଲାଣ ମୁଦୁଲିଙ୍କଠାରୁ ନିର୍ଦ୍ଦେଶ ପାଇ ଗାଁ ଲୋକଙ୍କୁ ବେହରଣ (ବେରଣ) ନିକଟକୁ ଡାକି ଆଣନ୍ତି । ଏହି ସେବା ପାଇଁ ଚାଲାଣ ଗାଁ ଲୋକଙ୍କଠାରୁ ଧାନ, ବିରି, କାନ୍ଦୁଲ, ପଇସା ପାଇଥାନ୍ତି । ଦେଶ ସ୍ୱାଧୀନ ହେବା ପୂର୍ବରୁ ଚାଲାଣମାନ ମୁଖ୍ୟତଃ ରାଜ ପ୍ରତିନିଧି ଭାବେ ଗାଁ ମୁଖିଆ, ଗ୍ରାମବାସୀ ଏବଂ ରାଜକର୍ମଚାରୀ ଯଥା– ପୋଲିସ୍, ଜଙ୍ଗଲ ଅଧିକାରୀ, ରାଜସ୍ୱ ଅଧିକାରୀଙ୍କ ମଧ୍ୟରେ ଏକ ଯୋଗସୂତ୍ର ରକ୍ଷା କରୁଥିଲେ । ଚାଲାଣମାନେ ଏହି ଦୁଇ ଗାଁ ମୁଖିଆଙ୍କ ବୋଲକରା ସଦୃଶ । ପରଜା ଗାଁରେ ଥିବା ଦୁଇଜଣ ମୁଖିଆ 'ଯାନୀ' ଏବଂ 'ମୁଦୁଲି'ଙ୍କ ନିର୍ଦ୍ଦେଶକୁ ଚାଲାଣ ଗାଁ ଲୋକଙ୍କ ନିକଟରେ ପହଞ୍ଚାଏ । ସ୍ୱାଧୀନତା ପୂର୍ବରୁ ପ୍ରତି ଗାଁରେ ଜଣେ ଜଣେ ଚାଲାଣ ଥିଲେ । କୌଣସି କାମରେ ଗାଁକୁ ଯଦି କେହି ସରକାରୀ ପଦାଧିକାରୀ, ରାଜକର୍ମଚାରୀ ଆସନ୍ତି, ତେବେ ଚାଲାଣମାନେ ମୁଦୁଲିଙ୍କ ନିର୍ଦ୍ଦେଶ ଅନୁଯାୟୀ ସେମାନଙ୍କୁ ସେବା ଯୋଗାଇ ଦେବା ଦାୟିତ୍ୱ ନିର୍ବାହ କରନ୍ତି । ରାଜସ୍ୱ ଆଦାୟ ହେଉକି ଆଇନ୍ ଶୃଙ୍ଖଳା ପାଇଁ ପୋଲିସ୍ କିମ୍ବା ଜଙ୍ଗଲ ସମ୍ବନ୍ଧୀୟ ବ୍ୟାପାରରେ ଯଦି ଜଙ୍ଗଲ ବିଭାଗ ଅଧିକାରୀ ଗାଁକୁ ଆସନ୍ତି, ଚାଲାଣମାନେ ସେମାନଙ୍କ ରହିବା, ଖାଇବା, ପିଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦାୟିତ୍ୱ ନିର୍ବାହ କରିଥାନ୍ତି । କ୍ଷୀର, କାଠ, ଚାଉଳ, ଡାଲି, ଘିଅ, କୁକୁଡ଼ା, ପନିପରିବା ଆଦି ଗାଁରୁ ଆଦାୟ କରାଯାଏ ଏବଂ ରୋଷେଇ ବ୍ୟବସ୍ଥା କରାଯାଏ । ଏହି ସମସ୍ତ କାର୍ଯ୍ୟକୁ 'ଚାଲାଣ' ତଦାରଖ କରେ । ଚାଲାଣମାନେ ସାଧାରଣତଃ ପରଜା ଗୋଷ୍ଠୀର ହୋଇଥାନ୍ତି । ତେବେ ବିଶେଷ ସ୍ଥଳରେ ହରିଜନ, ଡମ୍ବ ଲୋକମାନଙ୍କୁ ଚାଲାଣ ଭାବେ ନିଯୁକ୍ତି ଦିଆଯାଇଥାଏ । ବିଶେଷକରି କୋରାପୁଟ, ଲକ୍ଷ୍ମୀପୁର, ବୋରିଗୁମ୍ମା, ଜୟପୁର, ବୈପାରୀଗୁଡ଼ା, କୁନ୍ଦୁରା ଅଞ୍ଚଳରେ ହରିଜନ ଲୋକମାନଙ୍କୁ ପରଜା ଗାଁରେ ଚାଲାଣ ଭାବେ ନିଯୁକ୍ତି ଦିଆଯାଇଥାଏ । ଏହିସବୁ ଅଞ୍ଚଳରେ 'ଚାଲାଣ'ମାନଙ୍କୁ ସ୍ଥଳ ବିଶେଷରେ 'ବାରିକ' ମଧ୍ୟ କୁହାଯାଇଥାଏ ।

ପ୍ରତି ପରଜା ଗାଁରେ ଜଣେ ଜଣେ 'ଦିସାରି' ଥା'ନ୍ତି । ଏମାନେ ସାଧାରଣତଃ ପାଞ୍ଜି ଦେଖି ଭାଗ୍ୟ ଓ ଭବିଷ୍ୟତ ନିର୍ଣ୍ଣୟ କରନ୍ତି । ପିଲାର ନାମକରଣ ବିବାହ ଲଗ୍ନ ସ୍ଥିର କରିବା, ତିଥି, ବାର ଓ ନକ୍ଷତ୍ରରେ ନୂଆ କରି ଧାନ ଖାଇବା, ଆମ୍ବ ଖାଇବା, ଜମି ଚାଷ କରିବା, ଧାନ ବୁଣିବା, ତଳି ପକାଇବା, ବିଭିନ୍ନ ପର୍ବପର୍ବାଣି ପାଳନ କରିବାର ସମୟ ନିର୍ଦ୍ଧାରଣ ଆଦି ବିଭିନ୍ନ କାର୍ଯ୍ୟ ଦିସାରୀମାନେ କରିଥାନ୍ତି । ଦିସାରୀମାନେ ସାଧାରଣତଃ ଜ୍ୟୋତିଷଶାସ୍ତ୍ରରେ ପାରଙ୍ଗମ ଥାଆନ୍ତି । ଗ୍ରହ, ନକ୍ଷତ୍ର, ଗଣନା କରି ଭବିଷ୍ୟତ ସମ୍ପର୍କରେ ପ୍ରକାଶ କରନ୍ତି । ପରଜା ଆଦିବାସୀ ହିଁ ମୁଖ୍ୟତଃ ଦିସାରି କାମ କରିଥାନ୍ତି । ପରଜା ଗ୍ରାମ ସଂଗଠନରେ ଗୁଣିଆମାନଙ୍କର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ଗୁଣିଆମାନେ ସାଧାରଣତଃ ତାନ୍ତ୍ରିକ ଏବଂ ଏମାନେ ଜଡ଼ିବୁଟି ଔଷଧର ପ୍ରୟୋଗ କରିଥାନ୍ତି ।

ସେହିଭଳି ପରଜା ଗ୍ରାମ ସଂଗଠନରେ 'ଶିରା' ବା 'କାଳିସୀ' ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ । ଦେବଦେବୀଙ୍କ ଆତ୍ମା ଯେଉଁ ନିର୍ଦ୍ଦିଷ୍ଟ ପରଜା ଲୋକର ଦେହରେ ସବାର ହୁଏ ତାକୁ ଶିରା କହନ୍ତି । କୌଣସି ଗାଁରେ ଦୈବଦୁର୍ବିପାକ ଘଟିଲେ କିମ୍ବା ଅଘଟଣ ଘଟିଲେ, ରୋଗ ବଇରାଗ ହେଲେ ଏହା ଦେବତାଙ୍କ କ୍ରୋଧ ହେଲା ବୋଲି ପରଜାମାନେ ବିଶ୍ୱାସ କରନ୍ତି । ଏସବୁ

କେଉଁଥିପାଇଁ ହେଲା, କେଉଁ ଦେବତାଙ୍କ କ୍ରୋଧ ଯୋଗୁଁ ହେଲା ଏହାର ମୂଳ କାରଣ ଖୋଜିବା ପାଇଁ ଗ୍ରାମ ଲୋକମାନେ ଶିରା ବସେଇଥାନ୍ତି। ଶିରା (କାଳିସୀ) ବସିବା ବେଳେ ଶିରାମାନେ ଶୁଚିପବିତ୍ର ହୋଇ, ଶ୍ୱେତବସ୍ତ୍ର ପରିଧାନ କରି, ଫୁଲ, ହଳଦି, ପାଣିକୁ ମନ୍ତ୍ରିତ କରି ବତୁରା ଅରୁଆ ଚାଉଳକୁ ପତ୍ର ଠୋଲାରେ ରଖି ନିଜ ଶରୀରକୁ ଭୀଷଣ ଭାବେ ଦୋହଲାଇ, ଭୂମି ଉପରେ ପଡ଼ି ଉଠି, ମୁଣ୍ଡକୁ ଘୂରେଇ ନିଜ ଶରୀର ଭିତରକୁ ଦେବତା ବା ଡୁମାଙ୍କୁ ଆବାହନ କରନ୍ତି। ଡୁମା ବା ଦେବତାଙ୍କ ଆତ୍ମା ଶିରାର ଶରୀର ମଧ୍ୟକୁ ପ୍ରବେଶ କଲାପରେ ସେ ପ୍ରାକୃତିକ ଦୁର୍ବିପାକ, ରୋଗର କାରଣ, ଗାଁ ଉପରେ କେଉଁ ଦେବତା କୋପ କରିଛନ୍ତି, କ୍ରୋଧିତ ଦେବତାଙ୍କୁ ବଳି ଦିଆଯିବ ଏବଂ କେତେ ପରିମାଣରେ କେଉଁ ମଦ (ସଲପ, ହାଣ୍ଡିଆ, ମହୁଲି, ଚାଉଳି) ଦିନକୁ କେତେ ଥର କେଉଁ ସମୟରେ ପ୍ରଦାନ କରାଯିବ ଏ ସମ୍ପର୍କରେ ସୂଚନା ଦିଅନ୍ତି।

'ଗୁରୁମାଇ'ମାନେ ହେଉଛନ୍ତି ପରଜା ସମାଜରେ ନାରୀ ପୂଜକ। ବିଶେଷକରି ଶିରାମାନେ ଯେଉଁ କାମ କରନ୍ତି ଗୁରୁମାଇମାନେ ସେହି କାମ ତୁଲାଇଥାନ୍ତି। ଶିରାମାନେ ପୁରୁଷ ହୋଇଥିବା ବେଳେ ଗୁରୁମାଇମାନେ ନାରୀ। ବାଲିଯାତ୍ରା ସମୟରେ ଗୁରୁମାଇମାନେ ବାଲି କୁଡ଼ିଆରେ ବସି ପୁରାଣ ପାଠ କରି ଭଲ ଫସଲ ଓ ଗାଁ ଲୋକଙ୍କ ଆରୋଗ୍ୟ କାମନା କରି ଦେବତାଙ୍କୁ ଆବାହନ କରିଥା'ନ୍ତି। ଗୁରୁମାଇ ଏନ୍ତୁଡ଼ିଶାଳରେ ଦୀପ ଜାଳି ମନ୍ତ୍ରତନ୍ତ୍ର କରି ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି। ଯଦି ଜନ୍ମ ଯନ୍ତ୍ରଣା ଅଧିକ ହେଲା କିମ୍ବା କୌଣସି ଅସୁବିଧା ପରିଲକ୍ଷିତ ହେଲା ତେବେ ଗୁଣିଆ ଡକାଯାଏ। ଗୁଣିଆ ଆସି ଝଡ଼ାଫୁଙ୍କା ପରେ ଓ ଚେରମୂଳି ପ୍ରୟୋଗ କରେ। କିଛି କିଛି ପରଜା ଗାଁରେ ପୁରୁଷମାନେ ମଧ୍ୟ ଗୁରୁମାଇ କାର୍ଯ୍ୟ ତୁଲାଇଥାନ୍ତି। ସେମାନେ ଶାଢ଼ୀ ପରିଧାନ କରି ନାରୀ ବେଶରେ ଗୁରୁମାଇର କାର୍ଯ୍ୟ କରିଥାନ୍ତି। ଏସବୁ ପରଜା ଗ୍ରାମ ସଂଗଠନର ଅଭିନ୍ନ ଅଙ୍ଗ।

**ପରଜା ସମାଜରେ ଦଣ୍ଡ ବିଧାନ**

ପରଜା ସମାଜରେ କେହି ଦୋଷ କଲେ ତାକୁ ଉପଯୁକ୍ତ ଶାସ୍ତି ପ୍ରଦାନ କରାଯାଏ। ଗାଁର 'ବେରଣମୁଣ୍ଡା'ଠାରେ ଗାଁ ସଭା ବସି ଦୋଷୀକୁ ଦଣ୍ଡ ଦିଆଯାଏ। ଗାଁ ମୁଖିଆ 'ଯାନୀ' ଓ 'ମୁଦୁଲି'ଙ୍କ ଉପସ୍ଥିତିରେ ଦୋଷୀର ବିଚାର କରାଯାଇ ଉପଯୁକ୍ତ ଦଣ୍ଡବିଧାନ କରାଯାଏ। ଧରାଯାଉ, ଗାଁର ଜଣେ ଯୁବକ ଓ ଜଣେ ଯୁବତୀ ଅନୈତିକ ଶାରୀରିକ ସମ୍ପର୍କ ରଖୁଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଗଲା, ସେମାନଙ୍କୁ କିପରି ଦଣ୍ଡବିଧାନ କରାଯିବ, ତାହା ଗାଁ ମୁଖିଆ 'ମୁଦୁଲି', 'ନାୟକ' ଓ 'ଯାନୀ' ନିଷ୍ପତ୍ତି ନେଇଥା'ନ୍ତି। ସେମାନଙ୍କୁ ପରଜା ସାମାଜିକ ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ବିଧାନ କରାଯାଏ। ପ୍ରଥମେ ଗାଁର ତିନି ଜଣ ପରଜା ଯୁବକ ଦୁଇଟି କୁକୁଡ଼ାଙ୍କ ଗୋଡ଼ରେ ଦୁଇଟି ଲମ୍ବା ଦଉଡ଼ି ବାନ୍ଧନ୍ତି। ଏହା ବେରଣମୁଣ୍ଡା ନିକଟରେ କରାଯାଏ ଏବଂ ସେତେବେଳେ ସେଠାରେ ଗାଁର ଆବାଳବୃଦ୍ଧବନିତା ସମସ୍ତେ ଉପସ୍ଥିତ ଥାଆନ୍ତି। ଗାଁର 'ମୁଦୁଲି' ବା 'ନାୟକ' ଓ 'ଯାନୀ' ବେରଣମୁଣ୍ଡା ନିକଟରେ ବସନ୍ତି। ସେମାନଙ୍କ ଗୋଡ଼ ସହିତ ଏହି ଦୁଇଟି କୁକୁଡ଼ାକୁ ମଧ୍ୟ ବାନ୍ଧି ଦିଆଯାଏ। ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଯେଉଁ ଦୁଇ ଜଣ ପୁରୁଷ ଓ ମହିଳା କିମ୍ବା ଯୁବକ ଓ ଯୁବତୀଙ୍କୁ ଉଦ୍ଧାର କରାଯାଇଥାଏ, ସେମାନଙ୍କୁ ବେରଣମୁଣ୍ଡା ସମ୍ମୁଖକୁ ଅଣାଯାଏ। ସେମାନେ ଲଜ୍ଜା ଓ ଅପମାନ ହେତୁ ନିରବରେ ବେରଣମୁଣ୍ଡା ସମ୍ମୁଖରେ ଉପସ୍ଥିତ ହୁଅନ୍ତି। ସେମାନଙ୍କୁ ଜୋରିମାନା ସ୍ୱରୂପ କିଛି ଟଙ୍କା ଦେବାକୁ ପଡ଼ିଥାଏ। ଏହି ଜୋରିମାନା ଅର୍ଥରେ କିଛି ମଦ କିମ୍ବା ଧୂଆଁପତ୍ର କିଣା ଯାଇଥାଏ। ଏହାକୁ ସମସ୍ତେ ସାଥୀ ହୋଇ ପାନ କରନ୍ତି। ଏହାପରେ ଗୋଟିଏ କୁକୁଡ଼ାକୁ ମାରି ତାହାର ଡେଣା ଦୁଇଟିକୁ କାଟି ଦିଆଯାଏ ଏବଂ ଏହି ଡେଣାଶୂନ୍ୟ ମୃତ କୁକୁଡ଼ାକୁ ଗାଁ ମୁଖିଆ 'ଯାନୀ'ର ଗୋଡ଼ରେ ବାନ୍ଧି ଦିଆଯାଏ। ଏହା ପରେ ଏହି ମୃତ କୁକୁଡ଼ାକୁ ଏକ ବାଉଁଶ ଖୁଣ୍ଟିରେ ଝୁଲାଇ ଦିଆଯାଏ। ଏହା କରିବା ଅର୍ଥ ହେଉଛି, ଗାଁ ଲୋକ ଏହି ଦୁଇ ଜଣ ପୁରୁଷ ଓ ମହିଳାଙ୍କୁ ତିରସ୍କାର କରନ୍ତି ଏବଂ ଏହା କୁକାର୍ଯ୍ୟ ବୋଲି ସେମାନଙ୍କୁ ଚେତେଇ ଦିଅନ୍ତି। ଏହା ପରେ ଦୁଇଟି କୁକୁଡ଼ା ମାଂସକୁ ଭୋଜି କରାଯାଏ। ଉପସ୍ଥିତ ପରଜାମାନେ 'ଲନ୍ଦା' ପିଇ କୁକୁଡ଼ା ମାଂସ ଖାଇ ଖୁସି ମନାନ୍ତି। ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନାଚଗୀତ କରନ୍ତି।

ସେହିଭଳି ଗାଁର କେହି ପରଜା ଚୋରି, ଡକାୟତି କଲେ ମଧ୍ୟ ତାକୁ ବେରଣମୁଣ୍ଡାଠାରେ ଦଣ୍ଡବିଧାନ କରାଯାଏ। ତା'ଠାରୁ ଜୋରିମାନା ବାବଦକୁ ନିଆଯାଇଥିବା ଟଙ୍କାରେ ଲନ୍ଦା ଓ କୁକୁଡ଼ା ଭୋଜି କରାଯାଏ। ବେରଣରେ ଉପସ୍ଥିତ ଥିବା ସମସ୍ତ ପରଜା ମାଂସ ଭୋଜି କରିବା ସାଂଗକୁ ଲନ୍ଦା ପାନ କରନ୍ତି। ତେବେ ପୂର୍ବ କାଳରେ ଏପରି ଦଣ୍ଡ ବିଧାନ କରାଯାଉଥିଲା। ଏବେ ଏପରି ଦଣ୍ଡବିଧାନକୁ ଦୋଷ କରିଥିବା ପରଜା ଯୁବକ / ଯୁବତୀମାନେ ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ଅନେକ ସ୍ଥଳରେ ମାମଲା ଥାନା, କଚେରୀକୁ ଯାଉଛି ଏବଂ ସେଠାରେ ସମାଧାନର ସୂତ୍ର ବାହାରୁଛି।

ବିବାହ ପୂର୍ବରୁ କନ୍ୟା ଗର୍ଭବତୀ ହୋଇପଡୁଥିଲେ ଗ୍ରାମ ସଂଗଠନ ମାଧ୍ୟମରେ କନ୍ୟାକୁ ଉଚିତ ନ୍ୟାୟ ପ୍ରଦାନ

କରାଯାଉଥିଲା। କନ୍ୟାକୁ ଗର୍ଭବତୀ କରିଥିବା ଯୁବକକୁ ଉଚିତ ଦଣ୍ଡବିଧାନ କରାଯାଉଥିଲା। ପରେ ସମ୍ପୃକ୍ତ ଗର୍ଭବତୀ ଝିଅ ଓ ପୁଅ ମଧ୍ୟରେ ବିବାହ ଅନୁଷ୍ଠିତ ହେବାକୁ ଗ୍ରାମ ସଂଗଠନ ନିର୍ଦ୍ଦେଶ ଦେଉଥିଲା। ଏହା ବ୍ୟତୀତ ସମ୍ପୃକ୍ତ ଯୁବକଙ୍କୁ କିଛି ଦଣ୍ଡ ମଧ୍ୟ ପ୍ରଦାନ କରାଯାଇଥାଏ।

ଯୁବକ ଦେଇଥିବା କୁକୁଡ଼ା ମାଂସ ରନ୍ଧା ଯାଇ ପରଜାଙ୍କ ମଧ୍ୟରେ ବଣ୍ଟାଯାଏ । ଯୁବକଟି ଜୋରିମାନା ବାବଦକୁ ଦେଇଥିବା ମାଣ୍ଡିଆରୁ ଜାଉ ପ୍ରସ୍ତୁତ କରାଯାଏ। ହାଣ୍ଡିରେ ତତଲା ଡହଡହ ଫୁଟୁଥିବା ଅବସ୍ଥାରେ ମାଣ୍ଡିଆ ଜାଉରୁ ଗୋଟିଏ ଶର୍ଗିପତ୍ର ଠୋଲାରେ ଠୋଲା ଭିର୍ତ୍ତି ଏହି ଜାଉ ଅଣାଯାଏ। ଏଥିରେ ଉଭୟ ପୁଅ ଓ ଝିଅ ହାତକୁ ଏକତ୍ର ବୁଡ଼େଇବାକୁ କୁହାଯାଏ। ଏହି ତତଲା ଡହଡହ ମାଣ୍ଡିଆ ଜାଉ ହାତ ହାତ ବୁଡ଼େଇବା ସତ୍ତ୍ୱେ ଯଦି କାହାର ହାତକୁ କଷ୍ଟ ନ ହେଲା ତେବେ ପୁଅ, ଝିଅ ମନରାଜି ବୋଲି ଧରି ନେବାକୁ ହୋଇଥାଏ। ସେମାନେ ଭବିଷ୍ୟତରେ ଘର ସଂସାର କରି ପାରିବେ ବୋଲି 'ଯାନୀ' ପ୍ରକାଶ କରନ୍ତି। ଯଦି କାହାର ହାତ ପୋଡ଼ିଗଲା କିମ୍ବା ଫୋଟକା ହୋଇଗଲା ତେବେ ସେମାନଙ୍କ ମଧ୍ୟରେ ଭବିଷ୍ୟତରେ ଉତ୍ତମ ସମ୍ପର୍କ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ଏ କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ବିବାହ ହେବା ନେଇ ତର୍କବତର୍କ ହୁଏ। କେତେକ ମାମଲାରେ ବିବାହ ହୋଇ ବି ନ ପାରେ। କିନ୍ତୁ ଅଧିକାଂଶ ମାମଲାରେ ସମ୍ପୃକ୍ତ ଯୁବକ-ଯୁବତୀଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଥାଏ।

ଆଜିର ଦିନରେ ଦଣ୍ଡିତ ପରଜା ଯୁବକ, ଯୁବତୀ ଗାଁ ମୁଖିଆ 'ଯାନୀ' କିମ୍ବା 'ମୁଦୁଲି'ର ନିଷ୍ପତ୍ତି ମାନୁ ନାହାନ୍ତି। ଯଦି ଗାଁ ନିଷ୍ପତ୍ତିରେ ଦଣ୍ଡିତ ପରଜା ସନ୍ତୁଷ୍ଟ ହେଉନି, ସେ ଥାନା କିମ୍ବା କୋର୍ଟକୁ ଯିବାକୁ ଅଧିକ ପସନ୍ଦ କରୁଛି। ଗାଁ ମୁଖିଆଙ୍କ ନିଷ୍ପତ୍ତିଠାରୁ କୋର୍ଟର ରାୟକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରୁଛି ଦଣ୍ଡିତ ପରଜାଟି। ପୂର୍ବେ ଅଧିକାଂଶ ମାମଲା ଗ୍ରାମ ସଂଗଠନ ଜରିଆରେ ଫଇସଲା ହୋଇଯାଉଥିବା ବେଳେ ବର୍ତ୍ତମାନ ଏହା ଥାନା, ଫାଣ୍ଡି କୋର୍ଟ, କଚେରୀକୁ ଆସୁଛି।

**ଜୁଆଙ୍ଗ ଓ ଭୂୟାଁ ଗ୍ରାମ ସଂଗଠନ**

ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାର ଆଦିମ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଜୁଆଙ୍ଗ ଏକ ଅନ୍ୟତମ ଆଦିମ ଜନଜାତି ଗୋଷ୍ଠୀ। ଏମାନେ ମୂଳତଃ କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳନ୍ତି। ଖୁବ୍ କମ୍ ସଂଖ୍ୟାରେ ଅବିଭକ୍ତ ଢ଼େଙ୍କାନାଳ ଜିଲ୍ଲାରେ ବାସ କରନ୍ତି। କେନ୍ଦୁଝର ଜିଲ୍ଲାର ଗୋନାସିକା ପାହାଡ଼ ହେଉଛି ଜୁଆଙ୍ଗମାନଙ୍କର ଆଦିଭୂମି। ସେହିଭଳି କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବସବାସ କରୁଥିବା ଭୂୟାଁ ଜନଜାତି ଗୋଷ୍ଠୀର ଗ୍ରାମ ସଂଗଠନ ମଧ୍ୟ ଖୁବ୍ ଶୃଙ୍ଖଳିତ। ଜୁଆଙ୍ଗ ଓ ଭୂୟାଁ ଗ୍ରାମ ସଗଠନର ଢ଼ାଞ୍ଚାଗତ ଶୈଳୀ ପ୍ରାୟ ଏକ ପ୍ରକାର ଏବଂ ସେମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ।

ଜୁଆଙ୍ଗ ଓ ଭୂୟାଁମାନଙ୍କ ସାମାଜିକ ଓ ଗୋଷ୍ଠୀ ଜୀବନ ଖୁବ୍ ସମ୍ବନ୍ଧ। ପର୍ବପର୍ବାଣି, ବିଭାଘର, ଜନ୍ମ ଓ ମୃତ୍ୟୁ ଭଳି ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମମାନଙ୍କରେ ସେମାନେ ଏକତ୍ରିତ ହୋଇଥାନ୍ତି। ଗାଁରେ ଜଣେ କେହି ମରିଗଲେ ସମସ୍ତେ ପ୍ରଥମେ 'ମଣ୍ଡଘରେ' ଏକତ୍ରିତ ହୋଇଥାନ୍ତି ଏବଂ ଏହାପରେ ସମସ୍ତେ ମୃତକର ଘରେ ଉପସ୍ଥିତ ହୋଇ ପରିବାରର ସଦସ୍ୟମାନଙ୍କୁ ସମବେଦନା ଜ୍ଞାପନ କରିଥାନ୍ତି। ସେହିଭଳି କାହାଘରେ ଶିଶୁଟିଏ ଜନ୍ମ ହେଲେ ସମସ୍ତେ ଏକିତ୍ରିତ ହୋଇଥାନ୍ତି। ଜୁଆଙ୍ଗ ଓ ଭୂୟାଁମାନେ ମିଳିମିଶି ତଇଳାରେ ପୋଡୁଚାଷ କରନ୍ତି ଏବଂ ଫସଲ ଅମଳ କରନ୍ତି। ଅବସର ସମୟରେ ଜୁଆଙ୍ଗ ଓ ଭୂୟାଁମାନେ ଗାଁ ମଝିରେ ଥିବା ସେମାନଙ୍କ ମଣ୍ଡଘରେ ଉପସ୍ଥିତ ହୁଅନ୍ତି।

**ଜୁଆଙ୍ଗ ଓ ଭୂୟାଁ ଗ୍ରାମ ସଂଗଠନରେ 'ମଣ୍ଡଘର'ର ଭୂମିକା**

ଉଭୟ ଜୁଆଙ୍ଗ ଓ ଭୂୟାଁ ଗ୍ରାମ ସଂଗଠନରେ 'ମଣ୍ଡଘର'ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅବିବାହିତ ଜୁଆଙ୍ଗ ଯୁବକ(କଙ୍ଗେର) ଓ ଅବିବାହିତ ଯୁବତୀ (ସେଲାନ୍)ମାନଙ୍କ ପାଇଁ ପ୍ରତ୍ୟେକ ଗାଁରେ ଦୁଇଟି ଭିନ୍ନ ଭିନ୍ନ 'ଅବସର ବିନୋଦନ କେନ୍ଦ୍ର' ଥିଲା। ଜୁଆଙ୍ଗ ଯୁବକମାନଙ୍କ ପାଇଁ ବ୍ୟବହୃତ ଅବସର ବିନୋଦନ କେନ୍ଦ୍ରଟିକୁ 'ମଜାଙ୍ଗ୍' ବା 'ମଣ୍ଡଘର' କୁହାଯାଉଥିବାବେଳେ ଯୁବକମାନଙ୍କ ପାଇଁ ଉଦ୍ଦିଷ୍ଟ ଘରଟିକୁ 'ମେଲାଇଁଜ୍ୟାନ୍' କୁହାଯାଉଥିଲା। ମାତ୍ର, ଆଜିର ଦିନରେ ଏହି ମେଲାଇଁଜ୍ୟାନ' ର ପ୍ରାସଙ୍ଗିକତା ଆଉ ଅନୁଭବ କରିହେଉ ନାହିଁ। ଜୁଆଙ୍ଗ ଗାଁମାନଙ୍କରେ ଏହି 'ମେଲାଇଁଜ୍ୟାନ୍' ଏବେ ଦେଖିବାକୁ ମିଳେନାହିଁ। ସେହିଭଳି ପ୍ରତି ଭୂୟାଁ ଗାଁରେ ମଧ୍ୟ ମଣ୍ଡଘର ମାଧ୍ୟମରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପାଦନ ହେବା ସାଂଗକୁ ନ୍ୟାୟ ନିଷ୍ପତ୍ତି ହୋଇଥାଏ।

ସାଧାରଣତଃ ପ୍ରତି ଜୁଆଙ୍ଗ ଗ୍ରାମରେ ଗୋଟିଏ ଲେଖାଏଁ 'ମଜାଙ୍ଗ୍' (ମଣ୍ଡଘର) ରହିଥାଏ। ମଣ୍ଡଘରଟି ମୁଖ୍ୟତଃ ୮ପ୍ରକାର କାର୍ଯ୍ୟ ତୁଲାଇଥାଏ। ସେଗୁଡ଼ିକ ହେଲା–

୧. ଗାଁ ନ୍ୟାୟାଳୟ
୨. ସୂଚନା କେନ୍ଦ୍ର
୩. ଅତିଥି ଚର୍ଚ୍ଚା ଗୃହ
୪. କୋଠଘର
୫. ସାଂସ୍କୃତିକ କେନ୍ଦ୍ର
୬. ଯୁବକ ସଂଘ ଗୃହ
୭. ଅବସର ବିନୋଦନ କେନ୍ଦ୍ର
୮. ଧାର୍ମିକ କେନ୍ଦ୍ର

ଜୁଆଙ୍ଗମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ରାଜନୈତିକ ଓ ଗୋଷ୍ଠୀ ଜୀବନରେ 'ମାଜାଙ୍ଗ'ର ଏକ ବିଶେଷ ଭୂମିକା ରହିଥାଏ। 'ମଜାଙ୍ଗ' (ମଣ୍ଡଘର)କୁ ଅନ୍ୟ ଅର୍ଥରେ କଚେରୀ ଘର ବୋଲି କୁହାଯାଇଥାଏ। ଏଠାରେ ଜୁଆଙ୍ଗମାନଙ୍କର ସମସ୍ତ ପ୍ରକାର ନ୍ୟାୟନିଶାପ ହୋଇଥାଏ। ମଣ୍ଡଘରଟି ଗ୍ରାମର ଅନ୍ୟାନ୍ୟ ସାଧାରଣ ଘରମାନଙ୍କ ତୁଳନାରେ ବଡ଼ ଆକାରର ହୋଇଥାଏ । ଅପରପକ୍ଷେ ଏହି ମଣ୍ଡଘରେ ହିଁ ପ୍ରତି ସନ୍ଧ୍ୟାରେ ଜୁଆଙ୍ଗ ଯୁବକ, ଯୁବତୀମାନେ ଏକତ୍ରିତ ହୋଇଥାନ୍ତି। ତାଙ୍କବାଦ୍ୟ ଓ ଗୀତର ତାଳେ ତାଳେ ଜୁଆଙ୍ଗ ସେଲାନ୍ (ଯୁବତୀ), କଙ୍ଗେର (ଯୁବକ)ମାନେ ଝୁମି ଉଠିଥାନ୍ତି। 'ମଣ୍ଡଘର'ଟିରେ ଜୁଆଙ୍ଗମାନେ ଏକତ୍ରିତ ହୋଇ ସେମାନଙ୍କର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥାନ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଜୀବନକୁ ଉପଭୋଗ କରିଥାନ୍ତି।

ଜୁଆଙ୍ଗମାନେ ଗୋଟିଏ କାଠଗଣ୍ଡିରେ ଅଗ୍ନି ସଂଯୋଗ କରି ନିଆଁକୁ ସବୁଦିନ ପାଇଁ ସାଇତି ରଖନ୍ତି। କାଠଗଣ୍ଡିଟି ସମ୍ପୂର୍ଣ୍ଣ ଜଳିଗଲେ ସେଥିରେ ପୁଣି ଏକ କାଠ ଗଣ୍ଡିକୁ ସଂଯୋଗ କରି ନିଆଁକୁ ଉଜ୍ଜୀବିତ କରି ରଖାଯାଇଥାଏ। ମଣ୍ଡଘର ମଝି ଚଟାଣରେ କି ଦିନ କି ରାତି ସବୁବେଳେ କାଠଗଣ୍ଡିଟିରେ ଅଗ୍ନି ସମ୍ପୃକ୍ତ ହୋଇ ରହିଥାଏ। ପୂର୍ବେ ଜୁଆଙ୍ଗମାନେ ମଣ୍ଡଘରର ମଝି ଚଟାଣରେ ଜଳୁଥିବା ନିଆଁ ଚାରିପାର୍ଶ୍ୱରେ ଘେରି ବସୁଥିଲେ ଏବଂ ଶୀତଦିନେ ନିଆଁ ପୁଆଁଉଥିଲେ। ଏଇଠି ବସି ଜୁଆଙ୍ଗ ମୁଖିଆ ଗାଁର ହାନିଲାଭ ନ୍ୟାୟ ନିଶାପ ବୁଝୁଥିଲେ। ଜୁଆଙ୍ଗମାନେ ମଣ୍ଡଘରେ ନିୟମିତ ଜଳୁଥିବା ଏହି ନିଆଁକୁ ମଧ୍ୟ ପୂଜା କରୁଥିଲେ। ମଣ୍ଡଘରେ ଜଳୁଥିବା କାଠର ପାଉଁଶକୁ ସଂଗ୍ରହ କରି ସେମାନେ ପୋଡୁ ଚାଷରେ ବ୍ୟବହାର କରୁଥିଲେ। ମାତ୍ର ଆଜି ସେଥିରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। କେବଳ ପର୍ବପର୍ବାଣି ପାଳନ ସମୟରେ ଜୁଆଙ୍ଗମାନେ ମଣ୍ଡଘରେ କାଠଗଣ୍ଡିରେ ଅଗ୍ନି ସଂଯୋଗ କରି ଧୂନି ଜାଳୁଛନ୍ତି। ଜୁଆଙ୍ଗ ମଣ୍ଡଘର ମଧ୍ୟଭାଗ ଚଟାଣରେ ଅହରହ ଜଳୁଥିବା ଏହି 'କାଷ୍ଠାଗ୍ନି' କେବଳ ଯେ ପ୍ରହସନ ବୋଲି ବିଚାର କରିବା ସମ୍ପୂର୍ଣ୍ଣ ଭୁଲ୍ ହେବ। ଏହା ସେମାନଙ୍କର ଗ୍ରାମ ସଂଗଠନ, ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ପ୍ରମୁଖ ଅଙ୍ଗ। ଏହା ମାଧ୍ୟମରେ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥା ଅଧିକ ସଂଗଠିତ ହୋଇଥାଏ।

ଆଜିର ଦିନରେ ଜୁଆଙ୍ଗମାନଙ୍କ 'ମଣ୍ଡଘର' ଓ ପାରମ୍ପରିକ ଗ୍ରାମ ସଂଗଠନର ପରିଭାଷା ବଦଳି ଯାଇଛି। ଏଠାରେ ଗାଁ ମୁଖିଆ 'ପଧାନ' ଓ 'ବାରଭାଇ' ଏକତ୍ର ବସି ଗାଁର ଭଲମନ୍ଦ ବୁଝୁଥିଲେ। ମାତ୍ର ଆଜି ଜୁଆଙ୍ଗମାନଙ୍କ ପାରମ୍ପରିକ ଗାଁ ମୁଖିଆ 'ପଧାନ'ଙ୍କ ସ୍ଥାନ ୱାର୍ଡ଼ମେମ୍ବରମାନେ ନେଇଛନ୍ତି। ସେମାନେ ଗାଁର ଭଲମନ୍ଦ ବୁଝିଲେଣି। ଆଗରୁ ନ୍ୟାୟନିଶାପ ପାଇଁ ଥାନା, ହାଜତକୁ ଯାଉନଥିବା ଜୁଆଙ୍ଗମାନେ ଏବେ ଥାନା, କୋର୍ଟ, କଚେରୀକୁ ଗଲେଣି। ପୂର୍ବେ ମଣ୍ଡଘରଟିରେ ଗାଁର ସମସ୍ତ ଯୁବକ ରାତିରେ ଏକତ୍ର ଶୟନ କରୁଥିଲେ। ମାତ୍ର ଆଜିର ଦିନରେ ଅନେକ ଯୁବକ ନିଜ ନିଜର ଘରେ ରାତ୍ରିଯାପନ କରୁଛନ୍ତି। ତଥାପି ମଧ୍ୟ ଅଧିକାଂଶ ଗାଁରେ 'ପଧାନ', 'ବାରଭାଇ' ଏବଂ 'ମଣ୍ଡଘର'ର ପ୍ରାଧାନ୍ୟ ଏବେ ମଧ୍ୟ ବଜାୟ ରହିଛି।

ସାଧାରଣତଃ ଗାଁର ଠିକ୍ ମଧ୍ୟ ଭାଗରେ 'ମଣ୍ଡଘର'ଟି ଅବସ୍ଥିତ। ମଣ୍ଡଘରଟି ଆକାରରେ ବିଶାଳ ଏବଂ ଏହାର ଚତୁର୍ପାର୍ଶ୍ୱରେ କାନ୍ଥ ନଥାଏ । ଏହାର ଚାରିଦିଗ ଉନ୍ମୁକ୍ତ ଥାଏ। ମଣ୍ଡଘରର ମଝି ଚଟାଣରେ ନିୟମିତ କାଠ ଗଣ୍ଡିରେ ଅଖଣ୍ଡ ନିଆଁ ଜଳୁଥାଏ। ମଣ୍ଡଘରେ ଜଳୁଥିବା କାଠଗଣ୍ଡିର ଦୃଶ୍ୟ ଅନ୍ୟ କୌଣସି ଜନଜାତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିନଥାଏ। ମଣ୍ଡଘର କାନ୍ଥରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର, କୃଷି ଓ ଶିକାର ଉପକରଣ ଝୁଲୁଥାଏ। ଅନ୍ୟ ଏକ ପାର୍ଶ୍ୱରେ ଗାଁରେ ଅମଳ ହୋଇଥିବା ଧାନ, ବିରି, ମାଣ୍ଡିଆ, ବାଜରା, ମକା ଆଦି ଶସ୍ୟ ମହଜୁଦ୍ ହୋଇ ରହିଥାଏ। କେବେକେମିତି ବହିରାଗତ ଅତିଥି ଗାଁକୁ ଆସିଲେ ସେମାନଙ୍କୁ ଏହି ମଣ୍ଡଘରେ ଆଶ୍ରୟ ଦିଆଯାଇଥାଏ। ଜୁଆଙ୍ଗମାନେ ଅତିଥିପ୍ରିୟ ଏବଂ ମଣ୍ଡଘର ହିଁ 'ଅତିଥି ନିବାସ'ର ଭୂମିକା ତୁଲେଇଥାଏ ।

ଜୁଆଙ୍ଗମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ସର୍ବାଧିକ ପ୍ରଭାବିତ କରୁଥିବା ଏହି ମଣ୍ଡଘର ହିଁ ସବୁ ଦିଗରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗାଁରେ ପର୍ବପର୍ବାଣି ପାଳନ ପୂର୍ବରୁ ଏଠାରେ ପ୍ରସ୍ତୁତି ବୈଠକ ବସିଥାଏ। ଚାଷବାସ ନେଇ ଜୁଆଙ୍ଗ ମୁଖିଆ 'ପଧାନ',

'ନାଗମ୍', 'ଡାଙ୍ଗୁଆ' ଓ 'ବାରଭାଇ' ଆଦି ମଣ୍ଡଘରେ ବସି ଗାଁର ଅନ୍ୟ ଜୁଆଙ୍ଗ ଭାଇମାନଙ୍କ ସହ ଆଲୋଚନା କରିଥାନ୍ତି। ଏହା ସାଙ୍ଗକୁ ଗାଁର ଯୁବକ, ଯୁବତୀମାନେ ନାଚଗୀତର ଆସର ଜମେଇବା ପାଇଁ ପ୍ରତି ସନ୍ଧ୍ୟାରେ ମଣ୍ଡଘରେ ହିଁ ଏକତ୍ରିତ ହୋଇଥାନ୍ତି। ଗାଁର ଜୁଆଙ୍ଗମାନଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବାରେ ମଣ୍ଡଘର ହିଁ ପ୍ରମୁଖ ଭୂମିକା ତୁଲେଇଥାଏ।

ଜୁଆଙ୍ଗ ଯୁବକମାନେ ହିଁ ଏହି ମଣ୍ଡଘର ନିର୍ମାଣ କରିଥାନ୍ତି। ନିକଟସ୍ଥ ଜଙ୍ଗଲରୁ କାଠ, ବାଉଁଶ ସଂଗ୍ରହ କରି ଯୁବକମାନେ ମଣ୍ଡଘରଟିର ନିର୍ମାଣରେ ପ୍ରମୁଖ ଭୂମିକା ତୁଲେଇଥା'ନ୍ତି। ଯୁବତୀମାନେ ସପ୍ତାହରେ ଥରେ ଏହାର ଲିପାପୋଛା ଦାୟିତ୍ୱ ବହନ କରିଥାନ୍ତି। ମଣ୍ଡଘରଟିରେ ବହୁ ସଂଖ୍ୟାରେ ବଡ଼ବଡ଼ ଖୋଦେଇକରା କାଠଖୁଣ୍ଟମାନ ବ୍ୟବହାର କରାଯାଇଥାଏ। ଗାଁ ଦାଣ୍ଡର ପତ୍ତନଠାରୁ ଚାରିପାଞ୍ଚ ଫୁଟ ଉଚ୍ଚର ଏକ ମାଟି ପିଣ୍ଡି (ବେଦୀ) ପ୍ରସ୍ତୁତ କରାଯାଇ ଏହାର ଚାରି ପାର୍ଶ୍ୱରେ ଚାରୋଟି କାଠଖୁଣ୍ଟ ପୋତା ଯାଇଥାଏ। ଏହି କାଠଖୁଣ୍ଟମାନଙ୍କ ଉପରେ ଛପର କରାଯାଇଥାଏ। କାଠଖୁଣ୍ଟଗୁଡ଼ିକରେ ବିଭିନ୍ନ ପ୍ରକାର ଖୋଦେଇ କାମ ଓ ଆକର୍ଷଣୀୟ ଚିତ୍ର ଦେଖିବାକୁ ମିଳିଥାଏ। ଏହି ଖୋଦେଇ ଚିତ୍ରକଳା ହିଁ ଜୁଆଙ୍ଗମାନଙ୍କ ମଣ୍ଡଘରର ଶୋଭା ବର୍ଦ୍ଧନ କରିଥାଏ। ମଣ୍ଡଘର ସମ୍ମୁଖରେ ଏକ ବଡ଼ ଅଗଣା ବା ସଦର ଦାଣ୍ଡ ଭଳି ବିସ୍ତୀର୍ଣ୍ଣ ଖୋଲା ସ୍ଥାନ ଥାଏ। ଏଠାରେ ଗ୍ରାମଦେବୀ 'ଗ୍ରାମଶିରି'ଙ୍କୁ ସ୍ଥାପନା କରାଯାଇଥାଏ। ଏହି ସଦର ଦାଣ୍ଡରେ କଙ୍ଗେର୍ ଓ ସେଲାନ୍‌ମାନେ ନାଚଗୀତର ଆୟୋଜନ କରିଥା'ନ୍ତି।

ମଣ୍ଡଘରେ ଆଶ୍ରୟ ନେଇଥିବା ସମସ୍ତ ଅବିବାହିତ ଜୁଆଙ୍ଗମାନଙ୍କୁ ଶୃଙ୍ଖଳିତ କରିବା, ସେମାନଙ୍କର ଭଲମନ୍ଦ ଦେଖାଶୁଣା କରିବା ଉଦ୍ଦେଶ୍ୟରେ ମଜାଙ୍ଗରେ ଜଣେ ବୟସ୍କ ଅବିବାହିତ ବୃଦ୍ଧ କିମ୍ବା ପତ୍ନୀହରା ବୟସ୍କ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇଥାଏ। ଏମାନଙ୍କୁ 'ତଣ୍ଡକାର' କୁହାଯାଏ। ତଣ୍ଡକାର ମଣ୍ଡଘରେ ରହୁଥିବା ଅବିବାହିତ ଯୁବକମାନଙ୍କର ସେବା, ଯତ୍ନ ଓ ଦାୟିତ୍ୱ ବହନ କରିଥାନ୍ତି। ଯେଉଁ ଯୁବକ କିଛି ଭୁଲ ବା ତ୍ରୁଟି କଲେ ତଣ୍ଡକାର ସଂପୃକ୍ତ ଯୁବକକୁ ଦଣ୍ଡିତ କରିଥାଏ। ପର୍ବପର୍ବାଣି ସମୟରେ ତଣ୍ଡକାର ସମସ୍ତ ଯୁବକ, ଯୁବତୀଙ୍କୁ ଖାଦ୍ୟ ପରିବେଷଣ କରିଥାନ୍ତି। ଏହି ଅବିବାହିତ ଯୁବକ, ଯୁବତୀମାନଙ୍କର ନାନାପ୍ରକାର ସମସ୍ୟା ଓ ଭଲମନ୍ଦ ତଣ୍ଡକାର ବୁଝିଥାନ୍ତି।

ମଣ୍ଡଘରର ବିକାଶ ଓ ପର୍ବପର୍ବାଣି ପାଇଁ ପ୍ରତି ଯୁବକମାନେ ଏକ ନିର୍ଦ୍ଦିଷ୍ଟ ପରିମାଣର ପାଣ୍ଠି ସଂଗ୍ରହ କରିଥାନ୍ତି। ନୂତନ କରି 'ମଣ୍ଡଘର'ର ସଦସ୍ୟତା ଗ୍ରହଣ କରିଥିବା ଯୁବକମାନେ ମଣ୍ଡଘରର ପାଣ୍ଠିକୁ କିଛିକିଛି ଚାନ୍ଦା ପ୍ରଦାନ କରିଥାନ୍ତି। କେଉଁ ଯୁବକମାନେ ମଣ୍ଡଘରର ସଦସ୍ୟ ହୋଇପାରିବେ, ସେଥିନେଇ ନାନା ପ୍ରକାର ନିୟମ ରହିଥାଏ। ୮ବର୍ଷରୁ କମ୍ ବୟସର ବାଳକମାନେ ମଣ୍ଡଘରର ସଦସ୍ୟ ପାଇଁ ଯୋଗ୍ୟ ବିବେଚିତ ହୋଇ ନଥାନ୍ତି। ଏହି ଶିଶୁମାନେ ନିଜନିଜର ପରିବାରରେ ବାପା, ମାଆଙ୍କ ସହ ରହିଥାନ୍ତି। ୮ବର୍ଷରୁ ଉର୍ଦ୍ଧ୍ୱ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସବୁ ବୟସର ପୁରୁଷମାନେ ମଣ୍ଡଘରର ସଦସ୍ୟ ରହିଥାନ୍ତି। ମଣ୍ଡଘରର ସଦସ୍ୟତା ଗ୍ରହଣ କରିଥିବା ସବୁଠୁ ବୟସ୍କ ଅବିବାହିତ ଜୁଆଙ୍ଗ ଯୁବକକୁ 'ମାଟା କଙ୍ଗେର୍' କୁହାଯାଏ। ମାଟା କଙ୍ଗେର୍ ମଣ୍ଡଘରର ସମସ୍ତ ଅବିବାହିତ ଯୁବକମାନଙ୍କର ନେତୃତ୍ୱ ନେଇଥା'ନ୍ତି। 'ମାଟା କଙ୍ଗେର୍' 'ନାଗମ୍' (ପୂଜକ)ଙ୍କ ଭଳି ସମ୍ମାନର ଅଧିକାରୀ ହୋଇଥା'ନ୍ତି ଏବଂ ସେ କିଛି ଧାର୍ମିକ କାର୍ଯ୍ୟ ସହ ସଂପୃକ୍ତ ହୋଇଥାନ୍ତି। ମାଟା କଂଗେର ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲେଇଥାନ୍ତି। ମୋଟ ଉପରେ କହିବାକୁ ଗଲେ ଏହି ମଣ୍ଡଘର ହିଁ ଜୁଆଙ୍ଗମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ସର୍ବାଧିକ ପ୍ରଭାବିତ କରୁଥିବା ଏକ ଯୁବ ଅନୁଷ୍ଠାନ। ଏହା ଜୁଆଙ୍ଗ ଗ୍ରାମ ସଂଗଠନର ଏକ ପ୍ରାଣକେନ୍ଦ୍ର ସଦୃଶ।

## ଜୁଆଙ୍ଗ ଓ ଭୂୟାଁ ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥା

ଜୁଆଙ୍ଗ ଓ ଭୂୟାଁ ଗାଁର ସାମାଜିକ ଓ ଶାସନ ବ୍ୟବସ୍ଥା ଅତି ଶୃଙ୍ଖଳିତ। ଜୁଆଙ୍ଗ ଗାଁର ପ୍ରାଶାସନିକ ବ୍ୟବସ୍ଥାରେ ନାଗମ୍ (ବୁଇତା), ପଧାନ(ଗାଁ ମୁଖିଆ), ବାରଭାଇ, ଡାଙ୍ଗୁଆ, କାର୍ଜି, ଅଧିକାରୀ, ଚାଉଳିଆ, ପାଞ୍ଜିଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କୁ ନେଇ ଅତୀତରେ ଜୁଆଙ୍ଗ ଗ୍ରାମ ସଂଗଠନ ଅଧିକ ଶକ୍ତିଶାଳୀ ଓ ଶୃଙ୍ଖଳିତ ଥିଲା। ଲୋକମାନଙ୍କର ସମସ୍ୟା ବୁଝିବା ପାଇଁ ପ୍ରତି ଜୁଆଙ୍ଗ ଗାଁରେ ଜଣେ ଲେଖାଏଁ ଗାଁ ମୁଖିଆ ରହିଥାନ୍ତି। ସେମାନଙ୍କୁ 'ପଧାନ' କହନ୍ତି। ପ୍ରତ୍ୟେକ ମୁଖିଆଙ୍କ ନିୟନ୍ତ୍ରଣରେ ଗୋଟିଏ ଗୋଟିଏ ବୈଚାରିକ ଗୋଷ୍ଠୀ ରହିଥାଏ। ଏହାକୁ 'ବାରଭାଇ' ବୋଲି କୁହାଯାଏ। ଏହାବ୍ୟତୀତ ଜୁଆଙ୍ଗ ଗାଁରେ ଜଣେ ଧାର୍ମିକ ମୁଖିଆ ରହିଥାନ୍ତି। ସେମାନଙ୍କୁ 'ନାଗମ୍' (ବୁଇତା) କହନ୍ତି। 'ପଧାନ'ଙ୍କୁ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅନ୍ୟ ଜଣେ ସଦସ୍ୟ ରହିଥାନ୍ତି। ତାଙ୍କୁ 'ଡାଙ୍ଗୁଆ' କହନ୍ତି। ଡାଙ୍ଗୁଆ ବିଶେଷ କରି ଟହଲିଆ ବା ଡାକୁଆ କାମ କରିଥାନ୍ତି। ପର୍ବପର୍ବାଣି ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଡାଙ୍ଗୁଆ ଗାଁ ଲୋକମାନଙ୍କୁ ସୂଚନା ପ୍ରଦାନ କରିଥାନ୍ତି। ଏହାବ୍ୟତୀତ ବିଭିନ୍ନ ପର୍ବପର୍ବାଣି ସମୟରେ ପୂଜକ

'ନାଗମ୍'ଙ୍କୁ ପୂଜା ଓ ଛେଦ କାମରେ ସହାୟତା କରୁଥିବା ଆଉ ଜଣେ ପ୍ରମୁଖ ବ୍ୟକ୍ତି ହେଉଛନ୍ତି 'କାର୍ଜି'। ପର୍ବପର୍ବାଣି ସମୟରେ ପୂଜା କାର୍ଯ୍ୟରେ ଓ ପଶୁପକ୍ଷୀଙ୍କୁ ବଳି ଚଢ଼ାଇବା ସମୟରେ 'କାର୍ଜି' ନାଗମ୍‌ଙ୍କୁ ସହାୟତା କରିଥାନ୍ତି ।

'ଡାଙ୍ଗୁଆ', ଗାଁ ମୁଖିଆ 'ପଧାନ'ଙ୍କ ପ୍ରମୁଖ ସହଯୋଗୀ ହୋଇଥିବାବେଳେ 'କାର୍ଜି, ଗାଁ ପୂଜକ 'ନାଗମ୍'ଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥାନ୍ତି। ସବୁ ଜୁଆଙ୍ଗ ଗାଁରେ ଏହି 'କାର୍ଜି'ମାନେ ନଥାନ୍ତି। ଜୁଆଙ୍ଗ ଗ୍ରାମ ସଂଗଠନର 'ପାଞ୍ଜିଆ' (ଜ୍ୟୋତିଷ)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପାଞ୍ଜିଆ ଗଣନା କରି ଆଗତ ଭବିଷ୍ୟତ କଥା କହିଥାନ୍ତି। ବିବାହ ସମୟରେ ପୁତ୍ର–କନ୍ୟାର ଭବିଷ୍ୟ ଗଣନା କରି ସେମାନଙ୍କ ମଧ୍ୟରେ ବିବାହ ହୋଇପାରିବ କି ନାହିଁ କହିଥାନ୍ତି। ଏହା ସହିତ ଗାଁ ପ୍ରତି ବିପଦ ଆପଦ ଦେଖାଦେବା ପୂର୍ବରୁ ପାଞ୍ଜିଆ ଭବିଷ୍ୟବାଣୀ କରିଥାନ୍ତି। ପାଞ୍ଜିଆଙ୍କ ଭବିଷ୍ୟବାଣୀକୁ ଅବମାନନା କଲେ ଏହା ବହୁତ ଭୟଙ୍କର ସିଦ୍ଧ ହୋଇଥାଏ। ଏଣୁ ପାଞ୍ଜିଆଙ୍କ ଭବିଷ୍ୟବାଣୀକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। କେବଳ ପୁରୁଷମାନେ 'ପାଞ୍ଜିଆ' କାର୍ଯ୍ୟ କରିବେ ସେମିତି ଧରାବନ୍ଧା ନିୟମ ନଥାଏ। ମହିଳାମାନେ ମଧ୍ୟ ପାଞ୍ଜିଆ ହୋଇପାରିବେ ।

ଜୁଆଙ୍ଗ ଜନଜାତି ଗୋଷ୍ଠୀ ତନ୍ତ୍ର, ମନ୍ତ୍ରରେ ବେଶୀ ବିଶ୍ୱାସ କରନ୍ତି। ରାଉଳିଆ ଭୂତ, ପ୍ରେତ, ଡାଆଣୀ, ପିଶାଚୁଣୀଙ୍କୁ ମନ୍ତ୍ର ବଳରେ ଗ୍ରାମରୁ ଦୂର କରନ୍ତି। ଗାଁର ପ୍ରାଶାସନିକ ବ୍ୟବସ୍ଥାର 'ଅଧିକାରୀ'ଙ୍କ ଅଳ୍ପବହୁତ ଗୁରୁତ୍ୱ ଥାଏ। ଏମାନେ ଡାଙ୍ଗୁଆଙ୍କ ଭଳି ଗାଁ ମୁଖିଆଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥାନ୍ତି। ଗାଁରେ ବସୁଥିବା ବୈଠକ ଓ ନ୍ୟାୟିକ ବ୍ୟବସ୍ଥାରେ ଅଧିକାରୀଙ୍କ ମତାମତକୁ ପ୍ରାଧାନ୍ୟ ଦିଆଯାଇଥାଏ। ସବୁ ଜୁଆଙ୍ଗ ଗାଁରେ ଅଧିକାରୀ ନଥାନ୍ତି। ଜୁଆଙ୍ଗ ଗାଁର ପ୍ରାଶାସନିକ ଓ ଧାର୍ମିକ ବ୍ୟବସ୍ଥାରେ 'ବାରଭାଇ'ଙ୍କ ଭୂମିକା ବେଶ୍ ମହତ୍ୱପୂର୍ଣ୍ଣ। ପଧାନ, ନାଗମ୍‌ଙ୍କ ବ୍ୟତୀତ ଗ୍ରାମର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ 'ବାରଭାଇ' ସକ୍ରିୟ ଅଂଶଗ୍ରହଣ କରିଥାନ୍ତି ।

ପଧାନ, ନାଗମ୍‌ଙ୍କୁ ଛାଡ଼ିଦେଲେ ଗ୍ରାମର କିଛି ବୟସ୍କ ବୃଦ୍ଧଶ୍ରେଣୀୟ ପ୍ରତିନିଧିଙ୍କୁ ନେଇ ଏହି 'ବାରଭାଇ' ଗଠନ କରାଯାଇଥାଏ। ଏମାନେ ବିଭିନ୍ନ ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ସମୟରେ ନାଗମ୍ ଓ ପଧାନଙ୍କୁ ସହାୟତା କରିଥା'ନ୍ତି। ଗାଁର ନ୍ୟାୟିକ ବ୍ୟବସ୍ଥାରେ 'ବାରଭାଇ'ଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ତତ୍କାଳୀନ ପାରମ୍ପରିକ ରାଜନୈତିକ ଓ ସାମାଜିକ ବ୍ୟବସ୍ଥାରେ କିଛି ଜୁଆଙ୍ଗ ବସବାସ କରୁଥିବା ଗ୍ରାମ ବା ଅଞ୍ଚଳକୁ ନେଇ ଗୋଟିଏ ଗୋଟିଏ 'ପିଢ଼' ଗଠିତ ହୋଇଥିଲା। ପ୍ରତି ଜୁଆଙ୍ଗ ପିଢ଼ରେ ଅତି କମ୍‌ରେ ୬ରୁ ୧୫ଟି ଗାଁ ଅନ୍ତର୍ଭୁକ୍ତ ହୋଇଥାଏ। ଏହି ପିଢ଼ ବ୍ୟବସ୍ଥା ତତ୍କାଳୀନ ରାଜାଙ୍କ ଦ୍ୱାରା ସ୍ୱୀକୃତିଲାଭ କରିଥିଲା। କେନ୍ଦୁଝରର ରାଜା ୬ଟି ଜୁଆଙ୍ଗ ପିଢ଼ରେ ୬ଜଣ ପିଢ଼ ସର୍ଦ୍ଦାରଙ୍କୁ ନିଯୁକ୍ତ କରିଥିଲେ। ପିଢ଼ ସର୍ଦ୍ଦାରମାନେ ଜୁଆଙ୍ଗ ଗ୍ରାମମାନଙ୍କରୁ ରାଜସ୍ୱ ଆଦାୟ କରି ରାଜାଙ୍କୁ ପ୍ରଦାନ କରୁଥିଲେ। ରାଜସ୍ୱ କହିଲେ ପନିପରିବା, ଶସ୍ୟ ଓ ଜଙ୍ଗଲଜାତ ଫଳମୂଳ ଆଦିକୁ ବୁଝାଯାଉଥିଲା।

ଗୋଟିଏ ଗାଁ ଭିତରର ବିବାଦ ଗାଁ ମୁଖିଆ 'ପଧାନ' ବୁଝୁଥିଲାବେଳେ ଗ୍ରାମ ଗ୍ରାମ ମଧ୍ୟରେ ଥିବା ବିବାଦ ପିଢ଼ ସର୍ଦ୍ଦାରଙ୍କ ନିକଟକୁ ଯାଉଥିଲା। ପିଢ଼ ସର୍ଦ୍ଦାର ବିଭିନ୍ନ ଗ୍ରାମର ମୁଖିଆ 'ପଧାନ', 'ନାଗମ୍', 'ଡାଙ୍ଗୁଆ' ବାଦି, ପ୍ରତିବାଦୀମାନଙ୍କ ଉପସ୍ଥିତିରେ ନିଜର ରାୟ ଶୁଣାଉଥିଲେ। ତେବେ ଆଜିର ପଞ୍ଚାୟତିରାଜ ବ୍ୟବସ୍ଥାରେ ପିଢ଼ ସର୍ଦ୍ଦାରଙ୍କ ଭୂମିକା ସମ୍ପୂର୍ଣ୍ଣ ମାତ୍ରାରେ ନହେଲେ ଅନେକାଂଶରେ ସଂକୁଚିତ ହୋଇଯାଇଛି। ଆଜି 'ପଧାନ'ଙ୍କ ସ୍ଥାନ ଗାଁ ୱାର୍ଡମେମ୍ବର ନେଇଥିବାବେଳେ 'ପିଢ଼ ସର୍ଦ୍ଦାର'ଙ୍କ ସ୍ଥାନ ନିର୍ବାଚିତ 'ସରପଞ୍ଚ' ନେଇଛନ୍ତି। ତଥାପି ଅନେକ ଜୁଆଙ୍ଗ ଗାଁମାନଙ୍କରେ ଆଜି ବି ପିଢ଼ ସର୍ଦ୍ଦାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି। ଆଜିର ଦିନରେ ଅଧିକାଂଶ ମାମଲା ଥାନା, କୋର୍ଟ କଚେରୀକୁ ଚାଲି ଯାଉଥିବାରୁ ପିଢ଼ ସର୍ଦ୍ଦାରଙ୍କ ହୁକୁମ୍ ଆଉ କାମ କରୁନି ।

ଜୁଆଙ୍ଗ ଗ୍ରାମ ସଂଗଠନ ଭଳି ଅନୁରୂପ ପ୍ରାଶାସନିକ ଢ଼ାଞ୍ଚା ଭୂୟାଁ ସମାଜରେ ଦେଖିବାକୁ ମିଳିଥାଏ। ଜୁଆଙ୍ଗମାନେ ଧାର୍ମିକ ମୁଖ୍ୟଙ୍କ 'ନାଗମ୍' କୁହାଯାଉଥିବାବେଳେ ଭୂୟାଁମାନଙ୍କର ଧାର୍ମିକ ମୁଖ୍ୟଙ୍କୁ 'ଦେହୁରୀ' କୁହାଯାଏ। ବାକି ଅନ୍ୟାନ୍ୟ ବ୍ୟବସ୍ଥାରେ ଜୁଆଙ୍ଗ ଓ ଭୂୟାଁମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଲକ୍ଷ୍ୟ କରିହୁଏ ନାହିଁ ।

**ସାନ୍ତାଳୀ ଗ୍ରାମ ସଂଗଠନ**

ସାନ୍ତାଳମାନେ ବିଶେଷକରି ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ଦେଖିବାକୁ ମିଳନ୍ତି। ଓଡ଼ିଶାରେ ବସବାସ କରୁଥିବା ଆଦିବାସୀଙ୍କ ମଧ୍ୟରେ ସାନ୍ତାଳୀମାନେ ଏକ ବିକଶିତ ଜନଜାତି ଗୋଷ୍ଠୀ। ଏମାନଙ୍କର 'ଗ୍ରାମ ସଂଗଠନ' ଓ ଗ୍ରାମ୍ୟ ପ୍ରାଶାସନିକ ବ୍ୟବସ୍ଥା ଅତି ସୁଦୃଢ଼। ସାନ୍ତାଳମାନଙ୍କ ମଧ୍ୟରେ ଗଣ୍ଡଗୋଳ, ସଂଘର୍ଷ କିମ୍ବା ବିବାଦ ଦେଖାଦେଲେ 'କୁଲ୍‌ହିଦୁରୁବ୍' (ଦାଣ୍ଡ ଦରବାର) ମାଧ୍ୟମରେ ସମାଧାନ ହୋଇଥାଏ।

ସାନ୍ତାଳମାନଙ୍କ ଗାଁର ମୁଖିଆ ଏବଂ ସମ୍ମାନଜନକ ବ୍ୟକ୍ତି ହେଉଛନ୍ତି 'ମାଝି' ବା 'ମାଝୀହାଳମ୍'। ସେ ଗ୍ରାମାବାସୀଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ମାଝୀ ହେଉଛନ୍ତି ସାନ୍ତାଳୀ ଗ୍ରାମ ସଂଗଠନର ମୁଖ୍ୟ। ଗ୍ରାମର ସମସ୍ତ ସାମାଜିକ ଓ ଧାର୍ମିକ କାର୍ଯ୍ୟ ମାଝୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥାଏ। ମାଝୀ ଗାଁ ବିବାଦର ସମାଧାନ କରି ଦୋଷୀଙ୍କୁ ଦଣ୍ଡ ଦେଇଥାନ୍ତି। ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାକୁ 'ମାଝି ବାଇସି' ବା 'ମାଝୀ ବୈଠକ' କୁହାଯାଏ। ଅନେକ ସମୟରେ ମାଝୀ ବାଇସିରେ ବିବାଦ ସାମଧାନ ହୋଇ ନପାରିଲେ ଏହା 'ପାର୍ଗାନା ବାଇସି'କୁ ଯାଏ ଏବଂ ସେଠାରେ ବିବାଦର ସମାଧାନ ହୋଇଥାଏ। ମାଝୀଙ୍କୁ ସହାୟତା କରିବା ପାଇଁ 'ପାରାନିକ୍', 'ଜଗ୍‌ମାଝି' ପ୍ରମୁଖ ନିଯୁକ୍ତ ହୋଇଥାନ୍ତି। ମାଝୀଙ୍କ ପରେ ପରେ 'ପାରାନିକ୍' ଗ୍ରାମ ସଂଗଠର ଦ୍ୱିତୀୟ ସର୍ବୋଚ୍ଚ ଓ ଦାୟିତ୍ୱବାନ୍ ସଦସ୍ୟ। ମାଝିଙ୍କ ଅନୁପସ୍ଥିତରେ ପାରାନିକ୍ ଗ୍ରାମର ଶାନସ ଦାୟିତ୍ୱ ତୁଲାଇଥାନ୍ତି। ମାଝିଙ୍କ ପରି ପାରାନିକ୍‌ଙ୍କୁ ଗ୍ରାମବାସୀ ନିର୍ବାଚିତ କରିଥାନ୍ତି। 'ଜଗ୍‌ମାଝୀ' ହେଉଛନ୍ତି ମାଝୀ ଓ ପାରାନିକ୍‌ଙ୍କର ପ୍ରମୁଖ ସହଯୋଗୀ ଏବଂ ସେ ଗ୍ରାମର ଯୁବଶକ୍ତିର ନେତୃତ୍ୱ ନେଇଥାନ୍ତି। ସେ ଡାକୁଆ ବା ଟହଲିଆ କାମ କରିଥାନ୍ତି। ଗ୍ରାମ ସଂଠନର ଚତୁର୍ଥ ସମ୍ମାନସ୍ୱଦ ସଦସ୍ୟ ହେଉଛନ୍ତି 'ଗଡ଼େତ୍'। ଜଗ୍‌ମାଝୀଙ୍କ ଭଳି ଗଡ଼େତ୍ ମଧ ମାଝୀ ଓ ପାରାନିକ୍‌ଙ୍କ ସହଯୋଗୀ ଭାବେ ଦାୟିତ୍ୱ ତୁଲାଇଥାନ୍ତି। ଗଡ଼େତ୍ ମଧ୍ୟ ଜଗ୍‌ମାଝୀ ଭଳି ଡାକୁଆ ଟହଲିଆ କାମ କରିଥାନ୍ତି। ଗାଁରେ ସଭାରେ ଉପସ୍ଥିତ ରହିବା ପାଇଁ ଗାଁ ମୁଖିଆ, ମାଝୀଙ୍କ ପକ୍ଷରୁ ଗଡ଼େତ୍ ସମସ୍ତ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରିଥାନ୍ତି। ଏହା ବ୍ୟତୀତ ସାନ୍ତାଳ ଗ୍ରାମ ସଂଗଠନରେ 'ମଣେହଲ' (ପାଞ୍ଚଭାଇ)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗ୍ରାମର ବରିଷ୍ଠ ପାଞ୍ଚଜଣ ବ୍ୟକ୍ତିଙ୍କୁ ମଣେହଲ (ଗାଁ ପାଞ୍ଚଭାଇ) ବୋଲି ଧରାଯାଇଥାଏ। ସାନ୍ତାଳ ଗ୍ରାମ ସଂଗଠନର ଧାର୍ମିକ ମୁଖ୍ୟ ହେଉଛନ୍ତି 'ନାଏକ' (ନାଏକେ)। ସେ ଗାଁ ପୁରୋହିତ ଭାବେ କାମ କରନ୍ତି। ସାନ୍ତାଳମାନଙ୍କ ସମସ୍ତ ପର୍ବପର୍ବାଣିରେ ନାଏକେ ମୁଖ୍ୟ ଭୂମିକା ତୁଲାଇଥାନ୍ତି। ସେହିଭଳି 'କୁଡ଼ାମ୍ ନାଏକେ' (ସହଯୋଗୀ ପୁରୋହିତ) ଧାର୍ମିକ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ସହଯୋଗୀ ।

ଇଂରେଜ ଶାସନ କାଳରେ କେତୋଟି ଗ୍ରାମକୁ ନେଇ ଗୋଟିଏ ଗୋଟିଏ 'ପାର୍ଗାନା' ବା ପ୍ରଗଣା ପ୍ରତିଷ୍ଠା ହୋଇଥିଲା। ଗ୍ରାମର ମୁଖିଆ 'ମାଝୀ' ଥିଲାବେଳେ 'ପାର୍ଗାନା'ରେ ପାର୍ଗାନା ଅଧିକାରୀ ମୁଖ୍ୟ ଥିଲେ। ମାଝୀମାନେ ଗାଁ ଭିତରରର ବିବାଦ ସମାଧାନ କରୁଥିବାବେଳେ ପ୍ରଗଣା ଅଧିକାରୀ ଅନ୍ତଃଗ୍ରାମ ବିବାଦର ସମାଧାନ କରୁଥିଲେ।

**କୁହ୍ଲିଦୁଳୁବ୍(ଦାଣ୍ଡ ଦରବାର):** ସାନ୍ତାଳ ସମାଜରେ ବିପଦ ଆପଦ,ପୂଜା, ପର୍ବ ଉତ୍ସବ ଅନୁଷ୍ଠାନବେଳେ କୁହ୍ଲିଦୁଳୁବ୍ ଅନୁଷ୍ଠିତ ହୋଇଥାଏ। ମାଝିଙ୍କ ନିର୍ଦ୍ଦେଶକ୍ରମେ ଗଡ଼େତ୍ ଗ୍ରାମର ସମସ୍ତଙ୍କ ଘରକୁ ଯାଇ ଦରବାର ବସିବ ବୋଲି ଜଣାଇ ଦିଅନ୍ତି। କେତେକ ଗ୍ରାମରେ ଏହି କାମ ଜଗ୍‌ମାଝୀ କରିଥାନ୍ତି। 'କୁହ୍ଲିଦୁଳୁବ୍' ସାନ୍ତାଳ ଗ୍ରାମ ସଂଗଠନର ନିମ୍ନ ଅଦାଲତ ଭାବେ ବିଚାର କରାଯାଇଥାଏ। ଏଥିରେ କୌଣସି ପାତରଅନ୍ତର କରାଯାଇ ନଥାଏ । ମାଝି ଓ ଗ୍ରାମ ସଂଗଠନ ଜରିଆରେ ଦୋଷୀକୁ ଉଚିତ୍ ଦଣ୍ଡ ପ୍ରଦାନ କରାଯାଇଥାଏ । ମାତ୍ର ଆଜିର ଦିନରେ ସାନ୍ତାଳମାନଙ୍କର ଏହି ପାରମ୍ପରିକ ଗ୍ରାମ ସଂଗଠନ ନିଜର ଗୁରୁତ୍ୱ ହରାଇଲାଣି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଗ୍ରାମର ମୁଖିଆ ଦାୟିତ୍ୱ ତୁଲାଇଛନ୍ତି। ମାତ୍ର ନାଏକେ ଏବଂ କୁଡାମ ନାଏକେଙ୍କ ଗୁରୁତ୍ୱ ଆଜିର ଦିନରେ ବଳବର ରହିଛି।

### ପାହାଡ଼ି ଖଡ଼ିଆ ଗ୍ରାମ ସଂଗଠନ

ପାହାଡ଼ି ଖଡ଼ିଆମାନେ ବିଶେଷକରି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାର୍ବତ୍ୟାଞ୍ଚଳରେ ଦେଖା ଯାଆନ୍ତି। ଓଡ଼ିଶାରେ ବସବାସ କରୁଥିବା ୧୩ଟି ଆଦିମ ଜନଜାତି ଗୋଷ୍ଠୀ ମଧ୍ୟରୁ ପାହାଡ଼ି ଖଡ଼ିଆ ହେଉଛନ୍ତି ଅନ୍ୟତମ ପ୍ରମୁଖ ଜନଜାତି। ଏମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ବେଶ୍ ସଂଗଠିତ ଓ ଶୃଙ୍ଖଳିତ। ପାହାଡ଼ି ଖଡ଼ିଆମାନେ ବିଚାର କରନ୍ତି ଯେ, ଈଶ୍ୱର ସର୍ବଶକ୍ତିମାନ ଏବଂ ସେମାନଙ୍କର ଭାଗ୍ୟ ବିଧାତା। ଈଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ସବୁକିଛି ପରିଚାଳିତ ହୋଇଥାଏ ବୋଲି ସେମାନେ ବିଚାରନ୍ତି।

ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରତି ପାହାଡ଼ି ଖଡ଼ିଆ ଗ୍ରାମରେ ଗୋଟିଏ ଗ୍ରାମସଭା ଗଠିତ ହୋଇଥାଏ। ଏଥିରେ ଜଣେ ସଭାପତି (ଗାଁ ମୁଖିଆ), ଜଣେ ସମ୍ପାଦକ (ଲେମ୍ବର), ଜଣେ ଛାଟିଆ (ଡାକୁଆ) ସଦସ୍ୟ ଭାବେ ରହନ୍ତି। ଏମାନେ ସମସ୍ତେ ଗ୍ରାମବାସୀଙ୍କ ଦ୍ୱାରା ପାଞ୍ଚ ବର୍ଷ ପାଇଁ ମନୋନୀତ ହୋଇଥାନ୍ତି। ଗ୍ରାମସଭାର ଦ୍ୱିତୀୟ ମୁଖ୍ୟ ସଦସ୍ୟ ହେଉଛନ୍ତି 'ଲେମ୍ବର' ଏବଂ ସେ ସଭାପତିଙ୍କ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରନ୍ତି। ସଭାପତିଙ୍କ ଅନୁପସ୍ଥିତିରେ ସେ ଗ୍ରାମସଭାର ସଭାପତିତ୍ୱ କରନ୍ତି। ମାତ୍ର 'ଛାଟିଆ'ର କାର୍ଯ୍ୟ ବହୁମୁଖୀ ହୋଇଥାଏ। ଗାଁରେ କୌଣସି ବିବାଦ ଦେଖାଦେଲେ ଏହାର

ସମାଧାନ ପାଇଁ ଗାଁ ମୁଖିଆ ଏକ ବୈଠକ ଡାକନ୍ତି । ଗ୍ରାମସଭାରେ ପ୍ରତି ପରିବାରର ମୁଖ୍ୟମାନେ ଅଂଶଗ୍ରହଣ କରିଥାନ୍ତି। ଛାଟିଆ ଘରଘର ବୁଲି ଗ୍ରାମବାସୀଙ୍କୁ ସଭାସ୍ଥଳରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ ଦେଇ ଆସନ୍ତି ।

ପାହାଡ଼ି ଖଡ଼ିଆ ଗ୍ରାମସଭାରେ ବ୍ୟକ୍ତିଗତ,ପାରିବାରିକ ତଥା ଗାଁର ସବୁପ୍ରକାର ବିଚାର ଓ ଆଲୋଚନା ହୋଇଥାଏ। ଗ୍ରାମସଭା ବସିବାକୁ କୌଣସି ସ୍ୱତନ୍ତ୍ର ସଭାଗୃହ ନଥିଲେ ମଧ୍ୟ ଖୋଲାପଡ଼ିଆ କିମ୍ବା ଗଛମୂଳେ ଆୟୋଜନ କରାଯାଇଥାଏ। ମାମଲାର ଗୁରୁତ୍ୱ ଅନୁସାରେ ଦୋଷୀଙ୍କୁ ଦଣ୍ଡ ପ୍ରଦାନ କରାଯାଇଥାଏ। ମାତ୍ର ଆଜିର ଦିନରେ ଖଡ଼ିଆ ଗୋଷ୍ଠୀର ଗ୍ରାମସଭା କିଛି ମାତ୍ରାରେ ଗୁରୁତ୍ୱ ହରାଇଛି। ଆଗରୁ ପାହାଡ଼ି ଖଡ଼ିଆ ଲୋକ ଗ୍ରାମସଭାର ନିଷ୍ପତ୍ତିକୁ ଦେବଦେବୀଙ୍କ ଆଦେଶ ଭଳି ଗ୍ରହଣ କରୁଥିଲେ। ସଭାପତି, ଲେମ୍ବର ଓ ଛାଟିଆଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରୁଥିଲେ। ସମସ୍ତ ପ୍ରକାର ଦଣ୍ଡକୁ ବିନା ପ୍ରତିବାଦରେ ଗ୍ରହଣ କରୁଥିଲେ। ମାତ୍ର ଯୁଗ ବଦଳିଛି । ଆଜି ପାହାଡ଼ି ଖଡ଼ିଆମାନେ ଏହି ଗ୍ରାମସଭାର ବିଚାରକୁ ସେତେଟା ଗୁରୁତ୍ୱ ଦେଉଥିବାର ମନେ ହୁଏନାହିଁ । ଆଜିକାଲି ଅଧିକାଂଶ ମାମଲା ଥାନା, କୋର୍ଟ କଚେରୀକୁ ଆସିଲାଣି ।

ଗାଁରେ ଜଣେ ଧାର୍ମିକ ମୁଖ୍ୟ ଥାଆନ୍ତି ତାଙ୍କୁ 'ଦେହୁରୀ' (ପୁରୋହିତ) କୁହାଯାଏ। ସେ ଗ୍ରାମର ପୂଜାକାର୍ଯ୍ୟ ସମେତ ଦେବଦେବୀଙ୍କୁ ସନ୍ତୁଷ୍ଟ କରିଥାନ୍ତି। ଏହାବ୍ୟତୀତ ପାହାଡ଼ି ଖଡ଼ିଆ ଗ୍ରାମ ସଂଗଠନରେ ଜଣେ ଜଣେ ଦିସାରୀ ଓ ଗୁଣିଆ ମଧ୍ୟ ଥାଆନ୍ତି। ଦିସାରୀ ଗ୍ରହ ନକ୍ଷତ୍ର ଗଣନା କରି ଆଗତଭବିଷ୍ୟ କହୁଥିବା ବେଳେ ଗୁଣିଆ ଗୁଣିଗାରେଡ଼ି କାମ ତୁଲାଇଥାନ୍ତି।

### ଡିଡାୟୀ ଗ୍ରାମ ସଂଗଠନ

ଓଡ଼ିଶାର ସ୍ୱଳ୍ପ ପରିଚିତ ଆଦିମ ଜନଜାତି ଗୋଷ୍ଠୀ ମଧ୍ୟରୁ ଡିଡାୟୀ ଅନ୍ୟତମ। ଏମାନେ ମାଲକାନ୍‌ଗିରି ଜିଲ୍ଲାର କୁଡ଼ୁମୁଲୁଗୁମ୍ମା ବ୍ଲକ୍‌ର କୋଣ୍ଡାକାମ୍ବେରୁ ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି। କୋଣ୍ଡାକାମ୍ବେରୁରେ ଯେମିତି ଅଗ୍ନିବର୍ଷୀ ଗରମ ହୁଏ ଅନୁରୂପ ଶୀତଦିନେ ହାଡ଼ଥରା ଜାଡ଼ ଅନୁଭବ ହୋଇଥାଏ। ଏହାକୁ 'ଏକ୍ସଟ୍ରିମ୍ କ୍ଲାଇମେଟ୍' ବୋଲି କୁହାଯାଇଥାଏ। ମାଛକୁଣ୍ଡ ନଦୀ ଉପରେ ବାଲିମେଳା ନଦୀବନ୍ଧ ପ୍ରକଳ୍ପ ଫଳରେ ଏହି ପ୍ରାଚୀନତମ ଜନଜାତି ଏକ ପ୍ରକାର ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି କହିଲେ ଠିକ୍ ହେବ। ମାତ୍ର ପ୍ରକୃତି କୋଳରେ ବଢ଼ୁଥିବା ଓ ବଂଚୁଥିବା ଏହି ଅନ୍ୟତମ ଜନଜାତିଙ୍କର ଆଧୁନିକ ମଣିଷ ଭଳି ସେତେଟା ଦୁଃଖ ଓ ସମସ୍ୟା ନଥାଏ। ସେମାନେ ଖୁବ୍ ଶୃଙ୍ଖଳିତ ଜନଜାତି ଏବଂ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନ ମଧ୍ୟ ଖୁବ୍ ସମୃଦ୍ଧ ଓ ସଂଗଠିତ।

ଡିଡାୟୀମାନଙ୍କ ଗ୍ରାମ ସଂଗଠନରେ 'ଇଙ୍ଗିରେସାଙ୍ଗ' (ଧାଙ୍ଗଡ଼ାବସା) ଏବଂ 'ସେଲାସାଙ୍ଗ' (ଧାଙ୍ଗିଡ଼ିବସା)ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇଟି ଯୁବ ଅନୁଷ୍ଠାନ ମାଧ୍ୟମରେ ଡିଡାୟୀ ଯୁବଗୋଷ୍ଠୀଙ୍କୁ ସାମାଜିକ ସଂସ୍କାର, ଆର୍ଥିକ ଆତ୍ମନିର୍ଭରଶୀଳତା, ଗୁରୁଜନମାନଙ୍କୁ ଭକ୍ତି ପ୍ରଦର୍ଶନ, ଶିକ୍ଷା, ସଂସ୍କୃତି ଓ ସାଥୀଚୟନର ଶିକ୍ଷା ମିଳିଥାଏ।

ଡିଡାୟୀ ଝିଅମାନେ ପୁଅମାନଙ୍କ ତୁଳନାରେ ଶୀଘ୍ର ବୟସ୍କା ହୋଇଥାନ୍ତି। ଏହାର କାରଣ ସେଠାକାର ଭୌଗୋଳିକ ଅବସ୍ଥିତି। କୋଣ୍ଡାକାମ୍ବେରୁରେ କେବଳ ଶୀତଦିନକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମୟରେ ପ୍ରବଳ ଗ୍ରୀଷ୍ମ ଅନୁଭବ ହୋଇଥାଏ। ଏଠାରେ କାହିଁକି ଏତେ ଗ୍ରୀଷ୍ମ ଅନୁଭୂତ ହୋଇଥାଏ, ଏନେଇ ଆଜିଯାଏ କୌଣସି ସନ୍ତୋଷଜନକ ଗବେଷଣା ହୋଇନାହିଁ। ଏହି କାରଣରୁ ବୋଧହୁଏ ଡିଡାୟୀ ଯୁବତୀଙ୍କ ଶାରୀରିକ ଅବସ୍ଥା ପ୍ରଭାବିତ ହୋଇଥାଏ ବୋଲି କୁହାଯାଏ। ଯୁବତୀମାନଙ୍କୁ ୧୨-୧୩ ବର୍ଷ ହୋଇଗଲେ ସେମାନେ ନିଜ ଘରେ ନ ଶୋଇ 'ସେଲାସାଙ୍ଗ'ରେ ସାମୂହିକ ରାତ୍ରୀଯାପନ କରନ୍ତି ଓ ବିବାହ ପରେ ଆଉ ସେଲାସାଂଗକୁ ଆସନ୍ତି ନାହିଁ। ସେଲାସାଂଗରେ ଝିଅମାନଙ୍କୁ ରନ୍ଧାବଢ଼ା ପଦ୍ଧତି, ନୈତିକ ଶିକ୍ଷା ଓ କଟକଣା ଆଦି ଶିକ୍ଷା ଦିଆଯାଇଥାଏ। ସେହିଭଳି ଯୁବକମାନେ 'ଇଙ୍ଗିରେସାଙ୍ଗ'ରେ କର୍ମନିଷ୍ଠତା ଓ କର୍ତ୍ତବ୍ୟପରାୟଣତା ସମ୍ପର୍କରେ ଶିକ୍ଷା ପାଇଥାନ୍ତି।

ଅନ୍ୟ ଜନଜାତିଙ୍କ ଭଳି ଡିଡାୟୀମାନଙ୍କ ଗ୍ରାମ ସଂଗଠନ ବେଶ୍ ଶୃଙ୍ଖଳିତ ଓ ସଂଗଠନର ମୁଖ୍ୟ ହେଉଛନ୍ତି 'ନାୟକ'। ସେ ଗ୍ରାମର ଭଲମନ୍ଦ ବୁଝିଥାନ୍ତି। ତାଙ୍କୁ କାମରେ ସହଯୋଗ କରିବା ପାଇଁ ଜଣେ ଜଣେ 'ଚାଲାଣ' ନିଯୁକ୍ତ ହୋଇଥାନ୍ତି। ଚୋରି, ଡକାୟତ, ହତ୍ୟାକାଣ୍ଡ, ଛାଡ଼ପତ୍ର ଓ ଅନ୍ୟାନ୍ୟ ଦୁଷ୍କର୍ମର ମାମଲାରୁ ସମାଧାନ ଗ୍ରାମ ସଂଗଠନ ଜରିଆରେ ହୋଇଥାଏ। ଡିଡାୟୀ ଗ୍ରାମ ସଂଗଠନରେ ଗୁଣିଆ ଓ ଦିସାରିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଏହାସହିତ ଧାର୍ମିକ ବ୍ୟବସ୍ଥାର ତଦାରଖ ପାଇଁ ଜଣେ ମୁଖିଆ ଥାନ୍ତି। ସେ ହେଉଛନ୍ତି ପୂଜାରୀ। ଗ୍ରାମର ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟ ପୂଜାରୀ ତୁଲେଇଥାନ୍ତି। ମାତ୍ର ଆଜିର ଦିନରେ ଏହି ପାରମ୍ପରିକ ଗ୍ରାମ ସଂଗଠନ କିଛିମାତ୍ରାରେ ପ୍ରଭାବିତ ହୋଇଛି। ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ଼ମେମ୍ବର, ସରପଞ୍ଚମାନେ ଏବେ

ଗ୍ରାମ ସଂଗଠନର ଛାମୁଆ ନେତା ପାଲଟିଛନ୍ତି । ମାତ୍ର ପୁରୁଣା ଗ୍ରାମ ସଂଗଠନରେ ଗ୍ରାମବାସୀଙ୍କ ମଧ୍ୟରେ ଯେଉଁଭଳି ଆତ୍ମୀୟତା ଓ ଗ୍ରହଣୀୟତା ଥିଲା, ତାହା ଆଜିର ଶାସନ ବ୍ୟବସ୍ଥାରେ ଦେଖିବାକୁ ମିଳେନାହିଁ ।

### ମାଙ୍କିଡ଼ିଆ ଗ୍ରାମ ସଂଗଠନ

ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଳାହାଣ୍ଡି, ସମ୍ବଲପୁର ଜିଲ୍ଲାରେ ଏହି ମାଙ୍କିଡ଼ିଆ ଆଦିମ ଜନଜାତିର ଲୋକେ ବସବାସ କରନ୍ତି । ମାଙ୍କିଡ଼ିଆମାନେ ବିର୍‌ହର ଗୋଷ୍ଠୀ ଅନ୍ତର୍ଭୁକ୍ତ ଅନ୍ୟତମ ଅର୍ଦ୍ଧ ଯାଯାବର ଜନଜାତି । ଏମାନେ ଅସ୍ଥାୟୀ ଭାବେ ତାଳପତ୍ରରେ ଯେଉଁ ବସତି ନିର୍ମାଣ କରିଥାନ୍ତି ତାହାକୁ 'ଟାଣ୍ଡା' କୁହାଯାଏ । ମାଙ୍କିଡ଼ିଆମାନେ ମୁଖ୍ୟତଃ ଶିକାରୀ ଗୋଷ୍ଠୀ ଭାବେ ପରିଚିତ । ଏମାନେ ମାଙ୍କଡ଼ ଧରିବା ସାଙ୍ଗକୁ ଶିଆଳି ଲଟାର ଦଉଡ଼ି ବୁଣି ଜୀବିକା ନିର୍ବାହ କରିଥାନ୍ତି । ସୃଷ୍ଟିର ଆରମ୍ଭକୁ ନେଇ ମାଙ୍କିଡ଼ିଆ ସମାଜରେ ଏକ ଚମତ୍କାର କିମ୍ବଦନ୍ତୀ ରହିଛି । ମାଙ୍କିଡ଼ିଆମାନେ ନିଜକୁ ସୃଷ୍ଟିର ପ୍ରଥମ ପୁରୁଷ 'ଲାକ୍ରା' ଏବଂ ପ୍ରଥମ ନାରୀ 'ସାନି'ଙ୍କ ବଂଶଧର ବୋଲି ବିଶ୍ୱାସ କରନ୍ତି ।

ମାଙ୍କିଡ଼ିଆ ଗ୍ରାମ ସଂଗଠନରେ 'ଧିଙ୍ଗାଲା ଗିତିଡ୍' (ଯୁବ ଶୟନାଗାର) ଏବଂ 'କୁଳିଦୁପୁନ୍ ଗିତିଡ୍' (ଯୁବତୀ ଶୟନାଗାର)ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମାତ୍ର ଆଜିର ଦିନରେ ଅଧିକାଂଶ ମାଙ୍କିଡ଼ିଆ ଗ୍ରାମରେ 'କୁଳିଦୁପୁନ୍ ଗିତିଡ୍' (ଯୁବତୀ ଶୟନାଗାର) ଦେଖିବାକୁ ମିଳେନାହିଁ । ଏହିସବୁ ଯୁବ ଅନୁଷ୍ଠାନ ଜରିଆରେ ଯୁବକ, ଯୁବତୀମାନେ ଶୃଙ୍ଖଳିତ ଜୀବନ ସମ୍ପର୍କରେ ପ୍ରଶିକ୍ଷଣ ଲାଭ କରିଥାନ୍ତି । ଗ୍ରାମକୁ କେହି ଅତିଥି ଅଭ୍ୟାଗତ ଆସିଲେ ସେମାନେ ଏହି ଯୁବ ଅନୁଷ୍ଠାନରେ ରହିଥାନ୍ତି । ଏହି ଅନୁଷ୍ଠାନ ଗ୍ରାମର ଏକ ପ୍ରମୁଖ ଅବସର ବିନୋଦନ କେନ୍ଦ୍ରର ଭୂମିକା ଗ୍ରହଣ କରିଥାଏ ।

ଯୁବ ଶୟନାଗାର ମୁଖ୍ୟତଃ ରାତ୍ରୀଯାପନ ପାଇଁ ଉଦ୍ଦିଷ୍ଟ ଥିଲେ ହେଁ ଆବଶ୍ୟକ ସ୍ଥଳେ ଅନ୍ୟାନ୍ୟ କାର୍ଯ୍ୟରେ ଏହାର ବିନିଯୋଗ ହୋଇଥାଏ । ଗ୍ରାମର ଯେକୌଣସି ସମସ୍ୟା ଏବଂ ପ୍ରସଙ୍ଗରେ ଏଠାରେ ଗ୍ରାମସଭା ବସିଥାଏ । ସମାଜକୁ ଶୃଙ୍ଖଳିତ ତଥା ସୁପରିଚାଳନା କରିବା ନିମନ୍ତେ ମାଙ୍କିଡ଼ିଆମାନଙ୍କ ଯୁବ ଶୟନାଗାରର ଭୂମିକା ଉଲ୍ଲେଖନୀୟ । ଗ୍ରାମର ସୁରକ୍ଷା ଦିଗରେ ମଧ୍ୟ ଏହି ଯୁବ ଅନୁଷ୍ଠାନର ଏକ ଗୁରୁ ଦାୟିତ୍ୱ ରହିଥାଏ ।

ମାଙ୍କିଡ଼ିଆ ସାମାଜିକ ଜୀବନରେ ପାରମ୍ପରିକ ଗ୍ରାମସଭା (ଦରବାର)ର ମୁଖ୍ୟ ଭୂମିକା ରହିଛି । ମାଙ୍କିଡ଼ିଆ ଗ୍ରାମ ସଂଗଠନର ମୁଖ୍ୟ ହେଉଛନ୍ତି 'ଦେରିବୁଢ଼ା' ବା ସଭାପତି । ସେ ଗ୍ରାମର ସମସ୍ତ ସମସ୍ୟା, ଦୁଃଖସୁଖ, ହାନିଲାଭ ବୁଝନ୍ତି । ଗ୍ରାମସଭାର ସେ ମଧ୍ୟ ମୁଖ୍ୟ ବିଚାରପତିର ଦାୟିତ୍ୱ ତୁଲାଇଥାନ୍ତି । ଦେରିବୁଢ଼ାକୁ ସହାୟତା କରିବା ପାଇଁ 'ନାଏକେ' (ଉପସଭାପତି) ଏବଂ 'ଗଡ଼େତ୍' (ଡାକୁଆ) ଥାନ୍ତି । ଏହି ତିନି ମୁଖ୍ୟଙ୍କ ସମତେ ମୁଦେଇ, ମୁଦାଲା ଓ ଗ୍ରାମବାସୀମାନଙ୍କ ଉପସ୍ଥିତିରେ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥାଏ । ଏହାଛଡ଼ା ଗ୍ରାମ ସଂଗଠନରେ ଧାର୍ମିକ ବ୍ୟବସ୍ଥା ତଦାରଖ ପାଇଁ ଆଉ ଜଣେ ଧାର୍ମିକ ମୁଖିଆ ଥା'ନ୍ତି । ତାଙ୍କୁ 'ଆଖଡ଼ାଣି' (ପୂଜକ) କହନ୍ତି । ସେ ଗ୍ରାମର ସମସ୍ତ ସାମୂହିକ ପୂଜାପାର୍ବଣ, ସାପ୍ତାହୀକ ପୂଜାପାଠ, ମନ୍ତ୍ରତନ୍ତ୍ର, ଡାଆଣୀ–ଭୂତ ଝଡ଼ାଫୁଙ୍କା, ମାଘବଙ୍ଗା, କରମା ପୂଜା ଆଦି ତୁଲେଇ ଥା'ନ୍ତି ।

ଗ୍ରାମସଭାର ସମସ୍ତ ବୈଠକ ଦେରିବୁଢ଼ାଙ୍କ ପୌରହିତ୍ୟରେ ହୋଇଥାଏ । ବୈଠକ ବସିବା ପୂର୍ବରୁ ଗଡ଼େତ୍ (ଡାକୁଆ) ଘରଘର ବୁଲି ଗୃହକର୍ତ୍ତାମାନଙ୍କୁ ଖବର ଦିଅନ୍ତି । ଯୁବ ଶୟନାଗାର ସମ୍ମୁଖରେ ସଭା ବସେ । ବିଶେଷକରି ଏହି ଗ୍ରାମସଭାରେ ସ୍ୱାମୀ–ସ୍ତ୍ରୀ ମଧ୍ୟରେ କଳହ, ପରକିୟା ପ୍ରୀତି, ପିତା–ପୁତ୍ର ଗଣ୍ଡଗୋଳ, ଭାଇ–ଭାଇ ବିବାଦ, ଚୋରି, ଡକାୟତି, ହତ୍ୟାକାଣ୍ଡ ମାମଲାର ବିଚାର ହୋଇଥାଏ । ଦୋଷୀଙ୍କଠାରୁ ଆର୍ଥିକ ଦଣ୍ଡ ବା ଜୋରିମାନା ବାବଦକୁ ଦୁଇ ଶେର ଚାଉଳ, ହାଣ୍ଡିଆ(ଇଲି), କୁକୁଡ଼ା କିମ୍ବା ଛେଳି ଆଦାୟ କରାଯାଇଥାଏ । ମାଙ୍କିଡ଼ିଆ ସମାଜରେ ଶ୍ରମଦାନର ଅଦଳବଦଳ ବ୍ୟବସ୍ଥା ରହିଛି । ଏହି ଶ୍ରମଦାନକୁ 'ପାଞ୍ଚହଲ୍' କୁହାଯାଇଥାଏ । ଧରାଯାଉ ଜଣଙ୍କର ଘର ନିର୍ମାଣ ହେବ, ସେତେବେଳେ ଅନ୍ୟ ମାଙ୍କିଡ଼ିଆମାନେ ବିନା ପାରିଶ୍ରମିକରେ ଉକ୍ତ ଲୋକଟିର ଘର ନିର୍ମାଣରେ ଶ୍ରମଦାନ କରିଥା'ନ୍ତି ।

### ଗଣ୍ଡ ଗ୍ରାମ ସଂଗଠନ

ଗଣ୍ଡ ସମ୍ପ୍ରଦାୟର ଆଦିବାସୀମାନେ ଓଡ଼ିଶାର ଅଭିଭକ୍ତ କୋରାପୁଟ, କଳାହାଣ୍ଡି, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରନ୍ତି । ନବରଙ୍ଗପୁର ଜିଲ୍ଲାର ରାଇଘର, ଉମରକୋଟ, କୋଷାଗୁମୁଡ଼ା, ଝରିଗାଁ ଏବଂ କୋରାପୁଟ ଜିଲ୍ଲାର କୋଟପାଡ଼, ବୋରିଗୁମ୍ମା ବ୍ଲକରେ ଏମାନଙ୍କ ସଂଖ୍ୟା ସର୍ବାଧିକ । ଗଣ୍ଡମାନଙ୍କ ସାମାଜିକ ଜୀବନରେ 'ଗୋଟୁଲ୍' (ଯୁବାଗୃହ)ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଗୋଣ୍ଡି ଭାଷାର ଶବ୍ଦକୋଷରୁ ଜଣାଯାଏ, 'ଗୋ' ଶବ୍ଦର ଅର୍ଥ ଦେବତା ଏବଂ 'ଟୁଲ୍' ଶବ୍ଦର ଅର୍ଥ ସ୍ଥାନ । ଅର୍ଥାତ୍ ଯେଉଁ

ଅନୁଷ୍ଠାନରେ ଦେବତାମାନେ ବାସ କରନ୍ତି ତାହା ଗୋଟୁଲ୍। ଗଣ୍ଡ ଗ୍ରାମର ମଧ୍ୟସ୍ଥଳରେ ଗୋଟୁଲ୍ ନିର୍ମିତ ହୋଇଥାଏ। କେତେକ ଗୋଟୁଲ୍‌ରେ କାନ୍ଥ ଦିଆଯାଇଥିବାବେଳେ ଆଉ କିଛି ଗୋଟୁଲ୍‌ରେ କାନ୍ଥ ନଥାଏ। ଗୋଟୁଲ୍ ହେଉଛି ଗଣ୍ଡ ସାମାଜିକ ବ୍ୟବସ୍ଥାର ପ୍ରାଣକେନ୍ଦ୍ର। ଏଠାରେ ଅବିବାହିତ ଯୁବକ, ଯୁବତୀମାନେ ବିଶ୍ରାମ ନେବା ସହିତ ନାନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମୋଟ ଉପରେ ଏହା ଏକ ଅବସର ବିନୋଦନ କେନ୍ଦ୍ର ଭାବେ ପରିଚିତ। ଏହିଠାରୁ ଯୁବବର୍ଗ ସ୍ନେହ, ଶ୍ରଦ୍ଧା, ପାରସ୍ପରିକ ସହଯୋଗ, ଗୁରୁଜନମାନଙ୍କୁ ଭକ୍ତି କରିବା ଆଦି ସାମାଜିକ ଦାୟିତ୍ୱବୋଧ ଶିକ୍ଷାଲାଭ କରିଥାନ୍ତି। ଗ୍ରାମକୁ ବହିରାଗତ ଅତିଥି ଆସିଲେ ସେମାନଙ୍କୁ ଏହି ଗୋଟୁଲରେ ରହିବାକୁ ହୋଇଥାଏ। ଗଣ୍ଡମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ସର୍ବାଧିକ ପ୍ରଭାବିତ କରୁଥିବା ଏହି ଗୋଟୁଲ୍ ଅନେକ ଗ୍ରାମରେ ଆଉ ଦେଖିବାକୁ ମିଳୁନାହିଁ। ଗଣ୍ଡ ଗ୍ରାମ ସଂଗଠନରେ 'ମାଝୀ' ହେଉଛନ୍ତି ଗାଁର ପ୍ରଶାସନିକ ମୁଖ୍ୟ। ମାଝୀଙ୍କ ନେତୃତ୍ୱରେ ଗାଁର ସମସ୍ତ ପ୍ରକାର ବିବାଦର ସମାଧାନ ହୋଇଥାଏ। ମାଝୀଙ୍କୁ ସହଯୋଗ କରିବାପାଇଁ ଚାଲାଣ୍,ଦିସାରି ଓ ଅନ୍ୟାନ୍ୟ ପାରିଷଦବର୍ଗ ରହିଥାଏ।

**ବଣ୍ଡା ଗ୍ରାମ ସଂଗଠନ**

ଓଡ଼ିଶାରେ ବସବାସ କରୁଥିବା ୧୩ଟି ଆଦିମ ଜନଜାତିଙ୍କ ମଧ୍ୟରୁ ବଣ୍ଡାମାନେ ଏକ ସର୍ବପୁରାତନ ଜନଜାତି ଗୋଷ୍ଠୀ। ଏମାନେ ମାଲ୍‌କାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍‌ର ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି। ବଣ୍ଡାମାନେ ନିଜକୁ 'ରେମୋ' (ମଣିଷ) ଭାବେ ପରିଚୟ ଦେଇଥାନ୍ତି। ବଣ୍ଡାମାନେ ବର୍ବର ଓ ହିଂସ୍ର ସ୍ୱଭାବର ହେଲେ ମଧ୍ୟ ସେମାନଙ୍କ ସାମାଜିକ ଜୀବନ ଖୁବ୍ ଶୃଙ୍ଖଳିତ। 'ସେଲାନିଡ଼ିଙ୍ଗୋ' (ଧାଙ୍ଗିଡ଼ିବସା) ବଣ୍ଡା ଗ୍ରାମ ସଂଗଠନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଯୁବ ଅନୁଷ୍ଠାନ। ଏଥିରେ ଗ୍ରାମର ଯୁବତୀମାନେ ଅବସର ବିନୋଦନ କରିବା ସହିତ ନାଚଗୀତ, କଥା, ଗପ, ଢ଼ଗଢ଼ମାଳି ମାଧ୍ୟମରେ ଜୀବନକୁ ଉପଭୋଗ କରିଥାନ୍ତି। ଏହା ସାଙ୍ଗକୁ ସେଲାନିଡିଙ୍ଗୋରେ ବଣ୍ଡା ଯୁବତୀମାନେ ମାଳି ତିଆରି, ରିଙ୍ଗା ବୁଣିବା, ତୁରାବୁ ଓ ଷଇଣ୍ଡା ଆଦି ତିଆରି କରନ୍ତି। ଏହା ବ୍ୟତୀତ ସେଲାନିଡ଼ିଙ୍ଗୋର ଅନ୍ୟ ଏକ ଆକର୍ଷଣ ରହିଛି। ଏଠାକୁ ରାତିରେ ଅନ୍ୟ ଗ୍ରାମର ଯୁବକ (ଭିନ୍ନ ଗୋତ୍ରର)ମାନେ ଆସି ଏହି ଯୁବତୀମାନଙ୍କ ସହ ପ୍ରେମ ଓ ଭାବର ଆଦାନପ୍ରଦାନ କରନ୍ତି। ଏଇଠୁ ହିଁ ବଣ୍ଡା ଯୁବକ ଯୁବତୀ (ଭିନ୍ନ ଗୋତ୍ରୀ)ଙ୍କ ମଧ୍ୟରେ ପ୍ରେମର ମଞ୍ଜି ବୁଣାଯାଏ ଓ ପ୍ରଣୟର ଅଙ୍କୁରୋଦ୍‌ଗମ୍ ହୋଇଥାଏ। ଏହାପରେ ଏହି ପ୍ରଣୟ ବିବାହର ରୂପ ନେଇଥାଏ। ଏଣୁ ବଣ୍ଡା ସାମାଜିକ ଜୀବନରେ ସେଲାନିଡ଼ିଙ୍ଗୋର ଏକ ମହତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି କୁହାଯାଇପାରେ। ସେହିଭଳି ବଣ୍ଡା ଯୁବକମାନଙ୍କ ଗୃହକୁ 'ଇଙ୍ଗରସେନ୍' କୁହାଯାଏ। ଇଙ୍ଗରସେନ୍ ହିଁ ପ୍ରକୃତରେ ବଣ୍ଡା ଗ୍ରାମ ସଂଗଠନର ସାମାଜିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର କହିଲେ ଠିକ୍ ହେବ। ଏଠାରେ ଗ୍ରାମର ସମସ୍ତ ଯବକମାନେ ରାତ୍ରୀ କଟାଇବା ସହ ଅବସର ବିନୋଦନ କରିଥାନ୍ତି। ପ୍ରତିଦିନ ସଞ୍ଜ ନଇଁ ଆସିଲେ ଏଠାରେ ବଣ୍ଡା ଯୁବକ,ଯୁବତୀ (ଭିନ୍ନଗୋତ୍ରୀ)ମାନେ ମିଳିତ ହୁଅନ୍ତି ଏବଂ ବିଳମ୍ବିତ ରାତ୍ରୀ ଯାଏ ନୃତ୍ୟଗୀତର ଆସର ଜମେ।

ବଣ୍ଡାମାନଙ୍କ ଗ୍ରାମ ସଂଗଠନ ମଧ୍ୟ ଖୁବ୍ ସଂଗଠିତ ଓ ଶୃଙ୍ଖଳିତ। ବଣ୍ଡାମାନଙ୍କର ଗାଁ ମୁଖିଆଙ୍କୁ 'ନାୟକ' କୁହାଯାଇଥାଏ ଏବଂ ନାୟକଙ୍କ ନେତୃତ୍ୱରେ ସେମାନଙ୍କ ଗ୍ରାମସଭା ସ୍ଥଳୀ ବା 'ସିନ୍ଦିବୋର'ଠାରେ ସଭା ବସିଥାଏ। 'ସିନ୍ଦିବୋର' ପ୍ରକୃତରେ ବଣ୍ଡା ଗ୍ରାମ୍ୟ ପ୍ରାଶାସନିକ ବ୍ୟବସ୍ଥାର ସର୍ବୋଚ୍ଚ ଅନୁଷ୍ଠାନ। ଏହା ପଥରରେ ନିର୍ମିତ ଏକ ଉଚ୍ଚା ପିଣ୍ଡି। ବଣ୍ଡା ଗ୍ରାମର ଶେଷ ଭାଗରେ କୌଣସି ଏକ ବିଶାଳ ଗଛମୂଳରେ ପଥର ଉପରେ ପଥର ରଖି ସୁନ୍ଦର ଭାବେ ଏକ ଉଚ୍ଚ ପିଣ୍ଡି ନିର୍ମାଣ କରାଯାଇଥାଏ। ଏହାକୁ ସିନ୍ଦିବୋର କୁହାଯାଏ। ଏହି ସିନ୍ଦିବୋର ବଣ୍ଡା ସମାଜର ଏକ ପବିତ୍ର ସ୍ଥଳ ଭାବେ ଜଣାଶୁଣା। ଏଠାରେ 'ବୁର୍‌ସଙ୍ଗ' ଦେବତା ପୂଜା ପାଇଥାନ୍ତି। ବୁର୍‌ସଙ୍ଗ ଦେବତାଙ୍କ ନାମ ସ୍ମରଣ କରି ନାୟକଙ୍କ ନେତୃତ୍ୱରେ ଏଠାରେ ଗ୍ରାମସଭା ଆରମ୍ଭ ହୁଏ। ପୁରୁଷ ଓ ମହିଳା ସମସ୍ତେ ଏହି ସଭାରେ ଅଂଶଗ୍ରହଣ କରିଥା'ନ୍ତି। ସିନ୍ଦିବୋରକୁ ଅନ୍ୟ ଅର୍ଥରେ ସଦର ଦାଣ୍ଡ ବୋଲି କୁହାଯାଇଥାଏ। ଏହା ବଣ୍ଡା ଗ୍ରାମ ସଂଗଠନର ନିମ୍ନ ଅଦାଲତ ଭାବେ କାର୍ଯ୍ୟ କରିଥାଏ। ଏଠାରେ ପର୍ବପର୍ବାଣି ପ୍ରସ୍ତୁତି, ନ୍ୟାୟନିଷ୍ପତ୍ତି, ବିଚାର ଆଲୋଚନା, ବୁଝାମଣା ଓ ମାମଲାର ବିଚାର ଆଦି ଯାବତୀୟ କାର୍ଯ୍ୟ ପାରମ୍ପରିକ ଗ୍ରାମସଭା ମାଧ୍ୟମରେ ହୋଇଥାଏ। ଏଠାରେ ମଧ୍ୟ ଦୋଷୀଙ୍କୁ ଶପଥ ପାଠ କରାଯାଇଥାଏ। ସିନ୍ଦିବୋରରେ ବୁର୍‌ସଙ୍ଗ ଦେବତା ପୂଜା ପାଉଥିବାରୁ କେହି ବଣ୍ଡା ଏଠାରେ ମିଛ କହିବାକୁ ସାହସ କରନ୍ତି ନାହିଁ। ଅନ୍ୟ ପକ୍ଷରେ ଗାଁ ମୁଖିଆ 'ନାୟକ' ମଧ୍ୟ ବୁର୍‌ସଙ୍ଗଙ୍କ ଉପସ୍ଥିତିରେ ନିରପେକ୍ଷ ବିଚାର କରନ୍ତ। 'ନାୟକ'ଙ୍କୁ ସହାୟତା କରିବା ପାଇଁ ଗ୍ରାମ ସଂଗଠନରେ 'ଚାଲାଣ' ନିଯୁକ୍ତ ହୋଇଥା'ନ୍ତି। ଚାଲାଣ ବୋଲକରା ଓ ଡାକୁଆର କାମ ତୁଲାଇଥାନ୍ତି। ବଣ୍ଡାମାନଙ୍କ ଧାର୍ମିକ ମୁଖ୍ୟଙ୍କୁ 'ଶିଶା' (ପୂଜାରୀ) କୁହାଯାଏ।

ଜ୍ୟୋତିଷ ଓ ଜଡ଼ିବୁଟି ଅଭ୍ୟାସ କରୁଥିବା ବ୍ୟକ୍ତିଙ୍କୁ 'ଦିଶାରି' କହନ୍ତି। ଶିଶାଙ୍କୁ ପୂଜା କାର୍ଯ୍ୟରେ ସହଯୋଗ କରିବା ପାଇଁ 'ଡାଉଶିଶା' (ଶିଶାର ସହାୟକ)', 'ୟଙ୍ଗେ' (ଶିଶା ଓ ଡାଉଶିଶାଙ୍କୁ ପୂଜାପାଠ ସମୟରେ ସାହାଯ୍ୟ କରୁଥିବା ଅବିବାହିତ ବାଳକ), 'ଗେସାବୟ' (ସ୍ୱତନ୍ତ୍ରଭାବେ ସଲପ ଗଛମୂଳେ ପୂଜା କରିବା ପାଇଁ ଅସ୍ଥାୟୀଭାବେ ନିଯୁକ୍ତ ଅବିବାହିତ ଯୁବତୀ) ଆଦି ଥା'ନ୍ତି । ବଣ୍ଡା ଗ୍ରାମ ସଂଗଠନରେ 'ୟୁରେମ୍' (ଗୁଣିଆ) ଓ 'ୟବୟ' (ମହିଳା ଗୁଣିଆ)ଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ।

ବଣ୍ଡା ଗ୍ରାମସଭା 'ସିନ୍ଦିବୋର'ରେ ବିଶେଷକରି ସୀମା ବିବାଦ, ଜବରଦଖଲ, ଚୋରି, ଡକାୟତି, ସଲପ ଗଛର ମାଲିକାନା ବିବାଦ, ସ୍ୱାମୀ–ସ୍ତ୍ରୀ ଝଗଡ଼ା, ସେଲାନିଡିଙ୍ଗୋରେ ହୋଇଥିବା ଦୁଷ୍କର୍ମ, ବଳାତ୍କାର, ପରକିୟା ପ୍ରୀତି, ଭାଇଭାଗ ବିବାଦ, ସଲପ ଚୋରି, ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଥିବା ଅବୈଧ ସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ବିଚାର ଓ ଆଲୋଚନା ହୋଇଥାଏ। ଏଥିରେ ଦୋଷୀକୁ ଶାରୀରିକ, ଆର୍ଥିକ, ନୈତିକ, ମାନସିକ ଓ ସାମାଜିକ ଦଣ୍ଡ ପ୍ରଦାନ କରାଯାଇଥାଏ। ଆର୍ଥିକ ଦଣ୍ଡ ହିଁ ସବୁଠୁ ବଡ଼ ଦଣ୍ଡ ବୋଲି ବିଚାର କରାଯାଇଥାଏ। ଅନ୍ୟାନ୍ୟ ମାମଲାରେ ଦୋଷୀଙ୍କ ଠାରୁ ଦଣ୍ଡସ୍ୱରୂପ ସଲପ ମଦ, ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ଘୁଷୁରି ଆଦି ଆଦାୟ କରାଯାଇଥାଏ। ଯଦି ଜଣେ ବଣ୍ଡା ତୀର ମାରି ନରହତ୍ୟା କରିଥାଏ, ତାକୁ ଦଣ୍ଡ ସ୍ୱରୂପ ଗୋଟିଏ ଗୋରୁକୁ ମାରି ତା' ମାଂସ ଭୋଜି ଦେବା ସହ ପ୍ରତି ଗ୍ରାମବାସୀଙ୍କୁ ତବାତବା ମଦ ଦେବାକୁ ପଡିଥାଏ । ସେହିଭଳି ଟାଙ୍ଗିଆରେ ହାଣି ଆହତ କରିଥିଲେ ଦୋଷୀ ବଣ୍ଡାକୁ ଘୁଷୁରି ମାଂସ ଓ ମଦ, ବଳାତ୍କାର କରିଥିଲେ ଦୋଷୀକୁ ଗାଈ ଓ ମଦ ଦେବାକୁ ହୋଇଥାଏ ଏବଂ ଛାଡ଼ପତ୍ର ମାମଲାରେ ଗାଈ, ବଳଦ, କିମ୍ବା ଘୁଷୁରି, ଗଣ ଦୁଷ୍କର୍ମ କରିଥିଲେ ଗାଈ, ବଳଦ ସହିତ ମଦ ଦେବାଭଳି ଦଣ୍ଡ ଓ ଜୋରିମାନା ଦେବାକୁ ପଡ଼ିଥାଏ।

### ଡଙ୍ଗରିଆ କନ୍ଧ ଗ୍ରାମ ସଂଗଠନ

ରାୟଗଡ଼ା ଓ ଗୁଣୁପୁର ସବ୍‌ଡ଼ିଭିଜନକୁ ଯେଉଁ ପର୍ବତମାଳାଟି ବିଚ୍ଛିନ୍ନ କରିଛି ତାହା ହେଉଛି ନିୟମଗିରି। ଏହି ନିୟମଗିରି ହିଁ ହେଉଛି ଡଙ୍ଗରିଆ କନ୍ଧଙ୍କ ଆବାସସ୍ଥଳୀ। ଏହା ଏକ ପର୍ବତ ନୁହେଁ ତ ଡଙ୍ଗରିଆଙ୍କ ସର୍ବୋଚ୍ଚ ପ୍ରଶାସନ ଓ ଦେବତା। 'ନିୟମ ରାଜା' ର ନିର୍ଦ୍ଦେଶରେ ଡଙ୍ଗରିଆମାନେ ଏଠାରେ ପଣସ, ସପୁରୀ, କଦଳୀ, ଆମ୍ଭ, ହଳଦୀ, ଅଦା ଆଦି ଚାଷ କରି ଉଦ୍ୟାନ କୃଷିର ବିକାଶ କରିଛନ୍ତି। ନିୟମଗିରି ଡଙ୍ଗରିଆମାନଙ୍କୁ ସବୁକିଛି ଦେଇଛି ବୋଲି ସେମାନେ ବିଶ୍ୱାସ କରନ୍ତି। ଡଙ୍ଗରିଆମାନେ କନ୍ଧ ଆଦିବାସୀ ଗୋଷ୍ଠୀର ଏକ ଉପଗୋଷ୍ଠୀ ଏବଂ ଏମାନେ ସମଗ୍ର ନିୟମଗିରିର ୧୪୦ଟି ଗ୍ରାମରେ ବସବାସ କରିଆସୁଛନ୍ତି ।

ପ୍ରକୃତି କୋଳରେ ବଢ଼ିଥିବା ଡଙ୍ଗରିଆ କନ୍ଧ ଗାଁ ମୁଖିଆ ପ୍ରଜାମାନଙ୍କୁ ଶାସନ କରନ୍ତି ଓ ସେମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରନ୍ତି। ଡଙ୍ଗରିଆ କନ୍ଧ ଗ୍ରାମ ସଂଗଠନର ମୁଖ୍ୟ ହେଉଛନ୍ତି 'ମଣ୍ଡଳ'। ମଣ୍ଡଳଙ୍କ ନେତୃତ୍ୱରେ ଗ୍ରାମର ଶାସନ ବ୍ୟବସ୍ଥା ପରିଚାଳିତ ହୋଇଥାଏ। ସମସ୍ତେ ମଣ୍ଡଳଙ୍କ ନିର୍ଦ୍ଦେଶ ମାନନ୍ତି ଏବଂ ସେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରନ୍ତି। ସେହିଭଳି ଡଙ୍ଗରିଆଙ୍କ ଧାର୍ମିକ ମୁଖିଆଙ୍କୁ 'ଯାନୀ' କୁହାଯାଏ। ଯାନୀ ପୂଜାର୍ଚ୍ଚନା କରି, ଦେବତାଙ୍କର ପରାମର୍ଶ ନେଇ କେଉଁଦିନ ବିହନ ବୁଣାହେବ, କେଉଁଦିନ ଫସଲ ଅମଳ ହେବ, କେଉଁଦିନ ମେରିଆ ବଳି ପଡ଼ିବ, ବିଭାଘର, ଶିଶୁ ଜନ୍ମ ଉତ୍ସବର ଦିନ ଧାର୍ଯ୍ୟ କରନ୍ତି। ଡଙ୍ଗରିଆ ଗ୍ରାମ ସଂଗଠନରେ ଅନ୍ୟ ଜଣେ ମହିଳାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ହେଉଛନ୍ତି 'ବେଜୁଣୀ'। ବେଜୁଣୀ ହେଉଛନ୍ତି ଡଙ୍ଗରିଆ ସମାଜରେ ମହିଳା ପୂଜକ। ବେଜୁଣୀ ଶରୀରରେ ଦେବତା କିମ୍ବା ଦେବୀ ପ୍ରବେଶ କରି ଆଗତଭବିଷ୍ୟ କଥା ପ୍ରକାଶ କରନ୍ତି।

### କୋୟା ଗ୍ରାମ ସଂଗଠନ

ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ କୋୟାମାନେ ଖୁବ୍ ସ୍ୱତନ୍ତ୍ର । ଏମାନେ ମାଲକାନାଗିରି ଜିଲ୍ଲାର କାଲିମେଲା, ମୋଟୁ, ପଡ଼ିଆ,ମାଥିଲି, କୋରୁକୁଣ୍ଡା ଆଦି ବ୍ଲକ୍‌ରେ ବାସ କରନ୍ତି । କୋୟାମାନେ ପଡ଼ୋଶୀ ଛତିଶଗଡ଼ର 'ମାଢିଆ' ଓ 'ଡୋରଲା' ନାମରେ ପରିଚିତ। କୋୟାମାନଙ୍କର ଗ୍ରାମ ସଂଗଠନ ମଧ୍ୟ ଖୁବ୍ ଶୃଙ୍ଖଳିତ। କୋୟା ଗ୍ରାମର ପାରମ୍ପରିକ ମୁଖିଆଙ୍କୁ 'ପେଦା' କୁହାଯାଉଥିବା ବେଳେ ସେମାନଙ୍କ ଗ୍ରାମସଭା ସ୍ଥଳକୁ 'ପେଦାଗୁଡ଼ମ୍' କୁହାଯାଏ। ପେଦା ଗ୍ରାମବାସୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ସହ ନିରପେକ୍ଷ ବିଚାର କରନ୍ତି । ପେଦାଙ୍କ ବିଚାର ଓ ନିଷ୍ପତ୍ତିକୁ କେହି ପ୍ରଶ୍ନ ଉଠାଇ ପାରନ୍ତି ନାହିଁ । ଯଦି କୌଣସି କାରଣରୁ ପେଦା ବଦନାମ ହୋଇପଡ଼ନ୍ତି ତେବେ ଗ୍ରାମବାସୀ ମିଳିତ ଭାବେ ତାଙ୍କୁ ବହିଷ୍କାର କରି ପୁନର୍ବାର ଜଣେ ନୂଆ ପେଦା ନିର୍ବାଚିତ କରନ୍ତି। ଗ୍ରାମର ସାଂଗଠନିକ ଓ ସାମାଜିକ ବ୍ୟବସ୍ଥାର ସମୀକ୍ଷା କରିବାକୁ ଯାଇ ବର୍ଷରେ ଥରେ ପେଦାଙ୍କ କାର୍ଯ୍ୟାଳୟ ବା ପେଦାଗୁଡ଼ମ୍‌ରେ ସଭା ଅନୁଷ୍ଠିତ ହୋଇଥାଏ। କିଛି କୋୟା ଗ୍ରାମକୁ ନେଇ ଏକ 'ମୁଠା ପଞ୍ଚାୟତ'

ଗଠିତ ହୋଇଥାଏ। ମୁଠା ପଞ୍ଚାୟତ ମାଧ୍ୟମରେ ଆନ୍ତଃଗ୍ରାମ ବିବାଦର ସମାଧାନ କରାଯାଇଥାଏ। ଗୋଟିଏ ମୁଠା ପଞ୍ଚାୟତ ଅନ୍ତର୍ଭୁକ୍ତ ପ୍ରତି ଗ୍ରାମର ପେଦାମାନେ ଏହାର ସଦସ୍ୟ ରହିଥା'ନ୍ତି। କୋୟା ଗ୍ରାମ ସଂଗଠନର 'ବିଜାଗୁଡ଼ି' (ଗ୍ରାମଦେବତାଙ୍କ ମନ୍ଦିର)ର ଏକ ଅଖଣ୍ଡ ପ୍ରଭାବ ରହିଥାଏ । ଏହାର ନିକଟରେ 'ଗୁଡ଼ିମାତା' (ଗ୍ରାମଦେବୀ) ଅବସ୍ଥାନ କରନ୍ତି । ଏହି ବିଜାଗୁଡ଼ି ଗ୍ରାମର ମଧ୍ୟଭାଗରେ ଅବସ୍ଥିତ। ଏଠାରେ କୋୟାମାନଙ୍କ 'ପେଦାଗୁଡ଼ମ୍' ବସିଥାଏ ।

ଓଡ଼ିଶାରେ ବସବାସ କରୁଥିବା ସମସ୍ତ ଆଦିବାସୀ ଗୋଷ୍ଠୀଙ୍କର ଏକ ସମୃଦ୍ଧ ଓ ଶୃଙ୍ଖଳିତ ଗ୍ରାମ ସଂଗଠନ ରହିଥିଲା ଏବଂ ଏହା ସେମାନଙ୍କୁ ଉଚିତ୍ ମାର୍ଗରେ ପରିଚାଳିତ କରୁଥିଲା। ଏହି ଗ୍ରାମ ସଂଗଠନ ଆଦିବାସୀଙ୍କୁ ଶୃଙ୍ଖଳା ଓ ଶିଷ୍ଟାଚାର, ଆନ୍ତରିକତା ଓ ନିଷ୍ଠା, ପରୋପକାରିତା ଓ ପ୍ରତିଶ୍ରୁତି ପାଳନ, ପ୍ରେମ ଓ ଶ୍ରଦ୍ଧା ଏବଂ ଅସହାୟଙ୍କୁ ନ୍ୟାୟ ପ୍ରଦାନ କରିବାର ଶିକ୍ଷା ଦେଉଥିଲା। ମାତ୍ର ଆଜିର ଆଧୁନିକ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏସବୁ ଲକ୍ଷଣ କେତେମାତ୍ରାରେ ପ୍ରକାଶ ପାଉଛି ତାହା ଚିନ୍ତା କରିବାର କଥା । ଏହି ସରଳ, ନିଷ୍କପଟ ଆଦିବାସୀମାନେ। ଆଧୁନିକ ସଭ୍ୟ ଓ ଭଦ୍ର ମଣିଷଙ୍କ ଭଳି ଆଦିବାସୀମାନେ କେବେ ବି ସ୍ୱାର୍ଥପର ଓ ସୁବିଧାବାଦୀ ନୁହଁନ୍ତି। ମାତ୍ର ଆଜି ଆଦିବାସୀଙ୍କ ମଧ୍ୟରେ କିଛି ମାତ୍ରାରେ ପରିବର୍ତ୍ତନ ଦେଖିବାକୁ ମିଳିଲାଣି। ଅଧିକାଂଶ ଆଦିବାସୀ ଗାଁରେ ଭାଇଚାରା ଓ ଆନ୍ତରିକତାର ଘୋର ଅଭାବ ପରିଲକ୍ଷିତ ହେଉଛି। ଏଥିନେଇ ଗଭୀର ଚିନ୍ତନର ଆବଶ୍ୟକତା ରହିଛି।

**ସହାୟକ ଗ୍ରନ୍ଥ ସୂଚୀ**


୧. ପଧାନ ରଂଜନ , 'ଜୁଆଙ୍ଗ ପର୍ବପର୍ବାଣି', ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା (୨୦୧୪) ।

୨. ପଧାନ ରଂଜନ, 'ଐତିହ୍ୟ, ସାଂସ୍କୃତି ଓ ପର୍ଯ୍ୟଟନ କେନ୍ଦୁଝର',ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା (୨୦୧୨) ।

୩. ପଧାନ ରଂଜନ, 'ପରଜା ଜୀବନ ଓ ସଂସ୍କୃତି', ପ୍ରକାଶକ: ପ୍ରଜ୍ଞା ପରିମିତା, କେନ୍ଦ୍ରାପଡ଼ା (୨୦୦୭) ।

୪. ବେଶ୍ରା ଦମୟନ୍ତୀ, 'ସମାଜ ଓ ସଂସ୍କୃତି ପୃଷ୍ଠପଟରେ ମୟୂରଭଞ୍ଜର ସାନ୍ତାଳ', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୧୦) ।

୫. ମହାନ୍ତି ଡକ୍ଟର କୃଷ୍ଣ କୁମାର (ସମ୍ପାଦନା), 'ପାହାଡ଼ି ଖଡ଼ିଆ',ପ୍ରକାଶକ: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୦୯) ।

୬. ପଟେଲ୍ ଡକ୍ଟର ପରମାନନ୍ଦ, (ସଂକଳନ ଓ ସମ୍ପାଦନା), 'ଡିଡାୟୀ ଲୋକ ସାହିତ୍ୟ', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୧୫) ।

୭, ସାହୁ ଡକ୍ଟର ଅନନ୍ତ ଚରଣ (ସଂକଳନ ) 'ଟାଣ୍ଡାର ଜୀବନ', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୦୯) ।

୮. ମିଶ୍ର, ସୁବାସ ଚନ୍ଦ୍ର, 'ଗଣ୍ଡମାନଙ୍କ ଯୁବାଗୃହ: ଗୋଟୁଲର ଅତୀତ ଓ ବର୍ତ୍ତମାନ', 'ମଣ୍ଡେଇ', ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର (୨୦୦୭) ।

୯. ସାମଲ ଡକ୍ଟର ଜଗବନ୍ଧୁ, 'ଆଦିବାସୀ ସମାଜରେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ଶାସନର ମୂଲ୍ୟବୋଧ', 'ପରବ', ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟ (୨୦୦୨) ।

୧୦. ମିଶ୍ର ନରସିଂହ, 'ଡଙ୍ଗରିଆ କନ୍ଧଙ୍କ ସାମାଜିକ ଜୀବନ', 'କୋଣାର୍କ', ଓଡ଼ିଶା ସାହିତ୍ୟ ଏକାଡ଼େମୀ, ମଇ–ଜୁଲାଇ ସଂଖ୍ୟା ୨୦୦୧ ।

୧୧. ମାହାନା ରାଜକିଶୋର, 'ବଣ୍ଡା ପରମ୍ପରା ଓ ଜ୍ଞାନକୌଶଳ,ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର (୨୦୦୪) ।

୧୨. 12. Panchayats ( Extension to Schduled Areas) Act-1996, Government of India.


ବରିଷ୍ଠ ସାମ୍ବାଦିକ, 'ସମ୍ବାଦ'
ଭୁବନେଶ୍ୱର

❖ ❖ ❖

# ପ୍ରଥମ ଜାତୀୟ ହସ୍ତତନ୍ତ ଦିବସ–୨୦୧୫

**ସୁଚେତା ପ୍ରିୟଦର୍ଶିନୀ**

ଖାଦ୍ୟ ପରେ ମଣିଷର ଦ୍ୱିତୀୟ ମୌଳିକ ଆବଶ୍ୟକତା ହେଉଛି ବସ୍ତ୍ର । କାଳର ବିବର୍ତ୍ତନ ସହ ଗତି କରି ବସ୍ତ୍ରର ଆକାର, ପ୍ରକାର, ସଂଜ୍ଞା, ସ୍ୱରୂପ, ଆଙ୍ଗିକ, ଆତ୍ମିକ ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଶିଳ୍ପର ପ୍ରଗତି, ପିନ୍ଧିବାର ଶୈଳୀ ତଥା ବଦଳୁଥିବା ଫ୍ୟାଶନ ସହ ତାଳଦେଇ ବସ୍ତ୍ରର ମାନ ଏବଂ ପରିଧାନରେ ଦ୍ରୁତ ପରିବର୍ତ୍ତନ ଏବଂ ଉନ୍ନତି ପରିଲକ୍ଷିତ ହେଉଛି । ଏସବୁ ସତ୍ତ୍ୱେ ହସ୍ତତନ୍ତ ବସ୍ତ୍ର ଭାରତବର୍ଷର ପ୍ରାଚୁର୍ଯ୍ୟମୟ ଐତିହ୍ୟ ଏବଂ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଆସିଛି ।



ହସ୍ତତନ୍ତ କେବଳ ଆମ ଆଭିଜାତ୍ୟର ପ୍ରତୀକ ନୁହେଁ, ଏହା ମଧ୍ୟ ଦେଶର ଅର୍ଥନୀତିର ପ୍ରମୁଖ ଅଂଶବିଶେଷ । ଉତ୍ପାଦନ, ରପ୍ତାନୀ ଏବଂ କର୍ମନିଯୁକ୍ତି ମାଧ୍ୟମରେ ଦେଶର ଘରୋଇ ଉତ୍ପାଦନର ଏକ ସିଂହଭାଗ ଏଇ ହସ୍ତତନ୍ତ କ୍ଷେତ୍ରରୁ ହିଁ ଆସିଥାଏ । ଏହି କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ସହ ଏହି ବୃତ୍ତି ସହିତ ଜଡ଼ିତ ଦେଶର ଲକ୍ଷ ଲକ୍ଷ ବୁଣାକାରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇ ଚଳିତବର୍ଷଠାରୁ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏହିଦିନ ବୁଣାକାରମାନଙ୍କ ନିମନ୍ତେ କର୍ମଶାଳା ଆୟୋଜନ, ହସ୍ତତନ୍ତ ପ୍ରଦର୍ଶନୀ, ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ବିଭିନ୍ନ ହସ୍ତତନ୍ତ ଉପକରଣ ବିତରଣ କରିବା ନିମନ୍ତେ କେନ୍ଦ୍ର ବସ୍ତ୍ର ମନ୍ତ୍ରଣାଳୟ ତରଫରୁ ମାର୍ଗଦର୍ଶିକା ଜାରି କରାଯାଇଥିଲା । ଏଥିସହିତ ସେହି ଦିନଟିକୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ ହସ୍ତତନ୍ତ ବସ୍ତ୍ର ପରିଧାନ କରିବା ନିମନ୍ତେ ମଧ୍ୟ ଅନୁରୋଧ କରାଯାଇଥିଲା ।

ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରିବା ପଛରେ ଏକ ବିଶାଳ ଇତିହାସ ଲୁକ୍‌କାୟିତ ରହିଛି । ଏକଦା ଇଂରେଜମାନେ ଭାରତବର୍ଷକୁ କବଳିତ କରିବା ପରେ ସର୍ବପ୍ରଥମେ ଆକୃଷ୍ଟ ହୋଇଥିଲେ ଭାରତର ହସ୍ତତନ୍ତ ବସ୍ତ୍ର ପ୍ରତି । ଉତ୍ତମ ଗୁଣବତ୍ତା, ନିଖୁଣ ଶୈଳୀ, ସୂକ୍ଷ୍ମ କଳା କାରିଗରୀ ସେମାନଙ୍କୁ ଏତେ ପ୍ରଲୋଭିତ କରିଥିଲା ଯେ, ସେମାନେ ଆମ ଦେଶର ହସ୍ତତନ୍ତ ଶିଳ୍ପକୁ ମୃତ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ । ସେହି ସମୟରେ କଳତନ୍ତରେ ବୁଣାଯାଉଥିବା ବିଦେଶୀ ଲୁଗାର ଭାରତୀୟ ବସ୍ତ୍ର ବଜାରରେ ବହୁଳ ପ୍ରବେଶ ହୋଇଥିଲା । ଏହାର ପ୍ରତିବାଦରେ ଜାତିର ପିତା ମହାତ୍ମା ଗାନ୍ଧୀ ସ୍ୱଦେଶୀ ଖଦୀ ବସ୍ତ୍ର ପିନ୍ଧିବା ନିମନ୍ତେ ଆହ୍ୱାନ ଦେଇଥିଲେ, ଯାହା

ଫଳରେ 'ବିଦେଶୀ ବର୍ଜନ ଏବଂ ସ୍ୱଦେଶୀ ପରିଧାନ' ସମଗ୍ର ଭାରତବର୍ଷରେ ଏକ ଆନ୍ଦୋଳନରେ ପରିଣତ ହୋଇଥିଲା ।

୧୯୦୫ ମସିହା ଅଗଷ୍ଟ ୭ତାରିଖରେ ତତ୍କାଳୀନ କଲିକତା ସହରର ପ୍ରସିଦ୍ଧ ଟାଉନ ହଲ୍‌ଠାରେ ମହାରାଜା ମହିନ୍ଦର ଚନ୍ଦ୍ର ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ସ୍ୱଦେଶୀ ଆନ୍ଦୋଳନକାରୀମାନେ କେବଳ ଆମ ଦେଶର ହସ୍ତତନ୍ତ ଏବଂ



ଖଦୀବସ୍ତ୍ର ପିନ୍ଧିବା ନିମନ୍ତେ ଶପଥ ନେଇଥିଲେ ଏବଂ ବିଦେଶୀ ବସ୍ତ୍ରକୁ ବର୍ଜନ କରିଥିଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ହସ୍ତତନ୍ତ ବସ୍ତ୍ର, ଖଦୀ କପଡା, ଅରଟ, ଚରଖା, ସୂତାକଟା ଇତ୍ୟାଦି ଆମ ଦେଶପ୍ରେମ ଏବଂ ଜାତୀୟତାର ପ୍ରତୀକ ରୂପେ ପରିଗଣିତ ହୋଇ ଆସୁଅଛି । ପ୍ରତ୍ୟେକ ବର୍ଷ ଅଗଷ୍ଟ ୭ ତାରିଖରେ ବିଭିନ୍ନ ରାଜ୍ୟରେ ବୁଣାକାର ସମ୍ପ୍ରଦାୟ, ହସ୍ତତନ୍ତ ଉଦ୍ୟୋଗୀ, ପ୍ରାଥମିକ ବୁଣାକାର ସମବାୟ ସମିତି, ହସ୍ତତନ୍ତ ପୁଞ୍ଜ ଆଦି ନିଜ ନିଜ ଉଦ୍ୟମରେ ହସ୍ତତନ୍ତ ଦିବସ ପାଳନ କରିଆସୁଥିଲେ । ତେବେ ଏହି ପ୍ରସଙ୍ଗ ପ୍ରତି ପ୍ରଥମେ ୨୦୧୫ ମାର୍ଚ୍ଚ ୩ ତାରିଖରେ ରାଜ୍ୟସଭା ସାଂସଦ ଆନନ୍ଦ ଭାସ୍କର ରୋପୋଲୁ (ତେଲେଙ୍ଗାନା) ରାଜ୍ୟସଭାରେ ନିଜ ବକ୍ତବ୍ୟରେ ଉତ୍ଥାପନ କରି ସଦସ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଅଗଷ୍ଟ ୭ ତାରିଖକୁ ସରକାରୀସ୍ତରରେ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ପରବର୍ତ୍ତୀ ସମୟରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ଚଳିତବର୍ଷଠାରୁ ସମଗ୍ର ଦେଶରେ ସରକାରୀ ସ୍ତରରେ ଅଗଷ୍ଟ ୭କୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରିବାର ନିଷ୍ପତ୍ତି ହୋଇଥିଲା ।

ଏହି ପରିପ୍ରେକ୍ଷୀରେ ପ୍ରଥମ ଜାତୀୟ ହସ୍ତତନ୍ତ ଦିବସ ଚେନ୍ନାଇଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଏବଂ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଟସର ଉତ୍ପାଦନ ପାଇଁ ପ୍ରସିଦ୍ଧ ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ପ୍ରଥମ ଜାତୀୟ ହସ୍ତତନ୍ତ ଦିବସ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଏହି ରାଜ୍ୟସ୍ତରୀୟ ଉତ୍ସବକୁ ଉଦ୍‌ଘାଟନ କରି ବୁଣାକାରମାନଙ୍କ ସାମଗ୍ରିକ ବିକାଶ ଏବଂ ଅନ୍ତର୍ଜାତୀୟ ବସ୍ତ୍ର ବଜାରରେ ଓଡ଼ିଶା ହସ୍ତତନ୍ତର ଚାହିଦା ସୃଷ୍ଟି ନିମନ୍ତେ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ହିଙ୍ଗୁଳା ଟସର ସମବାୟ ସମିତି ପରିସରରେ ୨୧ଲକ୍ଷ ୩୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏକ ଟସର ପ୍ରିଣ୍ଟିଂ ୟୁନିଟ୍ ଉଦ୍‌ଘାଟିତ ହୋଇଥିଲା । ବିଭିନ୍ନ ରାଜ୍ୟ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁଇଜଣ ବୁଣାକାର ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ଏବଂ ବୁଣାକାରମାନଙ୍କୁ ସୌର ଲଣ୍ଠନ ଏବଂ ଭୌଗୋଳିକ ସୂଚକାଙ୍କ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ଏକଦା ଆମ ରାଜ୍ୟ ଓଡ଼ିଶା ନିଜର ଉତ୍କୃଷ୍ଟ ହସ୍ତତନ୍ତ ନିମନ୍ତେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା । ହସ୍ତତନ୍ତ ଆମ ରାଜ୍ୟର ବୁଣାକାରମାନଙ୍କ ନିମନ୍ତେ ଆଜିର ନୁହେଁ, ଶହ ଶହ ବର୍ଷ ପୂର୍ବର



ଏକ ଆଭିଜାତ୍ୟପୂର୍ଣ୍ଣ କୌଳିକ ବୃତ୍ତି । ଏହି ପରମ୍ପରା ସହିତ ଆମର କଳା, ସାହିତ୍ୟ, ନୃତ୍ୟ, ସଂଗୀତ, ଚଳଣି, ଜନଜୀବନ, ଧର୍ମଧାରଣା, ଆଧ୍ୟାତ୍ମିକ ଚେତନା ସବୁକିଛି ନିବିଡ଼ ଭାବେ ଜଡ଼ିତ । କୃଷି ପରେ ହସ୍ତତନ୍ତ ହେଉଛି ଗ୍ରାମୀଣ ପରିବାରମାନଙ୍କ ଜୀବିକା ଅର୍ଜନ ନିମନ୍ତେ ଦ୍ୱିତୀୟ ବୃହତ୍ତମ ରୋଜଗାର କ୍ଷେତ୍ର ।

୨୦୦୯-୧୦ ମସିହା ବୁଣାକାର ଗଣନା ଅନୁଯାୟୀ ଓଡ଼ିଶାରେ ୪୦,୬୮୩ ବୁଣାକାର ପରିବାର ଅଛନ୍ତି ଏବଂ ୧,୯୨,୦୦୦ ବୁଣାକାର ଏହି କୌଳିକ ବୃତ୍ତିରେ ନିୟୋଜିତ ଅଛନ୍ତି । ରାଜ୍ୟରେ ସମୁଦାୟ ୫୩୪ ପ୍ରାଥମିକ ବୁଣାକାର ସମବାୟ ସମିତି ଥିବାବେଳେ ୪୩,୬୫୨ଟି ତନ୍ତ କାର୍ଯ୍ୟକ୍ଷମ ଅଛି । ଏତଦ୍‌ବ୍ୟତୀତ ଘରୋଇ ଭାବରେ ମଧ୍ୟ ପ୍ରାୟ ୫୦,୦୦୦ରୁ ଊର୍ଦ୍ଧ୍ୱ ବୁଣାକାର ବ୍ୟାଙ୍କରୁ ଋଣ ନେଇ ହସ୍ତତନ୍ତ ବସ୍ତ୍ର ବୁଣି ଖୋଲା ବଜାରରେ ବିକ୍ରି କରୁଛନ୍ତି । ଆମ ରାଜ୍ୟରେ ସମବାୟ ସମିତି ଜରିଆରେ ବାର୍ଷିକ ୨୦୦ କୋଟି ଟଙ୍କାର ହସ୍ତତନ୍ତ ବସ୍ତ୍ର ବ୍ୟବସାୟ ହୋଇଥାଏ । ସରକାର ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବୁଣାକାରମାନଙ୍କ ଜୀବନଜୀବିକାର ସୁରକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି । ବୁଣାକାରମାନଙ୍କୁ ତନ୍ତଶାଳା ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା, ସୂତା କିଣାରେ ରିହାତି, ବୁଣାକାର ବୀମା ଯୋଜନା, ସ୍ୱାସ୍ଥ୍ୟବୀମା, କୌଶଳ ବୃଦ୍ଧି ନିମନ୍ତେ ଆନୁଷ୍ଠାନିକ ତାଲିମ ପ୍ରଦାନ, ଋଣ ସହାୟତା, ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଦର୍ଶନୀ ଆୟୋଜନ, ଇ-କମର୍ସ ବ୍ୟବସ୍ଥା, ହସ୍ତତନ୍ତ ପୁଞ୍ଜି ଉନ୍ନୟନ ବିକାଶ, ସୌର ଲଣ୍ଠନ ବିତରଣ ଆଦି କାର୍ଯ୍ୟକ୍ରମ ଜରିଆରେ ଏହି କ୍ଷେତ୍ରର ସାମଗ୍ରିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ ଜାରି ରହିଛି । ଓଡ଼ିଶା ହସ୍ତତନ୍ତର ଉତ୍ତମ ଗୁଣବତ୍ତା ମୌଳିକତାକୁ ଆଧାର କରି ଯୁବ ପିଢ଼ିର ଚାହିଦା ମୁତାବକ ଆଧୁନିକ ହସ୍ତତନ୍ତ ପୋଷାକ ପ୍ରସ୍ତୁତି ନିମନ୍ତେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫ୍ୟାଶନ ଡିଜାଇନରମାନଙ୍କୁ ବିଭିନ୍ନ ହସ୍ତତନ୍ତ କ୍ଲଷ୍ଟର ସହ ଅନୁବନ୍ଧିତ କରାଯାଇଛି । ବର୍ତ୍ତମାନ ଏକବିଂଶ ଶତାବ୍ଦୀର ପ୍ରେକ୍ଷାପଟ ବଦଳିଯାଇଛି । ବିଶ୍ୱ ବସ୍ତ୍ର ବଜାରରେ ଭଳିକି ଭଳି ସୁନ୍ଦର ଆକର୍ଷଣୀୟ ଓ ଆଧୁନିକ ପୋଷାକ ଉପଲବ୍ଧ ହେଉଛି । ଫେଶନକୁ ନେଇ ବିଶାଳ ଉଦ୍ୟୋଗ ସ୍ଥାପନ ହେବାଠାରୁ ଆରମ୍ଭ କରି ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ବସ୍ତ୍ର ପ୍ରତ୍ୟେକ ଦିନ ବଜାରରେ ପ୍ରବେଶ ହେଉଛି । ଏଭଳି ପରିସ୍ଥିତିରେ ନିପଟ ମଫସଲ ଗାଁରେ ରହୁଥିବା ବୁଣାକାରଟିଏ ଦେଶ ଦୁନିଆର ଆଧୁନିକ ଜ୍ଞାନକୌଶଳଠାରୁ ଯଥେଷ୍ଟ ଦୂରରେ ଥାଇ ତନ୍ତରେ ଲୁଗାବୁଣି କିଭିଳି ତିଷ୍ଠି ରହିବ ? କୌଣସି ସରକାରୀ ପ୍ରୋତ୍ସାହନ, ବ୍ୟାଙ୍କ ସବ୍‌ସିଡ଼ି, ପ୍ରଦର୍ଶନୀ ଆୟୋଜନ ଏହି ବିଶାଳ ଶିଳ୍ପକୁ ତିଷ୍ଠି ରହିବାରେ ସମ୍ପୂର୍ଣ୍ଣ ସହାୟକ ହୋଇପାରିବନି, ଯେପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ମଧ୍ୟରେ ଅଧିକରୁ ଅଧିକ ହସ୍ତତନ୍ତ ବସ୍ତ୍ର ପ୍ରତି ଆଗ୍ରହ ସୃଷ୍ଟି ନହୋଇଛି । ହସ୍ତତନ୍ତ ନିମନ୍ତେ ଗୋଟିଏ ଦିବସ ପାଳନ କରିବା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହାଦ୍ୱାରା ଆମ ଦେଶର ହଜାର ହଜାର ବୁଣାକାରମାନଙ୍କ ମନୋବଳ ବୃଦ୍ଧି ହେବ । ହେଲେ ଯେଉଁଦିନ ଦେଶର ସବୁ ସଚେତନ ନାଗରିକ ହସ୍ତତନ୍ତ ପିନ୍ଧିବା ଆରମ୍ଭ କରିବେ, ନିଜର ଦୈନନ୍ଦିନ ଜୀବନରେ ବହୁଳ ଭାବେ ହସ୍ତତନ୍ତ ବ୍ୟବହାର କରିବେ, ବନ୍ଧୁ ପରିଜନଙ୍କୁ ହସ୍ତତନ୍ତ ସାମଗ୍ରୀ ଉପହାର ପ୍ରଦାନ କରିବେ, ସେହିଦିନ ହିଁ ଆମ ଦେଶର ବୁଣାକାରମାନେ ପ୍ରକୃତ ଅର୍ଥରେ ସଶକ୍ତ ହେବେ ଏବଂ ଅଗଷ୍ଟ ୭ ତାରିଖରେ ପ୍ରଥମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଏ ଦିଗରେ ଏକ ସମୟୋଚିତ ପଦକ୍ଷେପ ।

ସୂଚନା ଅଧିକାରୀ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର

❖ ❖ ❖

# ଓଡ଼ିଶାର ଯାଦୁଘର

ନିର୍ମଳା କୁମାରୀ ମହାପାତ୍ର

ଯାଦୁଘରର ଅନ୍ୟ ଏକ ନାମ ହେଲା ସଂଗ୍ରହାଳୟ। ସଂଗ୍ରହର ଆଳୟ ବା ଘର ହେଲା ଯାଦୁଶାଳା / ଯାଦୁଗୃହ। ଯେଉଁ ଗୃହରେ ବିଭିନ୍ନ (ପ୍ରାଚୀନ, ମଧ୍ୟ, ଆଧୁନିକ, ଅତ୍ୟାଧୁନିକ) କାଳର ଦ୍ରଷ୍ଟବ୍ୟ ବସ୍ତୁ ସକଳ ଶୃଙ୍ଖଳିତ ଭାବେ ସଂରକ୍ଷିତ ହୋଇଥାଏ, ତାହାକୁ ଯାଦୁଘର ବା ସଂଗ୍ରହାଳୟ କୁହାଯାଏ। ଯାଦୁ ବା କୁହୁକ ପରି ଏହା ମଣିଷକୁ ସମ୍ମୋହିତ କରି ରଖିଥାଏ। ଇଂରାଜୀରେ ଏହାକୁ କୁହାଯାଏ ମିଉଜିୟମ୍ (museum) – ଏଇ ଶବ୍ଦ ଗ୍ରୀକ୍ ଭାଷାର muse ଶବ୍ଦରୁ ଆସିଛି। ଗ୍ରୀସ୍ ଦେଶର ଲୋକଙ୍କ ପାଇଁ କାବ୍ୟ–କବିତା–ଜ୍ଞାନ–ସ୍ମରଣ ଶକ୍ତିର ଦେବୀଙ୍କ ନାମ ହେଲା ମିଉଜ୍ (MUSE)। ସେ ହେଲେ ଦେବତା ଜିଉସ୍‌ଙ୍କର କନ୍ୟା। ତାଙ୍କର ମନ୍ଦିରକୁ କୁହାଯିବ ମିଉଜିୟମ୍। ଲାଟିନ୍ ଭାଷାରେ ମିଉଜିୟମ୍‌ର ଅର୍ଥ ହେବ Library / Study। ବିବିଧ ବିଷୟକ ଯଥା– କଳା / ବିଜ୍ଞାନ / ଇତିହାସ / ଶିଳ୍ପକୁ ଭିତ୍ତି କରି ଭିନ୍ନ ଭିନ୍ନ ପ୍ରକାରର ଯାଦୁଘର ରହିଛି। ତଥ୍ୟ ଦେବା, ଶିକ୍ଷଣ ପାଇଁ ସୁଯୋଗ ରଖିବା, ଉପଭୋଗ ଜରିଆରେ ଶିକ୍ଷା ଦେବା ହେଲା ସଂଗ୍ରହାଳୟର ମୂଳ ଉଦ୍ଦେଶ୍ୟ।



ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ଆଲେକ୍‌ଜାଣ୍ଡ୍ରିଆ ବିଶ୍ୱ ବିଦ୍ୟାଳୟରେ ଗଢ଼ି ଉଠିଥିବା ସଂଗ୍ରହାଳୟକୁ ବିଶ୍ୱର ସର୍ବପ୍ରଥମ ଯାଦୁଘର ବୋଲି ଧରି ନିଆଯାଏ। ପ୍ରାୟ ସବୁ ରାଜ୍ୟ / ଦେଶର ରାଜଧାନୀରେ ଏକ ବା ଏକାଧିକ ସଂଗ୍ରହାଳୟ ଥାଏ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ମହାନଗରରେ ଅଛି ଏଗାର ଗୋଟି ସଂଗ୍ରହାଳୟ। ଭୁବନେଶ୍ୱରର କଳ୍ପନା ଛକରେ ଥିବା ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ବେଶ୍ ପୁରୁଣା ଓ ବହୁ ବିଭବରେ ଭରପୂର। ଏଠାରେ ଷାଠିଏ ହଜାରରୁ ଅଧିକ ବିଭବ ପ୍ରଦର୍ଶିତ ହୋଇଛି। ଏହା କେବଳ ଜ୍ଞାନର ଭଣ୍ଡାର ବା ଆମ ପରଂପରାର ମୂକସାକ୍ଷୀ ନୁହେଁ, ଏହା ରାଜ୍ୟର ସ୍ୱାଭିମାନର ପ୍ରତୀକ। ଏହା ଜନସମୁଦାୟର ସଂସ୍କୃତି ଓ ଜୀବନଧାରାର ପ୍ରତିଛବି ବହନ କରେ। ପ୍ରଥମେ ଏଇ ସଂଗ୍ରହାଳୟ ରେଭେନ୍ସା କଲେଜ, କଟକର ଦୁଇଜଣ ଅଧ୍ୟାପକ – ଶ୍ରୀ ନିର୍ମଳଚନ୍ଦ୍ର ବାନାର୍ଜୀ ଓ ଶ୍ରୀ ଘନଶ୍ୟାମ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ହୁଏ କଲେଜର ଏକ ପ୍ରକୋଷ୍ଠରେ ସନ ୧୯୩୨ ମସିହାରେ। ପରେ ଏହା ନୂତନ ରାଜଧାନୀ ଭୁବନେଶ୍ୱରର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହଲ୍ (ଇନ୍ଦିରାଗାନ୍ଧୀ ପାର୍କ ପାଖ) କୁ ଉଠିଆସିଲା । ରାଜ୍ୟ ସଂଗ୍ରହାଳୟର ଭବ୍ୟ ପ୍ରାସାଦ ତିଆରି ହେଲାପରେ ପଟେଲ ହଲ୍‌ରୁ ଏହା ନୂତନ ପ୍ରାସାଦକୁ ଆସିଲା।

ରାଜ୍ୟ ସଂଗ୍ରହାଳୟ ଭୁବନେଶ୍ୱରର ବିରଳ ସଂଗ୍ରହଗୁଡ଼ିକୁ ବାରଗୋଟି ବିଭାଗରେ ବିଭକ୍ତ କରାଯାଇପାରେ ଯଥା– ପ୍ରତ୍ନତତ୍ତ୍ୱ, ଲିପିତତ୍ତ୍ୱ, ପ୍ରାଚୀନମୁଦ୍ରା, ଖଣି ଓ ଭୂତତ୍ତ୍ୱ, ପ୍ରାଣୀବିଜ୍ଞାନ, ଚାରୁ ଓ ଚାରୁକଳା, ପାରମ୍ପରିକ କଳା, ପଟ୍ଟଚିତ୍ର, ନୃତତ୍ତ୍ୱ, ତାଳପତ୍ର ପୋଥି, ଅସ୍ତ୍ରଶସ୍ତ୍ର ଏବଂ ସ୍ୱତନ୍ତ୍ର ବୌଦ୍ଧ ମୂର୍ତ୍ତି ବିଭାଗ। ଏଥି ସହିତ ରହିଛି ସଂଗ୍ରହାଳୟ ସଂକ୍ରାନ୍ତୀୟ ଗ୍ରନ୍ଥାଗାର ଓ ପଠନକକ୍ଷ। ବିଦ୍ୱାନ୍ ଓ ଗବେଷକମାନଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ର।

ପ୍ରତ୍ନତତ୍ତ୍ୱ ବିଭାଗରେ ରହିଛି ମୂର୍ତ୍ତି ଆଉ ମୂର୍ତ୍ତି । ଋଷଭନାଥ, ଅଜିତନାଥ, ଶାନ୍ତିନାଥ, ମହାବୀର ଆଦି ଜୈନ ତୀର୍ଥଙ୍କର ମୂର୍ତ୍ତି ସହ ଅମୋଘସିଦ୍ଧି ବୁଦ୍ଧ, ଭୂମିସ୍ପର୍ଶ ମୁଦ୍ରାର ବୁଦ୍ଧ, ମଂଜୁଶ୍ରୀ, ପଦ୍ମପାଣି ଅବଲୋକିତେଶ୍ୱର, ବଜ୍ରପାଣି ଅବଲୋକିତେଶ୍ୱର, ତାରା, ଲୋକନାଥ, ସପ୍ତମାତୃକା (ସାତଗୋଟି ମୂର୍ତ୍ତି) ଅଗ୍ନି, ଐଶାନ, ନୈଋତ, ବାୟୁ, ଇନ୍ଦ୍ର, କୁବେର, ବରୁଣ, ଯମ, ଉମା-ମହେଶ୍ୱର, ଆଦିଙ୍କର ମୂର୍ତ୍ତି ରହିଛି । ଏହାଛଡ଼ା ଅଶୋକ ସ୍ତମ୍ଭର ଅଂଶ, ସିଂହମୂର୍ତ୍ତି ଆଦି ବହୁ ଐତିହାସିକ ତତ୍ତ୍ୱ ସମ୍ବଳିତ ମୂର୍ତ୍ତି ମଧ୍ୟ ରହିଛି । ଏଥିରୁ ବିଭିନ୍ନ କାଳର କାରିଗରି ବିଦ୍ୟା, ରାଜନୀତି ଓ ଧର୍ମ ସଂକ୍ରାନ୍ତରେ ସୂଚନା ମିଳେ ।

ଲିପିତତ୍ତ୍ୱ ବିଭାଗରେ ରହିଛି ୧୧୯ଟି ତାମ୍ର ଫଳକ, ୨୪ଟି ପ୍ରସ୍ତର ଅଭିଲେଖ ଏବଂ ପ୍ଲାଷ୍ଟର ଉପରେ ଖୋଦିତ ବହୁ ସଂଖ୍ୟକ ଅଭିଲେଖ । ଓଡ଼ିଆ ଭାଷାର ଲିପି ଓ ସଂଖ୍ୟାର ବିକାଶ କିପରି ହୋଇଛି, ତାହା ଏହି ବିଭାଗରୁ କିଛି ମାତ୍ରାରେ ଜଣାପଡ଼େ ।

ପ୍ରାଚୀନ ମୁଦ୍ରା ବିଭାଗ ବେଶ୍ ଗୁରୁତ୍ୱପୂର୍ଣ୍ଣ । ପ୍ରଥମେ ମଣିଷର ଆବଶ୍ୟକତା ଥିଲା କମ୍ । ତେଣୁ ସେ ତା'ର ଚାହିଦା ପୂରଣ ପାଇଁ ଉତ୍ପାଦିତ ଶସ୍ୟ ବା ପାଳନ କରିଥିବା ପଶୁପକ୍ଷୀ ବଦଳରେ ଜିନିଷ ବା ଶ୍ରମ କିଣୁଥିଲା । ବହୁକାଳ ପରେ ମୁଦ୍ରାର ଆବଶ୍ୟକତା ପଡ଼ିଲା । ସେ କାଳରେ ସୁନା, ରୂପା ଆଦି ମୂଲ୍ୟବାନ୍ ଧାତୁର ମୁଦ୍ରା ବ୍ୟବହାର କରାଗଲା । ଅତଏବ ଗୁପ୍ତଯୁଗଠାରୁ ଆରମ୍ଭ କରି ଆଧୁନିକ ଯୁଗ ଯାଏଁ ପ୍ରଚଳିତ ମୁଦ୍ରାର ସଂଗ୍ରହ ଏହି ବିଭାଗରେ ପ୍ରଦର୍ଶନ ପାଇଁ ରହିଅଛି । ଏଥିରୁ ଆମ ଦେଶର ଅର୍ଥନୀତି, ରାଜନୀତି, କଳା-ସଂସ୍କୃତିର ସୂଚନା ମିଳେ । ଖଣି ଓ ଭୂତତ୍ତ୍ୱ ବିଭାଗର ଗ୍ୟାଲେରୀରେ ଦେଖିବାକୁ ମିଳେ ବିଭିନ୍ନ ପ୍ରକାର ଓ ରଙ୍ଗ-ବେରଙ୍ଗର ପଥର । ଖଣିରୁ ବାହାରିଥିବା ନାନାବିଧ ପଥର ମଧ୍ୟରୁ କୋଇଲା, ମାଙ୍ଗାନିଜ ପଥର, ଲୁହାପଥର, ଚୂନ ପଥର, ବକ୍ସାଇଟ୍, ଗ୍ରାଫାଇଟ୍, କ୍ରୋମାଇଟ୍ ପଥର, ମାଗ୍ନେଟାଇଟ୍ ପଥର, ମାର୍ବଲ, ବାଲିପଥର, ଖଣ୍ଡେଲାଇଟ୍ ପଥର ଆଦି ପ୍ରଧାନ । ଖଣିଜ ଦ୍ରବ୍ୟରୁ ଧାତୁ ତିଆରିର କୌଶଳ ମଧ୍ୟ ଏହି ବିଭାଗରେ ପ୍ରଦର୍ଶିତ ହୋଇଅଛି । ହଜାର ହଜାର ବର୍ଷ ପୂର୍ବର ଉଦ୍ଭିଦରୁ କିପରି କୋଇଲା ହୋଇଛି, ତା'ର ପ୍ରମାଣ ମିଳେ ଏଠାରେ ଥିବା ଉଦ୍ଭିଦ ଜୀବାଶ୍ମରୁ । ସବୁଠୁଁ ବଡ଼ିଆ ଜିନିଷ ହେଲା କୋଇଲା ଖଣିର ନମୁନା ପ୍ରଦର୍ଶନ । ତାକୁ ଦେଖି ଦର୍ଶକ ଖଣିରୁ ଜିନିଷ ଉଠାଯିବାର ପ୍ରଣାଳୀ ଓ ପରିବହନ ସଂପର୍କରେ ଧାରଣା ପାଇପାରିବେ ।

ପିଲାଙ୍କ ପାଇଁ ଯାଦୁଘରର ସବୁଠୁଁ ଆକର୍ଷଣୀୟ ବିଭାଗଟି ହେଲା ପ୍ରାଣୀ ବିଭାଗ । ଏଥିରେ ବନ୍ୟଜୀବ (ପଶୁ-ପକ୍ଷୀ-ସରୀସୃପାଦି) ଙ୍କ ନମୁନା ପ୍ରଦର୍ଶିତ ହୋଇଅଛି । ଏଥିରେ ଚିତାବାଘ, ହେଟାବାଘ, ଧଳାବାଘ, ସିଂହ, ଭାଲୁ, ଧଳାଭାଲୁ, (ପାଣ୍ଡା, ବରଫ ଭାଲୁ), ବଣ ବିଲେଇ, ନୀଳଗାଈ, ବାଇସନ୍, କୃଷ୍ଣସାର ମୃଗ, ଚିତ୍ରିତ ମୃଗ, କୁତ୍ରା, ବରାହ, ଜେବ୍ରା, କଙ୍ଗାରୁ, ଜାଗୁଆର ଆଦି ପଶୁ ସହ ହଂସ, ବତକ, ଶୁଆ, ସାରୀ, କୋଇଲି, ପେଲିକାନ୍, ବାୟାଚଢ଼େଇ, ଗେଣ୍ଡାଳିଆ, ମୟୂର, ମାଛରଙ୍କା ପକ୍ଷୀର ନମୁନା ରହିଅଛି । ଅତି ଜୀବନ୍ତ ମନେ ହେଉଥାଏ ଚିତ୍ରିତ ପରିବେଶ । ନାନା ପ୍ରକାର ଜଳଜୀବ ଶ୍ରେଣୀରେ ରହିଛି ସ୍ତନ୍ୟପାୟୀ ଶିଶୁମାର । ଏହା ଛଡ଼ା କୁମ୍ଭୀର, କଇଁଛ, ଓଧ, ସାପ ଆଦି ନାନା ପ୍ରକାର ସରୀସୃପ ଏଇ ବିଭାଗରେ ସ୍ଥାନ ପାଇଛନ୍ତି । ଦେଖିଲେ ମନେ ହେବ ଏହା ଏକ ଅଜୀବନ୍ତ ସ୍ଥିର ଚିଡ଼ିଆଖାନା । ଏକ କୃତ୍ରିମ ଜୀବ ଉଦ୍ୟାନ । ଏହାକୁ ଦେଖି ପିଲାଏ ମୋହିତ ହୋଇ ଭାବିବେ ଯାହା ହେଉ ଗୋଟାଏ ଦିନର ଛୁଟିରେ ଯାଦୁଘର ସହ ଚିଡ଼ିଆଖାନା ଦେଖା ବି ହୋଇଗଲା ।

ଚାରୁ ଓ ଚାରୁକଳା ବିଭାଗରେ ସ୍ଥାନିତ ଜିନିଷଗୁଡ଼ିକ ଦର୍ଶକଙ୍କୁ ସମ୍ମୋହିତ କରେ । ଏତେ ସୁନ୍ଦର କାଠକାମ ! କାଠ, ବାଉଁଶ, ବେତରେ ତିଆରି ଘରକରଣା ସାମଗ୍ରୀ, ସବାରି, ପାଲିଙ୍କି, ବିମାନ, ସିଂହାସନ, ଛତ୍ରୀ, ହାଉଦା, ତାମ୍‌ଯାନ, କୃଷି ଯନ୍ତ୍ରପାତି, ଶିଂଘ ଓ ହାତୀଦାନ୍ତରେ ତିଆରି ନାନା ସୂକ୍ଷ୍ମ କାରୁକାର୍ଯ୍ୟ ନିପୁଣ କାରିଗରିର ପ୍ରମାଣ ଦିଏ । ଚାନ୍ଦୁଆ, ଛତ୍ର, ତରାସ, ହାତୀ ଘୋଡ଼ା ଆକୃତିର କଣ୍ଢେଇ, ଝୁଲା, ବଟୁଆ ଆଦି ବେଶ୍ ଆକର୍ଷଣୀୟ । ହାତୀଦାନ୍ତର ଛୋଟ ମେଜ ଶଗଡ଼, ବୋତାମ, ପଙ୍ଖା, ଦେବାଦେବୀଙ୍କ ମୂର୍ତ୍ତି ଆଦି ବହୁ ମୂଲ୍ୟବାନ୍ ଜିନିଷରେ ଆଖି ଲାଗିରହେ । ଏଥିରେ ସ୍ଥାନିତ ନାନାବିଧ ବାଦ୍ୟଯନ୍ତ୍ର ଯଥା- ବଂଶୀ, ଏକତାରା, ଢୋଲ, ନାଗରା, ଢେଙ୍କା ଓ ଧାତୁନିର୍ମିତ ତାଳ ବାଦ୍ୟଯନ୍ତ୍ର ସହ ପାଲା ସଂସ୍କୃତିର ନମୁନା ଶିଳ୍ପୀର ଉଚ୍ଚ କଳ୍ପନା ଶକ୍ତି ମୂଲ୍ୟାୟନ କରେ ।

ପାରମ୍ପରିକ କଳା ବିଭାଗରେ ରହିଛି ସୁନା-ରୂପା ତାରରେ ତିଆରି ଅଳଙ୍କାର, ମୂର୍ତ୍ତି, ଜାଲିବାକ୍ସ, କମାର କାମ, କୁମ୍ଭାର କାମ, ଟେରାକୋଟା କାମର ନମୁନା । କଂସା-ପିତ୍ତଳ ଧାତୁରେ ତିଆରି ନାନା ସାମଗ୍ରୀ ଦୃଷ୍ଟି ଆକର୍ଷଣ କରେ ଯଥା:- ପିତ୍ତଳମାଛ, ଘଣ୍ଟ, ଘଣ୍ଟା, ଘଣ୍ଟି, ଦର୍ପଣ, ଦୀପ, ପିଲିସଜ, ଗଛଦୀପ, କଳସ ଆଦି । ସବୁଜ ଘାସ ଓ ସୁନେଲି ଘାସ (କାଇଁଚ)ର ହାତକାମ, ସୋଲର ମୁକୁଟ, ଟୋପି, ମୁଖା ଆଦି ଉତ୍କଳୀୟ ଶିଳ୍ପୀର ଅଦ୍ଭୁତ ଶକ୍ତିର ପରିଚୟ ଦିଏ । ବୟନ ଶିଳ୍ପର ନମୁନା ସହ ତନ୍ତ, ତାକୁଡ଼ି ଆଦି ଗ୍ରାମ୍ୟ କୁଟୀର ଶିଳ୍ପର ପ୍ରମାଣ ରହିଛି ଏହି ବିଭାଗରେ ।

ପଟ୍ଟଚିତ୍ରରେ ଓଡ଼ିଆ ଶିଳ୍ପୀଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ପାଟ/ ମଠା / କପାସୂତାରେ ବୁଣା ମଜବୁତ୍ ବସ୍ତ୍ର (ପଟ୍ଟ) ଉପରେ

ଦେଶୀୟ ରଙ୍ଗରେ ରେଖାଚିତ୍ର କରନ୍ତି ପଟ୍ଟଚିତ୍ର ଶିଳ୍ପୀମାନେ। ପୌରାଣିକ, ଐତିହାସିକ ଚରିତ୍ରମାନଙ୍କୁ ଏଇ ପଟ୍ଟଚିତ୍ର ଜରିଆରେ ପରିସ୍ଫୁଟ ହୋଇ ଥିବାର ଦେଖାଯାଏ ଏଇ ବିଭାଗରେ। ଯଥା: ଶ୍ରୀ ଗଣେଶ, ନବଗୁଞ୍ଜର, ବୁଦ୍ଧଚରିତ, ଶ୍ରୀଜଗନ୍ନାଥଙ୍କ ବିବିଧ ବେଶ, କାଳୀୟ ଦଳନ, ଗୋପଲୀଳା ଦର୍ଶକଙ୍କୁ ମୁଗ୍ଧ କରେ।

ନୃତତ୍ତ୍ୱ ବିଭାଗରେ ବିବିଧ ଜନଜାତିଙ୍କର ଖାଦ୍ୟପେୟ, ବେଶଭୂଷା, ଅଳଙ୍କାର, ଗୃହୋପକରଣ ଅସ୍ତ୍ରଶସ୍ତ୍ରାଦି ସ୍ଥାନ ପାଇଛି। ପ୍ରକାଶ ଥାଉ କି ଓଡ଼ିଶାରେ ୬୨ ପ୍ରକାରର ଜନଜାତି ବିଭିନ୍ନ ଜିଲ୍ଲାରେ ବସବାସ କରନ୍ତି। ପ୍ରାକୃତିକ ପରିବେଶରେ ସେମାନଙ୍କର ସରଳ ଜୀବନଶୈଳୀ ପ୍ରଦର୍ଶନ ହେଲା ଏହି ବିଭାଗର ମୁଖ୍ୟ ଉଦ୍ଦେଶ୍ୟ।

ତାଳପତ୍ର ପୋଥି ବିଭାଗରେ ୩୭,୦୦୦ରୁ ଅଧିକ ସଂଖ୍ୟକ ପୋଥି ରହିଛି। ଏହା ରାଜ୍ୟର ସାରସ୍ୱତ ସଂପଦର ମହାନତା ସୂଚାଇଥାଏ। ବିଭିନ୍ନ ଭାଷାରେ ଲିଖିତ ପୋଥିଗୁଡ଼ିକ ପୁଣି ବିଭିନ୍ନ ଆକୃତିର। କିଛି ରଂଗୀନ ଚିତ୍ରିତ ପୋଥି ଶିଳ୍ପୀର କଳ୍ପନାଶକ୍ତି ଓ ଧୈର୍ଯ୍ୟର ପରିଚୟ ଦିଏ। ଅସ୍ତ୍ରଶସ୍ତ୍ର ବିଭାଗରେ ରହିଛି ବିଭିନ୍ନ କାଳରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ଯଥା– ଖଣ୍ଡା, ବର୍ଛା, ଢାଲ, ଫାର୍ସା, ତୋପ, କମାଣ, ବିଭିନ୍ନ ଆକାର ଓ ପ୍ରକାରର ବନ୍ଧୁକ। ପ୍ରାଚୀନ ଅସ୍ତ୍ରଶସ୍ତ୍ର, ଓଡ଼ିଶାର ଆଦିବାସୀ ଓ ରାଜା ମହାରାଜାଙ୍କର ସମର କୌଶଳର ପରିଚୟ ଦିଏ। ଉତ୍କଳଗୌରବ ମଧୁସୂଦନ ଦାସଙ୍କର ବ୍ୟବହୃତ ବନ୍ଧୁକ ଏହି ବିଭାଗର ଅନ୍ୟ ଏକ ଆକର୍ଷଣ।

ସ୍ୱତନ୍ତ୍ର ବୌଦ୍ଧ ବିଭାଗଟି ରାଜ୍ୟର ଅନ୍ୟତମ ସଂପଦ। ଖଣ୍ଡଗିରି, ଉଦୟଗିରି, ଲଳିତଗିରି, ଧବଳଗିରି, ରତ୍ନଗିରି ଆଦି ସ୍ଥାନରୁ ସଂଗୃହୀତ ବୌଦ୍ଧମୂର୍ତ୍ତି ଏଥିରେ ସ୍ଥାନିତ। ଓଡ଼ିଶାରେ ବୁଦ୍ଧଦେବ ଜନ୍ମ ଗ୍ରହଣ କରିଥିଲେ ବୋଲି ଗବେଷକମାନେ ମତ ପ୍ରକାଶ କରନ୍ତି। ଏଣୁ ରାଜ୍ୟର ବହୁ ସ୍ଥାନରେ ରହିଛି ବୌଦ୍ଧ କୀର୍ତ୍ତିରାଜି।

ରାଜଧାନୀ ଭୁବନେଶ୍ୱରରେ ଥିବା ଅନ୍ୟ ଯାଦୁଘରଗୁଡ଼ିକ ହେଲା:

୧) ଆଞ୍ଚଳିକ ପ୍ରାକୃତିକ ଯାଦୁଘର (ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ପାଖ)

୨) ଆଞ୍ଚଳିକ ବିଜ୍ଞାନ ସଂଗ୍ରହାଳୟ (ଆଚାର୍ଯ୍ୟବିହାର ଛକ ନିକଟ)

୩) ନୃତତ୍ତ୍ୱ ସଂଗ୍ରହାଳୟ (Anthropology Department) (ବାଣୀବିହାର, ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରର ନୃତତ୍ତ୍ୱ ବିଭାଗର ସଂଗ୍ରହ)

୪) ସୁଦର୍ଶନ ସାହୁ କଳା କାରିଗରି ଯାଦୁଘର (ଜୟଦେବ ବିହାର ଛକ ନିକଟ)

୫) କୀଟପତଙ୍ଗ ଯାଦୁଘର, (OUAT), ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ।

୬) ଆଦିବାସୀ କଳା–କାରିଗରି ଯାଦୁଘର

୭) ଜଳଜୀବ ସଂଗ୍ରହାଳୟ (CIFA = Central Institute of Fresh- water Aquaculture) କୌଶଲ୍ୟାଗଙ୍ଗ

୮) ମୁକ୍ତା ସଂଗ୍ରହାଳୟ (CIFA), କୌଶଲ୍ୟାଗଙ୍ଗ

୯) ହସ୍ତକର୍ମ ଯାଦୁଘର

୧୦)ଯତୀନ୍ ଦାସ କଳାକେନ୍ଦ୍ର

ପ୍ରକାଶ ଥାଉ କି, ଏଇ କେନ୍ଦ୍ରରେ ପାଞ୍ଚହଜାରରୁ ଅଧିକ ସଂଖ୍ୟକ ହାତପଙ୍ଖା ରହିଛି।

ସାରା ଓଡ଼ିଶାରେ, ଅବିଭକ୍ତ ତେରଗୋଟି ଜିଲ୍ଲାରେ ବିଛେଇ ହୋଇ ରହିଛି ସଂଗ୍ରହାଳୟମାନ। ମୟୂରଭଞ୍ଜର ସ୍ୱର୍ଗତ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ତାଙ୍କର ରାଜଧାନୀ ବାରିପଦାରେ ଓ ପରେ ଖିଂଚିଠାରେ– ଏହିପରି ଦୁଇଟି ସ୍ଥାନରେ ଯାଦୁଘର ବସାଇଥିଲେ। ଉଭୟରେ ରହିଛି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟଭିତ୍ତିକ ସ୍ମାରକୀ। ଏବେ ସେ ଦୁଇଟିଯାକ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପରିଚାଳିତ। ବାଲେଶ୍ୱର ଜିଲ୍ଲାର ସଂଗ୍ରହାଳୟ ଆଖପାଖ ଅଞ୍ଚଳ ଯଥା– ନୀଳଗିରି, ଅଯୋଧ୍ୟା, ବାହାନଗା, ସୋରୋ ଆଦିରୁ ସଂଗୃହୀତ ମୂର୍ତ୍ତି, ତଥ୍ୟ, କାରିଗରି କୌଶଳର ନମୁନା ନେଇ ସମୃଦ୍ଧ। ସେହିପରି ବରଗଡ଼, ବ୍ରହ୍ମପୁର, ଛତ୍ରପୁର, ବଲାଙ୍ଗୀର, ଢେଙ୍କାନାଳର ଯାଦୁଘର ସଂପୃକ୍ତ ଜିଲ୍ଲାର ସଂଗ୍ରହରେ ଋଦ୍ଧିମନ୍ତ। ଜୟଦେବ ସଂଗ୍ରହାଳୟ, କେନ୍ଦୁଲି (ବାଲିପାଟଣା, ଖୋର୍ଦ୍ଧା ଜିଲ୍ଲା) କବି ଜୟଦେବଙ୍କ ତଥ୍ୟ ସହ ଖ୍ରୀ.ଅ. ପ୍ରଥମ ଶତାବ୍ଦୀର ବହୁ ସ୍ମାରକୀକୁ ନେଇ ବହୁ ଆକର୍ଷଣର କେନ୍ଦ୍ର। ଉତ୍‌ଖନନ ଦ୍ୱାରା ସେହି ସ୍ମାରକୀ ସବୁ ସଂଗୃହୀତ। ଅବିଭକ୍ତ କୋରାପୁଟ ଜିଲ୍ଲାର ଜୟପୁର ଯାଦୁଘର ଆଖପାଖ ଅଞ୍ଚଳ ଯଥା– ବିଶିଂପୁର, ଜାମଦା, କୋଟପାଟ, କମତା, ନନ୍ଦପୁର, ବଡ଼ପଡ଼ା, ସୁବଳ ଆଦି ଅଞ୍ଚଳର ଜୈନ ସ୍ମାରକୀକୁ ନେଇ ପ୍ରତିଷ୍ଠିତ। ଏହି ଯାଦୁଘରେ ଗୋବର କଣ୍ଢେଇ, ଟେରାକୋଟା ସାମଗ୍ରୀ, ଧାନବେଣ୍ଟି ଆଦି ଉତ୍ତମ ରୂପେ ସଂରକ୍ଷିତ।

ପୂର୍ବେ ରାଜ ଖରିଆଳରେ ଏକ ଯାଦୁଘର ଥିଲା। ନବଗଠିତ ନୂଆପଡ଼ା ଜିଲ୍ଲାର ସଦର ମହକୁମା ନୂଆପଡ଼ାକୁ ପ୍ରୋକ୍ତ ଯାଦୁଘର ଉଠି ଆସିଅଛି। କଳାହାଣ୍ଡିର ମାଣିକ୍ୟପୁରୀ ଯାଦୁଘର,

ଭବାନୀପାଟଣାରେ ପ୍ରତିଷ୍ଠିତ । ଏହା ମଧ୍ୟଯୁଗରୁ ଆଧୁନିକ ଯୁଗ ଯାଏଁ ବହୁ ଐତିହାସିକ ତଥ୍ୟ, ତମ୍ବା ଅଭିଲେଖ, ଖଣିଜ ସାମଗ୍ରୀ, ଅସ୍ତ୍ରଶସ୍ତ୍ର, ଖୋଦନଶିଳ୍ପ, ଭାସ୍କର୍ଯ୍ୟକୁ ନେଇ ଗର୍ବିତ । କୋଣାର୍କର ଯାଦୁଘର ସ୍ୱକୀୟ ପ୍ରସ୍ତରଶିଳ୍ପ, ପ୍ରତ୍ନତତ୍ତ୍ୱ ସାମଗ୍ରୀର ଗବେଷଣା କେନ୍ଦ୍ର। ପୁରୀ ଜିଲ୍ଲା ଯାଦୁଘର ପୋଥି, ମୁଖା, ଶ୍ରୀଜଗନ୍ନାଥ ସଂସ୍କୃତିର ସାମଗ୍ରୀକୁ ନେଇ ଆକର୍ଷଣୀୟ । କଟକ ଜିଲ୍ଲାର ସାଲେପୁର ଶୁକ୍ଳେଶ୍ୱର ଯାଦୁଘରେ ବୌଦ୍ଧ ସ୍ମାରକୀ ଥିଲା ବେଳେ ପ୍ରତାପନଗରୀ ଯାଦୁଘରଟିରେ ରହିଛି ଜୈନ ପରଂପରା ଓ ସଂସ୍କୃତିର ନିଦର୍ଶନ । ଯାଜପୁର ଜିଲ୍ଲାର ରତ୍ନଗିରି, ଉଦୟଗିରି ସଂଗ୍ରହାଳୟରେ ବୌଦ୍ଧ କୀର୍ତ୍ତି ଭରି ରହିଛି । ପୁରୀ ଜିଲ୍ଲାର ନିମାପଡ଼ା ନିକଟସ୍ଥ ବିଷ୍ଣୁପୁର, କାକଟପୁର ପାଖରେ ଥିବା ଲତାହରଣରେ ରହିଛି ଯାଦୁଘର । ବହୁ ପୁରାତନ ମନ୍ଦିର, ପଥରମୂର୍ତ୍ତି ଏଠାକାର ସାମଗ୍ରୀ । ବାଲେଶ୍ୱର ଜିଲ୍ଲାର ଅଯୋଧ୍ୟା, ଖୋରଧା ଜିଲ୍ଲାର ବାଣପୁରର ବାଙ୍କୀଡ଼ଗଡ଼, ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ପାଖ ତୀର୍ଥମଠରେ ରହିଛି ବହୁ ସ୍ମାରକୀ । ଏଣୁ ଏଗୁଡ଼ିକୁ ଯାଦୁଘରର ମାନ୍ୟତା ପ୍ରଦାନ କରାଯାଇଛି । କଟକର ଜୋବ୍ରା ଲଞ୍ଚଘାଟ ଓ ପାରାଦୀପରେ ରହିଛି ସାମୁଦ୍ରିକ ନୌ-ପରିବହନ ସଂକ୍ରାନ୍ତୀୟ ଯାଦୁଘର । ପାରାଦୀପରେ ସାମୁଦ୍ରିକ ଜୀବଙ୍କୁ ନେଇ ପ୍ରତିଷ୍ଠିତ ହୋଇଛି ଏକ ଅତୁଳନୀୟ ବିରଳ ଯାଦୁଘର । କଟକର ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ରରେ ରହିଛି କୃଷି ବିଜ୍ଞାନଭିତ୍ତିକ ଏକ ଯାଦୁଘର ।

ନୟାଗଡ଼ ଜିଲ୍ଲାର ଦାଶରଥୀ ପଟ୍ଟନାୟକ ସଂଗ୍ରହାଳୟ, ଓ ବାଙ୍କୀର ସୁକର୍ଣ୍ଣିକା ଯାଦୁଘର ଅନନ୍ୟ । ଭାରତର ସ୍ୱାଧୀନତା ସଂଗ୍ରାମକୁ ଆଧାର କରି କଟକର ସ୍ୱରାଜ୍ୟାଶ୍ରମ ସଂଗ୍ରହାଳୟ ଗଢ଼ି ଉଠିଥିବା ବେଳେ ସେହି ନଗରରେ ଉତ୍କଳଗୌରବ ମଧୁସୂଦନ ଦାସ (ମଧୁବାବୁ)ଙ୍କ ବ୍ୟବହୃତ ସାମଗ୍ରୀକୁ ନେଇ ମଧୁସ୍ମୃତି ଯାଦୁଘର ପ୍ରତିଷ୍ଠିତ ହୋଇଅଛି । ସେହିପରି କଟକ ନଗରର ଓଡ଼ିଆବଜାରରେ ଥିବା ସୁଭାଷଚନ୍ଦ୍ର ବୋଷଙ୍କ ଜୀବନ କାହାଣୀକୁ ଭିତ୍ତିକରି ଗଢ଼ି ଉଠିଥିବା ନେତାଜୀ ଜନ୍ମସ୍ଥାନ ଯାଦୁଘର ବେଶ୍ ତାତ୍ତ୍ୱିକ ଓ ଗୁରୁତ୍ୱପୂର୍ଣ୍ଣ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ନବୀନ କୁମାର ସାହୁଙ୍କ ନାମରେ ଯାଦୁଘରଟିଏ ପ୍ରତିଷ୍ଠିତ ହୋଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ତତୁଲ୍ୟ ଏକ ସଂଗ୍ରହାଳୟ ଗଢ଼ି ଉଠିଛି ।

ଆମ ରାଜଧାନୀ ନୂଆଦିଲ୍ଲୀରେ ରହିଛି ଜାତୀୟ ସଂଗ୍ରହାଳୟ ସହ ଅନେକ ଯାଦୁଘର । ବଙ୍ଗଦେଶରେ ଏସିଆଟିକ୍ ସୋସାଇଟି (The Asiatic Society) ପ୍ରଥମେ କିଛି ବହି, ଦଲିଲ, ଦସ୍ତାବିଜ ଓ ଗୁରୁତ୍ୱପୂର୍ଣ୍ଣ କାଗଜ ସଂରକ୍ଷିତ କରି ରଖିବା ଆରମ୍ଭ କଲେ ୧୭୮୪ ଖ୍ରୀ.ଅ.ରେ । ପ୍ରୋକ୍ତ ଅନୁଷ୍ଠାନ ସନ ୧୮୧୪ ମସିହାରେ କଲିକତାରେ ପ୍ରତିଷ୍ଠା କଲେ ସଂଗ୍ରହାଳୟ । ତା'ପରେ ପରେ ସାରା ଦେଶରେ ବିଭିନ୍ନ ସ୍ଥାନରେ ଯାଦୁଘରମାନ ପ୍ରତିଷ୍ଠା ହେଲା । ସଂଗ୍ରହାଳୟଗୁଡ଼ିକ ପ୍ରତିଷ୍ଠାକାଳ ବନ୍ଧନୀ ମଧ୍ୟରେ ସୂଚିତ କରାଗଲା । ବମ୍ବେ (ମୁମ୍ବାଇ ବର୍ତ୍ତମାନର ନାମ) ଯାଦୁଘର (୧୮୪୩), ମାନ୍ଦ୍ରାଜ (ଚେନ୍ନାଇ) ଯାଦୁଘର (୧୮୫୧), ତିରୁବାନନ୍ତପୁରମ୍ (କେରଳ) ଯାଦୁଘର (୧୮୫୭), ବାଙ୍ଗାଲୋର ଯାଦୁଘର (୧୮୬୫) ପ୍ରତିଷ୍ଠିତ ହେଲା । ଏହା ପରେ ପରେ ଫଇଜାବାଦ ଯାଦୁଘର (୧୮୬୭), ଦିଲ୍ଲୀ ମୁନିସିପାଲ୍ ଯାଦୁଘର (୧୮୬୮), ମଥୁରା ଯାଦୁଘର (୧୮୭୪), ରାୟପୁର ଯାଦୁଘର (୧୮୭୫), ଜୟପୁର ଯାଦୁଘର (୧୮୮୭), ରାଜକୋଟ ଯାଦୁଘର (୧୮୮୮) ବରୋଦା ସଂଗ୍ରହାଳୟ (୧୮୯୪) ପ୍ରତିଷ୍ଠା ଲାଭ କଲା । ଇଂଲଣ୍ଡର ପ୍ରସିଦ୍ଧ 'ଦି ବ୍ରିଟିଶ ମିଉଜିୟମ୍' (The British Museum) ଅଛି ଲଣ୍ଡନ ମହାନଗରରେ । ଏହି ମହାନଗରରେ ୧୨ଟି ଯାଦୁଘର ଅଛି । ଫ୍ରାନ୍ସର ପ୍ୟାରିସ୍‌ଠାରେ, ଇଟାଲିର ଫ୍ଲରେନ୍ସ, ନେପଲ୍‌ସ୍, ମିଲନ୍‌ଠାରେ ରହିଛି ବଡ଼ ବଡ଼ ସଂଗ୍ରହାଳୟ । ସେହିପରି ରୋମ୍‌ର ତୁରିନ୍ ଓ ଭେନିସ୍‌ଠାରେ, ହଙ୍ଗେରିର ବୁଦାପେଷ୍ଟରେ, ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ, ଜାପାନର ଟୋକିଓରେ ସଂପୃକ୍ତ ଦେଶଗୁଡ଼ିକରେ ଜାତୀୟସ୍ତରର ଯାଦୁଘର ଅଛି । ରୁଷିଆର ଲେନିନ୍‌ଗ୍ରାଡ଼ ଓ ମସ୍କୋରେ ରହିଛି ବଡ଼ ବଡ଼ ଯାଦୁଘର । ମସ୍କୋରେ ପ୍ରତିଷ୍ଠିତ ଯାଦୁଘର (୧୯୫୦) କବି ପୁସ୍କିନ୍‌ଙ୍କ ନାମରେ ପରିଚିତ । ଜର୍ମାନ୍‌ର ବର୍ଲିନ୍, ଆଫ୍ରିକାର ଜୋହାନ୍‌ସବର୍ଗଠାରେ ଅଛି ନାମୀ ଯାଦୁଘର । ମେକ୍‌ସିକୋ ନଗରୀରେ ଅଛି ୭ଟି ଓ ରୋମ ନଗରରେ ଅଛି ୮ଟି ଯାଦୁଘର । ଆମେରିକାର ୱାଶିଂଟନ୍ ଡ଼ି. ସି. ରେ ଅଛି ସ୍ମିଥୋନିଆନ୍ ଇନଷ୍ଟିଚ୍ୟୁସନ୍ । ଏହାକୁ ଏକ ସଂଗ୍ରହାଳୟ ନ କହି ଯାଦୁଘରର ଶ୍ରେଣୀ ବା ସମାହାର କହିବା ଠିକ୍ ହେବ । ଏଥିରେ କଳାକୃତି, ବିଜ୍ଞାନ, ଇତିହାସ, ଶିଳ୍ପ ଆଦି ବହୁବିଧ ବିଭବ ସଂରକ୍ଷିତ ରହିଛି ମଣିଷ ଜାତିର ଶିକ୍ଷା– ଉପଭୋଗ– ଆନନ୍ଦ ପୁନଃ ପୁନଃ ବିକାଶ ପାଇଁ ।

**ସହାୟକ ପୁସ୍ତକ**

1. Encyclopaedia Britanica, Vol-15(1964)pp. 960-990
2. Museums of Odisha (2011) By- Dr. Bhagyalipi Malla

ସେକ୍ଟର – ୨/୪୨୬
ନୀଳାଦ୍ରି ବିହାର, ଭୁବନେଶ୍ୱର – ୨୧

# ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ

ପଣ୍ଡିତ ରାମକୃଷ୍ଣ ମିଶ୍ର

ସତ୍ୟବ୍ରତଂ ସତ୍ୟପରଂ ତ୍ରିସତ୍ୟଂ
ସତ୍ୟସ୍ୟ ଯୋନିଂ ନିହିତଂ ଚ ସତ୍ୟେ ।
ସତ୍ୟସ୍ୟ ସତ୍ୟମୃତସତ୍ୟନେତ୍ରଂ
ସତ୍ୟାତ୍ମକଂ ତ୍ୱାଂ ଶରଣଂ ପ୍ରପନ୍ନାଃ ॥

ଅର୍ଥାତ୍– ଭଗବାନ ଶ୍ରୀକୃଷ୍ଣ ମାତା ଦେବକୀଙ୍କ ଗର୍ଭରେ ଅବସ୍ଥାନ କରିବା ହେତୁ ବ୍ରହ୍ମା, ଶଙ୍କର ନାରଦାଦି ମୁନିଗଣ ଓ ଦେବଗଣ ନିଜ ନିଜ ଅନୁଚରମାନଙ୍କ ସହିତ କଂସର କାରାଗାରରେ ପହଞ୍ଚି ଶ୍ରୀଭଗବାନଙ୍କୁ ସ୍ତୁତି କରିବାକୁ ଲାଗିଲେ । ସେମାନେ ସ୍ତୁତି କରି କହିଲେ ହେ ପ୍ରଭୋ ! ଆପଣ ଯାହା ସଂକଳ୍ପ କରନ୍ତି, ତାହା ହିଁ କାର୍ଯ୍ୟରେ ପରିଣତ ହୁଏ । ତେଣୁ ଆପଣ ସତ୍ୟବ୍ରତ । ଆପଣଙ୍କୁ ପାଇବା ପାଇଁ ସତ୍ୟ ହିଁ ଶ୍ରେଷ୍ଠ ସାଧନା, ତେଣୁ ଆପଣ ସତ୍ୟପର । ସୃଷ୍ଟିର ପୂର୍ବେ ଆପଣ ଥିଲେ, ସୃଷ୍ଟିର ସ୍ଥିତି ସମୟରେ ଆପଣ ଅଛନ୍ତି ଏବଂ ପ୍ରଳୟ ପରେ ମଧ୍ୟ ଆପଣ ରହିବେ । ଆପଣ ହିଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ସତ୍ୟ । ସୁତରାଂ ଆପଣ ତ୍ରିସତ୍ୟ । ପୃଥିବୀ, ତେଜ, ଜଳ, ବାୟୁ ଓ ଆକାଶ ଏହି ପାଞ୍ଚୋଟି ଦୃଶ୍ୟମାନ ସତ୍ୟର ଆପଣ ହିଁ କାରଣ । ତେଣୁ ଆପଣ ସତ୍ୟର ଯୋନି । ଏହି ଦୃଶ୍ୟମାନ ସତ୍ୟ ମଧ୍ୟରେ ଆପଣ ହିଁ ଅନ୍ତର୍ଯ୍ୟାମୀ ରୂପେ ଅବସ୍ଥାନ କରିଛନ୍ତି । ତେଣୁ ଆପଣ ସତ୍ୟରେ ନିହିତ । ଏହି ଦୃଶ୍ୟମାନ ଜଗତର ଆପଣ ପରମାର୍ଥ ସ୍ୱରୂପ, କାରଣ ଏହାର ବିନାଶ ହେଲେ ଆପଣ ହିଁ ଅବଶେଷ ରହିଥାନ୍ତି । ସୁତରାଂ ଆପଣ ସତ୍ୟର ସତ୍ୟ । ଆପଣ ସତ୍ୟବାଣୀ ଓ ସମଦର୍ଶନର ପ୍ରବର୍ତ୍ତକ, ତେଣୁ ଆପଣ ଋତସତ୍ୟ ନେତ୍ର । ଆପଣ ଏହିପରି ସତ୍ୟ ସ୍ୱରୂପ ଅଟନ୍ତି । ଆମ୍ଭେମାନେ ଆପଣଙ୍କଠାରେ ଶରଣାଗତ ହୋଇଛୁ ।

ପାଣ୍ଡବ କୁଳେ ମୋର ଜନ୍ମ । ମୋହର ବନ୍ଧୁ ଭଗବାନ ॥
ଦ୍ରୋଣ କୁମର ବାଣ ତ୍ରାସେ । ମରିବି କହିଗଲେ ବ୍ୟାସେ ।
ତା'ଶୁଣି ଜନନୀ ମୋହର । ଶରଣ ଗଲା ଚକ୍ରଧର ॥
ଗର୍ଭେ ପଡ଼ିଲା ଆସି ବାଣ । ମୋତେ ରଖିଲେ ନାରାୟଣ
ତେଣୁ କୃଷ୍ଣର ମୋ ଶରୀର । କିଣିଲା ସେବକ ମୁଁ ତା'ର ।
(ଭାଗବତ ଦଶମ ସ୍କନ୍ଦ)

ବୀର ଅଭିମନ୍ୟୁଙ୍କ ପୁତ୍ର ରାଜା ପରୀକ୍ଷିତ ବ୍ୟାସଦେବଙ୍କ ପୁତ୍ର ଶୁକମୁନିଙ୍କଠାରୁ ଶ୍ରୀମଦ୍ ଭାଗବତ ଶୁଣିବା ଅବସରରେ ନିଜର ଏହି ଜନ୍ମ ବୃତ୍ତାନ୍ତ ଭାଗବତର ଦଶମ ସ୍କନ୍ଧ ପ୍ରଥମ ଅଧ୍ୟାୟରେ କହିଛନ୍ତି । ଦୁର୍ଯ୍ୟୋଧନ ଜାନୁଭଗ୍ନ ହୋଇ ମୃତପ୍ରାୟ ପଡ଼ିଥିବା ସମୟରେ ପାଣ୍ଡବମାନେ ଭ୍ରମିତ ହୋଇ ମୃତ ଭାବି ଛାଡ଼ି ଚାଲିଗଲେ । କିନ୍ତୁ ସେ ପ୍ରାଣାୟାମ କୁମ୍ଭକ ବା ନିଃଶ୍ୱାସ ରୋଧକ୍ରିୟା ଅଭ୍ୟାସ କରିଥିବାରୁ ସେପରି ପଡ଼ିଥିଲେ । ପାଣ୍ଡବମାନେ ତାଙ୍କୁ ଛାଡ଼ିଦେଇ ପବିତ୍ର ଗୋମତୀ ନଦୀ ତୀର୍ଥକୁ ନରହତ୍ୟାରୁ ମୁକ୍ତି ପାଇଁ ସ୍ନାନ କରିବାକୁ ଚାଲିଗଲେ । କୃପାଚାର୍ଯ୍ୟ ଓ ଦ୍ରୋଣପୁତ୍ର ଅଶ୍ୱତ୍ଥାମା ଦୁର୍ଯ୍ୟୋଧନ ପାଖରେ ପହଞ୍ଚିଲେ । ଅଶ୍ୱତ୍ଥମା ପାଣ୍ଡବମାନଙ୍କୁ ବିନାଶ କରିବ ବୋଲି ଦୁର୍ଯ୍ୟୋଧନ ଆଗରେ ଶପଥ କରି ସେହି ରାତିରେ ପାଣ୍ଡବ ଶିବିରରେ ପ୍ରବେଶ କଲା । ଅଶ୍ୱତ୍ଥମା ସେଠାରେ ଶୋଇଥିବା ଦ୍ରୌପଦୀଙ୍କ ପାଞ୍ଚପୁତ୍ରଙ୍କୁ ପାଣ୍ଡବ ଭାବି ହତ୍ୟା କଲା । ପାଣ୍ଡବମାନେ ଫେରି ଅଶ୍ୱତ୍ଥାମା ପୁତ୍ରମାନଙ୍କୁ ହତ୍ୟା କରିଥିବା ଜାଣିଲେ । ଅର୍ଜୁନ ଅଶ୍ୱାତ୍ଥମାଙ୍କୁ ହତ୍ୟା କରିବାକୁ ଶପଥ କରିବା ସମୟରେ ଅଶ୍ୱାତ୍ଥମା ଅମରତ୍ୱ ବର ଲାଭ କରିଥିବାରୁ ତା'ର ମୃତ୍ୟୁ ନାହିଁ ବୋଲି ଶ୍ରୀକୃଷ୍ଣ କହିଲେ । ପାଣ୍ଡବମାନେ ଅଶ୍ୱତ୍ଥମାଙ୍କୁ ଖୋଜି ବ୍ୟାସଦେବଙ୍କ ଆଶ୍ରମ ଯଜ୍ଞଶାଳାରେ ପାଇଲେ । ଅଶ୍ୱତ୍ଥାମା ଅର୍ଜୁନଙ୍କୁ ମାରିବାକୁ ପିତାଙ୍କଠାରୁ ପ୍ରାପ୍ତ ଲୋକକଲ୍ୟାଣ ପାଇଁ ଉଦ୍ଦିଷ୍ଟ ବ୍ରହ୍ମଶ୍ରୀ ଅସ୍ତ୍ରର ଅନୁଚିତ ପ୍ରୟୋଗ କଲେ । ଏହା ଦେଖି ତାହାର ପ୍ରତିହତ ପାଇଁ ଅର୍ଜୁନ ମଧ୍ୟ ବ୍ରହ୍ମଶ୍ରୀ ଅସ୍ତ୍ର ପ୍ରୟୋଗ କଲେ । ଦୁଇ ଅସ୍ତ୍ର ପରସ୍ପରମୁଖୀ ହେଲେ ସୃଷ୍ଟି ବିନାଶ ହେବ ଜାଣି ବ୍ୟାସଦେବ ଆକାଶରେ ଦୁଇପଟେ ଏକ ଏକ ହସ୍ତରେ ତାହାକୁ ଗତିରୋଧ କରି ଅଶ୍ୱତ୍ଥମା ଓ ଅର୍ଜୁନଙ୍କୁ

ଅସ୍ତ୍ର ଫେରାଇବାକୁ ଆଦେଶ ଦେଲେ । ଅର୍ଜୁନ ଅସ୍ତ୍ର ଲେଉଟାଇଲେ । କିନ୍ତୁ ଅଶ୍ୱତ୍ଥାମା ଲେଉଟାଇବା ବିଦ୍ୟା ଜାଣି ନଥିଲେ । ତେଣୁ ସେ ତା'ର ଦିଗ ପରିବର୍ତ୍ତନ କରି ପାଣ୍ଡବ ବଂଶ ନାଶ ପାଇଁ ତାହାକୁ ଅଭିମନ୍ୟୁଙ୍କ ପତ୍ନୀ ଉତ୍ତରାର ଗର୍ଭନଷ୍ଟ ନିମନ୍ତେ ପ୍ରୟୋଗ କଲେ । ବ୍ୟାସଦେବ ଅଶ୍ୱତ୍ଥାମା ବାଣରେ ପୁତ୍ରର ମୃତ୍ୟୁଯୋଗ ଅଛି ବୋଲି ଆଗରୁ ଉତ୍ତରାଙ୍କୁ କହିଥିଲେ । ତେଣୁ ଉତ୍ତରା ନାରାୟଣଙ୍କ ଶରଣ ନେଇଥିଲେ । ଏହି ଅସ୍ତ୍ର ପଡ଼ିବା ଦେଖି ଉତ୍ତରା ନାରାୟଣଙ୍କୁ ପ୍ରାର୍ଥନା କଲେ । ଶ୍ରୀକୃଷ୍ଣ ସୁଦର୍ଶନଚକ୍ର ଦ୍ୱାରା ସେହି ଅସ୍ତ୍ରର ପ୍ରତିରୋଧ କଲେ । ଶ୍ରୀକୃଷ୍ଣଙ୍କ ଅନୁରୋଧରେ ଅନୁଚିତ ପ୍ରୟୋଗ ହୋଇଥିବା ନିଜ ଅସ୍ତ୍ରକୁ ବ୍ରହ୍ମା ଫେରାଇନେଲେ । ଏହାହିଁ ଉପରୋକ୍ତ ଭାଗବତ ପଦାବଳୀର ମୂଳ ରହସ୍ୟ । ଭଗବାନ ଶ୍ରୀକୃଷ୍ଣ ଏହିପରି ମହା ମହା ବିପଦରୁ ଭକ୍ତମାନଙ୍କୁ ରକ୍ଷା କରିବାର ବହୁ ଦୃଷ୍ଟାନ୍ତ ଭାଗବତରେ ରହିଛି । ଶ୍ରୀକୃଷ୍ଣ ପରମ କୃପାଳୁ । ଆଜି ମଧ୍ୟ ଯେ ତାଙ୍କୁ ଭକ୍ତିକରେ ଓ ବିପଦରେ ଶରଣ ପଶେ, ସେ ତାକୁ ରକ୍ଷା କରନ୍ତି । କେବଳ ବିଶ୍ୱାସ ଟିକକ ମନରେ ରହିବା ଦରକାର ।

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପର୍ବ ଅନୁଷ୍ଠିତ ହୁଏ । ପରମ୍ପରା ଅନୁସାରେ ସନ୍ଧ୍ୟା ଧୂପ ବେଶରେ ମହାପ୍ରଭୁଙ୍କୁ ନୂଆ ବୋଇରାଣୀ ପତନି ଲାଗି ସହିତ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥାଏ । ସନ୍ଧ୍ୟା ଧୂପ ଟେରାପଡ଼ିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଭଣ୍ଡାର ଦ୍ୱାର ଆଗରେ ଶୁଦ୍ଧସୁଆର ପୋଛ ମାରନ୍ତି । ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ 'ସର୍ବତ୍ର ଭଦ୍ର ମଣ୍ଡଳ' ଲେଖନ୍ତି । ସୁଦୁଦୁଆର ପୂଜା ଠାଆ କରନ୍ତି ଓ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଜନ୍ମଚକଡ଼ାରେ ସଂକଳ୍ପ ବାକ୍ୟ ମନ୍ତ୍ର ଉଚ୍ଚାରଣ କରି ବରୁଣ ପୂଜା କରନ୍ତି । ରୂପା ପଦ୍ମପାଖୁଡ଼ା ଓ କୃଷ୍ଣଜନ୍ମପଟି ଭଦ୍ରମଣ୍ଡଳ ଉପରେ ରଖାଯାଏ । ଚିତ୍ରକାର ଯୋଗାଇଥିବା ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳରାମ, ଗାର୍ଗବ ଋଷି ଓ କୃଷ୍ଣ ଆଦି ନଅଟି ଚିତ୍ର ବିଶିଷ୍ଟ ଚିତ୍ରପଟ ଭଦ୍ରମଣ୍ଡଳ ଉପରେ ରଖାଯାଏ । ବଣିଆ ସେବକ ଯୋଗାଇଥିବା ରୂପା ପଦ୍ମପାଖୁଡ଼ାରେ ସୁବର୍ଣ୍ଣ କୃଷ୍ଣ ପ୍ରତିମା ରଖା ଯାଇ ନଅଟି ଶୀତଳ ଭୋଗ ପଞ୍ଚୋପଚାରରେ କରାଯାଏ । ଏହାପରେ ଦକ୍ଷିଣ ଘରୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଆଜ୍ଞାମାଳ ଧଣ୍ଡିପ୍ରସାଦ ଲାଗି ପୂର୍ବକ ଜନ୍ମ ମଣ୍ଡଳରେ ବିଜେ କରନ୍ତି । ଫୁଲମାଳ ଓ ଚନ୍ଦନ ଲାଗି ପରେ ପନ୍ତିଭୋଗ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରନ୍ତି । ଏଠାରେ ପୂଜାପଣ୍ଡା ଗର୍ଭଉଦକ ଓ ଶୀତଳଭୋଗ ପରେ ଦୁଇଜଣ ସେବକ ଲୁଗା ଘୋଡ଼ାଇ ହୋଇ ବସୁଦେବ ଓ ଦେବକୀ ବେଶରେ ଶ୍ରୀକୃଷ୍ଣଙ୍କୁ ନିଶାର୍ଦ୍ଧରେ ଜନ୍ମ କରାଇଥାନ୍ତି । ଚକ୍ଷୁ ଯୁଗଳ ପଦ୍ମଫୁଲ ପରି, ବକ୍ଷରେ ଶ୍ରୀବତ୍ସ ଚିହ୍ନ, ଗଳାରେ କୌସ୍ତୁଭମଣି, କଟିଦେଶରେ ପୀତାମ୍ବର, ବୈଦୁର୍ଯ୍ୟମଣି ମୁକୁଟ ଓ କୁଣ୍ଡଳ, ବାହୁରେ ବାଜୁବନ୍ଧ ଓ ହାତରେ କଙ୍କଣ ସହିତ ଶ୍ୟାମଳ ବର୍ଣ୍ଣ ଶ୍ରୀକୃଷ୍ଣ ଜନ୍ମ ଚକଡାରେ ଜନ୍ମ ହୁଅନ୍ତି । ଜନ୍ମନୀତି ଶେଷ ହେବା ପରେ ଦୁଧ, ଲହୁଣୀ ଓ ଗଣ୍ଡୁଷ ମସଲା ଶୀତଳଭୋଗ ଷୋଡ଼ଶୋପଚାରରେ ପୂଜା ସମର୍ପଣ ମଣୋହି ପରେ କର୍ପୂର ଆଳତି ହୋଇ ରୂପା ଥାଳିରେ ମଦନମୋହନ ବିଜେ କରି ବାହାରକୁ ଆସନ୍ତି । ଶ୍ରୀକୃଷ୍ଣଙ୍କ ଜନ୍ମନୀତି ଶ୍ରୀମନ୍ଦିରରେ ଏକ ଗୁପ୍ତସେବା ହେତୁ ଦର୍ଶନ ହୁଏ ନାହିଁ ।

ଏହି ସମୟରେ ବେହେରା ଖୁଣ୍ଟିଆ ଠାକୁରଙ୍କ (ଶ୍ରୀକୃଷ୍ଣଙ୍କ) ମସ୍ତକ ଉପରେ କାଠର ଏକ ସପ୍ତଫେଣା ବାସୁକୀ ସର୍ପକୁ ଧରି ଚାଲନ୍ତି । ମୁଦିରସ୍ତ ସେବକ ପ୍ରସାଦ ଲାଗି ଓ ବନ୍ଦାପନା କରିବା ପରେ ମଦନମୋହନ ଶ୍ରୀକୃଷ୍ଣ ଭାବରେ ନାଭିକଟା ମଣ୍ଡପଠାରେ ଖଟଶେଯ ଉପରେ ବିଜେ କରନ୍ତି । ଏହାପରେ ପୂଜାପଣ୍ଡା ବସୁଧାରା ଦେଇ କୁଶରେ ନାଭିଛେଦନ କରନ୍ତି । ନାଭିଛେଦନ ପରେ ପଞ୍ଚାମୃତରେ ମହାସ୍ନାନ, ମଦନମୋହନ ଓ ରାମକୃଷ୍ଣଙ୍କୁ ମାଜଣା, ବନକଲାଗି କରାଯାଏ । ଶୀତଳଭୋଗ ମଣୋହି ଓ ବନ୍ଦାପନା ହେବା ପରେ ମହାଜନମାନେ ଠାକୁରଙ୍କୁ ହାତରେ ବିଜେ କରାଇ ଜଗମୋହନରେ କୋଠ ସୁଆଁସିଆ ଦ୍ୱାରା ବନ୍ଧା ଯାଇଥିବା ଦୋଳିରେ ବିଜେ କରାନ୍ତି । ପୂଜା କୋରାଲଡୁ ଶୀତଳ ଭୋଗ ପ୍ରସାଦ ଲାଗି ଓ ମଣୋହି ହୋଇ ବନ୍ଦାପନା ସରିବା ପରେ ଭିତରେ ପାଣି ପଡ଼ି ରୋଷଘରୁ ବଡସିଂହାର ଭୋଗ ଛେକ ଆସିବା ମାତ୍ରେ ରାମକୃଷ୍ଣ ଦୁଇମୂର୍ତ୍ତି ରତ୍ନ ସିଂହାସନକୁ ଏବଂ ମଦନମୋହନ ଦକ୍ଷିଣ ଘରକୁ ବିଜେ କରନ୍ତି । ବଡ଼ସିଂହାର ଭୋଗ ପରେ ଠାକୁରମାନଙ୍କର ପହୁଡ଼ନୀତି ହୁଏ । ଜନ୍ମନୀତି ଶେଷ ପରେ ବସୁଦେବ ବେଶଧାରୀ ସେବକ ଏକ ରୂପାଥାଳିରେ ଶ୍ରୀକୃଷ୍ଣଙ୍କୁ ବିନା ଦିହୁଡ଼ି ଓ ବିନା ବାଦ୍ୟରେ ସରସ୍ୱତୀଙ୍କ ମନ୍ଦିର ସମ୍ମୁଖ ଯମୁନା ନଦୀକୁ ନିଆଯାଏ । ଯମୁନା ନଦୀ କୂଳରେ ଉଗ୍ରସେନ ବେଶରେ ଥିବା ସେବକ ସହ ଭେଟ ହେବାରୁ ସେ ମହାପ୍ରଭୁଙ୍କ ପରିଚୟ ପାଇ ଦଣ୍ଡପ୍ରଣାମ କରନ୍ତି । ଓଡିଶାରେ ଏବଂ ବିଶେଷରେ ମଥୁରା ଓ ବୃନ୍ଦାବନରେ ଏହା ପାଳିତ ହୁଏ । ସାକ୍ଷୀଗୋପାଳରେ ମଧ୍ୟ ଏହା ବିଶେଷ ଭାବେ ଅନୁଷ୍ଠିତ ହୁଏ । ଜନ୍ମାଷ୍ଟମୀ ପରଦିନ ଅର୍ଥାତ୍ କୃଷ୍ଣପକ୍ଷ ନବମୀ ତିଥିରେ ନନ୍ଦୋତ୍ସବ ଶ୍ରୀମନ୍ଦିର ଓ ଅନ୍ୟ ସର୍ବତ୍ର ପାଳିତ ହୁଏ । ନନ୍ଦୋତ୍ସବରେ ଶ୍ରୀମନ୍ଦିରରେ ମଙ୍ଗଳ ଆରତୀ ପରେ ରାମକୃଷ୍ଣ ଓ ମଦନମୋହନଙ୍କୁ ଜଗମୋହନରେ ବନ୍ଧା ଯାଇଥିବା ଦୋଳିରେ ବିଜେ କରାଯାଏ ।

ଏ.ଏଲ-୫୩
ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

# ରାଜକନିକା

**ହରିହର ପଣ୍ଡା**

ଆଠ ସେପ୍ଟେମ୍ବର ୧୮୦୩। କଲୋନେଲ୍ ହାର୍‌କୋର୍ଟଙ୍କ ନେତୃତ୍ୱରେ ଇଂଲିଶ୍ ସେନାବାହିନୀ ଆରମ୍ଭ କଲା ଓଡ଼ିଶା ଅଧିଗ୍ରହଣର ଅଭିଯାନ। ଯଦିଓ ଏହା ଦେଶୀୟ ରାଜାମାନଙ୍କୁ ଅଜଣା ଥିଲା କିନ୍ତୁ ସେତେବେଳେ ସୃଷ୍ଟି ହୋଇଥିବା ରାଜନୈତିକ ଅସ୍ଥିରତା ଓ ମରହଟ୍ଟା ଶାସକମାନଙ୍କ ଅରାଜକତା ଇଂଲିଶ୍ ସେନା ପାଇଁ ଏକ ଛଦ୍ମବେଶୀ ଆଶୀର୍ବାଦ ପ୍ରାୟ ସାଜିଥିଲା। ବିନା କୌଣସି ବାଧା ବନ୍ଧକରେ ସେମାନେ ୧୫ ସେପ୍ଟେମ୍ବରରେ ମାଣିକପାଟଣା ବନ୍ଦରରେ ପହଞ୍ଚିଲେ। ଯେଉଁ ବନ୍ଦର ଦିନେ କଳିଙ୍ଗ ନୌ–ବାଣିଜ୍ୟର ଏକ ପ୍ରଧାନ ପେଣ୍ଠସ୍ଥଳ ସାଜିଥିଲା, ତାହାର ଗୁରୁତ୍ୱ ପ୍ରାୟ ସେତେବେଳକୁ ହଜି ଯାଇଥାଏ। ବଡ଼ ଡଙ୍ଗାରେ ବିଦେଶକୁ ମାଲ୍ ପରିବହନ ପ୍ରାୟ ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯାଇଥିଲା। ଏଣେତେଣେ ଭଙ୍ଗା ଡଙ୍ଗାର କିଛି ଅଂଶବିଶେଷ ପଡ଼ିଥିଲେ ମଧ୍ୟ ସେଗୁଡ଼ିକର ଉପଯୋଗ ପ୍ରାୟତଃ କିଛି ନଥିଲା। ଛୋଟିଆ ଛୋଟିଆ ଡଙ୍ଗାକୁ ଏଠାର କିଛି ଧୀବର ମାଛ ଧରିବା ପାଇଁ ବ୍ୟବହାର କରୁଥିଲେ। କାଁଭାଁ ଅନ୍ୟ କୌଣସି ଅଞ୍ଚଳକୁ ଲୋକଙ୍କୁ ନେବା ଆଣିବା କରିବା ଏ ଡଙ୍ଗାଗୁଡ଼ିକର ଏକ ପ୍ରମୁଖ କାର୍ଯ୍ୟ ଥିଲା। ଏଣୁ ନାବିକମାନେ ବଡ଼ ଡଙ୍ଗାକୁ ଛାଡ଼ି ଛୋଟ ଛୋଟ ନୌକା ବ୍ୟବହାର କରୁଥିଲେ।

ଲୋକଙ୍କ ଖରାପ ଅର୍ଥନୀତି ଓ ଶାସନର ଅସ୍ଥିରତା ଯୋଗୁଁ ଏ ବାଣିଜ୍ୟ ପେଣ୍ଠଟିକୁ ଦଖଲ କରିବାରେ କିଛି ବି ଅସୁବିଧା ହୋଇନଥିଲା ହାର୍‌କୋର୍ଟଙ୍କୁ। ବିନା ପ୍ରତିରୋଧରେ ସେମାନେ ଆଗକୁ ବଢ଼ି ଚାଲିଲେ ପୁରୀ ଆଡ଼କୁ। ତିନିଦିନ ପରେ ଇଂରେଜ ଫୌଜ ପହଞ୍ଚିଲେ ପୁରୀରେ। ମରହଟ୍ଟାଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ରହିଥିବା ପୁରୀର ଜନସାଧାରଣ ଇଂରେଜମାନଙ୍କୁ ଆଉ ପ୍ରତିରୋଧ କରିବାକୁ ସାହସ ବି କରିପାରିଲେନି। ଫଳରେ ବିନା ଗଣ୍ଡଗୋଳରେ ସେପ୍ଟେମ୍ବର ୧୮ ତାରିଖରେ ପୁରୀ ଦଖଲ କଲେ ଇଂରେଜ ସେନା। ଦି' ଦିନ ପୁରୀରେ ରହି ଗତିବିଧିକୁ ଅନୁସରଣ କଲା ପରେ କଲୋନେଲ ହାର୍‌କୋର୍ଟ ହିନ୍ଦୁ ସିପାହୀଙ୍କୁ ଜଗନ୍ନାଥ ମନ୍ଦିରର ସୁରକ୍ଷା ପାଇଁ ନିୟୋଜିତ କଲେ। ଆରମ୍ଭ ହେଲା ଓଡ଼ିଶା ଅକ୍ତିଆରର ପର୍ବ।

ବାଟରେ ମରହଟ୍ଟା ସୈନିକଙ୍କ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ ମଧ୍ୟ ଇଂରେଜୀ ଗୋଳା ଆଉ ସୈନିକଙ୍କ କୌଶଳ ଆଗରେ ସେମାନେ ହାର ମାନିଥିଲେ। ଫଳରେ ଅକ୍ଟୋବର ୮ତାରିଖରେ କଟକ ଦଖଲ ହେଲା। ଇଂରେଜ ଆଗମନର ଖବର ଶୁଣି କଟକ ଦୁର୍ଗରେ ଆଉ କେହି ଲୋକ ନଥିଲେ। ଏଣୁ ସୁରୁଖୁରରେ କଟକ ଦଖଲ ହେଲା। ତା'ପରେ କୁଜଙ୍ଗ ଅଭିମୁଖେ ଯାତ୍ରା ଆରମ୍ଭ ହେଲା ।

ଏଠି କିନ୍ତୁ ସମର୍ପଣ ପର୍ବ ନଥିଲା। କୁଜଙ୍ଗ, କନିକା, ହରିଶ୍ପୁରର ରାଜା ଏକାଠି ହୋଇ ଫିରିଙ୍ଗି ସେନାର ମୁକାବିଲା କରିବାକୁ ଚେଷ୍ଟା କଲେ। ପାଇକମାନଙ୍କୁ ଏକାଠି କରି ଲଢ଼ିବାକୁ ଚାହିଁଲେ। ସେଥିରୁ ଅଧିକ ବିପଜ୍ଜନକ ଥିଲା କନିକା। ନଅଗୋଟି ଗଡ଼ରେ ବିଭକ୍ତ ହୋଇ କନିକା ମୟୂରଭଞ୍ଜ ରାଜାଙ୍କ ତତ୍ତ୍ୱାବଧାନରେ ସେତେବେଳେ ପରିଚାଳିତ ହେଉଥିଲା କନିକା। ୧୨୧୫ ଖ୍ରୀଷ୍ଟାବ୍ଦରୁ ମୟୂରଭଞ୍ଜର ରାଜା ଭୁଜବଳ ଭଞ୍ଜଙ୍କ ଏଠାକୁ ଆଗମନ ଫଳରେ ଏଠାରେ ଭଞ୍ଜ ରାଜବଂଶ ପ୍ରତିଷ୍ଠା ହୋଇଥିଲା। ତା' ପୂର୍ବରୁ କିନ୍ତୁ ଏହା ବରୁଣଗଡ଼ ଭାବେ ପରିଚିତ ଥିଲା। ଯେଉଁ ନଅଗୋଟି ଗଡ଼ରୁ ଭଞ୍ଜବଂଶୀ ଶାସନ ପରିଚାଳିତ ହେଉଥିଲା ସେଗୁଡ଼ିକ ହେଲା– କୋରଡ଼ାଗଡ଼, ଭିତରଗଡ଼, ବାହାରଗଡ଼, ନରଣ ଗଡ଼, ଧୋବେଇଗଡ଼, ଚମ୍ପାଗଡ଼, ରିଘାଗଡ଼, ରାଜଗଡ଼ ଓ ନଗଡ । ସେଥିରୁ ରିଘାଗଡ଼ ଥିଲା ରାଜଧାନୀ। ରାଜା ଦ୍ୱିତୀୟ

ବୈରାଗୀ ଭଞ୍ଜ ସେତେବେଳେ କନିକାକୁ ଶାସନ କରୁଥିଲେ। ଇଂରେଜମାନଙ୍କ ଶକ୍ତ ବିରୋଧ କରୁଥିବା ହେତୁ କଲୋନେଲ୍ ହାର୍‌କୋର୍ଟ ତାଙ୍କର କ୍ଷମତାକୁ ସଙ୍କୁଚିତ କରିବାକୁ ଚାହିଁଲେ। ଦୁର୍ଗଗୁଡ଼ିକୁ ଭାଙ୍ଗି ଦେଲେ। ତାଙ୍କ ପାଖରେ ଥିବା ବନ୍ଧୁକକୁ ଛଡ଼ାଇ ନେଲେ। ଯାହାଫଳରେ ସେ ଆଉ ବିରୋଧ କରିପାରିବେ ନାହିଁ। ରାଜା ବୈରାଗୀ ଭଞ୍ଜଙ୍କ ମୃତ୍ୟୁ ଘଟିଲା। ଶାସନ ପରିଚାଳିତ ହେଲା ରାଣୀଙ୍କ ଦ୍ୱାରା। ରିଜେଣ୍ଟ ରାଣୀ ସାହିବା ଶାସନ ଆରମ୍ଭ କଲେ। ହେଲେ କନିକା ରାଜ୍ୟର ବିରୋଧ ଶେଷ ହେଲା ନାହିଁ। ରାଜା ବଳଭଦ୍ର ଭଞ୍ଜଦେଓ ଇଂରେଜ ବାହିନୀର ମୁକାବିଲା କରିବା ଉଦ୍ଦେଶ୍ୟରେ ପୁଣିଥରେ ଖୋର୍ଦ୍ଧା ରାଜାଙ୍କ ଡାକରାକୁ ସହମତି ଦେଲେ। ପଡ଼ୋଶୀ ଆଳି ସିନା ଇଂରେଜଙ୍କ ଶାସନକୁ ସହଯୋଗ କରୁଥିଲା କିନ୍ତୁ କନିକା ଦେଶ ମାତୃକାରୁ ବିଦେଶୀ ଶକ୍ତିକୁ ହଟାଇବା ପାଇଁ କୁଜଙ୍ଗ ଓ ଖୋର୍ଦ୍ଧା ସହଯୋଗ ଦେଲା। ଫଳରେ ଇଂରେଜମାନେ ରାଜାଙ୍କୁ ଗିରଫ କରି ମିଦିନାପୁର ଜେଲକୁ ପଠାଇ ଦେଲେ। ୧୮୦୫ରେ ତାଙ୍କୁ ଖଲାସ କରାଯାଇଥିଲା। କିନ୍ତୁ ସେ ରୋଷ ଓ ରାଜ୍ୟ ପ୍ରେମ ସେଇଠି ଥମି ନଥିଲା। ୧୮୧୭ ମସିହାରେ ପାଇକ ବିଦ୍ରୋହ ଯେତେବେଳେ ଖୋର୍ଦ୍ଧାରେ ବ୍ୟାପିଲା ସେତେବେଳେ କଟକ ଜିଲ୍ଲାର ଅଶୁରେଶ୍ୱର, ତିରଣ ଓ ହରିହରପୁର ଥାନାକୁ ଏହି ରାଜାମାନଙ୍କ ଇଙ୍ଗିତରେ ପାଇକମାନେ ପୋଡ଼ି ଦେଲେ। ଇଂରେଜମାନେ ସଦଳବଳେ କନିକା ଉପରେ ଆକ୍ରମଣ କଲେ। ବାଧ୍ୟ ହେଲେ କନିକାର ରାଜା ଆତ୍ମସମର୍ପଣ କରିବା ଲାଗି। ଆଉ ସେଇଠୁ ଏକ ନୂଆ ଯୁଗ ଆରମ୍ଭ ହେଲା କନିକାରେ। ବ୍ରିଟିଶ୍ ଅଧୀନରେ କନିକା ପରିଚାଳିତ ହେଲା। ଯଦିଓ ରିଘାଗଡ଼ରୁ ଶାସନ ପରିଚାଳିତ ହେଉଥିଲା କିନ୍ତୁ ରାଜ ପରିବାରରେ ଆଉ ସେ ଶୌର୍ଯ୍ୟ ଦେଖିବାକୁ ମିଳିଲା ନାହିଁ। ତାଙ୍କ କ୍ଷମତାକୁ ସଙ୍କୁଚିତ କରାଗଲା। ଦେଶୀୟ ରାଜ୍ୟର ମାନ୍ୟତା କାଢ଼ି ନିଆଯାଇ କନିକାକୁ ଜମିଦାରୀରେ ପରିଣତ କରାଗଲା, ଯାହାକୁ ସହଜରେ ଗ୍ରହଣ କରିପାରିଲେନି ରାଜା ବଳଭଦ୍ର ଭଞ୍ଜଦେଓ । ସ୍ୱାଭିମାନରେ ଜର୍ଜରିତ ହୋଇ ସେ ଏ ବିଦେଶୀ ଶକ୍ତିକୁ ନିଜ ମାଟିରୁ ହଟାଇବା ପାଇଁ ଚେଷ୍ଟା କରୁଥାନ୍ତି।

ମାନସିକ ଚାପରେ ରାଜ ପରିବାର ରହିଲେ। ବଳଭଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜଗନ୍ନାଥ ଭଞ୍ଜ ସିଂହାସନ ଆରୋହଣ କରିଥିଲେ ମଧ୍ୟ ମାତ୍ର ୪ ବର୍ଷ ରାଜା ହୋଇପାରିଥିଲେ। ଅଳ୍ପ ବୟସରେ ତାଙ୍କର ମୃତ୍ୟୁ ଘଟିବାରୁ ପୁଅ ହରିହର ଭଞ୍ଜ ଶାସନ ଦାୟିତ୍ୱ ନେଲେ। ୧୭ ବର୍ଷ ଶାସନ କଲାପରେ ତାଙ୍କ ମୃତ୍ୟୁ ଘଟିଲା। ହରିହରଙ୍କ ପୁଅ ବିନାୟକ ଭଞ୍ଜ କନିକାରେ ମାତ୍ର ୯ ବର୍ଷ ଶାସନ କରିଥିଲେ। ସିଂହାସନରେ ବସିଲେ ପୁଅ ତ୍ରିବିକ୍ରମ। କିନ୍ତୁ ପାଗଳା ରାଜା ଭାବେ ପରିଚିତ ତ୍ରିବିକ୍ରମଙ୍କୁ ଇଂରେଜମାନେ ଶାସନ କରିବାର ଅଧିକାର ଦେଲେ ନାହିଁ। ଫଳରେ କୋର୍ଟ ଅଫ୍ ୱାର୍ଡ଼ସ୍ ବଳରେ ପରିଚାଳିତ ହେଲା କନିକା। ରାଣୀ କୃଷ୍ଣ ପ୍ରିୟା ଘୁମୁସରର ରାଜପୁତ୍ର ନୃପେନ୍ଦ୍ରଙ୍କୁ ପୋଷ୍ୟ ଭାବେ ଗ୍ରହଣ କଲେ। ନାଁ ରଖିଲେ ପଦ୍ମନାଭ। ୭ବର୍ଷ ପରେ ତାଙ୍କର ବି ମୃତ୍ୟୁ ଘଟିଲା। ଫଳରେ ରାଣୀ କୃଷ୍ଣପ୍ରିୟା ନିଜ ଭାଇଙ୍କ ପୁଅ ଅର୍ଥାତ୍ ଆଳିର ରାଜକୁମାର ବଂଶୀଧରଙ୍କୁ ପୋଷ୍ୟଭାବେ ଗ୍ରହଣ କଲେ। ବଂଶୀଧର ଦେବ ଏହାପରେ ପରିଚିତ ହେଲେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ। ରାଜେନ୍ଦ୍ର ନାରାୟଣଙ୍କ ଆଗମନ ପରେ କନିକା ଶାସନରେ ପରିବର୍ତ୍ତନ ଆସିଲା। ଶୋଇ ରହିଥିବା କନିକା ପୁଣିଥରେ ଜାଗ୍ରତ ହେଲା। ଇଂରେଜମାନଙ୍କ ସହ ସୁସମ୍ପର୍କ ରକ୍ଷା କରି ରାଜେନ୍ଦ୍ର ଏକ ନୂଆ ଶାସନର ମୂଳଦୁଆ ପକାଇଲେ। ରିଘାଗଡ଼ରୁ ରାଜଧାନୀକୁ ପରିବର୍ତ୍ତନ କଲେ, ଯାହା ଏବେ କନିକା ସହରରେ ଅବସ୍ଥିତ। ଆଉ ରାଜ କନିକା ଭାବେ ଜଣାଶୁଣା। ଆଜି ଯାହାସବୁ କନିକାରେ ଦେଖାଯାଏ ସେସବୁ ତାଙ୍କରି ସମୟର ମୂଳଦୁଆ ଭାବେ ପରିଚିତ।

ନୂଆ ଚିନ୍ତାଧାରା ଓ ପରିବେଶ ଭିତରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ କନିକାବାସୀଙ୍କୁ ବାନ୍ଧି ରଖିବାକୁ ଚେଷ୍ଟା କରୁଥାନ୍ତି। ପୁଣି ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେଉଁ ପ୍ରଶାସନିକ ସଂସ୍କାର ଆସିଥାଏ, ତାକୁ ମଧ୍ୟ ସେ ଦୃଢ଼ ଭାବରେ ସମର୍ଥନ କରୁଥାନ୍ତି। ଏହି କ୍ରମରେ କନିକା ରାଜ୍ୟର ରାଜଧାନୀକୁ ପରିବର୍ତ୍ତନ କରାଯାଇ ତିଆରି ହେଲା ଏଇ ନୂଆ ରାଜପ୍ରାସାଦ। ୧୯୦୯ ମସିହାରେ ଏହା ତିଆରି ହୋଇଥିଲା। ଦୂରରୁ ଦେଖିଲେ କେହି କେବେ ଭାବି ପାରିବେନି ଯେ ଏହା ଆମ ରାଜ୍ୟର ସ୍ମୃତି ବହନ କରୁଛି। କାରଣ ଏଥିରେ ଉତ୍କଳୀୟ କାରୁକାର୍ଯ୍ୟ ଦେଖିବା କଷ୍ଟ। ସେତେବେଳର ଇଂରେଜ ଗଠନ ଶୈଳୀରେ ଏହା ସମ୍ପୂର୍ଣ୍ଣ ଭାବେ ଅନୁପ୍ରାଣିତ ଓ ବେଶ୍ ଆକର୍ଷଣୀୟ ମଧ୍ୟ।

ରାଭେନ୍‌ସା କଲେଜ୍‌ରୁ ଗ୍ରାଜୁଏସନ୍ ପାସ୍ କରିଥିବା ରାଜେନ୍ଦ୍ର ନାରାୟଣ ସେତେବେଳେ ଜଣେ ଚତୁର ଆଉ ବିଜ୍ଞ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ପୁଣି ତାଙ୍କ ଚାଲିଚଳଣ, ଠାଣି ଓ ହାବଭାବ ସବୁକିଛି ଇଂରେଜମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲା। ଏହାଙ୍କ ପୂର୍ବରୁ କନିକାର ଶାସକମାନଙ୍କଠାରେ ଏମିତି ଆଧୁନିକ ଚାଲିଚଳଣ ଦେଖିବାକୁ ମିଳେ ନାହିଁ। ଯେହେତୁ ସେ ଏ ରାଜବଂଶକୁ ପୋଷ୍ୟ ଭାବେ ଆସିଥିଲେ ଆଉ ରାଜଗାଦି ଆରୋହଣ

କଲେ ତାଙ୍କର ଚିନ୍ତାଧାରାରେ ଏ ରାଜ୍ୟରେ ପରିବର୍ତ୍ତନ ଆସିଥିବା କୁହାଯାଏ।

ରାଜେନ୍ଦ୍ର ନାରାୟଣ ଏଠାରେ ୩୫ତମ ରାଜା ଭାବେ ୧୮୯୬ରୁ ୧୯୪୮ ଯାଏଁ ଶାସନ କରିଛନ୍ତି। ତାଙ୍କରି ସମୟ ପରଠାରୁ ହିଁ ଏଠାରେ ରାଜାଙ୍କ ନାଁ ପଛରେ ଭଞ୍ଜଦେଓ ସାଙ୍ଗିଆ ଯୋଡ଼ା ଯାଇଛି। ଏହାଙ୍କ ପୂର୍ବରୁ ରାଜାମାନେ କେବଳ ଭଞ୍ଜ ବଂଶୀ ରାଜା ଭାବେ ପରିଚିତ ଥିଲେ। ଯେହେତୁ ରାଜେନ୍ଦ୍ର ନାରାୟଣ ଆଳି ରାଜବଂଶର ପୁତ୍ର ଥିଲେ ଏବଂ ଆଳିର ସୂର୍ଯ୍ୟବଂଶୀ ଗଜପତି ଶାସକମାନେ ନାମ ପଛରେ ଦେବ ବା ଦେଓ ବଂଶ ବୋଲି ଉଲ୍ଲେଖ କରୁଥିଲେ, ରାଜା ରାଜେନ୍ଦ୍ର ନାରାୟଣ ମଧ୍ୟ ତାଙ୍କ ନାଁରୁ ଦେଓ ବା ଦେବକୁ ବାଦ୍ ଦେବାକୁ ଚାହିଁଲେ ନାହିଁ । ଫଳରେ ତାଙ୍କ ନାଁ ପଛରେ ଭଞ୍ଜଦେଓ ବୋଲି ଉଲ୍ଲେଖ କରାଗଲା।

କେବଳ ରାଜଧାନୀକୁ ନିଜ ସ୍ୱାର୍ଥ ପାଇଁ ପରିବର୍ତ୍ତନ କରିଥିଲେ ତା' ନୁହେଁ। ସେତେବେଳେ କଟକ ସହ କନିକାକୁ ମଧ୍ୟ ବହୁତ ଭଲ ଭାବେ ସଂଯୋଗ କରିବା ପାଇଁ ଉଦ୍ୟମ କରିଥିଲେ। ଏଥିଲାଗି ରାଜ କନିକାର ଚାରିକଡ଼ରେ ଏକ ରିଂ ବନ୍ଧ ତିଆରି କରିଥିଲେ। ଏହାଦ୍ୱାରା ନୂଆ କେନାଲ ସୃଷ୍ଟି ହୋଇଥିଲା ଆଉ ନଦୀ ସଂଯୋଗୀକରଣ ହେବା ଦ୍ୱାରା ଜଳସେଚନର ସୁବିଧା ମଧ୍ୟ ବୃଦ୍ଧି ପାଇଥିଲା। ତା'ଛଡ଼ା ସେ ରାଜଧାନୀର ଚାରି ପାଖରେ ଖାଇ ଖୋଳିଲେ। ଯାହା ଫଳରେ ରାଜପ୍ରାସାଦ ସୁରକ୍ଷିତ ହୋଇ ରହିପାରିଥିଲା ଆଉ ଚାଷ କାର୍ଯ୍ୟରେ ମଧ୍ୟ ସହାୟକ ହୋଇ ପାରିଥିଲା।

ଉଚ୍ଚ ଶିକ୍ଷିତ ଥିବାରୁ ରାଜା ନିଜର ଚିନ୍ତାଧାରାକୁ ଇଂରେଜ ଅଫିସରଙ୍କ ସାମ୍ନାରେ ଭଲ ଭାବେ ଉପସ୍ଥାପନ କରିପାରୁଥିଲେ। ଫଳରେ ସେ ଇଂରେଜ ଅଫିସରଙ୍କ ପ୍ରିୟପାତ୍ର ବି ସାଜିଥିଲେ। ପୂର୍ବରୁ କାଢ଼ି ନିଆଯାଇଥିବା ସାମନ୍ତ ରାଜ୍ୟ କ୍ଷମତାକୁ ସେ ପୁଣିଥରେ ଫେରାଇ ଆଣିବାକୁ ଚାହିଁଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ରାଜା ନିଜ ଆଡ଼ୁ ଇଂରେଜ ସେନାଙ୍କୁ ସହାୟତା କରିଥିଲେ। ଅଜସ୍ର ଅର୍ଥ ସେ ଦାନ କରିଥିଲେ ବ୍ରିଟିଶ୍ ପାଣ୍ଠିକୁ। ଏଥିରେ ଖୁସି ହୋଇଯାଇଥିଲା ବ୍ରିଟିଶ୍ ପ୍ରଶାସନ । ଆଉ ୧୯୩୪ ମସିହାରେ ତାଙ୍କୁ ରାଜା ଉପାଧି ଦେଇଥିଲେ। ତା'ଛଡ଼ା ଏ ଉପାଧିକୁ ମଧ୍ୟ ବଂଶାନୁକ୍ରମିକ ବ୍ୟବହାର କରିବା ପାଇଁ ଅନୁମତି ଦେଇଥିଲେ। ଆଉ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆସିଲା ସେତେବେଳେ ୱାର୍ ବଣ୍ଡ କିଣିବା ସହ ବ୍ରିଟିଶ୍ ଫୌଜକୁ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ନିଜର ବ୍ୟକ୍ତିଗତ ବିମାନକୁ ମଧ୍ୟ ଭେଟି ଦେଇଥିଲେ। ଯାହାକି ବେଶ୍ ପ୍ରଭାବିତ କରିଥିଲା ଇଂରେଜ ଶାସନକୁ। ଆଉ ଇଂରେଜମାନେ ତାଙ୍କୁ ୱିଙ୍ଗସ୍ ଅଫ ମେରିଟ୍ ଉପାଧି ଦେଇଥିଲେ। ପ୍ରାସାଦରେ ଥିବା ଏକ ମାନପତ୍ରରୁ ଏହା ସ୍ପଷ୍ଟ ହୁଏ।

ରାଜା ଉପାଧି ପାଇବାରୁ ବେଶ୍ ଆତ୍ମବିଶ୍ୱାସୀ ହୋଇ ଉଠିଥିଲେ ରାଜେନ୍ଦ୍ର ନାରାୟଣ। ଓଡ଼ିଶାରେ ଥିବା ଅନ୍ୟ ଜମିଦାରମାନଙ୍କୁ ନେଇ ଗଠିତ ସଂଗଠନର ସେ ମଧ୍ୟ ସଭାପତି ଦାୟିତ୍ୱ ନେଇଥିଲେ। ରାଜ ପ୍ରାସାଦକୁ ଆକର୍ଷଣୀୟ କରିବା ଲାଗି ଅନେକ ବ୍ୟବସ୍ଥା ଗ୍ରହଣ କରିଥିଲେ । ସେତେବେଳେ ଇଂରେଜ ବ୍ୟବସାୟୀମାନେ ବିକ୍ରୀ କରୁଥିବା ରଙ୍ଗକୁ ଏଇ ପ୍ରାସାଦରେ ଲଗାଯାଇଥିଲା। ତା'ଛଡ଼ା ସେମାନେ ବିଭିନ୍ନ ଦେଶରୁ ଆଣି ଭାରତରେ ବିକ୍ରୀ କରୁଥିବା ଆସବାବପତ୍ର କିଣାଯାଇ ଏହି ପ୍ରାସାଦର ଶୋଭା ବର୍ଦ୍ଧନରେ ବ୍ୟବହାର କରାଯାଉଥିଲା। ତା'ଛଡ଼ା ଇଂରେଜ ବ୍ୟବସାୟୀଙ୍କଠାରୁ କିଣାଯାଇଥିବା ବିଭିନ୍ନ ଆସବାବପତ୍ର ମଧ୍ୟ ଏଠାରେ ଦେଖିବାକୁ ମିଳେ। ପ୍ରାସାଦ ବୁଲିଲା ବେଳେ ଆପଣ ଏହାକୁ ବେଶ୍ ଭଲ ଭାବେ ଅନୁମାନ କରିପାରିବେ।

ରାଜ ଶାସନ ସମୟରେ ଏହି ପ୍ରାସାଦ ପାଖାପାଖି ୧୦୦ ଏକର ଜମି ଉପରେ ଅବସ୍ଥିତ ଥିଲା। ସେତେବେଳେ ଚାରି ପାଖରେ ଏକ କୁକୁର କେନାଲ ଖୋଳା ଯାଇଥିଲା। ଯେଉଁ କେନାଲରେ ବଡ଼ ବଡ଼ ବିଦେଶୀ କୁକୁରଙ୍କୁ ପୋଷା କରି ଛଡ଼ା ଯାଇଥିଲା, ଯାହାକି ପରବର୍ତ୍ତୀ ସମୟରେ ରାଜାଙ୍କୁ ଶତ୍ରୁ ପକ୍ଷରୁ ରକ୍ଷା କରିବାରେ ସହାୟକ ହେଉଥିଲେ। ହାତୀ ଘୋଡ଼ା ପ୍ରଭୃତି ରହିଥିଲେ।

ବର୍ତ୍ତମାନ ଏହା ପାଖାପାଖି ତିନିରୁ ସାଢ଼େ ତିନି ଏକର ଜମି ଉପରେ ଅବସ୍ଥିତ। ତିନି ଭାଗରେ ବିଭକ୍ତ ହୋଇଥିବା ସମୁଦାୟ ରାଜପ୍ରାସାଦର ଅନେକ ଅଂଶ ଏବେ ବି ଦେଖିବାକୁ ମିଳେ। ପ୍ରଥମ ଅଂଶରେ ରହିଥିଲା ରାଜପ୍ରାସାଦ। ସାଧାରଣତଃ ସେଠାରେ ରାଜାଙ୍କ ଦରବାର ବସୁଥିଲା। ସାଧାରଣ ଲୋକଙ୍କ ଅଭିଯୋଗକୁ ରାଜା ଶୁଣୁଥିଲେ। ଏହା ଦୁଇମହଲା ବିଶିଷ୍ଟ। ଏହାର ପଛପଟେ ରହିଥିଲା ରାଣୀ ମହଲ, ଯାହା ଦ୍ୱିତୀୟ ପ୍ରହରାର ଅଂଶ ବିଶେଷ। ମହିଳା ସଦସ୍ୟଙ୍କ ପାଇଁ ଏହା ପ୍ରଯୁଜ୍ୟ ଥିଲା। ତା' ପରେ ରହିଥିଲା ଗ୍ରୀଷ୍ମ ଅବକାଶ ପ୍ରାସାଦ। ଏଠାରେ ଖରାଦିନେ ସମୟ କାଟିବାକୁ ରାଜା, ରାଣୀ କିମ୍ବା ରାଜ ପରିବାରର ସଦସ୍ୟ ବ୍ୟବହାର କରୁଥିଲେ। ଯେତେବେଳେ ପ୍ରାସାଦ ତିଆରି ହୋଇଥିଲା ସେତେବେଳେ ଏଠାରେ ବିଜୁଳିବତୀ ଜଳାଇବାର ମଧ୍ୟ ବ୍ୟବସ୍ଥା

ହୋଇଥିଲା। ସେଥିଲାଗି ଏକ ବଡ଼ ଜେନେରେଟର ରଖା ଯାଇଥିଲା। ଯାହା କିରୋସିନ୍‌ରେ ଚାଲୁଥିଲା ବୋଲି ଏବେର ରାଜା ତଥା ରାଜେନ୍ଦ୍ର ନାରାୟଣଙ୍କ ନାତି ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ବର୍ଣ୍ଣନା କରନ୍ତି।

ରାଜପ୍ରାସାଦ ଉପରୁ ଥାଇ ଦେଖିଲେ ଏହାର ଏକ ସମ୍ପୂର୍ଣ୍ଣ ଦୃଶ୍ୟ ମିଳେ। ପ୍ରବେଶ ପାଇଁ ଏକ ବିଶାଳ ପ୍ରବେଶ ଦ୍ୱାର ରହିଛି। କାଠର ଗେଟ୍ ସେଥିରେ ଲାଗିଥିଲା। କାଳକ୍ରମରେ ତାହା ନଷ୍ଟ ହୋଇଯାଇଛି। କିନ୍ତୁ ସିମେଣ୍ଟ ଖମ୍ବଗୁଡ଼ିକ ଏବେ ସେମିତି ରହିଛି। ଖମ୍ବ ଉପରେ ଶିଳ୍ପୀର ସୃଜନଶୀଳତା ଦେଖିବାକୁ ମିଳେ। ଗ୍ରୀକ୍ ଦେଶର ସ୍ଥାପତ୍ୟର ଅନୁକରଣ ଏଠାରେ କରାଯାଇଛି। ପ୍ରବେଶ ଦ୍ୱାର ପାର ହେଲେ ଦୁଇଟି ବଡ଼ ପୋଖରୀ ଦେଖିବାକୁ ମିଳିବ। କୁହାଯାଏ ପ୍ରାସାଦ ତିଆରି ପାଇଁ ଯେଉଁ ମାଟି ଓ ଇଟାର ଆବଶ୍ୟକତା ପଡ଼ିଥିଲା, ତାହା ଏଇଠାରୁ ହିଁ ସଂଗ୍ରହ କରାଯାଇଥିଲା। ଏବେ ଏଠାରେ ମାଛ ଚାଷ କରାଯାଉଛି। ରାଜା ମଧ୍ୟ ଏଠି ରହିଲା ବେଳେ ପାରମ୍ପରିକମାନେ ଏଠାରେ ବସି ପ୍ରକୃତିକୁ ଉପଭୋଗ କରନ୍ତି। ଆଉ ଗାଁର ଚାଲି ଚଳଣିକୁ ମଧ୍ୟ ଆପଣାଇବାକୁ ଚେଷ୍ଟା କରନ୍ତି ।

ସେତେବେଳେ ନଦୀ ସଂଯୋଗୀକରଣ କରାଯାଉଥିବା ସମୟରେ ଏହି କୁମ୍ଭୀରକୁ ମରାଯାଇଥିଲା। ଏହାର ଖପୁରୀ ଏସିଆର ସବୁଠାରୁ ଲମ୍ବା ଖପୁରୀ ଭାବେ ଜଣାଶୁଣା। ଏହାଛଡ଼ା ଏହି ମ୍ୟୁଜିୟମ୍‌ରେ ଏକ ଗ୍ରାଣ୍ଡଫାଦର କ୍ଲକ୍ ମଧ୍ୟ ରହିଛି, ଯାହା ସେତେବେଳର ସୌଖୀନ ଭାବେ ପରିଚିତ ଥିଲା। ବିଭିନ୍ନ ପ୍ରାଣୀଙ୍କ ଟ୍ରଫି ଏଠାରେ ଶୋଭା ପାଉଛି। ବାମ ପଟ କୋଠରୀରେ କିଛି ଆସବାବପତ୍ର ମଧ୍ୟ ପଡ଼ିଛି। ଚିତା ବାଘର ଟ୍ରଫି। କନିକାର ସ୍ମୃତି ପୃଷ୍ଠାରେ ଏଗୁଡ଼ିକ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଚିତ। ରାଜପ୍ରାସାଦର ତଳ ମହଲାକୁ ଏହି ମ୍ୟୁଜିୟମ୍ ଭାବେ ପରିଣତ କରାଯାଇଛି। ସାଧାରଣ ଲୋକେ ଏହାକୁ ଦେଖିବାର ସୁଯୋଗ ରହିଛି।

ଯେଉଁଠାରେ ହାତୀ ମୁଣ୍ଡର ଟ୍ରଫିଟି ରଖାଯାଇଛି ତାର ଡାହାଣ ପଟେ ରହିଛି ଏକ ବଡ଼ ବିଲିୟାର୍ଡସ୍ ଟେବଲ। ପୂର୍ବରୁ ଏହା ବିଲିୟାର୍ଡ଼ କୋଠରୀ ଭାବେ ପରିଚିତ ଥିଲା। ସ୍କୋର ବୋର୍ଡ଼, ବିଲିୟାଡର୍ସ ଷ୍ଟିକ୍ ସବୁ କିଛି ଏଠାରେ ରହିଛି। ଅବଶ୍ୟ ଲଣ୍ଡନରୁ ଅଣାଯାଇଥିବା ଏହି ସ୍ଲେଟ୍‌କୁ ଅନେକ ଦିନ ଧରି ବ୍ୟବହାର କରାଯାଇ ନାହିଁ। କିନ୍ତୁ ଏହାର ଦାୟାଦ ଏବେ ତାହାକୁ ସଜାଇବା ପାଇଁ ଚେଷ୍ଟା କରୁଛନ୍ତି।

ଏହି ବିଲିୟାର୍ଡ଼ସ୍ ସ୍ଲେଟ୍‌କୁ ଲଣ୍ଡନରୁ ଅଣାଯାଇଥିଲା, ଯାହାକୁ ମାଡ୍ରାସ୍‌ରେ ଆବଶ୍ୟକତା ଅନୁସାରେ ସଜ୍ଜା ଯାଇଥିଲା। କଲିକତାର ସି ଲାଜାରୁସ୍ ଆଣ୍ଡ କମ୍ପାନୀ ଦ୍ୱାରା ଏହାକୁ ରାଜପ୍ରାସାଦକୁ ପଠାଯାଇଥିବା ଏଥିରେ ଉଲ୍ଲେଖ ରହିଛି।

ଏହା ଏକ ପୁରୁଣା ଏବଂ ପାରମ୍ପରିକ ବିଲିୟାର୍ଡ଼ସ ଟେବଲ୍। ଏହା ମୋ ପାଇଁ ଭାଗ୍ୟର ବିଷୟ ଯେ ଏହା ଏପର୍ଯ୍ୟନ୍ତ ଭଲ ଅବସ୍ଥାରେ ଅଛି। ମୁଁ ଯୋଜନା କରୁଛି କଲିକତାରୁ ଶିଳ୍ପୀଙ୍କୁ ଡକାଇ ଏହାକୁ ପୂର୍ବ ଭଳି ପ୍ରସ୍ତୁତ କରିବି। ଯାହାଫଳରେ ଏହା ଏକ ପାରମ୍ପରିକ ବିଲ୍ଲିଆର୍ଡ଼ସ୍ ସ୍ଲେଟ୍ ଭଳି ଦେଖାଯିବ ଆଉ କନିକାର ପ୍ରାସାଦ ଅଧିକ ଆକର୍ଷଣୀୟ ହୋଇପାରିବ ବୋଲି କହନ୍ତି ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ।

ବେଲ୍‌ଜିୟମ୍ ଗ୍ଲାସ୍ ଲଗାଯାଇଥିବା ଏ ରାଜବାଟୀର ପ୍ରତିଟି କୋଠରୀ ଆକର୍ଷଣୀୟ, ଯାହାକି ଅନେକ ସମୟରେ ବାହାର ଲୋକଙ୍କ ନଜରକୁ ଆସିଛି। ଲୋଭର ବଶବର୍ତ୍ତୀ ହୋଇ ସେମାନେ ଏଥିରୁ ଅନେକ ଚୋରି ମଧ୍ୟ କରିଛନ୍ତି। ଦୀର୍ଘ ଦିନ ଧରି ଏଠାରେ ରାଜପରିବାରର ଲୋକେ ନ ରହିବା ଦ୍ୱାରା ଏମିତି ଘଟଣା ବାରମ୍ବାର ଘଟିଛି। ସୁନା ରୂପାରେ ଖଚିତ ଥିବା ତାମ୍‌ଜାନ୍‌ର ଅବସ୍ଥା ଏହାଦ୍ୱାରା ଶ୍ରୀହୀନ ହୋଇ ପଡ଼ି ରହିଛି।

ପ୍ରଥମ ମହଲାରୁ ଦ୍ୱିତୀୟ ମହଲାକୁ ଯିବା ପାଇଁ ଏକ ସୁନ୍ଦର କାଠ ସିଡ଼ି କରାଯାଇଛି। ପୂର୍ବେ ରାଜା ଏହାକୁ ନିଜ ବ୍ୟକ୍ତିଗତ ଆବାସ ଭାବେ ବ୍ୟବହାର କରୁଥିଲେ। ସେଠାରେ ମହାବୀର ଜୈନଙ୍କ ଏକ ମାର୍ବଲ୍ ମୂର୍ତ୍ତି ମଧ ରହିଛି, ଯାହାକି ସୂଚନା ଦେଉଛି ସେତେବେଳେ ଜୈନ ଧର୍ମ ପ୍ରତି ରାଜାଙ୍କ ଆଗ୍ରହକୁ।

ରାଜା ରାଜେନ୍ଦ୍ର ନାରାୟଣ ନିଜର ପ୍ରଶାସନିକ ଦକ୍ଷତା ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଅନେକ ପଦପଦବୀ ମଣ୍ଡନ କରିବାର ସୁଯୋଗ ମଧ୍ୟ ପାଇଥିଲେ। ଓଡ଼ିଶା ପ୍ରଭିନ୍‌ସିଆଲ କାଉନ୍‌ସିଲରେ ସେ ଜଣେ ସଦସ୍ୟଭାବେ ମନୋନୀତ ହୋଇଥିଲେ, ଓଡ଼ିଶା–ବିହାର ପରିଷଦକୁ ମଧ୍ୟ ସେ ମନୋନୀତ ହୋଇଥିଲେ। ଏହାଛଡ଼ା ସେ ଲଣ୍ଡନର ରାଜଅଭିଷେକ ସମୟରେ ମଧ୍ୟ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତି ବଦଳରେ ରାଜାଙ୍କୁ କନିକାରୁ ଅନେକ ଧନ ସମ୍ପତ୍ତି ଇଂରେଜ ରାଜକୋଷକୁ ଦେବାକୁ ପଡ଼ିଥିଲା।

ତାଙ୍କ ସମୟରେ ଭାରତ ସ୍ୱାଧୀନ ହୋଇଥିଲା। ଦେଶୀୟ ରାଜ୍ୟଗୁଡ଼ିକର ଗଣତନ୍ତ୍ର ସହ ମିଶ୍ରଣ ଘଟିଲା। କିନ୍ତୁ

ଜମିଦାରୀଗୁଡ଼ିକ ନୁହେଁ । ଏଣୁ ୧୯୫୨ଯାଏଁ ରାଜେନ୍ଦ୍ର ନାରାୟଣଙ୍କ ପୁଅ ଶୈଳେନ୍ଦ୍ର ନାରାୟଣ ରାଜସ୍ୱ ଆଦାୟ ଓ ପ୍ରଶାସନିକ ବ୍ୟବସ୍ଥାରେ ଏଠାର ମୁଖ୍ୟ ଭାବେ ପରିଚିତ ଥିଲେ । ଏହାପରେ ଜମିଦାରୀ ଉଚ୍ଛେଦ ଆଇନ ଆସିଲା । ଯାହାକୁ ସୁପ୍ରିମ୍ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଏହାର ଦାୟାଦ । ଫଳରେ ୧୯୫୭ ଯାଏଁ କନିକାରେ ଜମିଦାରୀ ପ୍ରଥା ପ୍ରଚଳିତ ଥିଲା । ଏହାଙ୍କ ପରେ ମଧ୍ୟ କନିକାର ଜମିଦାର ରାଜାମାନେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇ ଏ ଅଞ୍ଚଳ ପାଇଁ ପ୍ରତିନିଧିତ୍ୱ କରିଛନ୍ତି । ୧୯୭୧ରେ ସେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ୧୯୪୬ରୁ ୧୯୫୧ ଯାଏଁ ସେ ବିରୋଧୀ ଦଳର ନେତା ଭାବେ ବିଧାନସଭାରେ ଯୁକ୍ତି ଉପସ୍ଥାପନ କରିଛନ୍ତି ।

ଶୈଳେନ୍ଦ୍ରଙ୍କ ପରେ ରବିନ୍ଦ୍ର ନାରାୟଣ ଓ ତାଙ୍କ ପରେ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ବର୍ତ୍ତମାନ ପୁରୁଣା ସ୍ମୃତିକୁ ତାଜା କରିବା ପାଇଁ ଏଠାରେ ସମୟ ବିତାଉଛନ୍ତି । ବିଭିନ୍ନ ସମୟରେ ରାଜପ୍ରାସାଦର ମରାମତି କରିବା ପାଇଁ ସେ ଚେଷ୍ଟା କରୁଛନ୍ତି । ଫଳରେ ଆଜି ମଳିନ ପଡ଼ିଯାଇଥିବା ସେ ଇତିହାସ ପୁଣିଥରେ ତାଜା ହୋଇ ଉଠିଛି ।

ଯେଉଁପରି ଭାବେ ଚୂନ ଅଠା ପାରମ୍ପରିକ ଭାବେ ବ୍ୟବହାର କରାଯାଉଥିଲା ସେମିତି ଭାବେ ଏଠାରେ ଚୂନ ଓ କଇଁଆ ଅଠାକୁ ବ୍ୟବହାର କରି ବର୍ତ୍ତମାନ ବାହାରେ ମରାମତି କାମ ମଧ୍ୟ ଆରମ୍ଭ ହୋଇଛି ।

ଏମ୍ଆଇଜି–୫୧
ଅନନ୍ତ ବିହାର, ପୋଖରୀପୁଟ
ଭୁବନେଶ୍ୱର–୨୦

# ମଣିଷ ଭଳି ମଣିଷଟିଏ

**ଜୟନ୍ତ ପଟ୍ଟନାୟକ**

ତୁମପରି ଛୋଟ ପିଲାଟିଏ, ଗାଁ ଚାହାଳୀରେ ପଢୁଥାଏ,
ପଢିବାକୁ ମନ ଏତେ ତା'ର, ପେପର ବିକଇ ଘର ଘର ।
ପିଲାଦିନେ ଆକାଶରେ ଦେଖି ଚିଁକି ଚଢେଇ,
ନୀଳ ଗଗନରେ ଉଡିବାକୁ ମନ ଦେଲା ବଢେଇ ।
ଦକ୍ଷିଣ ତଟରେ ଚାରିଧାମ ରାମେଶ୍ୱରମ୍,
ସେହିଠାରେ ପିଲାଟି ହୋଇଥିଲା ଜନମ ।
ସେହି ପିଲା ଦିନେ ବଡ ହୋଇଲା,
ପୃଥିବୀ ବିଖ୍ୟାତ ବିଜ୍ଞାନୀ ହେଲା ।
ପୃଥ୍ୱୀ, ନାଗ, ଆକାଶ, ଅସ୍ତ୍ର ଓ ତ୍ରିଶୂଳ,
ଭାରତକୁ ଜଗତରେ କଲ ତୁମେ ସଫଳ ।
ହେ ମହାମାନବ ତୁମେ ଭାରତରତ୍ନ,
ରାଷ୍ଟ୍ରପତି ହେବାକୁ କଲେ ସଭିଏଁ ଯତ୍ନ ।

ଶତ ପ୍ରତିଶତ ସଫଳ ହେ ତୁମେ ମହାମତି,
ହୋଇଲ ତୁମେ ଲୋକଙ୍କର ରାଷ୍ଟ୍ରପତି ।
ଶିକ୍ଷକ, ଲେଖକ, ବୈଜ୍ଞାନିକ ଓ ସଫଳ ପ୍ରଶାସକ,
ସାରା ଜଗତ ହୋଇଗଲା ତୁମର ପ୍ରଶଂସକ ।
ଛୋଟ, ବଡ, ଦୀନହୀନ କିଛି ନାହିଁ ତୁମ ପାଖରେ,
ସଭିଙ୍କୁ ଆଦର କର ଏକା ମାପକାଠିରେ ।
ଝୁରୁଅଛି ଝୁରୁଥିବ ଚାନ୍ଦିପୁର ଓ ଦୁନିଆ,
ସମସ୍ତଙ୍କୁ କନ୍ଦାଇ ପୁଣି କଲ କିମିଆଁ ।
ହେ ପ୍ରାତଃସ୍ମରଣୀୟ ଅବଦୁଲ୍ କଲାମ୍,
'ମିଜାଇଲ୍ ମ୍ୟାନ୍', ତବ ପାଦତଳେ କୋଟି କୋଟି ପ୍ରଣାମ ।

ଉପବିଭାଗୀୟ ଅଧିକାରୀ
ବନ୍ଦର ନିର୍ଦ୍ଦେଶାଳୟ, ପୁରୁଣା ବସ୍ଷ୍ଟାଣ୍ଡ, ଭୁବନେଶ୍ୱର

# ସାଧାରଣ ମଣିଷ: ଅସାଧାରଣ ବ୍ୟକ୍ତିତ୍ୱ

**ପୁଷ୍ପାଞ୍ଜଳି ପାଇକରାୟ**

ସେଦିନ ଥିଲା ଜୁଲାଇ ମାସ ୨୭ ତାରିଖ । ଅଚାନକ ସମସ୍ତ ଟି.ଭି. ଚ୍ୟାନେଲ୍‌ରେ ଖବର ପ୍ରସାରଣ ହେଲା, ପୂର୍ବତନ ରାଷ୍ଟ୍ରପତି ଡଃ. ଏ.ପି.ଜେ ଅବଦୁଲ କଲାମଙ୍କ ଅବସ୍ଥା ଗୁରୁତର । ପୁଣି କିଛି ସମୟର ବ୍ୟବଧାନ ପରେ ଖବର ପ୍ରସାରିତ ହେଲା, କଲାମ ଆଉ ନାହାନ୍ତି ! ଏହି ଖବର ସାରା ଭାରତକୁ ସ୍ତବ୍ଧ କରିଦେଇଥିଲା ।

କାଳର ମହାପ୍ରବାହରେ ଦିନେ ନା ଦିନେ ସମସ୍ତେ ଲୀନ ହୋଇଯିବେ । ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ । ଏ ଭବରଙ୍ଗ ଭୂମି ତଳେ କେହି ଚିରସ୍ଥାୟୀ ନୁହଁନ୍ତି । ଏ କଥା ଜାଣିସୁଦ୍ଧା କେହି କେବେ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରନ୍ତିନି । କିନ୍ତୁ କଲାମ ତ ଉତ୍ତର ବୟସରେ ପହଞ୍ଚି ସାରିଥିଲେ । ଜଣେ ସୁନାମଧନ୍ୟ ବୈଜ୍ଞାନିକ ଭାବରେ ସେ ଯେତିକି ନାଁ ଅର୍ଜିଥିଲେ, ଭାରତର ରାଷ୍ଟ୍ରପତି ଭାବରେ ମଧ୍ୟ ଦେଶବିଦେଶରେ ସେତିକି ଖ୍ୟାତି ସମ୍ପନ୍ନ ଥିଲେ । ପରିଣତ ବୟସରେ ସିଲଂଠାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟଠାରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସମୟରେ ହୃଦ୍‌ଘାତରେ ପରଲୋକ ପ୍ରାପ୍ତି ହୋଇଥିଲେ । କାହିଁକି କେଜାଣି ସାରା ଭାରତର ସାଧାରଣ ଲୋକେ, ନେତୃମଣ୍ଡଳୀ, ଛାତ୍ରଛାତ୍ରୀ ସମସ୍ତେ ଶୋକାଭିଭୂତ ହୋଇପଡିଥିଲେ ! କଲାମ ନଥିଲେ କେବଳ ଜଣେ ଦକ୍ଷ ବା ବିଚକ୍ଷଣ ରାଜନେତା । ଅବା ନଥିଲେ ସ୍ୱାଧୀନତା ସଂଗ୍ରାମୀ । କିନ୍ତୁ ଥିଲେ ଜଣେ ସଚ୍ଚୋଟ, ନିରଳସ ନିଆରା ମଣିଷଟିଏ । ଜଣେ ସାଧାରଣ ମଣିଷ କିନ୍ତୁ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ । ଉଚ୍ଚାକାଂକ୍ଷୀ, ସ୍ୱପ୍ନଦର୍ଶୀ, କର୍ମଠ, ଛାତ୍ରବତ୍ସଳ, ବିଦ୍ୟାଧ୍ୟୟନ ଓ ଗବେଷଣା ପ୍ରତି ପ୍ରବଳ ଆଗ୍ରହ ରଖୁଥିବା ଯୁଗ ପୁରୁଷଟିଏ, ତଥା ଗଭୀର ଦେଶପ୍ରେମୀ ଆତ୍ମାଟିଏ । ରକେଟ୍ ବିଜ୍ଞାନର ଜନକ ଡଃ କଲାମ୍ ଥିଲେ ଜଣେ ନିର୍ବିବାଦୀୟ ରାଷ୍ଟ୍ରନାୟକ, ଲୋକଙ୍କର ରାଷ୍ଟ୍ରପତି, ଦୂରଦୃଷ୍ଟିସମ୍ପନ୍ନ



ବ୍ୟକ୍ତିବିଶେଷ । ଯୁବପିଢିଙ୍କ ପାଇଁ ପ୍ରେରଣାର ନିର୍ଝରିଣୀଟିଏ । ମୁସଲମାନ ପରିବାରରେ ଜନ୍ମ ହୋଇ ମଧ୍ୟ ତଥାକଥିତ ଜାତି–ଧର୍ମ–ବର୍ଣ୍ଣ–ସମ୍ପ୍ରଦାୟର ସଂକୀର୍ଣ୍ଣ ବଳୟର ଊର୍ଦ୍ଧ୍ୱରେ ଥିଲା ତାଙ୍କର ବିଚାରଧାରା । ସେଇଥିପାଇଁ ବୋଧହୁଏ, ତାଙ୍କ ବିୟୋଗ ଖବରରେ ସାରା ଦେଶ ସ୍ତମ୍ଭୀଭୂତ ହୋଇଯାଇଥିଲା । ବିଛେଇ ହୋଇ ପଡୁଥିଲା ଶୋକବାର୍ତ୍ତାର ପାଖୁଡା ପାଖୁଡା ଶ୍ରଦ୍ଧାଞ୍ଜଳି । ଆମେରିକାର ରାଷ୍ଟ୍ରପତି ବାରାକ ଓବାମାଙ୍କ ସମେତ ଋଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଭୁଟାନ୍, ମାଲେସିଆ, ଆଫଗାନିସ୍ଥାନ, ସିଙ୍ଗାପୁର, ଶ୍ରୀଲଙ୍କା ଆଦି ଦେଶଗୁଡିକର ରାଷ୍ଟ୍ରପତି/ପ୍ରଧାନମନ୍ତ୍ରୀ ଶୋକବାର୍ତ୍ତା ପଠାଇ କଲାମ୍‌ଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପରେ କଲାମ ହିଁ ଦ୍ୱିତୀୟ ରାଷ୍ଟ୍ରପତି ଯେ କି ଭାରତୀୟ ଜ୍ଞାନ ଜଗତ ପ୍ରତି ଯଥେଷ୍ଟ

ଧ୍ୟାନ ରଖିଥିଲେ । ପିଲାଦିନେ ଏକ ଅଭାବୀ ପରିବାରରେ ତାଙ୍କର ଲାଳନପାଳନ ହୋଇଥିଲେ ହେଁ ସେ ସର୍ବଦା ଜ୍ଞାନ ପିପାସୁ ଥିଲେ । ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ କଲାମ୍ ରାମେଶ୍ୱରମ୍‌ର ଏକ ମୁସଲିମ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ବୃତ୍ତିରେ ନୌମାଲିକ ଥିଲେ । ରାମେଶ୍ୱରମ୍‌ଠାରୁ ଧନୁଷ୍କୋଡି ଓ ଧନୁଷ୍କୋଡିରୁ ରାମେଶ୍ୱରମ୍ ତଥା ରାମେଶ୍ୱରମ୍‌ଠାରୁ ତାମିଲ୍‌ନାଡୁ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ନେବା ଆଣିବା କାର୍ଯ୍ୟ ତାଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହେଉଥିଲା । କିନ୍ତୁ ୧୯୧୪ ମସିହାରେ ପାମ୍ବନ୍ ସେତୁ ନିର୍ମାଣ ପରଠାରୁ ତାଙ୍କ ପିତାଙ୍କ ବ୍ୟବସାୟ ମାନ୍ଦା ଧରିଲା ଓ ସେମାନେ ଧୀରେ ଧୀରେ ଦାରିଦ୍ର୍ୟ ଆଡକୁ ମୁହାଁଇଲେ । ଏପରିକି ପରିବାର ଆର୍ଥିକ ଅବସ୍ଥାରେ ସହଯୋଗ କରିବା ପାଇଁ ଏକଦା କଲାମ୍ ଖବର କାଗଜ ବିକ୍ରୀ କରୁଥିଲେ । 'My journey : Transforming dreams into action' ପୁସ୍ତକରେ ସେ ଏ ବିଷୟରେ ଉଲ୍ଲେଖ କରିଛନ୍ତି । ପରିବାରର ଘୋର ଆର୍ଥିକ ଅସ୍ୱଚ୍ଛଳତା ମଧ୍ୟରେ ସେ ମଧ୍ୟ ନିରନ୍ତର ସ୍ୱପ୍ନ ଦେଖି ଚାଲିଥିଲେ । ବଙ୍ଗୋପସାଗରର ଅଥଳ ଜଳରାଶିରୁ ପ୍ରବାଳ ଅନ୍ୱେଷାର ଅଦମ୍ୟ ଇଚ୍ଛାରୁ ଅନନ୍ତ ନୀଳ ଅନ୍ତରୀକ୍ଷରେ ଉଡି ବୁଲିବାର ଥିଲା ତାଙ୍କର ସ୍ୱପ୍ନ । ସେ ସ୍ୱପ୍ନର ଯେମିତି ଅନ୍ତ ନଥିଲା । ଆଉ ସ୍ୱପ୍ନକୁ ବାସ୍ତବରେ ରୂପାୟିତ କରିବା ପାଇଁ ସେ ମଧ୍ୟ ଅବିରତ ଚେଷ୍ଟା ଜାରି ରଖିଥିଲେ । ଦୃଢ ନିଷ୍ଠା, କଠୋର ଅଧ୍ୟବସାୟ, ଧୈର୍ଯ୍ୟ ଓ ଲକ୍ଷ୍ୟ ପଥରେ ପହଞ୍ଚିବାର ଦୁର୍ବାର ପ୍ରୟାସ ତାଙ୍କୁ 'ମିସାଇଲ୍ ମ୍ୟାନ୍'ର ଗୌରବ ଆଣି ଦେଇଥିଲା ।



କଲାମ୍ ଜଣେ ମେଧାବୀ ଛାତ୍ର ଥିଲେ । ପାଠପଢାର ଦୀର୍ଘ ସମୟ ସେ ଗଣିତ କଷିବାରେ ଅତିବାହିତ କରୁଥିଲେ । ରାମନାଥପୁରମ୍‌ଠାରେ ବିଦ୍ୟାଳୟ ଓ ହାୟର ସେକେଣ୍ଡାରୀ ଶିକ୍ଷା ସମାପ୍ତ ପରେ ସେ ତିରୁଚିରାପଲ୍ଲୀର ସେଣ୍ଟ୍ ଯୋଶେଫ୍ କଲେଜରେ ୧୯୫୪ ମସିହାରେ ପଦାର୍ଥ ବିଜ୍ଞାନରେ ଗ୍ରାଜୁଏସନ୍ ପାଶ୍ କରିଥିଲେ । ପରେ ମାଡ୍ରାସ ୟୁନିଭରସିଟିର ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ୧୯୬୦ ମସିହାରେ ଏରୋସ୍ପେସ୍ ଇଞ୍ଜିନିୟରିଂରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ।

ଅବୁଲ ଫକୀର ଜୈନୁଲାବଦିନ୍ ଅବଦୁଲ କଲାମଙ୍କ କର୍ମମୟ ଜୀବନ ଆରମ୍ଭ ହୁଏ ପ୍ରତିରକ୍ଷା ଗବେଷଣା ବିକାଶ ପ୍ରତିଷ୍ଠାନ ବା ଡି.ଆର୍.ଡି.ଓ ରେ । ୧୯୬୦ ମସିହାରେ ସେ ଡିଆରଡିଓରେ ଜଣେ ସିନିୟର ବୈଜ୍ଞାନିକ ଭାବରେ ଯୋଗ ଦିଅନ୍ତି । ଏହି ସମୟରେ ଥରେ ମାତ୍ର ସେ ବିଦେଶକୁ ପଢିବା ପାଇଁ ଯାଇଥିଲେ । ୧୯୬୩-୬୪ ମସିହାରେ ସେ ଆମେରିକାର 'ନାସା'କୁ ଯାଇ ଅଧ୍ୟୟନ କରିଥିଲେ । ଡଃ. ବିକ୍ରମ ସରାଭାଇ, ପ୍ରଫେସର ସତୀଶ୍ ଧାବନ୍, ଡଃ ବ୍ରହ୍ମ ପ୍ରକାଶଙ୍କ ଭଳି ବୈଜ୍ଞାନିକମାନେ ଥିଲେ କଲାମ୍‌ଙ୍କ ପଥପ୍ରଦର୍ଶକ ବୋଲି ସେ ନିଜେ ସ୍ୱୀକାର କରିଛନ୍ତି । ଜଣେ ଉଚ୍ଚକୋଟୀର ବୈଜ୍ଞାନିକ ଭାବରେ ବହୁ ସିନିୟର୍ ବୈଜ୍ଞାନିକ ମାନେ ତାଙ୍କୁ ସ୍ୱୀକୃତ ଦେଇଥିଲେ । କହିବା ବାହୁଲ୍ୟ ହେବ ନାହିଁ, ଦେଶର ପ୍ରଥମ ଆଣବିକ ପରୀକ୍ଷା 'ସ୍ମାଇଲିଂ ବୁଦ୍ଧ'ରେ ଯୋଗ ଦେବା ପାଇଁ ପ୍ରଖ୍ୟାତ ବୈଜ୍ଞାନିକ ରାଜା ରାମାନ୍ନା କଲାମଙ୍କୁ ଆମନ୍ତ୍ରଣ କରିଥିଲେ ଯଦିଓ ଏହି ପରୀକ୍ଷାରେ କଲାମଙ୍କର ସାମାନ୍ୟତମ ସଂପୃକ୍ତି ନଥିଲା । ଏହା ବୋଧହୁଏ ନିୟତିର ନିର୍ଦ୍ଦେଶ ଥିଲା ଉପଗ୍ରହ ବିଜ୍ଞାନରୁ ପରମାଣୁ ବିଜ୍ଞାନ ପର୍ଯ୍ୟନ୍ତ କଲାମ ଥିଲେ ସବୁର ଦିଗ୍‌ଦର୍ଶକ । ୧୯୬୫ ମସିହାରେ କଲାମ୍ ଡିଆରଡିଓଠାରେ ସ୍ୱାଧୀନ ଭାବରେ ରକେଟ୍ ପ୍ରକଳ୍ପରେ ପ୍ରଥମ ଥର ପାଇଁ କାମ କରିବାର ସୁଯୋଗ ପାଇଥିଲେ । ପରେ ଅବଶ୍ୟ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ୧୯୬୯ ମସିହାରେ କେନ୍ଦ୍ର ସରକାର ତାଙ୍କୁ ଅନୁମତି ପ୍ରଦାନ କରିଥିଲେ । କିନ୍ତୁ ଡିଆର୍‌ଡିଓରେ କଲାମ ଯଥେଷ୍ଟ ଆତ୍ମସନ୍ତୋଷ ପାଇ ନଥିବାରୁ ୧୯୬୯ ମସିହାରେ ସେ 'ଇସ୍ରୋ' ''ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ''ରେ ଯୋଗ ଦେଇଥିଲେ । ସେଠାରେ ସେ ବୈଜ୍ଞାନିକ ତଥା ବିଜ୍ଞାନ ପ୍ରଶାସକ ଭାବରେ ଯୋଗ ଦେଇଥିଲେ । ସେଠାରେ ସେ ଭାରତର ପ୍ରକ୍ଷେପଣ ଯାନ POLAR SATELLITE LAUNCH VEHICLE

(PSLV) ଏବଂ SLV-IIIର ନିର୍ଦ୍ଦେଶକ ଭାବରେ କାର୍ଯ୍ୟକରି ସଫଳ ହୋଇଥିଲେ । ୧୯୭୦ ମସିହାରେ କଲାମ୍ ଦୁଇଟି ନୂତନ ପ୍ରକଳ୍ପ ଯଥା ପ୍ରୋଜେକ୍ଟ ଡେଭିଲ୍ ଓ ପ୍ରୋଜେକ୍ଟ ଭାଲିଆଣ୍ଟ Surface to Air ଆରମ୍ଭ କରିଥିଲେ । ଏହି ଦୁଇଟି ପ୍ରକଳ୍ପ ସଫଳ ହୋଇଥିବା ସାଟେଲାଇଟ୍ ଲଞ୍ଚ୍ ଭେହିକ୍ଲ୍ ବା ଉପଗ୍ରହ ପ୍ରକ୍ଷେପଣ ଯାନର ଜ୍ଞାନକୌଶଳ ଦ୍ୱାରା ବାଲିଷ୍ଟିକ୍ ମିସାଇଲ ଭାବେ ନିର୍ମାଣ ହେବାର ଥିଲେ ମଧ୍ୟ କେନ୍ଦ୍ର କ୍ୟାବିନେଟ୍ ଏହାକୁ ଅଗ୍ରାହ୍ୟ କରିବାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନିଜର କଣ୍ଟିଜେଣ୍ଟରୁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ଯାହାର ଫଳସ୍ୱରୂପ ୧୯୮୦ ମସିହାରେ କଲାମ୍‌ଙ୍କ ଯୋଗୁଁ ଜୁଲାଇ ମାସରେ ମହାକାଶକୁ ପ୍ରଥମ SLV-III ମାଧ୍ୟମରେ ରୋହିଣୀ ଉପଗ୍ରହର ସଫଳ ଉତ୍‌ପେକ୍ଷଣ ହୋଇଥିଲା ଓ ତାହା ଥିଲା ତାଙ୍କ କ୍ୟାରିୟରର ପ୍ରଥମ ସଫଳତା । ଏହା ପରେ ଭାରତ ଅନ୍ତର୍ଜାତୀୟ ସ୍ପେଶ୍ କ୍ଲବ୍‌ର ସଦସ୍ୟ ହେବାର ସୌଭାଗ୍ୟ ଅର୍ଜନ କରିବା ସହ ଅତି ଉନ୍ନତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମମାନ ଦେଶ ହାତକୁ ନେଇଥିଲା । ସେହିଦିନଠାରୁ କଲାମ୍ ହୋଇଯାଇଥିଲେ ଭାରତର 'ମିସାଇଲ୍ ମ୍ୟାନ୍' ।

ଇସ୍ରୋରେ କଲାମ୍‌ଙ୍କ ପାଇଁ ଥିଲା ପରୀକ୍ଷାର ଦିନ । ସେଥିପାଇଁ ବିଜ୍ଞାନର ପରୀକ୍ଷା ସହ ନିଜର ସୃଜନଶୀଳତାର ପରୀକ୍ଷା ଦେବାକୁ ପଡୁଥିଲା । ସେଠାରେ ପାଖାପାଖି ଦୁଇଦଶନ୍ଧି କାଳ ବିଜ୍ଞାନ ସହ ପ୍ରତି ମୁହୂର୍ତ୍ତରେ କସରତ କଲା ପରେ ସେ ପୁନଶ୍ଚ ପ୍ରତିରକ୍ଷା ବିକାଶ ଗବେଷଣା ପ୍ରତିଷ୍ଠାନ ବା ଡିଆର୍‌ଡିଓରେ ସଚିବ ଭାବରେ ଯୋଗ ଦେଇଥିଲେ । ୧୯୯୨ରୁ ୧୯୯୯ ମସିହା ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ବୈଜ୍ଞାନିକ ଉପଦେଷ୍ଟା ଓ ଡିଆର୍‌ଡିଓର ସଚିବ ଭାବେ ନିଯୁକ୍ତି ପାଇଥିଲେ । ଏହା ବ୍ୟତୀତ ଦେଶର ପ୍ରଥମ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ସମନ୍ୱିତ ଗାଇଡେଡ୍ ମିସାଇଲ ବିକାଶ କାର୍ଯ୍ୟକ୍ରମର Integrated Guided Missile Development Programmeରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଦାୟିତ୍ୱ ସମ୍ପାଦନ କରିଥିଲେ । ଏହି ଯୋଜନା ଅନୁଯାୟୀ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନ ଓ ହେଲିକପ୍ଟରକୁ ଲକ୍ଷ୍ୟଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର), ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ହାଲୁକା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ସୁପରସୋନିକ୍ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଗୋଟି ଲକ୍ଷ୍ୟସ୍ଥଳ ଭେଦ କରିବାକୁ ସକ୍ଷମ), ନାଗ (ଆକାଶରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର), ଅଗ୍ନି (୫୦୦୦ କି.ମି ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ଋଷ ସହିତ ମିଳିତଭାବେ ବିକଶିତ କ୍ଷେପଣାସ୍ତ୍ର, ଯାହାକି ଧ୍ୱନିଠାରୁ ଦ୍ରୁତଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟଭେଦ କରିବାକୁ ସକ୍ଷମ । ଏ ସବୁକୁ ସୃଷ୍ଟି କରିବାରେ କଲାମ୍‌ଙ୍କ ଅବଦାନ ଅତୁଳନୀୟ । ଅଗ୍ନି ଓ ପୃଥ୍ୱୀ ମିଶନର ଏସବୁ ମିସାଇଲ ଥିଲା ଗୋଟିଏ ଗୋଟିଏ ସୃଷ୍ଟି । ସେଥିପାଇଁ କଲାମଙ୍କୁ ଭାରତୀୟ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର ଜନକ ବୋଲି କୁହାଯାଏ । ଏହାବ୍ୟତୀତ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ କଲାମ ମଧ୍ୟ ଭାରତର ପରମାଣୁ ବୋମା ପରୀକ୍ଷଣ କାର୍ଯ୍ୟକ୍ରମ 'ପୋଖରାନ୍–୨'ର ମୁଖ୍ୟ ପ୍ରକଳ୍ପ ସଂଯୋଜକ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସମୟରେ ବାଜପେୟୀ ଯୋଗ୍ୟତା, ଦକ୍ଷତା ଓ ଦେଶପ୍ରେମର ପରିଚୟ ପାଇଥିଲେ । ସେଥିପାଇଁ ସେ ପରମାଣୁ ପରୀକ୍ଷଣରେ କଲାମଙ୍କ ସହଯୋଗ ଲୋଡିଥିଲେ । ଭାରତରେ ପରୀକ୍ଷା ନହୋଇ ମଧ୍ୟ ପୋଖରାନ୍–୨ ଯେଉଁ ଅଭୂତପୂର୍ବ ସଫଳତା ପାଇଁ ବିଶ୍ୱରେ ଚହଳ ସୃଷ୍ଟି କରିପାରିଥିଲା, ତା'ର ମୁଖ୍ୟ ଥିଲେ କଲାମ । ସେଇଥି ପାଇଁ ତ ଆଜି ଯଦି ଚୀନ୍ ସମେତ ବିକଶିତ ରାଷ୍ଟ୍ରମାନେ ଭାରତ ଉପରେ କ୍ରୂରଦୃଷ୍ଟି ନିକ୍ଷେପ କରିବା ପୂର୍ବରୁ ଶହେ ଥର ଚିନ୍ତା କରୁଛନ୍ତି । ଏଥିପାଇଁ ବାଜପେୟୀ ୧୯୯୭ ମସିହାରେ କଲାମଙ୍କୁ ସର୍ବୋଚ୍ଚ ସମ୍ମାନ 'ଭାରତରତ୍ନ' ଉପାଧିରେ ମଣ୍ଡିତ କରାଇଥିଲେ । କେବଳ 'ଭାରତରତ୍ନ' ନୁହେଁ, ଅନେକ ଉଚ୍ଚକୋଟୀର ସମ୍ମାନର ଅଧିକାରୀ ହୋଇପାରିଥିଲେ କଲାମ୍ । ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ, ୧୯୯୭ରେ ଇନ୍ଦିରା ଗାନ୍ଧୀ ପୁରସ୍କାର, ୨୦୦୦ ମସିହାରେ ରାମାନୁଜମ୍ ପୁରସ୍କାର, ୨୦୦୭ ମସିହାରେ ୟୁନାଇଟେଡ୍ କିଙ୍ଗଡମ୍ (ଲଣ୍ଡନର ରୟାଲ୍ ସୋସାଇଟି ଦ୍ୱାରା) କିଙ୍ଗ୍ ଚାର୍ଲସ୍–୨ ମେଡାଲ୍, ୨୦୦୯ ମସିହାରେ ଆମେରିକା ଦ୍ୱାରା ଅନ୍ତର୍ଜାତୀୟ ଭନ୍ କର୍ମନ୍ ୱିଙ୍ଗସ୍ ପୁରସ୍କାର ଆଦି ପ୍ରାପ୍ତ ହୋଇଥିଲେ । ୪୦ଗୋଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ପ୍ରାପ୍ତ ହୋଇଥିଲେ କଲାମ୍ । ଏପରିକି ତାଙ୍କର ୭୯ତମ ଜନ୍ମଦିନକୁ ମିଳିତ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବରେ ପାଳନ କରିଥିଲା । ପିତାମାତାଙ୍କର ଚତୁର୍ଥ ସନ୍ତାନ, ଅବିବାହିତ କଲାମ ଯୁବ ସମାଜ, ଛାତ୍ର ସମାଜ, ବୈଜ୍ଞାନିକ ସମାଜ ପାଇଁ ଚିରକାଳ ଉଦାହରଣ ହୋଇ ରହିବେ । ସ୍ୱପ୍ନଦର୍ଶୀ କଲାମ କେବେ ବିଳାସର ସ୍ୱପ୍ନ ଦେଖୁନଥିଲେ । ଅସୁମାରୀ ପୁରସ୍କାର ପାଇବାର ସ୍ୱପ୍ନ ଦେଖି ନଥିଲେ । କିଛି ସ୍ୱପ୍ନ ଦେଖିଥିଲେ, ଯାହାକୁ ସେ ଭାବନାରେ ପରିଣତ କରିଥିଲେ ଓ ଭାବନାକୁ କାର୍ଯ୍ୟରେ

ପରିଣତ କରିଥିଲେ । ତେଣୁ ସେ କହିଛନ୍ତି, 'ସ୍ୱପ୍ନ ତାହା ନୁହେଁ, ଯାହା ଆମେ ଆମର ଅବଚେତନ ମନରେ ଧରି ରଖୁ ଓ ନିଦରେ ଦେଖୁ । ସ୍ୱପ୍ନ ତାହା, ଯାହା ଆମ ନିଦକୁ ହଜାଇ ଦିଏ ।'

ଏହିଭଳି ଜଣେ ଦେଶପ୍ରେମୀ ବୈଜ୍ଞାନିକ ଦେଶର ଏକାଦଶତମ ରାଷ୍ଟ୍ରପତି ଭାବରେ ୨୦୦୨ ମସିହାରେ ଅଧିଷ୍ଠିତ ହୋଇଥିଲେ । ୨୦୦୨ରୁ ୨୦୦୭ ମସିହା ପର୍ଯ୍ୟନ୍ତ କଲାମ୍ ଥିଲେ ରାଷ୍ଟ୍ରପତି । ରାଷ୍ଟ୍ରପତି ଭାବରେ ସେ ବହୁ ପ୍ରଶଂସାର ଅଧିକାରୀ ହୋଇଥିଲେ କିନ୍ତୁ ରାଷ୍ଟ୍ରପତିଙ୍କ ଗାମ୍ଭୀର୍ଯ୍ୟ ଆଚରଣରୁ ସେ ଥିଲେ ବହୁ ଦୂରରେ । ସେଥିପାଇଁ ସେ ହେଲେ 'ଲୋକଙ୍କ ରାଷ୍ଟ୍ରପତି' । ସଭାସମିତିରେ ଚାକଚକ୍ୟ ଆସନ ଅଳଙ୍କୃତ କରିବା ତ ଦୂରର କଥା, ଫୁଲତୋଡାଟିଏ ଗ୍ରହଣ କରିବାକୁ ସେ କୁଣ୍ଠାବୋଧ କରୁଥିଲେ । ତାଙ୍କର ଅମାୟିକ ବ୍ୟବହାର, ଦେଶପ୍ରେମ ଓ ମାନବବାଦୀ ଚିନ୍ତାଧାରା ପାଇଁ ସେ ଥିଲେ ସବୁରି ପ୍ରିୟ । ଯୁବକ ଓ ଛାତ୍ରମାନଙ୍କ ପାଇଁ ସେ ଥିଲେ ପ୍ରେରଣାର ଉତ୍ସ । ଦେଶରୁ ଦାରିଦ୍ର୍ୟ ଦୂରୀକରଣ, ମାନବବାଦ ଓ ଅହିଂସା ପ୍ରତିଷ୍ଠା ଓ ବିଜ୍ଞାନର ବିକାଶ ପାଇଁ ସେ ଥିଲେ ମାର୍ଗଦର୍ଶକ । ତାଙ୍କର ଆତ୍ମଜୀବନୀ 'ଉଇଙ୍ଗସ୍ ଅଫ୍ ଦି ଫାୟାର୍' ସମେତ, ଭିଜନ୍ ୨୦୨୦, ଇଗ୍ନାଇଟେଡ୍ ମାଇଣ୍ଡସ୍ ବା ପ୍ରଜ୍ୱଳିତ ମସ୍ତିଷ୍କ, ମାଇଁ ଜର୍ଣ୍ଣି: ଟ୍ରାନ୍ସଫରମିଙ୍ଗ୍ ଇନ୍ଟୁ ଆକ୍ସନ ଇତ୍ୟାଦି ତାଙ୍କର ପୁସ୍ତକ ଭାରତ ତଥା ବିଶ୍ୱର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛି । ସମୁଦାୟ ୨୧ ଖଣ୍ଡ ପୁସ୍ତକ ଓ ଅନେକ କବିତାର ସ୍ରଷ୍ଟା କଲାମ ତାଙ୍କର ଲେଖକୀୟ ପରିଚୟ ମଧ୍ୟ ଛାଡି ଯାଇଛନ୍ତି ।

କଲାମଙ୍କ ମହାପ୍ରୟାଣରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କୁ କର୍ମଯୋଗୀ ବୋଲି ଅଭିହିତ କରିଛନ୍ତି । ତାଙ୍କ ସ୍ମୃତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ହ୍ୱିଲର୍ ଦ୍ୱୀପକୁ କଲାମଙ୍କ ନାମରେ ନାମିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଏହା ଜନତାଙ୍କ ରାଷ୍ଟ୍ରପତି ବା ପିପୁଲ୍ସ ପ୍ରେସିଡେଣ୍ଟଙ୍କ ପାଇଁ ଏକ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ବାସ୍ତବରେ ସେ ଥିଲେ ଜଣେ କର୍ମଯୋଗୀ । ରାଷ୍ଟ୍ରପତି ପଦରୁ ଅବସର ନେଲା ପରେ ମଧ୍ୟ ସେ କର୍ମ ସାଧନାରେ ସବୁବେଳେ ନିଜକୁ ନିୟୋଜିତ ରଖୁଥିଲେ । ବିଭିନ୍ନ ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ସେ ଭିଜିଟିଂ ପ୍ରଫେସର ଭାବରେ କାର୍ଯ୍ୟରତ ଥିଲେ । ଏପରିକି ଥିରୁବନନ୍ତପୁରମ୍‌ଠାରେ ଥିବା ଭାରତୀୟ ମହାକାଶ ବିଜ୍ଞାନ ଓ ବୈଷୟିକ ଅନୁଷ୍ଠାନର ସେ ଭାଇସ୍-ଚ୍ୟାନସେଲ୍‌ର ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ଯିଏ ଯେଉଁଠାକୁ ନିମନ୍ତ୍ରଣ କରିଛନ୍ତି ବିଶେଷ କରି ଶିକ୍ଷାନୁଷ୍ଠାନ, ସେଠାରେ ଯାଇ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ଦେଶରୁ ଦୁର୍ନୀତି ହଟାଇବା ପାଇଁ ସେ ଚାରିବର୍ଷ ପୂର୍ବରୁ ଅର୍ଥାତ୍ ୨୦୧୧ ମସିହାରେ ଖାସ୍ କରି ଯୁବକମାନଙ୍କ ଉଦ୍ଦେଶ୍ୟରେ ଏକ ମିଶନ୍ ଆରମ୍ଭ କରିଥିଲେ, ଯାହାର ନାମ ଥିଲା 'ହ୍ୱାଟ୍ କ୍ୟାନ୍ ଆଇ ଗିଭ୍ ମୁଭ୍‌ମେଣ୍ଟ୍' ।

ତାଙ୍କ ଚରିତ୍ରର ଏକ ବିଶେଷ ଗୁଣ ଥିଲା ସେ ସବୁ ମଣିଷଙ୍କୁ ଭଲ ପାଉଥିଲେ । ନିଜର ଯାହା କିଛି ଆବଶ୍ୟକତା ମେଣ୍ଟାଇବା ପରେ ସେ ସଞ୍ଚିତ ଅର୍ଥକୁ ଗ୍ରାମୀଣ ଜୀବନଯାପନ କରୁଥିବା ଲୋକେ କିପରି ସହରୀ ସୁବିଧା ପାଇବେ, ସେଥିପାଇଁ ପ୍ରୋଭାଇଡିଂ ଅର୍ବାନ୍ ଆମେନିଟିସ୍ ଟୁ ରୁରାଲ୍ ଏରିଆସ୍ ନାମକ ଏକ ଟ୍ରଷ୍ଟ ଗଠନ କରି ସେଥିରେ ସଞ୍ଚିତ ଅର୍ଥ ରଖୁଥିଲେ ।

ଛାତ୍ରବତ୍ସଳ, ଯୁବସୁଲଭ, ଲୋକପ୍ରିୟ ରାଷ୍ଟ୍ରପତି କଲାମ ଓଡ଼ିଶାକୁ ଖୁବ୍ ଭଲ ପାଉଥିଲେ । ଓଡ଼ିଶାର ସରଳ ଜୀବନ, ଆତିଥ୍ୟ ତାଙ୍କୁ ଆକର୍ଷଣ କରୁଥିଲା । ସତେଯେପରି ସେ ଓଡ଼ିଶା ମାଟିରେ ଖୋଜି ପାଉଥିଲେ ତାଙ୍କ ବାଲ୍ୟଜୀବନ । ପ୍ରତ୍ୟେକ ଥର ଓଡ଼ିଶା ଆଗମନ ସମୟରେ ସେ ଛାତ୍ରଛାତ୍ରୀମାନଙ୍କୁ ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ଚରିତାର୍ଥ କରିବାର କଳା ଶିଖାଉ ଥିଲେ । ଏକଦା ତାଙ୍କର 'ୱିଙ୍ଗସ୍ ଟୁ ଫ୍ଲାଏ' ଶୀର୍ଷକ କବିତାଟି ଆବୃତ୍ତି କରି ସେ କହିଥିଲେ, 'ମୁଁ ମାଟିରେ ଗୁରୁଣ୍ଡିବା ପାଇଁ ଆସିନି, ମୁଁ ଉଡୁଛି, ଉଡିବି ଏବଂ ଉଡିବି । କାରଣ ମୋର ଡେଣା ଅଛି । ମୋର ଆତ୍ମବିଶ୍ୱାସ ଅଛି, ମୋର ସ୍ୱପ୍ନ ଅଛି ଓ ମୋର ଭାବନା ଅଛି ।'

ମାଟିର ମଣିଷ, ବିଜ୍ଞାନର ଯାଦୁକର, ପ୍ରତିଜ୍ଞାବଦ୍ଧ ସ୍ୱପ୍ନର ସ୍ରଷ୍ଟା ଡଃ କଲାମଙ୍କର ପାର୍ଥିବ ଶରୀର ତାଙ୍କ ଜନ୍ମମାଟିରେ ମିଶିଯାଇଛି ସତ, କିନ୍ତୁ ତାଙ୍କ ଆତ୍ମା ଆକାଶରେ ତାରାଟିଏ ପରି ହସୁଛି । ହାତଠାରି ଡାକୁଛି ଭାରତୀୟ ଛାତ୍ର ସମାଜକୁ, ଯୁବ ସମାଜକୁ ଏବଂ କୋଟି କୋଟି ଭାରତୀୟଙ୍କୁ । ଅନ୍ଧବିଶ୍ୱାସ ତ୍ୟାଗ କର । ବିଜ୍ଞାନରେ ବିଶ୍ୱାସ ରଖ । ବିଜ୍ଞାନ ହିଁ ପ୍ରଗତିର ମାପକାଠି । ପ୍ରଯୁକ୍ତି ବିଦ୍ୟା ହିଁ ଅଭିବୃଦ୍ଧିର ସାର୍ଥକତା । ଦାରିଦ୍ର୍ୟ ହଟାଅ । ଗୁଣାତ୍ମକ ଶିକ୍ଷା ଆମର ଉପଲବ୍ଧି ହେଉ ।

ବାସ୍ତବିକ୍ ସ୍ୱର୍ଗତଃ କଲାମ ଏ ଦେଶ ଓ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବେ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର



# ଆମ ସଙ୍ଗୀତର ବିଭବ: ପ୍ରଫୁଲ୍ଲ ଓ ପ୍ରଣବ

ଚିନ୍ମୟ ରାୟ


ଓଡ଼ିଆ ଜନମାନସରେ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶିତ ଓ ପ୍ରଣବଙ୍କ କଣ୍ଠ ସ୍ଫୁରିତ ଗୀତ ଦୀର୍ଘ ୪୦/୪୫ ବର୍ଷ ଧରି ପ୍ରଭାବ ବିସ୍ତାର କରିଆସିଛି ଓ କରିଚାଲିବ । ଜଣେ ସଂଗୀତ ନିର୍ଦ୍ଦେଶକ ପରାକାଷ୍ଠା ଓ ଆଉ ଜଣେ ଉଚ୍ଚାଙ୍ଗ ଗୀତ ଗାୟନର ଦୀର୍ଘ ଦିନର ନିଷ୍ଠା । ଏ ଦୁଇ ସଙ୍ଗୀତବେତ୍ତାଙ୍କର କେତୋଟି ଗୀତକୁ ତର୍ଜମା କଲେ ମଥା ନଇଁଯାଏ ଓ ହାତଯୋଡ଼ି ହୋଇଯାଏ । ଏ ଦୁଇଶିଳ୍ପୀଙ୍କ ମୌଳିକ ପ୍ରତିଭା ଓ ତାଙ୍କର ଅବଦାନ ଗଣ ତୁଣ୍ଡରୁ ତୁଣ୍ଡ, ପିଢ଼ି ପରେ ପିଢ଼ି ଚିରସବୁଜ ହୋଇ ରହିଅଛି ।

ପ୍ରଫୁଲ୍ଲ କର 'ମମତା' (୧୯୭୫ ମସିହା) ଛାୟାଛବିରେ ମଧୁସୂଦନ ରାଓଙ୍କର ଜୀବନବାଦୀ କବିତାକୁ ସଂଗୀତ କରି ପରଶିଲେ । 'ରେ ଆତ୍ମନ୍ ! ନିଦ୍ରା ପରିହରି' ଏଇ ଦାର୍ଶନିକ ଛଟାର ଗୀତିକାକୁ ପ୍ରଣବଙ୍କର ସ୍ନିଗ୍ଧଗମ୍ଭୀର କଣ୍ଠହିଁ ଯଥାର୍ଥରେ ଫୁଟାଇ ପାରିଲା । ଆଜିବି ଏ ଗୀତର ଆଦର ବଜାୟ ରହିଛି । 'ତପସ୍ୟା' ଛାୟାଛବିର ଗୀତ 'ଢାଳି ଦିଅ ସାରା ଧରଣୀରେ ଆଜି', ବିଭୁ ସମର୍ପିତ ଜଣାଣଟିଏ, ଯେଉଁଥିରେ ବିଶ୍ୱନିୟନ୍ତାଙ୍କୁ ନିବେଦନ କରାଯାଇଛି । ୧୯୮୦ ମସିହାରୁ ଏଇ ଗୀତ ଆଜିର ଯୁବପିଢ଼ିକୁ ଆକର୍ଷିତ କରୁଛି । ଟି.ଭିରେ ନାନାଦି ପ୍ରତିଯୋଗିତା, ମେଲୋଡ଼ି ମଞ୍ଚରେ ଏଇ ଗୀତ ଯାହା ମୂଳତଃ ଚିତ୍ତ ଜେନା ଗାଇଥିଲେ, ପିଢ଼ି ପରେ ପିଢ଼ି ଏ ଗୀତକୁ ଦୋହରାଉଛନ୍ତି । ବେତାରରେ ଏହି ଗୀତ ଆଜି ମଧ୍ୟ ବାଜୁଛି । ସୁଗନ୍ଧିତ ଫୁଲକୁ ନେଇ ଏବେ 'AromaTherapy' ଚାଲିଛି, ସେମିତି ଏଇ ଗୀତର ହିଲିଂ ଟଚ୍‌ର କଥା, ସ୍ୱାନୁଭୂତିରୁ ଉଲ୍ଲେଖ କଲେ ଅପ୍ରାସଙ୍ଗିକ ହେବ ନାହିଁ । ସଂଗୀତରେ ରୁଚିଥିବା ଜନୈକ ବନ୍ଧୁ ଯାହାଙ୍କର ଗୀତର ସି.ଡି. (ନିର୍ଦ୍ଦେଶନା) ଲୋକାର୍ପିତ ହୋଇଛି, ସେ ରକ୍ତଚାପ ହେତୁ ଏକଦା ଦୀର୍ଘ ଦୁଇଘଣ୍ଟା ଘରେ ଶଯ୍ୟାଗତ ଥିଲେ । ଏଇ ଗୀତ ବେତାରରେ ବାଜିଲା, ଆଗ୍ରହରେ ସେ ଶୁଣିଲେ । ତାଙ୍କର ରକ୍ତଚାପ ସହିତ ଅନ୍ୟାନ୍ୟ ପୀଡା ଉଭାନ୍ ହୋଇଗଲା ।

ଚିତ୍ତ ଜେନାଙ୍କ କଣ୍ଠରୁ ସ୍ଫୁରିତ ଆହୁରି ଏକ ଜନପ୍ରିୟ ଭଜନ ରହିଛି 'କୃଷ୍ଣସୁଦାମା' (୧୯୭୭) ଛାୟାଛବିର 'କହରେ... କିଏ ସେ' ଗୀତଟି । ବିଭୁଦତ୍ତ ପରିବେଶ ଓ ପ୍ରକୃତିର ଅବଦାନର ଜୟଗାନ କରିଥାଏ ଏ ଗୀତ । ଲିରିକ୍ ଯେମିତି, କଣ୍ଠଦାନ ସେମିତି, ତା'ଠୁ ବଳି ଆରୋପିତ ସଂଗୀତର ବିନ୍ୟାସ । କେତେ ପ୍ରତିଯୋଗିତାରେ, ମେଲୋଡିମଞ୍ଚରେ ପ୍ରଥମ ସଂଗୀତ ହୋଇ ପରିବେଷିତ ହେଉଛି । ଯାହା ଅଠତିରିଶି ବର୍ଷତଳେ ରେକର୍ଡିଂ କରାଯାଇଥିଲା । ଏହାହିଁ ଜନାଦୃତ ସଂଗୀତର ନିତ୍ୟନୂତନତା ଓ ସାର୍ଥକତା । ଆଉ ଏକ ଗୀତ ଶ୍ରୀ କରଙ୍କ ସଙ୍ଗୀତ ନିର୍ଦ୍ଦେଶିତ 'ଶେଷଶ୍ରାବଣ' ଛାୟାଛବିରେ, 'ମାଝୀରେ... । ଜୀବନର ଘନଘଟା ଓ ମିଥିର ସମନ୍ୱୟରେ ଅପୂର୍ବ ଲିରିକ୍ ପାଇଁ ଶାସ୍ତ୍ରୀୟ ସ୍ୱର୍ଗର ସ୍ୱର ସଂଯୋଜନା । ପ୍ରଣବଙ୍କର କଣ୍ଠ ଗାମ୍ଭୀର୍ଯ୍ୟ (ମହାଶ୍ୱେତା ଓ ପ୍ରଶାନ୍ତଙ୍କର ନିରବ ଅଭିନୟ) ସତେକି ଏକ ଆଶିଷପ୍ରାପ୍ତ ଲଗ୍ନରେ ଏ ଗୀତ ରୂପ ପାଇଥିଲା । ଏ ମାଝୀ ଗୀତ ପରେ ପରେ ପ୍ରଣବ ଏକାଧିକ ଗୀତ ଗାଇଛନ୍ତି । ତା'ଛଡା ଆଉ ଏକ ଅଭୁଲାଗୀତ 'ବଳିଦାନ' ଛାୟା ଛବିର ଏସ୍.ଜାନକୀ (ଦକ୍ଷିଣର ଶିଳ୍ପୀ) ଗାଇଥିବା 'ନେଇଯାରେ ମେଘ ମୋତେ'... । ଏଇ ଗୀତ ବେତାରରେ, ମେଲୋଡି ପାର୍ଟିରେ ଏକ ଜନାଦୃତ ସଂଗୀତ । ଶାସ୍ତ୍ରୀୟ ସ୍ୱର୍ଗର ଏଇ ମଧୁର ଗୀତଟି ଗାଇ କଣ୍ଠଶିଳ୍ପୀ ନିଜର ପ୍ରତିଭାର ଯଥାର୍ଥ ପରିଚୟ ଦେଇପାରିଛନ୍ତି ।

'କମଳଦେଶ ରାଜକୁମାର' ଗୀତକୁ ନେଇ ଶ୍ରୀ କର ଚର୍ଚ୍ଚିତ ହୁଅନ୍ତି, କିନ୍ତୁ ତାଙ୍କରି କଣ୍ଠ ନିଃସୃତ ଆଉ ଏକ ରୋମାଣ୍ଟିକ ସଂଗୀତ ଉଚ୍ଚକୋଟୀର । ନିଶୀଥର ନିରବତାରେ, ମାନସର ଧ୍ୟାନଶୀଳ ବେଳାରେ ଏଇ ଗୀତ ଯିଏ ଶୁଣିଛି, ସେ ଜାଣିଛି । 'ଏ ଜହ୍ନ, ଏ ରାତି, ଏ ଫୁଲ, ଏ ଫଗୁଣ' ଏଇମାନେ ମିଶି ମୋତେ କରିଲେ ପାଗଳ'... । ଏମିତି ଦମ୍‌ଦାର ଲିରିକ୍‌ର ସଂଗୀତାୟନ ଶ୍ରୀ କର ହିଁ କରିଛନ୍ତି ଓ ନିଜେ ଗାଇଛନ୍ତି । ଓଡ଼ିଆ ଜାତିର ସୌଭାଗ୍ୟ: ଶ୍ରୀ

ବାଳକୃଷ୍ଣ ଦାସ ଓ ଭୁବନେଶ୍ୱର ମିଶ୍ରଙ୍କ ପରି ପ୍ରତିଭାଦୀପ୍ତ ସଙ୍ଗୀତଜ୍ଞଙ୍କ ଅପୂରଣୀୟ ସ୍ଥାନକୁ ଶ୍ରୀ କର ଅନେକ ମାତ୍ରାରେ ପୂରଣ କରିପାରିଛନ୍ତି । ତାଙ୍କର ଶତାଧିକ ସଂଗୀତର ଶ୍ରେଷ୍ଠକଳାରୁ ଏଇ କେତୋଟି ତର୍ଜମା କରି ଆମେ ଜାଣିପାରିଛେ ଯେ, ପ୍ରଫୁଲ୍ଲ କର ଆମ ଉତ୍କଳ ସଂଗୀତ ଭଣ୍ଡାରର ଚିର ଜାଜ୍ୱଲ୍ୟ ହୀରାଖଣ୍ଡ । ପରିଣତ ବୟସରେ ସେ 'ପଦ୍ମଶ୍ରୀ' ସମ୍ମାନ ପ୍ରାପ୍ତ ହୋଇଛନ୍ତି, ଶ୍ରୀଜଗନ୍ନାଥ ଏଇ ସଂଗୀତର ପଦ୍ମକୁ ଆହୁରି ସତେଜ ସୁନ୍ଦର ରଖନ୍ତୁ । ଆମ ସଂଗୀତରେ ମଧୁର ଅଥଚ ଗମ୍ଭୀର କଣ୍ଠର ଅଧିକାରୀ ଶ୍ରୀ ପ୍ରଣବ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ଗାଇଥିବା 'ବତୀଘର' ଛାୟାଛବିର 'ସୀମାହୀନ ଦରିଆ' ଆଜିବି ତା'ର ଗୁଣବତ୍ତାରେ ଅନତିକ୍ରମ୍ୟ । କାରଣ ତତ୍ତୁଲ୍ୟ ଗୀତ ଆଉ ତିଆରି ହୋଇନାହିଁ । ଆମକୁ ଯଦି କେହି ଉଚ୍ଚକୋଟୀର ଓଡ଼ିଆ ସଂଗୀତ କିଛି ବାଛିଦିଅ ବୋଲି କହେ ତେବେ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶିତ ଓ ଉଚ୍ଚସ୍ତରର କଣ୍ଠଶିଳ୍ପୀ ପ୍ରଣବ ଓ ଚିତ୍ତ ଜେନା ଗାଇଥିବା କେତୋଟି ଗୀତକୁ ଆଗେ ବାଛିଦେବା ନିଶ୍ଚିତ । 'ମମତା' ଛବିରେ 'ରେ ଆତ୍ମନ୍ ନିଦ୍ରା ପରିହରି' ଦାର୍ଶନିକ କବିତା ଓରଫ୍ ସଂଗୀତଟି ପ୍ରଣବଙ୍କୁ ଛାଡି ଆଉ କିଏ ଗାଇ ପାରିଥା'ନ୍ତା ? 'ଚିଲିକା ତୀରେ' ଛାୟାଛବିର 'ଉର୍ମି ଅଧିରା ରୂପସୀ ଚିଲିକା', 'ଆରତି' ଚଳଚ୍ଚିତ୍ରର 'ମା' ତୁମେ ଜଗତର ସାହା ଭରସା' ସଦୃଶ ଗୀତ ସତେଯେମିତି ପ୍ରଣବଙ୍କ କଣ୍ଠନିମିତ୍ତ ତିଆରି ହୋଇଥିଲା । ଛାତ୍ରମାନେ, ଯୁବଗୋଷ୍ଠୀ, ମେଲୋଡିପାର୍ଟି, ଟି.ଭି., ବେତାର ଏସବୁରେ ପ୍ରଣବଙ୍କର ସେ ଜନାଦୃତ ସଂଗୀତ ଗାନ କରିଥାନ୍ତି । ପ୍ରତିଭା ଥିଲେ ଉଚ୍ଚସ୍ତରର ସର୍ଜନା ହୁଏ କିନ୍ତୁ କେଉଁ ଟ୍ରେନିଂ ସେଣ୍ଟର ଅବା ଯନ୍ତ୍ର ମନ୍ତ୍ର ନାହିଁ, ପ୍ରଣବଙ୍କର ଅନନ୍ୟ କଣ୍ଠ ତିଆରି କରିଦେବ । କ୍ଷୁଣ୍ଣ (ପତଳା) ଶରୀରରେ ଏମିତି ଗମ୍ଭୀର ଅଥଚ ମଧୁର କଣ୍ଠ ଈଶ୍ୱରଙ୍କର ଆଶିଷ ଛଡା ଆଉ କ'ଣ କୁହାଯାଇପାରେ ! ଶିଳ୍ପୀଙ୍କୁ ଆଜି ପଞ୍ଚସ୍ତରି ଛୁଇଁଥିବା ବୟସରେ (ମଧ୍ୟ) ସେଇ ସ୍ୱଚ୍ଛତା, ସେଇ କମ୍ପନ ଅତୁଟ ରହିଛି ତାଙ୍କର । ମନେପଡୁଛି, ବହୁଦିନ (ଛଅସାତବର୍ଷ) ତଳେ ବେତାରରେ ଏକ ସାକ୍ଷାତକାରରେ ଶ୍ରୀ ପଟ୍ଟନାୟକ କହୁଥା'ନ୍ତି: ବ୍ରହ୍ମପୁତ୍ର ନଦୀର ମାଝିକୁଳ ନାଆ ମେଲି ଯେଉଁ ଗୀତ ପବନ ସହିତ ତାଳ ଦେଇ ଗାଇଥା'ନ୍ତି, ତା' ଆଗେ ଆମର ଗୀତ କିଛି ନୁହେଁ । ପ୍ରଣବ ମାଝିରେ... ଓ ଯା'ରେ ମାଝି ଯା'... ଯଥାକ୍ରମେ 'ଶେଷ ଶ୍ରାବଣ ଓ ଚିହ୍ନା ଅଚିହ୍ନା' ଛବି ପାଇଁ ଗାଇଥିଲେ, ଆଜିବି ଯୁବଶିଳ୍ପୀ ସେଇ ଗୀତକୁ ଦୋହରାଉଛନ୍ତି । ଏହାଛଡା ତାଙ୍କର ଲଘୁସଂଗୀତ ବା ସୁଗମ ସଂଗୀତରେ ଉଚ୍ଚସ୍ତରୀୟ ଅବଦାନ ରହିଛି । 'ଏଇ ଜୀବନଟା ଏକ ନାଟକ' ଭଳି ଗୀତଶୁଣି କିଏ ବା ଭାବଦଗ୍ଧ ନହୁଏ ! ଏ ଗୀତ ସରିଆସିଲା ବେଳକୁ ଶିଳ୍ପୀ ପ୍ରତି ସ୍ୱତଃ ମଥା ନଇଁ ଯାଏ । ସଂଗୀତ ଯେ ନିତ୍ୟନୂତନ, ଶବ୍ଦବ୍ରହ୍ମ କାରଣ କାଳ ତାକୁ ପୁରୁଣା କରେନାହିଁ ବରଂ ଆହୁରି ଉଜ୍ଜ୍ୱଳ କରେ । ସେ କଣ୍ଠ ଏମିତି ଗ୍ରହଣଶୀଳ ଯାହା ଭାବଗମ୍ଭୀର, ଉଦାସ ବିଭୋର, ଦାର୍ଶନିକ ଛଟା, ପ୍ରେମରୋମାଞ୍ଚ, ଆହ୍ଲାଦ ବିସ୍ମୟ, ଭଜନ ଜଣାଣ ସବୁସ୍ତରକୁ ଆପଣେଇ ପରଶି ଦିଏ । ଏଇ ପରିଣତ



ବୟସରେ ସେ ଭୁବନେଶ୍ୱରର ଜୟଦେବ ଭବନ କିମ୍ବା ରବୀନ୍ଦ୍ର ମଣ୍ଡପର ମଞ୍ଚ ଥରାଇ ଦେଉଛନ୍ତି । ପ୍ରାୟ ସହସ୍ର ମୁଖରୁ ହସ, ସହସ୍ର ହାତର ତାଳିରେ କମ୍ପିଉଠେ ପ୍ରେକ୍ଷାଳୟ । ଆହ୍ଲାଦକର କଣ୍ଠଶିଳ୍ପୀ !

ମନନ କଲେ ଅନୁଭବ ହୁଏ ପ୍ରଣବ ସ୍ୱୟଂ ଏକ ସଂଗୀତଝର, ପିଢ଼ି ପରେ ପିଢ଼ି ପାଇଁ ପ୍ରେରଣାର ଭଣ୍ଡାର । ଓଡ଼ିଶାରେ ଏମିତି କେହି ଯୁବକ ନାହିଁ, ରୁଚିସମ୍ପନ୍ନ ଛାତ୍ର ନାହିଁ ଯିଏ ତା' ମନରେ, ତୁଣ୍ଡରେ ପ୍ରଣବଙ୍କର ଗୀତ ସବୁ ଗୁଣୁଗୁଣେଇ ନାହିଁ । ଏହାହିଁ ଶିଳ୍ପୀ ଜୀବନର ସାର୍ଥକତା । ପ୍ରଫୁଲ୍ଲ କରଙ୍କ ଭାଷାରେ: 'ଏତେ ପତଳା ଶରୀର, କେମିତି କୁଆଡୁ ଏ ଗହୀର ପ୍ରଣବ ଧ୍ୱନି ଝରିଯାଉଛି, ମହାବିସ୍ମୟକର କଥା' । ଦୀର୍ଘ ଚାଳିଶିବର୍ଷରୁ ଊର୍ଦ୍ଧ୍ୱକାଳ ସେ ଗାଇ ଚାଲିଛନ୍ତି । ଆଗାମୀ ଦିନରେ ସେ ଆଉ କିଛି ଅଭୁଲାଗୀତ (ନୂଆ) ଗାଇ ଆମ ସଙ୍ଗୀତ ଭଣ୍ଡାରକୁ ସମୃଦ୍ଧ କରିଦିଅନ୍ତୁ । ଏକଥା ସତ: ପ୍ରଫୁଲ୍ଲ ଓ ପ୍ରଣବ ଆମ ସଙ୍ଗୀତ ଭଣ୍ଡାରର ଦୁଇ ବିଭବ ହୋଇ ରହିଥିବେ ଚିରକାଳ ପାଇଁ... ।

ଶାସନ ପଡିଆ
ପୁରୁଣା ଭୁବନେଶ୍ୱର-୨

# ଗୁରୁ ଦିବସର ଅନୁଚିନ୍ତା

**ସରସ୍ୱତୀ ପାତ୍ର**

ଭାରତବର୍ଷରେ ଗୁରୁମାନଙ୍କର ସ୍ଥାନ ଯଥେଷ୍ଟ ଉଚ୍ଚରେ ଥିଲା । ପିତାମାତା ପୁତ୍ରକନ୍ୟାଙ୍କୁ ଜନ୍ମ ଦେଇଥାନ୍ତି ସତ ମାତ୍ର ଗୁରୁ କୃପାରେ ସେମାନେ ଜ୍ଞାନ ଓ ମହତ୍ ହୃଦୟର ଅଧିକାରୀ ହୁଅନ୍ତି । ପିତା ମାତାଙ୍କଠାରୁ ଆମେ ଶରୀର ଓ ଚର୍ମଚକ୍ଷୁ ହାସଲ କରିଥାଉ, ମାତ୍ର ଗୁରୁ ଆମର ଜ୍ଞାନଚକ୍ଷୁ ଉନ୍ମୀଳନ କରାଇଥାନ୍ତି । ସେ ସକଳ ଜ୍ଞାନର ଅଧିକାରୀ । ତାଙ୍କ ସଂସ୍ପର୍ଶରେ ଛାତ୍ରଛାତ୍ରୀଙ୍କ ଜୀବନରୁ ଅଜ୍ଞାନତାର ଅନ୍ଧାର ଦୂରୀଭୂତ ହୁଏ । ଜୀବନର ସାର୍ଥକତା ଓ ସକଳ ପ୍ରକାରର ସଫଳତାର ପଥ ପ୍ରଦର୍ଶକ ହେଉଛନ୍ତି ଗୁରୁ । ପ୍ରାଚୀନ ଯୁଗର ଛାତ୍ରମାନେ ଗୁରୁ ଆଶ୍ରମରେ ରହି ବିଦ୍ୟାଅର୍ଜନ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏହିପରି ଭାବରେ ସେମାନେ ଗୁରୁଙ୍କଠାରୁ ଜ୍ଞାନଲାଭ କରି ନିଜର ଅଜ୍ଞାନ ରୂପକ ଅନ୍ଧକାରକୁ ଅକ୍ଲେଶରେ ଦୂର କରୁଥିଲେ । ଗୁରୁଙ୍କ ସଂଜ୍ଞା ନିରୂପଣ କରିବାକୁ ଯାଇ ଯଥାର୍ଥରେ କୁହାଯାଇଛି–



'ଗୁରୁର୍ବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱରଃ
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।'

'ଗୁରୁ' ଶବ୍ଦର ଅର୍ଥ ହେଉଛି, 'ଗୁ' ଅର୍ଥ ଅନ୍ଧକାର ଓ 'ରୁ' ଅର୍ଥ ଆଲୋକ । ଅର୍ଥାତ୍ ଯିଏ ଅନ୍ଧାରରୁ ଆଲୋକକୁ ପଥ ନିର୍ଦ୍ଦେଶ କରିଥାନ୍ତି, ସେ ହିଁ ଗୁରୁ ପଦବାଚ୍ୟ । ଛାତ୍ରଛାତ୍ରୀମାନଙ୍କ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନରୂପକ ଆଲୋକ ପ୍ରଦାନ କରିବାରେ ଶିକ୍ଷକମାନେ ହିଁ ସମର୍ଥ ବୋଲି ତାଙ୍କୁ 'ଗୁରୁ' ଆଖ୍ୟା ପ୍ରଦାନ କରାଯାଇଛି । ଗୁରୁ ଶବ୍ଦର ଅର୍ଥ ମଧ୍ୟ ମହାନ୍ ପବିତ୍ର । ଗୁରୁ ସର୍ବଦା ପୂଜ୍ୟପୂଜାର ଅଧିକାରୀ । ଏସବୁ ଦୃଷ୍ଟିରୁ ବିଚାର କଲେ ଡ. ରାଧାକ୍ରିଷ୍ଣନ୍ ଜଣେ ଯଥାର୍ଥରେ ଗୁରୁପଦବାଚ୍ୟ ବ୍ୟକ୍ତି ଅଟନ୍ତି । ତାଙ୍କର ପବିତ୍ର ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳନ କରାଯିବା ଦ୍ୱାରା ତାଙ୍କୁ ଯଥୋଚିତ୍ ସମ୍ମାନ ପ୍ରଦର୍ଶନ କରାଯାଉଛି । ପ୍ରତିବର୍ଷ ସେପ୍ଟେମ୍ବର ମାସ ପାଞ୍ଚ ତାରିଖରେ ଏହି ଉତ୍ସବ ଶ୍ରଦ୍ଧାର ସହିତ ପାଳନ କରାଯାଇଥାଏ । ଏହା ଭାରତୀୟ ଗୁରୁପରମ୍ପରାର ସ୍ମାରକୀ ରୂପେ ପ୍ରତୀୟମାନ ହୋଇଥାଏ ।

ବିପଥଗାମୀ ମାନବ ସମାଜକୁ ସତ୍‌ମାର୍ଗରେ ପରିଚାଳିତ କରିବା ପାଇଁ ଏ ଧରାପୃଷ୍ଠରେ ଅନେକ ସଦ୍‌ଗୁରୁ ତଥା ମହାପୁରୁଷଙ୍କର ଆବିର୍ଭାବ ହୋଇଛି । ସେମାନଙ୍କ ମଧ୍ୟରେ ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀ, ଯୋଗୀଶ୍ରେଷ୍ଠ ପରମ ପ୍ରଭୁ ଶ୍ରୀ ଅରବିନ୍ଦ ତଥା ସର୍ବପଲ୍ଲୀ ଡ. ରାଧାକୃଷ୍ଣନ୍ ଇତ୍ୟାଦି ।

ପବିତ୍ର ଗୁରୁଦିବସରେ ଭାରତର ସେହି ମହାନ୍‌ଗୁରୁ ଡ. ରାଧାକ୍ରିଷ୍ଣନ୍‌ଙ୍କ ଜୀବନୀ ପର୍ଯ୍ୟାଲୋଚନା ସ୍ୱତଃ ପରିସରଭୁକ୍ତ ହୋଇଯାଏ । ତାଙ୍କ ଜୀବନୀକୁ ପାଥେୟ କରି ଛାତ୍ରଛାତ୍ରୀମାନେ ନିଜର ଜୀବନକୁ ଗଢି ତୋଳିବାକୁ ଗୁରୁଜୀମାନେ ଉପଦେଶ ଦେଇଥାନ୍ତି । ରାଧାକ୍ରିଷ୍ଣନ୍ ୧୮୮୮ ମସିହା ସେପ୍ଟେମ୍ବର ପାଞ୍ଚ ତାରିଖରେ ମାନ୍ଦ୍ରାଜର ତିରୁରାଣୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେହି ଗାଁର ଗୋଟିଏ ଗରିବ ବାଳକର ଜନ୍ମଦିନ ଆଜି ବିଶ୍ୱ

ଇତିହାସରେ ଗୁରୁଦିବସ । ସେ ବୀର ସ୍ୱାମୀ ପୁରୋହିତଙ୍କ ପୁଅ । ବିଶ୍ୱର ସର୍ବଶ୍ରେଷ୍ଠ ଦାର୍ଶନିକ । ସେ ଗୁରୁ ନୁହଁନ୍ତି ବରଂ ଗୁରୁଣାଂ ଗୁରୁ । ଭାରତମାଟି ହିଁ ଗୁରୁମାଟି । ଗୁରୁମାଟିର ଗୁରୁ ରାଧାକ୍ରିଷ୍ଣନ୍ ।

ପୁରୋହିତ ବାପା ରାଧାକ୍ରିଷ୍ଣନ୍‌ଙ୍କୁ ପାଠ ପଢାଇ ପାରିଲେ ନାହିଁ । ରାଧାକ୍ରିଷ୍ଣନ୍ ସ୍ୱଭାବରେ ଥିଲେ ଲାଜକୁଳା, ନମ୍ର ଓ ସୁଧାର । ପ୍ରଭୁ ଭେଙ୍କଟେଶ୍ୱରଙ୍କ ପରମ ଭକ୍ତ । କେବଳ ହିନ୍ଦୁ ଧର୍ମ ନୁହେଁ ଖ୍ରୀଷ୍ଟଧର୍ମରେ ମଧ୍ୟ ତାଙ୍କର ସୁଖ୍ୟାତି ଥିଲା । ପ୍ରଚଣ୍ଡ ସ୍ମୃତି ଶକ୍ତିର ଗନ୍ତାଘର ଥିଲେ ରାଧାକ୍ରିଷ୍ଣନ୍ । ତୁଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାଦିନୁ ତାଙ୍କୁ ସାଙ୍ଗସାଥୀ, ଶିକ୍ଷକ, ଅଧ୍ୟାପକମାନେ ଖୁବ୍ ଭଲ ପାଉଥିଲେ ।

ମାନ୍ଦ୍ରାଜର ଖ୍ରୀଷ୍ଟିଆନ୍ କଲେଜରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀର ପ୍ରଥମ ହୋଇ ବି.ଏ. ପାସ୍ କରିଥିଲେ । ତା' ପରବର୍ଷ ସୈାଦାପେଟରେ ଥିବା ଟିଚରସ୍ କଲେଜରୁ କୃତିତ୍ୱ ସହିତ ଏଲ୍.ଟି. ପାଶ୍ କରିଥିଲେ । ୧୯୦୯ ମସିହାରେ ମାନ୍ଦ୍ରାଜର ପ୍ରେସିଡେନ୍ସି କଲେଜରେ ଅଧ୍ୟାପକ ରୂପେ ଚାକିରି ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ମହୀଶ୍ୱର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ୧୯୨୬ ମସିହାରେ ସେ ହାଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତିକ ଦର୍ଶନ କଂଗ୍ରେସ୍‌ରେ ଭାରତର ପ୍ରତିନିଧିତ୍ୱ କରି ଭାରତୀୟ ଦର୍ଶନର ପ୍ରଚାର କରିଥିଲେ । ୧୯୩୧ ମସିହାରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ କୁଳପତି ରୂପେ ଯୋଗ ଦେଇଥିଲେ । ୧୯୩୯ ଖ୍ରୀଷ୍ଟାବ୍ଦରେ ବାରାଣସୀର ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ତଥା ମଦନ ମୋହନ ମାଲବ୍ୟଙ୍କ ଅନୁରୋଧକ୍ରମେ ରାଧାକ୍ରିଷ୍ଣନ୍ ଉକ୍ତ ବିଶ୍ୱବିଦ୍ୟାଳୟର କୁଳପତି ରୂପେ ଯୋଗ ଦେଇଥିଲେ ।

୧୯୪୯ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ୍‌ଙ୍କ ପରାମର୍ଶକ୍ରମେ ସେ ରୁଷିଆର ରାଷ୍ଟ୍ରଦୂତ ରୂପେ ନିଯୁକ୍ତ ହେବା ସଙ୍ଗେ ସଙ୍ଗେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ରୂପେ କାର୍ଯ୍ୟ କରିବାର ସୈାଭାଗ୍ୟ ଲାଭ କରିଥିଲେ । ୧୯୫୨ ମସିହାରେ ସେ ଭାରତର ଉପରାଷ୍ଟ୍ରପତି ଭାବେ ଯୋଗଦେଇ ରୁଷ୍ ପରିତ୍ୟାଗ କରିଥିଲେ । ରୁଷ୍ ଛାଡିବାବେଳେ ଷ୍ଟାଲିନ୍ କହିଥିଲେ ଯେ ରାଧାକ୍ରିଷ୍ଣନ୍ କେବଳ ଜଣେ ଦେଶଭକ୍ତ ନୁହଁନ୍ତି, ତାଙ୍କର ହୃଦୟ ସର୍ବଦା ମାନବ ସମାଜ ସହ ଜଡିତ ।

୧୯୬୨ ମସିହା ମେ ୧୨ ତାରିଖରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ । ୧୯୬୩ ମସିହାରେ ସେ ଇଂଲଣ୍ଡର ସର୍ବୋଚ୍ଚ ଉପାଧି 'Oder of merit'ରେ ଭୂଷିତ ହୋଇ ଅଧିକ ଲୋକପ୍ରିୟ ହୋଇପାରିଥିଲେ । ୧୯୬୭ ମସିହାରେ ସେ ରାଷ୍ଟ୍ରପତି ପଦରୁ ବିଦାୟ ନେଇଥିଲେ । ସମୟର କରାଳ ଚକ୍ରରେ ୧୯୭୫ ମସିହା ଏପ୍ରିଲ୍ ୧୬ ତାରିଖରେ ରାଧାକ୍ରିଷ୍ଣନ୍ ୮୬ ବର୍ଷ ବୟସରେ ଭାରତବାସୀଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ ।

ରାଧାକ୍ରିଷ୍ଣନ୍ ଥିଲେ ଜଣେ ଜ୍ଞାନଯୋଗୀ । ଭାରତର ତଥା ପୃଥିବୀର ବିଭିନ୍ନ ଦେଶରୁ ବିଭିନ୍ନ ସମୟରେ ବହୁ ସମ୍ମାନ ସୂଚକ ପଦବୀ ଓ ଉପାଧି ଲାଭ କରିଥିଲେ । ସେ ମଧ୍ୟ ବିଦେଶରେ ଭାରତର ଉଚ୍ଚ ଦର୍ଶନକୁ ପ୍ରଚାର କରି ଭାରତ ସମ୍ପର୍କରେ ପୃଥିବୀବାସୀଙ୍କ ଧାରଣାକୁ ପରିବର୍ତ୍ତନ କରିବାରେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ଏକଦା ତାଙ୍କର କିଛି ପ୍ରିୟ ଛାତ୍ର ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ ଅନୁରୋଧ କରନ୍ତେ, ଜଣେ ଶିକ୍ଷକ ଭାବରେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରି ସର୍ବୋଚ୍ଚସ୍ଥାନ ଅଳଂକୃତ କରିଥିବାରୁ ଶିକ୍ଷକ ସମାଜର ସମ୍ମାନାର୍ଥେ ତାଙ୍କ ଜନ୍ମ ଦିବସକୁ ଗୁରୁଦିବସରୂପେ ପାଳନ କରିବାକୁ ସେ ସେମାନଙ୍କୁ ପରାମର୍ଶ ଦେଇଥିଲେ । ଭାରତ ସରକାର ତାହାକୁ କାର୍ଯ୍ୟକାରୀ କରାଇ ତାଙ୍କୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ ଭାରତରେ ଗୁରୁ ପରମ୍ପରାକୁ ସମ୍ମାନିତ କରିବାରେ ସମର୍ଥ ହୋଇପାରିଛନ୍ତି ।

ଦୈନନ୍ଦିନ ଜୀବନରେ ଗୁରୁମାନଙ୍କର ଆବଶ୍ୟକତା ଅତ୍ୟନ୍ତ ଗ୍ରହଣୀୟ । ବିଦ୍ୟାଳୟମାନଙ୍କରେ ଗୁରୁଭକ୍ତି, ଗୁରୁଙ୍କ ଆଦର୍ଶ ଓ ଛାତ୍ରମାନଙ୍କ କର୍ତ୍ତବ୍ୟ ପରାୟଣତା ସମ୍ବନ୍ଧରେ ଆଲୋଚନା ସଭାମାନ ଅନୁଷ୍ଠିତ ହୋଇଥାଏ । ଉପସ୍ଥିତ ଗୁରୁମାନେ ଆଦର୍ଶ ଗୁରୁଭକ୍ତି ଓ ଶିଷ୍ୟ ପରମ୍ପରା ସମ୍ପର୍କରେ ବିଭିନ୍ନ ଦୃଷ୍ଟାନ୍ତ ପ୍ରଦାନ କରି ବିଭିନ୍ନ ବିଷୟରେ ଆଲୋକପାତ କରିଥାନ୍ତି । ଉଦାହରଣ ମାଧ୍ୟମରେ ଗୁରୁମାନେ ଶିଷ୍ୟମାନଙ୍କୁ ଉପଦେଶାତ୍ମକ ବାଣୀ ପ୍ରଦାନ କରି ଗୁରୁଦିବସର ମହତ୍ତ୍ୱ ପ୍ରତିପାଦନ କରିଥାନ୍ତି । ଏହାଦ୍ୱାରା ଗୁରୁଶିଷ୍ୟଙ୍କର ସମ୍ପର୍କ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଶିଷ୍ୟମାନେ ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତି । ଭବିଷ୍ୟତରେ ଶିଷ୍ୟମାନଙ୍କ ଜୀବନ ଉଜ୍ଜ୍ୱଳମୟ ହୋଇଥାଏ । ଗୁରୁଦିବସଟି ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରାଇବା ସଙ୍ଗେ ସଙ୍ଗେ ମହିମାମଣ୍ଡିତ କରିଥାଏ । ଏହି ପରିପ୍ରେକ୍ଷୀରେ ଗୁରୁମାନଙ୍କ ଭୂମିକା ଉଲ୍ଲେଖଯୋଗ୍ୟ ।

ଗୁରୁ ଆମ ସମାଜ ପାଇଁ ବହୁତ ଶିକ୍ଷା ଦେଇଥାନ୍ତି । ଜୀବନ ରୂପକ ନଦୀରୁ ପାରିହେବା ପାଇଁ ଜଣେ ଗୁରୁଙ୍କର ସଦିଚ୍ଛା ଅତ୍ୟନ୍ତ ଆବଶ୍ୟକ । ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତରେ ଉଚିତ୍-ଅନୁଚିତ୍, ଠିକ୍-ଭୁଲ୍, ନ୍ୟାୟ-ଅନ୍ୟାୟ, ଭଲ-ମନ୍ଦ, ସୁଖ-ଦୁଃଖର ମୁହୂର୍ତ୍ତଗୁଡ଼ିକୁ ଅତିକ୍ରମ କରିବା ସମୟରେ ଜଣେ ସଦ୍‌ଗୁରୁଙ୍କର ମତି ଓ ବିଚାରକୁ ଗ୍ରହଣ କରି ହାତଧରି ବାଟ ଚାଲିଲେ, ଜୀବନ ପୁଷ୍ପର ପ୍ରତ୍ୟେକ ପାଖୁଡ଼ାରେ ପୂର୍ଣ୍ଣତା ରୂପକ ରଙ୍ଗ ଓ ମହକ ଆପେ ଆପେ ଭରିଯିବ- ଏହା ନିଃସନ୍ଦେହ ।

ଜଣେ ଆଦର୍ଶ ଗୁରୁ ଏବଂ ଶିକ୍ଷାବିତ୍ ଭାବରେ ଡ.ରାଧାକ୍ରିଷ୍ଣନ୍ ପୃଥିବୀରେ ଯେଉଁ ଆଦର୍ଶ ସୃଷ୍ଟି କରିଛନ୍ତି ତାଙ୍କୁ ଅନୁସରଣ କଲେ ଛାତ୍ର ସମାଜର ନୈତିକ ଅଭିବୃଦ୍ଧି ସମ୍ଭବ ହେବ । ତାଙ୍କ ଭଳି ମହାପୁରୁଷଙ୍କ ଜନ୍ମଦିନରେ ଛାତ୍ରମାନେ ଗୁରୁପରମ୍ପରାକୁ ମନେ ପକାଇବା ଦରକାର । ପ୍ରାଚୀନ ଭାରତରେ ଶିକ୍ଷା ବ୍ୟବସ୍ଥାରେ ଅବଧୂତ, ଆରୁଣି, ଏକଲବ୍ୟଙ୍କ ପରି ଛାତ୍ରଛାତ୍ରୀମାନେ ଗୁରୁଙ୍କୁ କିପରି ସମ୍ମାନ କରୁଥିଲେ ଏବଂ ଗୁରୁକୃପା ଲାଭ କରି ଯଶସ୍ୱୀ ହୋଇଥିଲେ ତା'ର ଉଦାହରଣ ଦୁର୍ଲଭ ନୁହେଁ । ଡ. ରାଧାକ୍ରିଷ୍ଣନ୍‌ଙ୍କ ପରି ଜଣେ ଗୁରୁଙ୍କ ଜନ୍ମଦିନ ପାଳନ କରିବା ଅବସରରେ ଭାରତ ସରକାର ଏହାକୁ ଗୁରୁଦିବସ ଭାବରେ ଉପସ୍ଥାପିତ କରିଛନ୍ତି । ଏହାଦ୍ୱାରା ଛାତ୍ର ଓ ଗୁରୁଙ୍କର ବୈଦିକ ସମ୍ପର୍କ ସ୍ମରଣକୁ ଆସିବା ସଙ୍ଗେ ସଙ୍ଗେ ସାଂପ୍ରତିକ ବସ୍ତୁବାଦୀ ସମାଜରେ ଛାତ୍ର-ଛାତ୍ରୀଙ୍କର ଗୁରୁଭକ୍ତି ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଗୁରୁମାନଙ୍କର ମଧ୍ୟ ଛାତ୍ରବତ୍ସଳତା ବୃଦ୍ଧି ହେବ । ଏହି ମହାନ୍ ଗୁରୁଙ୍କର ଜନ୍ମଦିନ ଅବସରରେ ସମସ୍ତ ଗୁରୁକୁଳଙ୍କୁ ଯଥାଯଥ ଭକ୍ତିଅର୍ଘ୍ୟ ଅର୍ପଣ କରିପାରିଲେ ଗୁରୁଦିବସ ପାଳନ ସାର୍ଥକତା ଲାଭ କରିବ ।

ଅଧ୍ୟାପିକା
ଓଡ଼ିଆ ବିଭାଗ
ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ତଖତପୁର, ବାରିପଦା

# ଭବ୍ୟ ବନ୍ଧୁତ୍ୱ

ଦେବେନ୍ଦ୍ରନାଥ ମହାନ୍ତି

ଯାଜନଗ୍ର ବନ୍ଧୁ ମହାନ୍ତି ଭକତି କଥା
ଷୋଡଶ ଶତାବ୍ଦୀ ନିରବଦ୍ୟ ସତ୍ୟକଥା ।
ନିଃସ୍ୱ, ନିରନ୍ନ, ଅନାମଧେୟ ଅରକ୍ଷିତ
ତ୍ରିସନ୍ତାନ ଭାର୍ଯ୍ୟା ସପରିବାର ସୀମିତ ।
ଏକଦା ଅକାଳ ଗ୍ରାସ କରିଲା ଅଞ୍ଚଳ
ଜନଗଣ ଖାଦ୍ୟାଭାବେ ଡହଳ ବିକଳ ।
ଭାରିଯାଙ୍କ ଅଳି ବନ୍ଧୁଘର ପୁରୀ ଯିବା
ପାଞ୍ଚ ପ୍ରାଣୀ ପ୍ରାଣଭିକ୍ଷା ପ୍ରାର୍ଥନା କରିବା ।
ବୁଭୁକ୍ଷୁ କୁଟୁମ୍ବ ଆତୁରେ କଲେ ପ୍ରସ୍ଥାନ
ଚତୁର୍ଦ୍ଦିବସେ ଆଗତ ପୁରୀ ତୀର୍ଥସ୍ଥାନ ।
ଇଷ୍ଟ ଦର୍ଶନେ ନିର୍ବାକ ବନ୍ଧୁ ପରିବାର
ବାହୁଡି ନିଦ୍ରାଗଲେ ପେଜନଳା ପାର୍ଶ୍ୱର ।
ନିଦ୍ରାକାଳେ ଦୃଷ୍ଟିପୂତ ଅପୂର୍ବ ଭିଆଣ
ଅନ୍ନଥାଳ ହସ୍ତେ ଉଭା ବିଶିଷ୍ଟ ବ୍ରାହ୍ମଣ ।
'ବନ୍ଧୁ' ସମ୍ବୋଧନେ ବନ୍ଧୁ ତତ୍କାଳ ଜାଗ୍ରତ
ଅବିଳମ୍ବେ ଅନ୍ନ ଘେନି ହେଲେ ପୁଲକିତ ।
ପ୍ରଭାତରେ ସ୍ୱର୍ଣ୍ଣଥାଳ ଚୌର୍ଯ୍ୟ ଅଭିଯୋଗ
ନିନ୍ଦା ନିର୍ଯାତନା ପୀଡା ବନ୍ଧୁ କଲେ ଭୋଗ ।
ବନ୍ଧୁ ବିଷାଦେ ବ୍ୟଥିତ କଳା କଳେବର
ଗଜପତି ରାଜଧର୍ମ କଲେ ମହତ୍ତର ।
ଦକ୍ଷିଣ ଦ୍ୱାର ନିବାସେ ବାନ୍ଧବ ଆଶ୍ରିତ
ଶ୍ରୀମନ୍ଦିର ଖରସୁଧା ପଦେ ବିନିଯୁକ୍ତ ।
ଅଦ୍ୟାବଧି ପଦ ମର୍ଯ୍ୟାଦା ବଳ ବତ୍ତର
ଭାବଗ୍ରାହୀ ବନ୍ଧୁ ଭାବ- ବନ୍ଧନେ ବିଭୋର ।

ପ୍ରଫୁଲ୍ଲ ନିବାସ, ୬୧୪/୩
ଲେନ୍-୮, ଶ୍ରୀବିହାର
ପଟିଆ, ଭୁବନେଶ୍ୱର-୭୫୧୦୩୧

# ଗଣକବି ବୈଷ୍ଣବ ପାଣିଙ୍କ ଦୃଷ୍ଟିରେ ଲକ୍ଷ୍ମୀପୂଜା

ସୁଶ୍ରୀ ସରୋଜିନୀ ପାଣି

ଆଧୁନିକ ଯୁଗରେ ସାହିତ୍ୟର ବିବିଧ ବିଭାଗ, ଯଥା– କାବ୍ୟ, କବିତା, ନାଟକ, ଗୀତିକବିତା, ଗଳ୍ପ, ଉପନ୍ୟାସ ଓ ଗୀତିନାଟ୍ୟ ସମେତ ସମାଲୋଚନା ଓ ଗବେଷଣା କ୍ଷେତ୍ରରେ ଜଗନ୍ନାଥଙ୍କୁ ଉପଜୀବ୍ୟ କରି ହଜାର ହଜାର ପୁସ୍ତକ ରଚିତ ହୋଇଛି । ଏଥିମଧ୍ୟରେ ନାଟକ ଓ ଗୀତିନାଟ୍ୟ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ ହୋଇଥିବା ଲକ୍ଷ୍ୟ କରାଯାଏ । ଉତ୍କଳୀୟମାନେ ବିଶ୍ୱାସ କରନ୍ତି ଯେ ଜଗନ୍ନାଥଙ୍କ ବିଷୟରେ ରଚନା ନକଲେ ତାଙ୍କ ସୃଷ୍ଟି ଅସଂପୂର୍ଣ୍ଣ । ପୁଣି ନାଟକ ଏବଂ ଗୀତିନାଟ୍ୟ ହେଉଛି ସକଳ ରଚନା ମଧ୍ୟରେ ଅଧିକ ଜନମୁଖୀ । ଓଡିଆ ଲୋକଟି ନିଜ କର୍ମକ୍ଲାନ୍ତ ଜୀବନରୁ ସାମାନ୍ୟ ଅବସର ପାଇଲେ ଜଗନ୍ନାଥଙ୍କୁ ସ୍ମରଣ କରେ । ଜଗନ୍ନାଥଙ୍କ ବିଷୟରେ କିଛି ଦେଖି ବା ଶୁଣି ତା'ର ଶ୍ରମ ଲାଘବ କରେ । ଜଗନ୍ନାଥ ହେଉଛନ୍ତି ସେମାନଙ୍କ ସମୟ ଅସମୟ, ସୁଖ ଦୁଃଖର ସାଥୀ । ଅସହାୟ ଭିକାରିଟି ତାଙ୍କ ଗୀତ ଗାଇ ଭିକ ମାଗେ । ତା'ର ମନ ପୂରି ଉଠେ, ଦୁଃଖ ଭୁଲି ହୋଇଯାଏ ।



ଓଡିଆ ନାଟକ କ୍ଷେତ୍ରରେ ରାମଶଙ୍କର ରାୟଙ୍କ ନାମ ଉଲ୍ଲେଖଯୋଗ୍ୟ । ସେ ଓଡିଶାରେ ପ୍ରଚଳିତ ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ଆଖ୍ୟାନକୁ ରଚନା କରିଛନ୍ତି ନାଟକ କାଞ୍ଚି କାବେରୀ । ଇଂରେଜ ଶାସନ କାଳରେ ଓଡିଶାର ମିଶନାରୀମାନେ ଜଗନ୍ନାଥଙ୍କୁ ଆକ୍ଷେପ କରିଥିଲାବେଳେ ରାମଶଙ୍କର ପରୋକ୍ଷରେ ସେମାନଙ୍କ ଭାବନାକୁ ପରାହତ କରି ଏକ ଲୋକପ୍ରିୟ କିମ୍ବଦନ୍ତୀକୁ ଆଧାର କରି ଏ ନାଟକ ରଚନା କରିଛନ୍ତି । ଏହା ମଧ୍ୟରେ ସେ ଦେଖାଇଲେ ଯେ ଆମ ଜଗନ୍ନାଥ ହେଉଛନ୍ତି ଭକ୍ତର ଭଗବାନ । ଗୀତାରେ ଉକ୍ତି ଅଛି, ମୁଁ ଭକ୍ତ ପାଇଁ ଭାର ବହନ କରେ ମାତ୍ର ଏଠାରେ ଭଗବାନ ତା'ଠାରୁ ଅଧିକ କରିଛନ୍ତି । ସେ ଭକ୍ତର ସୈନ୍ୟବାହିନୀରେ ଜଣେ ସୈନିକ ଭାବେ କାଞ୍ଚି ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି । ଏଥିପାଇଁ ଗଜପତି ରାଜା ଚଣ୍ଡାଳ ଆଖ୍ୟା ପାଇଛନ୍ତି । ତାକୁ ଗଜପତି ଚନ୍ଦନ ଭଳି ଅଙ୍ଗରେ ଲେପି ନେଇଛନ୍ତି ମାତ୍ର କାଞ୍ଚି ରାଜାଙ୍କ ଔଦ୍ଧତ୍ୟ ବିରୋଧ ସେ ସମରସଜ୍ଜା କରିଛନ୍ତି ।

ଏହି ଲୋକପ୍ରିୟ କାହାଣୀକୁ ଅବଲମ୍ବନ କରି କବି ଗୋଦାବରୀଶ ମିଶ୍ର ରଚନା କରିଛନ୍ତି– ପୁରୁଷୋତ୍ତମ ଦେବ ଏବଂ ପରେ କାଳିଚରଣ ପଟ୍ଟନାୟକ ରଚନା କରିଛନ୍ତି, 'ନାଟକ ଅଭିଯାନ' । ଏତଦ୍‌ବ୍ୟତୀତ ଚାଖିଖୁଣ୍ଟିଆ, ଦାସିଆ ବାଉରୀ, ଜୟଦେବ, ବନ୍ଧୁ ମହାନ୍ତି, କଳାପାହାଡ ପ୍ରଭୃତି ଚରିତ୍ରକୁ ନେଇ ରଚିତ ନାଟକମାନଙ୍କରେ ଜଗନ୍ନାଥଙ୍କ ମହତ୍ତ୍ୱ ପ୍ରତିପାଦନ କରିବା ପାଇଁ ଅଶ୍ୱିନୀ କୁମାର ଘୋଷଙ୍କ ସମେତ ଅନେକ ନାଟ୍ୟକାର କଲମ ଧରିଛନ୍ତି ।

ଓଡିଶାରେ ଲକ୍ଷ୍ମୀ ଉପାସନା ବେଶ ପ୍ରାଚୀନ । ଗବେଷକଙ୍କ ମତରେ ଏହା ଖ୍ରୀ. ୯ମ ଶତାବ୍ଦୀରେ ପ୍ରଚଳିତ ଥିବା ଜଣାଯାଏ ।

ଲକ୍ଷ୍ମୀ ନାନା ଭାବରେ ପୂଜିତ ହୋଇଥାନ୍ତି । ସେ କେତେବେଳେ ଗଜଲକ୍ଷ୍ମୀ, କେଉଁଠି ମହାଲକ୍ଷ୍ମୀ ଏବଂ କେଉଁଠି ଗୃହଲକ୍ଷ୍ମୀ ମାତ୍ର ସର୍ବତ୍ର ସେ ବିଷ୍ଣୁଙ୍କ ଘରଣୀ ଯେ ସାଗର ମନ୍ଥନରୁ ଜାତ ହୋଇଥିଲେ । ଘଟଣା ଭିନ୍ନ ମୋଡ ନେଇଛି । ଯେଉଁ ଜଗନ୍ନାଥ ଜଗତର ହର୍ତ୍ତା କର୍ତ୍ତା ବିଧାତା ତାଙ୍କୁ ମୁଠିଏ ଅନ୍ନ ମିଳିନାହିଁ । ଭିକ୍ଷା ମାଗିଲେ ମଧ୍ୟ ତାଙ୍କ ପେଟ ପୂରି ନାହିଁ । ଅନାହାର ଓ ଦୁର୍ବଳ ଅବସ୍ଥାରେ ସେ ଲକ୍ଷ୍ମୀଙ୍କ ଘରେ ପଦାର୍ପଣ କରିଛନ୍ତି । ସେଠାରେ ସେ ଭୂରିଭୋଜନ କରିଛନ୍ତି । ପରେ ଜଗନ୍ନାଥ ଓ ବଳରାମ ନିଜ ଭୁଲ ବୁଝିପାରି ଲକ୍ଷ୍ମୀଦେବୀଙ୍କ ଶ୍ରୀମନ୍ଦିରକୁ ସାଦରେ ଆମନ୍ତ୍ରଣ କରି ଆଣିଛନ୍ତି । କାହାଣୀଟି ପାରିବାରିକ କଳହ ବୋଧ ହେଉଥିଲେ ହେଁ ଏଥିରେ ସାମାଜିକ ଓ ଧାର୍ମିକ ଦିଗକୁ ଉପେକ୍ଷା କରି ହୁଏ ନାହିଁ । ନାରୀକୁ ତା'ର ଉପଯୁକ୍ତ ସମ୍ମାନ ଦେବାରେ ଅବହେଳା କଲେ ତା'ର ଅନ୍ତିମ ଫଳ ବିଷମୟ ହୁଏ । ଧାର୍ମିକ ଦିଗଟି ହେଉଛି ଶକ୍ତି ଓ ଶକ୍ତିମାନର ବୋହୂଚୋରୀ ଖେଳ । ଶକ୍ତି ଉପାସନା ଆରମ୍ଭ ହେଲା ପରେ ନାରୀକୁ ଅଧିକ ଶକ୍ତିମୟ କରିଛି ଭାରତୀୟ ସଂସ୍କୃତି । ସେ ଦୁର୍ଗା ହୁଅନ୍ତୁ ବା ଲକ୍ଷ୍ମୀ, ଶ୍ରୀରାଧା ହୁଅନ୍ତୁ ବା ସୀତା ସର୍ବତ୍ର ଏ ଶକ୍ତିର ବିଜୟ କଥା କୁହାଯାଇଛି । ସାରଳା ଦାସଙ୍କ 'ବିଲଙ୍କା ରାମାୟଣ'ରେ ସୀତା ବିନା ସ୍ୱୟଂ ପରମବ୍ରହ୍ମ ରାମଚନ୍ଦ୍ର ଶକ୍ତିହୀନ ହୋଇପଡିଛନ୍ତି ।

ରାଧାକୃଷ୍ଣଙ୍କ ପ୍ରଣୟ ଲୀଳା ତ ଶକ୍ତି ଶକ୍ତିମାନର ଖେଳ । ଶକ୍ତିମାନ ବ୍ୟତୀତ ଶକ୍ତି ଅସହାୟ ହୋଇ ଶକ୍ତିମାନ ପାଇଁ ନିରବ ପ୍ରତୀକ୍ଷାରେ । ମହାଲକ୍ଷ୍ମୀ ନିଜସ୍ୱ ବାସଗୃହ ନିର୍ମାଣ କରି ଦାସଦାସୀ ପରିବେଷ୍ଟିତ ହୋଇଥିଲେ ମଧ୍ୟ ପ୍ରତୀକ୍ଷା କରିଛନ୍ତି ଶକ୍ତିମାନ କେବେ ତାଙ୍କ ପାଖକୁ ଆସିବେ । ଏଣୁ ସେ ଶକ୍ତିମାନ ଜଗନ୍ନାଥଙ୍କର କାର୍ଯ୍ୟ କଳାପକୁ ପଦେ ପଦେ ନିରୀକ୍ଷଣ କରିଆସିଛନ୍ତି । ଶକ୍ତିମାନ ଶକ୍ତିବିନା ଶବ ଭଳି ଅସହାୟ ହୋଇପଡି ମନେ ମନେ ଶକ୍ତିର ଅନୁସନ୍ଧାନ କରୁଛନ୍ତି । ଜଗନ୍ନାଥ ଦାସୀ ମାଧ୍ୟମରେ ଲକ୍ଷ୍ମୀଙ୍କୁ କହୁଛନ୍ତି–

ପାଇବୁ କାହୁଁ ଶାସନ ବାଡିବୃତ୍ତିମାନ<br>
ତେଜି ଲକ୍ଷ୍ମୀପରା ନାରୀ ଭିକ୍ଷାନ୍ନେ ଜୀବନ<br>
ପୋଷୁ ଆମ୍ଭେ ବୁଲି ଗୋ<br>
ଆମ୍ଭ ଦଶା ଯେହ୍ନେ ବଣମଲ୍ଲୀ ଗୋ ।(୧)

ଆମେ ଜାଣୁ ଶକ୍ତି ବିନା ଶିବ ହେଉଛନ୍ତି ଶବ । ଜଗନ୍ନାଥ ସେହିପରି ନିଷ୍କଳ ହୋଇଯାଇଛନ୍ତି । ଶକ୍ତିମାନ ଶକ୍ତି ଲାଭ ପାଇଁ ପ୍ରବଳ ଆଗ୍ରହ ପ୍ରକାଶ କରାଉଥିଲା ବେଳେ ଶକ୍ତି ଆଶ୍ରୟ ବିନା ଛଟପଟ ହେଉଛି । ଜଗନ୍ନାଥ ଓ ବଳରାମ ଖାଦ୍ୟ ବିନା ପରସ୍ପର କଳି ଓ ବାଡ଼ିଆପିଟା ହେଉଥିବା ଦେଖି ଲକ୍ଷ୍ମୀଙ୍କ ଦେହ ସହିପାରିନି । ସେ ଦାସୀ ହାତରେ ଖବର ଦେଉଛନ୍ତି– ''ତୁ ଯାଇ ତାଙ୍କୁ ତେଲ ଦେଇ ସ୍ନାହାନ କରାଇ ଆଣ । ମୁଁ ଯାଉଛି ରୋଷଶାଳେ ତାଙ୍କ ପାଇଁ ଅନ୍ନ ବ୍ୟଞ୍ଜନ ବାଢ଼ିବାକୁ । ଏଠି ନୀଳ ପୀତପାଟ ଅଛି ପାଲଟିବାକୁ ଦେବୁ....।''(୨) ଶକ୍ତିମାନକୁ ପାଇବା ପାଇଁ କି ଆଗ୍ରହ କି ଆତୁରତା ଏହି ପଦରୁ ତାହା ଜଣାପଡ଼ିଯାଏ ।

ଏ ପଦରୁ ଲକ୍ଷ୍ୟ କରାଯାଇପାରେ ଯେ ଜଗନ୍ନାଥ ଶ୍ରେଷ୍ଠ ହେଲେ ହେଁ ଏଠାରେ ବଳରାମଙ୍କ କ୍ଷମତା କମ୍ ନୁହେଁ । ବଡ଼ଭାଇ ଭାବେ କେବଳ ନୁହେଁ ବଳରାମ କ୍ରୋଧୀ ହୋଇଥିବାରୁ ତାଙ୍କୁ ଜଗନ୍ନାଥ ଭୟରେ ଭକ୍ତି କରନ୍ତି ଏବଂ ତାଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରନ୍ତି । ଏକଥା ଜଗନ୍ନାଥ ଲକ୍ଷ୍ମୀଙ୍କୁ ପୂର୍ବରୁ ଶୁଣାଇ ଦେଇଛନ୍ତି–

''ରୋଷ ହେବେ ବଡ଼ ଭାଇ ଗୋ ଶୁଣିଲେ,<br>
ରୋଷ ହେବେ ବଡ଼ଭାଇ ।''

ଏଣୁ ଜଗନ୍ନାଥ ଶ୍ରୀମନ୍ଦିରକୁ ଲକ୍ଷ୍ମୀଙ୍କୁ ପ୍ରବେଶ କରାଇ ଦେଇନାହାନ୍ତି । ଲକ୍ଷ୍ମୀ ଦେବୀ ତାଙ୍କୁ ଅନୁରୋଧ କରିଛନ୍ତି –

ଆଡ଼ ହୁଅ ଛାଡ଼ ବାଟ ଲମ୍ପଟ ନାଗର<br>
କିପାଇଁ ବସିଛ ସିଂହ ଦୁଆର ଆଗର ।

ଜଗନ୍ନାଥ ତାଙ୍କ ଦୋଷ ଦେଖାଇବାରୁ ଲକ୍ଷ୍ମୀ ଦେବୀ କହିଲେ ବିବାହ କାଳରେ ମୋର ଦଶ ଦୋଷ ଧରିବ ନାହିଁ କ୍ଷମା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲ । ସେତେବେଳେ ଜଗନ୍ନାଥ ତାଙ୍କୁ କଥା ଦେଇଥିଲେ ଯେ ମାସକରେ ଯେତେ ଗୁରୁବାର ପଡିବ ମହାଲକ୍ଷ୍ମୀ ମନ୍ଦିରରୁ ଯାଇ ସବୁ ଘରେ ବୁଲିବେ । ଜଗନ୍ନାଥ ବାଟ ନ ଛାଡିବାରୁ ଲକ୍ଷ୍ମୀ ଦେବୀ କ୍ରୋଧାନ୍ୱିତ ହୋଇ ତାଙ୍କୁ ଅତୀତ ଶୁଣାଇ କହନ୍ତି । ଏଥିରେ ଭଗବାନ ଅତୀତରେ କିପରି ଅସ୍ପୃଶ୍ୟ ସହ ସମ୍ପର୍କ ରଖିଛନ୍ତି ଏବଂ ସେମାନଙ୍କ ହାତରୁ ଅନ୍ନ ଗ୍ରହଣ କରିଛନ୍ତି ସ୍ମରଣ କରାଇ ଦେଇଛନ୍ତି ।

କେବଳ ସେତିକି ନୁହେଁ ଜଗନ୍ନାଥଙ୍କ ଅତୀତର ପାପରାଜି ସେ ବଖାଣି ବସିଛନ୍ତି । ସେ ଅତୀତରେ ଗୋପରେ ଷଣ୍ଢ(ଷଣ୍ଢାସୁର)କୁ ବଧ କରି ଗୋରୁମରା ପାପ ଅର୍ଜନ କରିନଥିଲେ କି ? ତୁମେ ଏଡେ ବଡ ପାପୀ ହୋଇ ମୁଁ ସାମାନ୍ୟ ଅଜାତି ଘରକୁ ଗଲି ବୋଲି ତୁମକୁ ପୁଣି ପାପ ଲାଗିଲା ? ଏଥିରେ ମଧ୍ୟ ଜଗନ୍ନାଥ ତରଳି ନାହାନ୍ତି କାରଣ ତା' ଉପରେ ରହିଛି ବଡଭାଇ ବଳରାମଙ୍କ ନାଲିଆଖିର ଛବି । ଏଣୁ ସେ ଭାରିଯା

ଭଳି ଧନକୁ ଛାଡିବାକୁ ବାଧ ହୋଇଛନ୍ତି । ଏହାର ପର ଘଟଣା ନାଟକୀୟ । ଲକ୍ଷ୍ମୀ ଚାଲିଯାଉଥିବାରୁ ଜଗନ୍ନାଥ ଆତୁରରେ କ୍ରନ୍ଦନ କରୁଛନ୍ତି –

କାହା ଦୁଃଖେ ଦୁଃଖୀ କାହା ସୁଖେ ସୁଖୀ
ହୋଇ ରହିବି ଏ ପୋଡା ଜୀବନ
ମାଜିଦେଇ କୁଞ୍ଚିତ କେଶ
ସାଜି ଦେବୁ କା ଅଙ୍ଗେ ବେଶ
ଖଞ୍ଜିଦେବୁ ପଣନି ଅଷ୍ଟଅଳଙ୍କାର
ବୋଳିଦେବୁ ଗୋଳି ଚୁଆ ଚନ୍ଦନ ।

ନାଟକର ପ୍ରାରମ୍ଭରେ ବୈଷ୍ଣବ ପାଣି ହାଡ଼ି ଓ ହାଡ଼ିଆଣୀର ଦ୍ୱୈତ ସଙ୍ଗୀତ (ଡୁଏଟ୍) ମାଧମରେ ଲକ୍ଷ୍ମୀ ପୂଜାର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱ ବର୍ଣ୍ଣନା କରିଛନ୍ତି । ଏହା ପୂର୍ବରୁ କେବଳ ଉଚ୍ଚବର୍ଣ୍ଣର ଲୋକେ ଏ ପୂଜା କରୁଥିଲେ ହେଁ ସେମାନେ ଏହାକୁ ଲୋକଦେଖାଣିଆ ଆଚାର ହୀନ କରିଦେଇଥିଲେ । ଶ୍ରୀୟା ଚଣ୍ଡାଳୁଣୀ ନିଷ୍ଠାପର ଭାବେ ପୂଜା କରିବାର ମନସ୍ଥ କରି ତା'ର ସ୍ୱାମୀକୁ ନାନା ପୂଜା ସରଞ୍ଜାମ ଯୋଗାଡ଼ କରିବା ପାଇଁ ପ୍ରବର୍ତ୍ତାଇଛି । ସ୍ତ୍ରୀଠାରୁ ସବୁ ବରାଦ ଶୁଣିସାରି ହାଡ଼ି କହୁଛି – ତୁ ହେଉଛୁ ଜଗନ୍ନାଥଙ୍କ ବଡ଼ ଚେଲା ।

ଦୃଶ୍ୟ ବଦଳି ଯାଇଛି । ଲକ୍ଷ୍ମୀଙ୍କ ଆଦେଶରେ ଦାସୀ ଜଗନ୍ନାଥଙ୍କ ପାଖରେ ମାଗୁଣି କରିଛି । ଦାସୀ ଜଗନ୍ନାଥଙ୍କୁ ''ମୋହନ ମୁରଲୀଧାରୀ'' ବୋଲି ସମ୍ବୋଧନରୁ ସେ ଆଉ ବିଷ୍ଣୁ ହୋଇ ନାହାଁନ୍ତି, ସେ ପାଲଟି ଯାଇଛନ୍ତି ଅତୀତର ଗୋପବାଳକ, ଗୋପନାୟକ ଏବଂ ରାଧାଙ୍କ ପ୍ରାଣଧନ । ମାତ୍ର ଜଗନ୍ନାଥଙ୍କ ଆଦେଶରେ ଦାସୀ ପୁଣି ମହାଲକ୍ଷ୍ମୀଙ୍କୁ କହିଛି– ହେ ସାଗର ଜେମା ଆସ, ତୁମର ନେତ୍ର ସମ୍ପତ୍ତି ତୁମକୁ ସାକ୍ଷାତ କରିବାକୁ ଚାହାନ୍ତି । ମାତ୍ର କବିଙ୍କ ଅଜାଣତରେ ଦାସୀ ଲକ୍ଷ୍ମୀଙ୍କ ଆଗରେ ଜଗନ୍ନାଥଙ୍କୁ ରାଧାମାଧବ ବୋଲି ଉଲ୍ଲେଖ କରିବା ଅସମୀଚୀନ ଓ ଅଶାଳୀନ ମଧ ହୋଇଛି । କାରଣ ପତ୍ନୀ ଆଗରେ ପତିଙ୍କୁ ଅନ୍ୟ ଜଣେ ନାରୀର ପତି କହିବା ଶୋଭାପାଏ ନାହିଁ, ମାତ୍ର ଦାସୀ କହୁଛି –

ଅନୁମାନ ମନରେ ଭାବମନା କରିବେନି ମାଧବ
ସେ ଦୀନବାନ୍ଧବ ରାଧାଧବ ଅଗତିଗତି ସେ ଯତି ବିଭୁତି ।

ଜଗନ୍ନାଥ ଓ ଲକ୍ଷ୍ମୀଙ୍କର କଥୋପକଥନକୁ କବି ଯୁଗଳଗୀତ ଆକାରରେ ପ୍ରକାଶ କରିଛନ୍ତି । ଲକ୍ଷ୍ମୀ ଗୁରୁବାର ଦଶମୀ ଦିନ ବାହାରକୁ ଯିବାକୁ ଜଗନ୍ନାଥ ପସନ୍ଦ କରନ୍ତୁ କି ନାହିଁ ଘରର ମୁରବୀ ବଡ଼ଭାଇ ନିଶ୍ଚୟ ରୋଷ ବହିବେ ବୋଲି ଜଗନ୍ନାଥ ଭୟ କରିଛନ୍ତି ଏବଂ ନ ଯିବା ପାଇଁ ବାରଣ କରିଛନ୍ତି । ମାତ୍ର ସ୍ୱାଭିମାନିନୀ ଲକ୍ଷ୍ମୀ ତାଙ୍କୁ ଉତ୍ତର ଦେଇଛନ୍ତି, ତୁମେ ଯେପରି ତ୍ରିପୁରର ପିତା, ମୁଁ ସେହିପରି ଜନ୍ମଦାତା ତୁମ ପୁରୁଷ ପୁଅର ଭକ୍ତର ଦୁଃଖ ନେବାର ଯେତେ ଅଧିକାର ଅଛି ଆମେ ନାରୀମାନେ ମଧ ଅନୁରୂପ ଭକ୍ତର ଡାକ ଶୁଣିବା ଉଚିତ । ଏଣୁ ଜଗନ୍ନାଥଙ୍କୁ ଓଲଟି ପ୍ରଶ୍ନ କରିଛନ୍ତି–

''ତୁମେ କି ଭକତ ଦୁଃଖେ ଦୁଃଖୀ ନୁହେଁ
ଏକା ଦୁଃଖୀ ଅଟେ ମୁହିଁ''

ଲକ୍ଷ୍ମୀ ଅନାଚାର ନ ଥିବା ସ୍ଥାନରେ ସର୍ବଦା ବାସ କରନ୍ତି– ସେଥିରେ ଜାତି ଗୋତ୍ର ନାହିଁ । ଏଣୁ ଶ୍ରୀୟାକୁ କହୁଛନ୍ତି– ''ବାନ୍ଧିଲୁ ଭକତ ଡ଼ୋରେ ମୋତେ ଲୋ ସୁନ୍ଦରୀ'' ।

ବଳରାମ ମୃଗୟାରୁ ଫେରିଲାବେଳେ ଲକ୍ଷ୍ମୀଙ୍କୁ ଚଣ୍ଡାଳ ଘରେ ଦେଖି କ୍ରୋଧାନ୍ୱିତ ହେଲେ ଏବଂ ଜଗନ୍ନାଥଙ୍କୁ କହିଲେ– ''ଯେବେ କମଳଲୋଚନ ମାନୁ ମୋ ବଚନ ତେଜ କମଳାକୁ... ।''

ବଳରାମ ଦାସ କୃତ ଏହି କାହାଣୀ ଆଧାରରେ ନାନା ଗୀତିନାଟ୍ୟ, ପାଲା ରଚିତ ହୋଇଛି । ଏହାକୁ ଉପଜୀବ୍ୟ କରି ଅଶ୍ୱିନୀ କୁମାରଙ୍କ ''ଶ୍ରୀୟା ଚଣ୍ଡାଳୁଣୀ'' ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ''ଲକ୍ଷ୍ମୀ ଚଣ୍ଡାଳୁଣୀ'' (୧୯୪୩) ପ୍ରଭୃତି ଅନେକ ନାଟ୍ୟକାର ଭିନ୍ନ ଭିନ୍ନ ନାମରେ ନାଟକ ରଚନା କରିଥିବା ଦେଖାଯାଏ ।

ଗୋପାଳ ଛୋଟରାୟ ରଚନା କଲେ ''ଶ୍ରୀଜଗନ୍ନାଥ'' । ଏଥିରେ ପୁରାଣ ବର୍ଣ୍ଣିତ ଜଗନ୍ନାଥଙ୍କ ଦାରୁ ପ୍ରତିଷ୍ଠା ପାଇଁ ବିଦ୍ୟାପତିଙ୍କ ନୀଳମାଧବ ସନ୍ଧାନ, ଲଳିତା ସହ ତାଙ୍କ ପ୍ରଣୟ ଓ ପରିଣୟ, ମୂର୍ତ୍ତି ପ୍ରତିଷ୍ଠା ପୁଙ୍ଖାନୁପୁଙ୍ଖ ବର୍ଣ୍ଣିତ ହୋଇଛି । ନୀଳମାଧବଙ୍କ ଅନ୍ତର୍ଦ୍ଧାନରେ ବିଶ୍ୱାବସୁ ଶବରର କ୍ଷୋଭ ଅତି କରୁଣ ଭାବରେ ବର୍ଣ୍ଣିତ–

ଖାଉଥିଲୁ କନ୍ଦମୂଳ ହୋଇ କେତେ ଖୁସି
ଆଜି କେଉଁ ଦୋଷ ଦେଖି ଯାଉଛୁ ତୁ ରୁଷି
ତୁ ରୁଷି ବସିଲୁ ବୋଲି ମୁଁ କି ରେ ରୁଷିବି
ତୋହ ଆଜ୍ଞା ପାଳି ମୋର ଭାଗ୍ୟକୁ ମୁଁ ଭୋଗିବି ।

ଆଲୋଚ୍ୟ କବି ବୈଷ୍ଣବ ପାଣି ମାତ୍ର ସ୍ୱଳ୍ପ କେତୋଟି ବାକ୍ୟରେ ଜଗନ୍ନାଥଙ୍କ କୀର୍ତ୍ତି ମହିମାକୁ ଗ୍ରହଣ କରିଛନ୍ତି । ଏ ଦିଗରେ ତାଙ୍କ ପୂର୍ଣ୍ଣାଙ୍ଗ କାହାଣୀ ହେଉଛି ''ଲକ୍ଷ୍ମୀପୂଜା'' । ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ଘଟଣା କାଳ ହେଉଛି ବୈଶାଖ ମାସ ଶୁକ୍ଲପକ୍ଷ ଦଶମୀ ଗୁରୁବାର । ଶୁକ୍ଲପକ୍ଷ ଦଶମୀ ତିଥି ଗୁରୁବାରରେ

ପଡ଼ିଲେ ଏହାକୁ ''ସୁଦଶାଦଶମୀ'' ବୋଲି କୁହାଯାଏ । ଏହି ଦିନ ହିନ୍ଦୁ ରମଣୀମାନେ ସୁଦଶା ବ୍ରତ ପାଳନ କରନ୍ତି ।

'ଲକ୍ଷ୍ମୀପୂଜା' ନାଟକରେ ସୁଦଶାବ୍ରତ ଗୁରୁବାର ଦିନ ଏ କାହାଣୀ ଆରମ୍ଭ ହୋଇଥିଲା ବୋଲି ଉଲ୍ଲେଖ ଅଛି–

''ଆଜି ମୋହର ଓଷା ଗୁରୁବାର ଦଶମୀ<br>
କିଣି ଆଣିବୁ ଗୁଆପାନ<br>
ଫୁଲ ଦଶଜାତି ଫଳ ଦଶ ଜାଣ ।''

ଶ୍ରୀଜଗନ୍ନାଥ ନବଦିନ ଯାତ୍ରା ଶେଷକରି ନୀଳାଦ୍ରିବିଜୟ କାଳରେ ମହାଲକ୍ଷ୍ମୀ ଶ୍ରୀମନ୍ଦିର ପହଡ଼ ପକାଇ ଦିଅନ୍ତି । ଏହି ସମୟରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଥା କଟାକଟି (ବଚନିକା) ହେବାର ପରମ୍ପରା ଚଳି ଆସୁଛି ।

ଭକ୍ତକବି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଏ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଲକ୍ଷ୍ମୀ ଭକ୍ତ ପ୍ରବର ଚଣ୍ଡାଳୁଣୀ ଘରେ ପ୍ରବେଶ ପରଠାରୁ ତାଙ୍କ ଶ୍ରୀମନ୍ଦିରରୁ ବାସନ୍ଦ କରାଯାଇଛି ମାତ୍ର ପରେ ଜଗନ୍ନାଥ ନିଜ ଭୁଲ ବୁଝିପାରି ତାଙ୍କୁ ଗ୍ରହଣ କରିଛନ୍ତି ଏବଂ ଶ୍ରୀକ୍ଷେତ୍ରରୁ ଜାତିପ୍ରଥା ଲୋପ କରି ଦେଇଛନ୍ତି । ଏହି କାଳ୍ପନିକ କାହାଣୀକୁ ପୁରାଣ କୁହାଯାଉଥିଲେ ମଧ୍ୟ ଗ୍ରନ୍ଥରେ ପୁରାଣ ଲକ୍ଷଣ ନାହିଁ । ଏହି ପୁରାଣ ଅର୍ଥ ଜଣକର ଅତୀତ ଖୋଲିକରି ବଖାଣିବା ଅର୍ଥ ଏଥିପାଇଁ ପ୍ରଯୁଜ୍ୟ (ଯେପରି ''ଖୋଲିବି ତୋର ପୁରାଣ'' ଭଳି ଓଡ଼ିଆ କଥା) । ଏ ବିଷୟରେ ନଟବର ଶତପଥୀ କହନ୍ତି –

ଲୋକେ କହନ୍ତି କହିଲେ ପୁରାଣ ହେବ । କାହା ବିଷୟରେ କିଛି ଆକ୍ଷେପ ଥିଲେ କୁହାଯାଏ, ''ଖୋଲିବି ତୋ ପୁରାଣ''... ଲକ୍ଷ୍ମୀ ପୁରାଣ ଏହି ଦୃଷ୍ଟିରୁ ଏକ ପୁରାଣ । କାହାଣୀଟି ସଂକ୍ଷେପରେ ନିମ୍ନ ପ୍ରକାର ।

ଏକଦା ମହାଲକ୍ଷ୍ମୀ ଶ୍ରୀୟା ଚଣ୍ଡାଳୁଣୀ ଭକ୍ତିରେ ମୁଗ୍ଧ ହୋଇ ତା' ଘରେ ପଦାର୍ପଣ କଲେ । ଏଥିରେ ବଳଭଦ୍ର କ୍ରୋଧିତ ହୋଇ ଲକ୍ଷ୍ମୀଙ୍କୁ ଗୃହରୁ ବିତାଡ଼ନ ପାଇଁ ପ୍ରବର୍ତ୍ତାଇଲେ । ଜଗନ୍ନାଥଙ୍କ ଆଦେଶରେ ଲକ୍ଷ୍ମୀ ଶ୍ରୀମନ୍ଦିର ଛାଡ଼ି ପଳାଇଲେ । ଶ୍ରୀମନ୍ଦିର ହତଶ୍ରୀ ହେଲା । ବଳରାମ, ଜଗନ୍ନାଥ ଅନ୍ନ ବିନା ବାର ଦୁଆର ଶୁଣ୍ଢୀପିଣ୍ଡା ହେଲେ । ତଥାପି ତାଙ୍କ ଦୁଃଖ ଗଲା ନାହିଁ । ଲକ୍ଷ୍ମୀଙ୍କ ଅନୁଗ୍ରହରେ ସେମାନେ ବୁଲି ଭୋଜନ କଲେ । ଜଗନ୍ନାଥ ନିଜ ଭୁଲ ବୁଝିପାରି ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରକୁ ବାହୁଡ଼ାଇ ନେଲେ ଏବଂ ମନ୍ଦିରରେ ଜାତି ଧର୍ମ ବାରଣ ନାହିଁ ବୋଲି ଆଦେଶ ଦେଲେ । ସମସ୍ୟାଟି ଥିଲା ପାରିବାରିକ । ଏ ସ୍ତରରୁ ଉଠିଛି ସାମାଜିକ ସ୍ତରକୁ । ପୁଣି ସମସ୍ୟାଟି ସାଧାରଣ, ନଗଣ୍ୟ, କିନ୍ତୁ ହୋଇଯାଇଛି ବିଶାଳ ଏକ ଚିରନ୍ତନୀ ନାରୀ ସମସ୍ୟା । ଏକ ବୈଦିକ ବ୍ୟାପାରରୁ ଗତି କରିଛି ମାନବୀୟ ସମସ୍ୟାକୁ ।

କାହାଣୀଟି ବେଶ୍ ରୋଚକ ଉପସ୍ଥାପିତ ହୋଇଛି । ଏଥିରେ ଉତ୍କଳୀୟ ସମାଜ ଚିତ୍ର ଫୁଟି ଉଠିଛି । ପ୍ରତ୍ୟେକ ହିନ୍ଦୁ ରମଣୀ ଲକ୍ଷ୍ମୀଙ୍କୁ ସୌଭାଗ୍ୟର ଦେବୀ ଭାବେ ଉପାସନା କରନ୍ତି । ତାଙ୍କ ପୂଜା ପାଇଁ ସପ୍ତାହର ଗୋଟିଏ ଦିନ ସ୍ଥିର ହୋଇଛି – ଏହା ଗୁରୁବାର । ଏ ଦିନ କୌଣସି ହିନ୍ଦୁ ଗୃହିଣୀ ଆମିଷ ଭକ୍ଷଣ କରନ୍ତି ନାହିଁ । ପ୍ରତିବର୍ଷ ମାର୍ଗଶିର ମାସ ଚାରିଟି ପାଳି ଗୁରୁବାର ନାନା ଉପଚାରରେ ଲକ୍ଷ୍ମୀଙ୍କ ପୂଜା ଘରେ ଘରେ ହୁଏ । ଏହାକୁ ମାଣବସା ଗୁରୁବାର ବୋଲାଯାଏ । ଗୃହିଣୀମାନେ ଅବସର ସମୟରେ ଲକ୍ଷ୍ମୀପୁରାଣ ପାଠ କରନ୍ତି ।

ପୁରୁଷୋତ୍ତମ କ୍ଷେତ୍ରରେ ଜଗନ୍ନାଥ ଉପାସନା ପୂର୍ବରୁ ଲକ୍ଷ୍ମୀନୃସିଂହ ଉପାସନା ପ୍ରଚଳିତ ଥିଲା ମାତ୍ର ଜଗନ୍ନାଥ ଉପାସନା ସହ ଲକ୍ଷ୍ମୀ ଉପାସନା ଆରମ୍ଭ ହୋଇ ନଥିଲା । ଶ୍ରୀକ୍ଷେତ୍ରରେ ଗଜପତି ରାଜା ଅନନ୍ତବର୍ମନ ଚୋଳଗଙ୍ଗଙ୍କ ସମୟରୁ ଲକ୍ଷ୍ମୀ ଉପାସିତ ହେଲେ ଏବଂ ମନ୍ଦିର ପରିସରରେ ଲକ୍ଷ୍ମୀ (ମହାଲକ୍ଷ୍ମୀ) ମନ୍ଦିର ପ୍ରତିଷ୍ଠିତ ହେଲା । କୁହାଯାଏ ସେହିଦିନଠାରୁ ପୁରୁଷୋତ୍ତମ କ୍ଷେତ୍ର ଶ୍ରୀକ୍ଷେତ୍ରଭାବେ ପରିଚିତ ହେଲା । ସେହି ସମୟରୁ ଜଗନ୍ନାଥ ଶାକ୍ତ ମତରେ ପୂଜିତ ହୋଇ ଆସୁଥିଲେ । ଶ୍ରୀ ସମ୍ପ୍ରଦାୟର ପ୍ରତିଷ୍ଠାତା ଶ୍ରୀରାମାନୁଜ ଏହି ପୂଜାବିଧି ପ୍ରଚଳନ କରିଥିଲେ । ଏଣୁ ଜଣାଯାଏ ଯେ ଜଗନ୍ନାଥ ବିଷ୍ଣୁ ଏବଂ ଲକ୍ଷ୍ମୀ ତାଙ୍କ ପତ୍ନୀ ଭାବେ ଏକ ମନ୍ଦିର ପରିସରରେ ଉପାସିତ ହେଲେ ।

ମାତ୍ର ପରବର୍ତ୍ତୀ କାଳରେ ଜଗନ୍ନାଥ ଦେବକୀନନ୍ଦନ କୃଷ୍ଣ ରୂପେ ଉପାସିତ ହେଲେ ଏବଂ ବଳରାମ ହେଲେ ରୋହିଣୀପୁତ୍ର । ଉଭୟେ ଭାଇ ଭାଇ ହୋଇ ପୂଜା ପାଇଲେ । ଏହି ସମୟରେ ଜଗନ୍ନାଥଙ୍କ ଜାତିଭେଦ ନୀତି ଲୋପ କରିବା ପାଇଁ ଲକ୍ଷ୍ମୀ ପୁରାଣ କଥା ଆରମ୍ଭ ହୋଇଥିବା ସମ୍ଭବ ।

ପୁରାଣ ଦୃଷ୍ଟିରୁ ଲକ୍ଷ୍ମୀ କ୍ଷୀର ସାଗରୁ ଜାତ ହେଲା ପରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତ୍ରିଶକ୍ତି ମଧ୍ୟରୁ କିଏ ତାଙ୍କୁ ପାଇବ ଚିନ୍ତା ଆସିଥିଲା, ମାତ୍ର ଏହା ପୂର୍ବରୁ କ୍ଷୀରସାଗର ଜାତ ଚନ୍ଦ୍ର ଏବଂ ବ୍ରହ୍ମା ସରସ୍ୱତୀଙ୍କୁ ଲାଭ କରିସାରିଥିଲେ । ଏଣୁ ସ୍ୱାଭାବିକ ଭାବରେ ଲକ୍ଷ୍ମୀ ବିଷ୍ଣୁଙ୍କୁ ପ୍ରାପ୍ତ ହୋଇଥିଲେ । ବିଷ୍ଣୁ ହେଉଛନ୍ତି ସୃଷ୍ଟି ରକ୍ଷାକାରୀ । ଏଣୁ ସ୍ୱାଭାବିକ ଭାବେ ଧନ ସମ୍ପଦ, ଖାଦ୍ୟ ବିନା ସୃଷ୍ଟିର ରକ୍ଷା ଅସମ୍ଭବ । ଏଣୁ ବିଷ୍ଣୁଙ୍କଠାରେ କେବଳ ଲକ୍ଷ୍ମୀ ସମ୍ଭବ ।

ବୈଷ୍ଣବ ପାଣି କୌଣସି ଧରାବନ୍ଧା ଶୃଙ୍ଖଳରେ ବାନ୍ଧି ହୋଇ ନିଜର ଭକ୍ତି ମତ୍ତାକୁ ପ୍ରଦର୍ଶନ କରିନାହାନ୍ତି ବରଂ ସେ ନିଜକୁ ଅତ୍ୟନ୍ତ ସାଧାରଣ ବୋଲି ପରିଚୟ ଦେଇ ନିଜର ନମ୍ରତା ପ୍ରକାଶ କରିଛନ୍ତି–ତାଙ୍କ ମତ କୌଣସି ବନ୍ଧା ବିନୟ ଓ ଶୃଙ୍ଖଳାରେ ଭକ୍ତ ହୃଦୟର ପ୍ରତିଛବି କଦାପି ମିଳିପାରିବ ନାହିଁ । ଅନ୍ୟାନ୍ୟ ଭକ୍ତ କବିମାନଙ୍କ ପରି କବି ବୈଷ୍ଣବ ବୈଷ୍ଣବାୟ ନମ୍ରତା ସନ୍ଦର୍ଶନ କରି ନିଜକୁ ହୀନ ଓ ପାମର ବୋଲି ସମ୍ବୋଧନ କରିଛନ୍ତି । ଏହା କେବଳ ପରମ୍ପରାର ଅନୁରୋଧରେ ନୁହେଁ, ଏହା ତାଙ୍କର ପ୍ରକୃତିଗତ ଥିଲା । ବୈଷ୍ଣବ ପାଣି ଓଡ଼ିଶାର ସାମାଜିକ ଜୀବନରେ ଆଧ୍ୟାତ୍ମିକ ବୀଜ ବୁଣି ଦେଇଛନ୍ତି । କେବଳ ଉତ୍କୃଷ୍ଟ ଭଜନ, ଜଣାଣ ଓ ସଂଗୀତ ରଚନା କରିଛନ୍ତି ତାହା ନୁହେଁ, ସ୍ୱର, ସଂଗୀତ, ଲୟ, ତାଳରେ ତାହା ପରିବେଷଣ କରି ଜନମାନସରେ ପ୍ରସାରିତ ଓ ପ୍ରଚାରିତ କରିଛନ୍ତି । ଏହିପରି ବୋଧହୁଏ କୌଣସି କବି କରିନାହାନ୍ତି । କେଉଁଠି ଗୀତାଭିନୟରେ କୌଣସି ଭକ୍ତି ଚରିତ ମାଧ୍ୟମରେ ତ କେଉଁଠି ଦୁଆରି ମୁଖରେ ଭଜନଟିଏ, ସଂଗୀତଟିଏ ଓ ଜଣାଣଟିଏ ପରିବେଷଣ କରି ଭଗବତ୍ ଚିନ୍ତା ଉଦ୍ରେକ କରାଇବାରେ ସକ୍ଷମ ହୋଇଛନ୍ତି । ସେଥିପାଇଁ ବିଶିଷ୍ଟ ଆଲୋଚକ ଗଣେଶ ପ୍ରସାଦ ପରିଜା ଲେଖିଛନ୍ତି–''କବି ବୈଷ୍ଣବ ପାଣି ଓଡ଼ିଆ ସମାଜରେ ବହୁ ଭଗବତ ବୀଜ ବୁଣି ଦେଇଛନ୍ତି, ଗୋଟି ଗୋଟି କରି ସେ ସବୁକୁ ବୟାନ କଲେ ନିଶ୍ଚିତ ଭାବେ ଖଣ୍ଡେ ଗ୍ରନ୍ଥ ହେବ ।'' ପୁନଶ୍ଚ ସଂସ୍କୃତ ମହାଭାରତରେ ରଚୟିତା ମହାକବି ବ୍ୟାସ ଏବଂ ମାଟିର ମହାକବି ସାରଳାଙ୍କ ପ୍ରତିଭା ସହିତ ବୈଷ୍ଣବ ପାଣିଙ୍କ ପ୍ରତିଭା କୌଣସିଥିରେ ନ୍ୟୂନତର ନୁହେଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ବରଂ ସେ ନିଜର ମୌଳିକ କୃତି ଦ୍ୱାରା ନିଜେ ଚିର ଭାସ୍ୱର ।

ମାର୍ଫତ– ବିଜୟ କୁମାର ଦାଶ
ନେତାଜୀ ସୁଭାଷ ଏନ୍‌କ୍ଲେଭ, ଗାଡ଼କଣ
ଏନ୍–୧୬, ମଞ୍ଚେଶ୍ୱର, ଭୁବନେଶ୍ୱର–୭୫୧୦୧୭

# ଭାରତ ମାତାର ଯୋଗ୍ୟ ସନ୍ତାନ

**ସରୋଜ ରଂଜନ ପଟ୍ଟନାୟକ**

ଭାରତ ମାତାର ଯୋଗ୍ୟ ସନ୍ତାନ
ସୁଖ ନିଦ୍ରା ଗଲ ଶୋଇ
ହେ ମହାମାନବ ତୁମ ଶୂନ୍ୟ ସ୍ଥାନେ
ଦେଶ କାନ୍ଦେ କଇଁ କଇଁ ।
ଶ୍ରେଷ୍ଠ ବିଜ୍ଞାନୀ ଆଦର୍ଶ ଶିକ୍ଷକ
କ୍ଷେପଣାସ୍ତ୍ର ଦିବ୍ୟ ଦ୍ରଷ୍ଟା
ରାଷ୍ଟ୍ର ଗଠନରେ ଅଭିଜ୍ଞ ବିନ୍ଧାଣି
ଭାରତର ଦିବ୍ୟ ସ୍ରଷ୍ଟା ।
ଅଗ୍ନି, ନାଗ, ପୃଥ୍ୱୀ ଆଦି ତିଆରିଲ
ଭାଙ୍ଗିଥିଲ ଶତ୍ରୁ ଟାଣ
ପୋଖରାଣଠାରେ ପରମାଣୁ ଶକ୍ତି
କରିଥିଲ ପରୀକ୍ଷଣ ।
ହୋଇଲା ସଫଳ ଦେଶ ଜାତି ପାଇଁ
ରଖିଲ ଆଦର୍ଶ ମାନ
ନିରାମୟ ଭାବେ କର୍ମ ସଂପାଦନ
ତୁମେ ସେହି ମହାଦ୍ରୁମ ।
ତୁମେ ହାରି ନାହଁ ତୁମେ ମରି ନାହଁ
ତୁମେ ଅଟ ମୃତ୍ୟୁଞ୍ଜୟ
ତୁମେ ହିଁ ଅଜୟ, ତୁମେ ହିଁ ଦୁର୍ଜୟ
ନଥିଲା ଟି ଡର ଭୟ ।
ଚାଲିଗଲ ତୁମେ ଛାଡିଗଲ କାହିଁ
ରହିଲା ଅଧୁରା ସ୍ୱପ୍ନ
ଝୁରୁଛି ଜନନୀ ତୁମରି ନିଧନେ
ଫେରିକି ଆସିବ ପୁତ୍ର !

କୋ–ଅପରେଟିଭ ହାଉସିଂ କଲୋନୀ
କ୍ୱାର୍ଟର ନଂ. ୨ଆରଏଫ୍–୪/୧
ୟୁନିଟ୍–୩, ଖାରବେଳ ନଗର, ଭୁବନେଶ୍ୱର–୭୫୧୦୦୧

# ସଂହତି ଓ ସଂସ୍କୃତିର ସାହାନାଇ: ନୂଆଖାଇ

**ପ୍ରଫୁଲ୍ଲ କୁମାର ଦାସ**

ବିଶ୍ୱ ବସୁଧାରେ ମାନବ ସଭ୍ୟତା ସୃଷ୍ଟି ହେବାଠାରୁ ମାନବ ଜାତି ସଂସ୍କୃତି ଗଢିବାରେ ବ୍ୟସ୍ତ ରହି ଚାଲିଛି । ସାମାଜିକ ଓ ସାଂସ୍କୃତିକ ବିକାଶରେ ବୁଦ୍ଧିମାନ ମଣିଷ ସଂସ୍କୃତିର ଶୁଭାରମ୍ଭ କରିଥିବା ଜଣାପଡିଛି । ଭାରତୀୟ ଧର୍ମ ଓ ସଂସ୍କୃତିର ପ୍ରବହମାନ ଧାରାରେ ବିଭିନ୍ନ ପର୍ବପର୍ବାଣି ମନୁଷ୍ୟ ଜୀବନ ଓ ଜୀବିକାକୁ ସରସ ସୁନ୍ଦର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଐତିହ୍ୟ ଓ ଇତିହାସ ଦୃଷ୍ଟିରୁ ଏହା ସ୍ୱତନ୍ତ୍ର ମର୍ଯ୍ୟାଦା ଦାବି କରେ ।



ସମଗ୍ର ପଶ୍ଚିମ ଓଡ଼ିଶା, ଛତିଶଗଡ ଓ ଝାଡଖଣ୍ଡ ଅଞ୍ଚଳରେ ନୂଆଖାଇ ବା ନବାନ୍ନ ଏକ ଶ୍ରେଷ୍ଠ କୃଷିଭିତ୍ତିକ ଗଣପର୍ବ ଭାବରେ ଇତିହାସ ପାଳଚିଆଯାଇଛି । ଭାଦ୍ରବ ଶୁକ୍ଳ ଦ୍ୱିତୀୟାଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ସମୟ ଦେଖି ନବାନ୍ନ ଖିଆଯାଏ ଓ ଶୁଭ ପଞ୍ଚମୀରେ ସାମାଜିକ ସଂହତି ଓ ରଙ୍ଗୀନ ସଂସ୍କୃତିର ସାହାନାଇ ନୂଆଖାଇ ପର୍ବ ଆଦିମ ଅଧିବାସୀମାନଙ୍କୁ ନାଚି ନଚାଇଥାଏ । ଏହାର ଅନ୍ତରାଳରେ ଲୁଚି ରହିଥିବା ଧାର୍ମିକ ବିଶ୍ୱାସ, ଚିନ୍ତା ଓ ଚେତନା, ମାନବୀୟ ଅନାବିଳ ଆବେଦନ, ଶୁଦ୍ଧ ମନସ୍ତାତ୍ତ୍ୱିକ ଅଭିବ୍ୟକ୍ତି ଏବଂ ଈଶ୍ୱରଙ୍କ ପ୍ରତି ଗଭୀର ଭକ୍ତିମାର୍ଗ ହିଁ ଏହି ପର୍ବର ସମୁଜ୍ଜ୍ୱଳ ଦିଶା ଓ ଦିଗନ୍ତ– ଯାହା ମାନବ ଜାତିର ଭାବନା, ଆବେଗ, ଶ୍ରଦ୍ଧା, ସମ୍ମାନ, ଆଗ୍ରହ ଓ ଉଦ୍ଦୀପନାକୁ ସୁସଂହତ କରାଇଥାଏ । ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ଏକ ସାଂସ୍କୃତିକ ବିଭବର ଦେଶ । ଭାରତୀୟ ସଂସ୍କୃତିର ପୃଷ୍ଠଭୂମିରେ ଏକ ସମୃଦ୍ଧ ପରମ୍ପରା ଓ ବିକଶିତ ରାଜ୍ୟ ଭାବରେ ଏହାର ସ୍ୱତନ୍ତ୍ରତା ଇତିହାସରେ ରହିଛି । ବହୁବିଧ ଚିନ୍ତା ଚେତନା, ଦୃଷ୍ଟି ଦର୍ଶନ, ଦିଶା ଦିଗନ୍ତ, ଧର୍ମଧାରଣା, ଧର୍ମ ସଂସ୍କୃତି, ଐତିହ୍ୟ ପରମ୍ପରା ଓ ବିଶ୍ୱାସ ସମଗ୍ର ମାନବ ସଭ୍ୟତାର ବିକଶିତ ପ୍ରବାହର ଶ୍ରୀଧାରା ଓଡ଼ିଆ ଜାତିକୁ ସଦାସର୍ବଦା ଉତ୍ସବ ମୁଖର କରିଛି । ଫଳରେ ଏ ମାଟି ପାଣି ପବନ ଆକାଶ ବତାସ ଚିର ଶୋଭା ସୌନ୍ଦର୍ଯ୍ୟର ମନୋରମ ରଙ୍ଗମଞ୍ଚ ପାଲଟିଛି । ଏମିତି ଏକ ସାମାଜିକ ମୂଲ୍ୟବୋଧଭିତ୍ତିକ ସଂସ୍କୃତିର ପ୍ରତିଷ୍ଠା ପାଇଁ ଏ ଜାତିକୁ ଶତାବ୍ଦୀ ଶତାବ୍ଦୀ ଧରି ସଂଗ୍ରାମ କରିବାକୁ ପଡିଛି । ପ୍ରାଚୀନ ଯୁଗରୁ ଆଜିଯାଏ ଏ ମଣିଷ ଜାତି ଅନେକ ପର୍ବପର୍ବାଣି ସୃଷ୍ଟି କରି ମାନବ ଇତିହାସ କାନ୍‌ଭାସରେ ସାମୂହିକ ଦିବ୍ୟ ପ୍ରେରଣାର ଭବ୍ୟ ସ୍ରୋତ ଜଳଗଙ୍ଗା ପରି ପ୍ରବାହିତ କରିଛି । ଓଡ଼ିଶାର ଏଇ ସଂସ୍କୃତି ଏକ ସମୟର ପ୍ରକ୍ରିୟା ନୁହେଁ, ଏହା ଏକ ମାର୍ଜିତ ପରମ୍ପରାର ସୁମଧୁର ସୁଶୀତଳ ଧରା ଓ ଧାରା । ସଂସ୍କୃତି ଓ ସାଂସ୍କୃତିକ ପ୍ରବାହ ମାନବ ଜୀବନର ସାରସ୍ୱତ ପରିପ୍ରକାଶ, ଯେଉଁଥିରେ ପ୍ରକୃତି ଜୀବନ୍ତ ଓ ପ୍ରାଣବନ୍ତ ହୋଇ କର୍ମଜଞ୍ଜାଳ ମଣିଷକୁ ଶାନ୍ତି ଓ ସୌଭାଗ୍ୟ ଆଣି ଦେଇଥାଏ, ଯାହାର ଔପନ୍ୟାସିକ ସ୍ମୃତି ସ୍ୱତନ୍ତ୍ର ସ୍ୱାଭିମାନର କଳକଳ ଓ ଛଳ ଛଳ । ଏଇ ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ସରଳ ଆଦିବାସୀ ମଣିଷ ଜୀବନ ଜୀବିକାର ସୁନ୍ଦର କଳା କାରିଗରିର

ମନୋହର ନିଦର୍ଶନଟିଏ । ଏମିତି ଏକ ମହାନ୍ ସଂସ୍କୃତିର ଅମୃତମୟ ଝଲକ ଓ ଲୋକକଳାର ଲୋକ ସଂସ୍କୃତି ନୂଆଖାଇ, ଯାହାର ପଟାନ୍ତର ମହୋତ୍ସବର ମହୋଦଧି ଉତ୍କଳର ବିରଳ ।

ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ସ୍ୱାର୍ଥ, ଶତ୍ରୁତା, ତିକ୍ତତା, ସଂକୀର୍ଣ୍ଣତା, ରାଗ ଓ ଅଭିମାନକୁ ଦୂରେଇ ଦେଇ ସ୍ନେହ, ଶ୍ରଦ୍ଧା ଏବଂ ସ୍ୱାଭିମାନ ରକ୍ଷା କରି ଭାଇଚାରା ସୃଷ୍ଟି କରିବା । ସମସ୍ତଙ୍କ କଲ୍ୟାଣ କାମନା ଏହି ପର୍ବର ମହାନତା । ଅନ୍ନମୟ କୋଷର ପରିବ୍ୟାପ୍ତ ସୂକ୍ଷ୍ମ ରୂପଟି ଅନ୍ନ । ଧାନର କୋଷ ଭିତରେ ସଂରକ୍ଷିତ ପ୍ରାଣଶକ୍ତି ହିଁ ଅନ୍ନ । ଏହାର ଉପାଦେୟତା ହିଁ ଜୀବନ– ଯାହା ଈଶ୍ୱରଙ୍କ ସୃଷ୍ଟି । ମାଟି ମା'ର ଗର୍ଭଗୃହରେ ସଂରକ୍ଷିତ ଏଇ ଅମୂଲ୍ୟ ସମ୍ଭାବନା ଈଶ୍ୱରଙ୍କ ସୃଷ୍ଟିରେ ସମଗ୍ର ମାନବଜାତି ନିମନ୍ତେ ଏହା ଉଦ୍ଦିଷ୍ଟ । ବ୍ୟକ୍ତିର ଜୀବନଚକ୍ର ସହିତ ଏହାର ସମ୍ପର୍କ ଅତି ନିବିଡ । ଈଶ୍ୱରଙ୍କୁ ଅତି ନିକଟରେ ପାଇବା ପାଇଁ ଏହି ପର୍ବପର୍ବାଣି ଓ ଉତ୍ସବ ମହୋତ୍ସବ ସୃଷ୍ଟି ହୋଇଛି । ପଶ୍ଚିମ ଓଡ଼ିଶାରେ ପାଳିତ ହେଉଥିବା ନୂଆଖାଇ ପର୍ବର ଦୃଶ୍ୟ ଓ ଦର୍ଶନ ଅତୀବ ରମଣୀୟ । ସମଗ୍ର ବିଶ୍ୱ ବସୁଧାରେ ଏହାର ସ୍ୱତନ୍ତ୍ର ସୁନେଲି ଛାପ ରହିଥିବାବେଳେ ଭାରତରେ ବୈଶାଖୀ, ବିହୁ, ପୋଙ୍ଗଲ୍, ଓନମ୍ ଭଳି ଭିନ୍ନ ଭିନ୍ନ ରୂପରେ ଏହି କୃଷିଭିତ୍ତିକ ପର୍ବ ନିଆରା ଢଙ୍ଗରେ ପାଳନ କରାଯାଏ । ଭାଦ୍ରବ ମାସ ଶୁକ୍ଳ ଦ୍ୱିତୀୟାଠାରୁ ତ୍ରୟୋଦଶ ପର୍ଯ୍ୟନ୍ତ ସମୟ ଅବଧି ମଧ୍ୟରେ ଏହି ଗଣପର୍ବ ବଡ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ ଓ ଏଥିରେ ସାମ୍ୟ ମୈତ୍ରୀ ପ୍ରୀତି ଓ ଐକ୍ୟ ସଂହତି ପ୍ରତିଷ୍ଠା ହୋଇ ପଶ୍ଚିମ ଓଡ଼ିଶାରେ ଗଣପର୍ବର ମାନ୍ୟତା ଲାଭ କରିଛି । ଫଳରେ ଅନନ୍ୟ ଲୋକ ସଂସ୍କୃତି ଭାବରେ ଏହାର ସାଂସ୍କୃତିକ ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳ ହିଁ ନୂଆଖାଇର ପ୍ରାଣ ସ୍ପନ୍ଦନ । ଗାଁର ମୁଖିଆ ଏହି ପର୍ବ ସମ୍ପର୍କରେ ଗ୍ରାମସଭାରେ ନୀତି ନିର୍ଘଣ୍ଟ ସ୍ଥିର କରନ୍ତି । ଏହି ପର୍ବ ସହଭାଗିତା ଓ ସମବେଦନାର ମିଳନ ମଞ୍ଚ ।

ପ୍ରାଚୀନ ସଂସ୍କୃତି ଓ ପରମ୍ପରା ଏବଂ ଏହାର ମାଟି ପାଣି ପବନ କେବଳ ମର୍ତ୍ତ୍ୟର ମଣିଷ କାହିଁକି ସ୍ୱର୍ଗର ଦେବତାମାନଙ୍କୁ ମଧ୍ୟ ଆକୃଷ୍ଟ କରିଥାଏ । ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ ମା' ସମଲାଇ, ପାଟଣେଶ୍ୱରୀ, ମାଣିକେଶ୍ୱରୀ, ଲଙ୍କେଶ୍ୱରୀଙ୍କ ପୀଠରେ ନବାନ୍ନ ଭୋଗ ପ୍ରଦାନ କରାଯାଇ ଅମାବାସ୍ୟାରୁ ପୂର୍ଣ୍ଣମୀ ଯାଏଁ ଏହି ପର୍ବ ନିଷ୍ଠାପର ଭାବରେ ପାଳନ କରାଯାଏ । ନୂଆ ଖାଇବା ଓ ନୂଆ ପିନ୍ଧିବା ଏହି ପର୍ବର ପ୍ରଧାନ ରୀତିନୀତି । ଭକ୍ତି ଓ ଶ୍ରଦ୍ଧା ଏହାର ମୌଳିକ ପରମ୍ପରା । ଦେବୀ ଦର୍ଶନ ପରେ ବଡମାନଙ୍କୁ ଜୁହାର ହୋଇ ଆଶୀର୍ବାଦ ପର୍ବ ନୂଆଖାଇ ଜୁହାର ନାମରେ ପରିଚିତ । ସନ୍ଧ୍ୟାରେ ଘୁମୁରା, ମାଦଳ ତାଳଖାଇ ନୃତ୍ୟ ସଂଗୀତ ଓ କ୍ରୀଡା କୌତୁକରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇଉଠେ । ତା' ସହିତ ପିଠା, ପଣା, ମଦ, ମାଂସର ମଜା ସ୍ୱତନ୍ତ୍ର ନିଆରା । ଜୀବନକୁ ଉପଭୋଗ କରିବା ଏହି ପର୍ବର ଅନ୍ୟତମ ପରମ୍ପରା ।

ଶାସ୍ତ୍ର ମତରେ, 'ଅନ୍ନଂ ବ୍ରହ୍ମେତି ବ୍ୟଜନାତ୍', ଈଶ୍ୱରଙ୍କୁ ପ୍ରଥମେ ସମର୍ପଣ କରି ପରେ ଅନ୍ନ ସେବନ କରିବାର ବିଧି ସୃଷ୍ଟିର ନିୟମ । ମାନବ ସଭ୍ୟତାର ମୂଳ ଉତ୍ସ କୃଷି । ସେଥିପାଇଁ ପଶ୍ଚିମ ଓଡ଼ିଶାର ଲୋକେ କୃଷିକୁ ଗୁରୁତ୍ୱ ଦେଇ ନୂଆଖାଇ ପର୍ବକୁ ନବାନ୍ନ ମାଧ୍ୟମରେ ପାଳନ କରିଥାନ୍ତି । କାରଣ 'ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବୁ କାହା ଘେନି ' ବୋଲି ଭାଗବତରେ କୁହାଯାଇଛି । ଏହି ପର୍ବ ପଛରେ ପ୍ରଗାଢ ବିଶ୍ୱାସବୋଧ ସମାହିତ । ପଶ୍ଚିମ ଓଡ଼ିଶାର ଲୋକଙ୍କୁ ଏକ ମହତ୍ତର ଜୀବନ ଦେବାର ପ୍ରୟାସ । ଏହାର ଏକ ନୈସର୍ଗିକ ପରମ୍ପରାର ଦୀର୍ଘଶ୍ୱାସ ରହିଛି, ଯାହାର ସାର୍ବଜନୀନ ପ୍ରଭାବ ଅନନ୍ୟ । ଏହି ମାଟିରେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ପାଇଁ ରହିଛି ଅନେକ ସ୍ୱପ୍ନ ଏବଂ ସମ୍ଭାବନା । ଫଳରେ ସାଂସ୍କୃତିକ, ସାରସ୍ୱତ, ଆଧ୍ୟାତ୍ମିକ ଇତିହାସ ଦୃଷ୍ଟିରୁ ଏହା ସ୍ୱତନ୍ତ୍ର ମର୍ଯ୍ୟାଦା ଦାବି କରେ । ଜୀବନର ଚଲାପଥରେ 'ନୂଆଖାଇ' ଯୁଗେ ଯୁଗେ ନବୀନ ଉନ୍ମାଦନା ଆଣେ ।

ସମ୍ପାଦକ
ଗୋପବନ୍ଧୁ ସାହିତ୍ୟ ସଂସଦ
ଚାନ୍ଦବାଲି, ଭଦ୍ରକ

❖ ❖ ❖

# ଶ୍ରାବଣ ମାସର ମାହାତ୍ମ୍ୟ ଓ ଗହ୍ମା ପୂର୍ଣ୍ଣିମା

ନଗେନ୍ଦ୍ର ନାଥ ପଟ୍ଟନାୟକ

## ଶ୍ରାବଣ ମାସର ମାହାତ୍ମ୍ୟ ଓ ଶିବ ଉପାସନା

ଭଗବାନ ଶିବଶଙ୍କର କୋଟି ସୂର୍ଯ୍ୟଙ୍କ ସମ ଦେଦୀପ୍ୟମାନ, ଯାହାଙ୍କ ଲଲାଟରେ ଶୋଭାପାଏ ଚନ୍ଦ୍ରମା ସେଇ ନୀଳକଂଠ ହିଁ ଅଭୀଷ୍ଟ ବସ୍ତୁର ପ୍ରଦାନକାରୀ । ତ୍ରିନେତ୍ରଧାରୀ ଭଗବାନ ଶିବ କାଳଠୁଁ ବି ମହାକାଳ । ପଦ୍ମତୁଲ୍ୟ ସୁନ୍ଦର, କମନୀୟ ନୟନଧାରୀ ଭୋଳାନାଥ ଶଙ୍କରଙ୍କ କଂଠରେ ଶୋଭାପାଏ ରୁଦ୍ରାକ୍ଷ ମାଳା ଏବଂ



ତ୍ରିଶୂଳ ଧାରଣ କରିଥିବା ଶିବ ହେଉଛନ୍ତି ଅକ୍ଷର ପୁରୁଷ । କ୍ରୋଧିତ ହୋଇଗଲେ ତ୍ରିଭୁବନକୁ ନିମିଷକ ମଧ୍ୟରେ ଭସ୍ମୀଭୂତ କରିଦେବାର ଅମାପ ଶକ୍ତି ତାଙ୍କଠାରେ ହିଁ ନିହିତ । କାହା ଉପରେ ଅପାର ଦୟା, କରୁଣା ଦେଖାଇବାକୁ ଥିଲେ ସେ ହୋଇପାରନ୍ତି ତ୍ରିଭୁବନ ସ୍ୱାମୀ । ଏ ଭୟାବହ ଭବ ସଂସାରରୁ ପାରି କରିବାର ସାମର୍ଥ୍ୟ କେବଳ ସେଇ ପ୍ରଭୁଙ୍କଠାରେ ହିଁ ବିଦ୍ୟମାନ । ଭୋଳାନାଥଙ୍କ ସ୍ୱଭାବ ଖୁବ୍ ସରଳ ଏବଂ ସେ ସର୍ବବ୍ୟାପୀ । ତାଙ୍କ ସମ୍ମୁଖରେ ତପସ୍ୟା କରୁଥିବା ଦୈତ୍ୟ ଓ ମାନବ ଉଭୟଙ୍କୁ ବର ଦାନ କରିବାକୁ ତିଳେହେଲେ କୁଣ୍ଠାବୋଧ କରନ୍ତି ନାହିଁ ।

ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ ଚୈତ୍ର ମାସ ପରେ ପଂଚମ ମାସଟି ହେଉଛି ଶ୍ରାବଣ ମାସ । ଦେବଶୟନର ଏ ପ୍ରଥମ ଚତୁର୍ମାସ । ଏ ମାସରେ ଚାଲୁ ରୁହେ ଭାଗବତ ଅମୃତ କଥା ଏବଂ ପାଳିତ ହୁଏ ଅନେକ ଉତ୍ସବ, ମହୋତ୍ସବ ଇତ୍ୟାଦି । ଶ୍ରାବଣ ମାସର ପ୍ରତ୍ୟେକ ସୋମବାରକୁ କୁହାଯାଏ ଶ୍ରାବଣ ସୋମବାର । ଭକ୍ତ ଶ୍ରଦ୍ଧାଳୁମାନେ ପବିତ୍ର ଜଳରେ ସ୍ନାନ କରାନ୍ତି ଶିବଲିଙ୍ଗକୁ । ବିଭିନ୍ନ ସୁରଭିତ ରଂଗବେରଂଗ ପୁଷ୍ପମାଲ୍ୟ ଶିବ ମୂର୍ତ୍ତି ବା ଶିବଲିଙ୍ଗ ଉପରେ ଚଢାଇ ପୂଜନ କରନ୍ତି । ମନ୍ଦିରରେ ଚବିଶ ଘଂଟାଯାଏ ପ୍ରଜ୍ୱଳିତ ହୁଏ ପ୍ରଦୀପ । ଉତ୍ତର ଭାରତରେ ବିଭିନ୍ନ ପ୍ରାନ୍ତରେ ଶୈବ ଭକ୍ତମାନେ ଏ ମାସରେ ଗଂଗାଜଳ ନେଇ ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀରେ ନିଜ ଅଂଚଳରେ ଥିବା ଶୈବାଳୟରେ ଶିବ ଲିଙ୍ଗକୁ ଅଭିଷେକ କରି ପୁଣ୍ୟ ଅର୍ଜନ କରିଥାନ୍ତି । ଶିବଙ୍କୁ ରୁଦ୍ରାଭିଷେକ କରିବା ବହୁତ କଷ୍ଟସାଧ୍ୟ କାର୍ଯ୍ୟ । ଦେବ, ମାନବ, ଦାନବ ଓ ଯକ୍ଷ କିନ୍ନର ଆଦି ସମସ୍ତଙ୍କ ଲାଗି ବର ପ୍ରଦାନ କରିଥାନ୍ତି । ମନୋକାମନା ପୂରଣ କରନ୍ତି । ଶ୍ରାବଣ ମାସରେ ଆଶୁତୋଷ ଶିବଙ୍କର ରହିଛି ଅଶେଷ ମହିମା । ପ୍ରତିଦିନ ଯିଏ ଶିବଙ୍କ ଆରାଧନା ନ କରିପାରେ, ସେ ନିଶ୍ଚିତ ରୂପେ ସୋମବାର ଶିବଙ୍କ ଉପାସନା ତଥା ବ୍ରତ କରିବା ଉଚିତ । ସୋମବାର ହେଉଛି ଶିବଙ୍କ ପ୍ରିୟ ଦିନ । ଏଣୁ ସୋମବାର ଦିନ ଶିବଙ୍କୁ ପୂଜନ କରିବା ଉଚିତ । ସେହିପରି ଶ୍ରାବଣ ମାସଟି ଭଗବାନ ଶିବଙ୍କ ପ୍ରିୟ ମାସ ଭାବେ ଗଣା । ସେଥିପାଇଁ ଶ୍ରାବଣ ମାସରେ ଶିବ ଉପାସନାର ବିଧାନ ରହିଛି । ଶ୍ରାବଣ ମାସରେ ପାର୍ଥିବ ଶିବ ପୂଜାର ରହିଛି ବିଶେଷ ମହତ୍ତ୍ୱ । ସୁତରାଂ ଏ ମାସରେ ଶିବ ପୂଜନ ତଥା ପାର୍ଥିବ ଶିବ ଉପାସନା କରିବାକୁ ପଡେ । ଏ

ମାସରେ ଲଘୁରୁଦ୍ର, ମହାରୁଦ୍ର ଅଥବା ଅତିରୁଦ୍ର ପାଠ କରିବାର ମଧ୍ୟ ବିଧି ରହିଛି । ଶ୍ରାବଣ ମାସରେ ଯେତୋଟି ସୋମବାର ପଡେ ସେସବୁରେ ଶିବ ବ୍ରତ ନିହାତି ପାଳନ ହେବା ଦରକାର। ଏହି ବ୍ରତରେ ପ୍ରାୟ ଗଂଗା ସ୍ନାନ ଅଥବା କୌଣସି ପବିତ୍ର ନଦୀ ଅବା ସରୋବରରେ କିମ୍ବା ବିଧିପୂର୍ବକ ଘରେ ସ୍ନାନ କରି ଶୈବାଳୟକୁ ଯାଇ ସେଠାରେ ସ୍ଥାପିତ ଶିବଲିଙ୍ଗଙ୍କୁ ଯଥା ବିଧିରେ ଷୋଡଶ ଉପଚାରରେ ପୂଜା କରାଯିବା ଆବଶ୍ୟକ। ବ୍ରାହ୍ମଣମାନେ ଯଥାସମ୍ଭବ ରୁଦ୍ରାଭିଷେକ କରିବା ଉଚିତ। ଏହି ବ୍ରତରେ ଶ୍ରାବଣ ମାହାତ୍ମ୍ୟ ତଥା ଶ୍ରୀ ଶିବ ମହାପୁରାଣ ଶ୍ରବଣ କଲେ ବିଶେଷ ଫଳଦାୟକ ହୋଇଥାଏ। ପୂଜନ ଉତ୍ତାରେ ବ୍ରାହ୍ମଣ ଭୋଜନ କରାଇ ଗୋଟିଏ ଥର ଭୋଜନ କରିବାର ବିଧାନ ବି ରହିଛି। ଭଗବାନଙ୍କ ଏହି ବ୍ରତ ସମସ୍ତଙ୍କ ମନୋସ୍କାମନାକୁ ପୂରଣ କରିଥାଏ। ମୁନିଋଷିମାନେ କହନ୍ତି ଏ ମାସରେ ହିଁ ସମୁଦ୍ର ମନ୍ଥନ ହୋଇଥିଲା। କେବଳ ହଳାହଳ ଜହରକୁ ଛାଡି ସମୁଦ୍ରରୁ ନିର୍ଗତ ହୋଇଥିବା ବାକି ୧୩ ଗୋଟି ପଦାର୍ଥକୁ ଉଭୟ ଦେବତା ଓ ଅସୁରଙ୍କ ମଧ୍ୟରେ ବିତରଣ କରାଯାଇଥିଲା ଏବଂ ହଳାହଳ ବିଷକୁ ଭଗବାନ ଶିବ ହିଁ ପାନ କରିଥିଲେ । ଏଥିପାଇଁ ତାଙ୍କର ନାମ ନୀଳକଂଠ। ଏହାପରେ ଭଗବାନ ଶିବଙ୍କ ଜହରକୁ ପ୍ରଶମିତ କରିବା ଲାଗି ତାଙ୍କୁ ଗଙ୍ଗା ଜଳ ଅର୍ପଣ କଲେ। ଏଥିପାଇଁ ଶୈବ ଭକ୍ତମାନେ ଶ୍ରାବଣ ମାସରେ ଭଗବାନ ଶିବଙ୍କ ଜଳାଭିଷେକ କରିଥାନ୍ତି। ଭଗବାନ ତ୍ରୈଲୋକନାଥ ତଥା ଡମ୍ବରୁଧର ଶିବ ଶଙ୍କରଙ୍କୁ ପ୍ରସନ୍ନ କରିବାକୁ ହେଲେ ଶ୍ରାବଣ ମାସରେ କେତୋଟି ବିଧି ଉପରେ ଧ୍ୟାନ ରଖିବାକୁ ହୁଏ। ଏ ମାସରେ ରୁଦ୍ରାକ୍ଷ ପିନ୍ଧିଲେ ଶୁଭ ବୋଲି ବିବେଚନା କରାଯାଏ। ଏଥିପାଇଁ ଏ ମାସରେ ରୁଦ୍ରାକ୍ଷ ମାଳା ପିନ୍ଧିବା ସହିତ ଜପ କରିବା ଉଚିତ। ଶିବଙ୍କ ବିଭୂତି ଲଲାଟରେ ପ୍ରଲେପ କରିବା ସାଙ୍ଗେ ସାଙ୍ଗେ ଶିବ ଚାଳିଶା ପାଠ କରିବା ବିଧେୟ। ମହାମୃତ୍ୟୁଂଜୟ ମନ୍ତ୍ର ଜପ କରିଲେ ଉତ୍ତମ ଫଳ ମିଳେ ଏବଂ ବେଲପତ୍ର, ଦୁଧ, ମହୁ ଏବଂ ଜଳରେ ଶିବଲିଙ୍ଗର ଅଭିଷେକ କରିବା ଉଚିତ। ଶ୍ରାବଣ ମାସରେ ପଡୁଥିବା ସୋମବାରଗୁଡିକରେ ଶିବଙ୍କ ବ୍ରତ ପାଳନ କଲେ ବର୍ଷସାରା ସୋମବାର ବ୍ରତର ପୁଣ୍ୟ ମିଳେ। ସୁହାଗିନୀ ସ୍ତ୍ରୀଲୋକମାନେ ଏହି ବ୍ରତ ପାଳନ କଲେ ଅଖଣ୍ଡ ସୌଭାଗ୍ୟ ଲାଭ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ ।

## ଗହ୍ମା ପୂର୍ଣ୍ଣିମା ଓ ଶ୍ରୀମନ୍ଦିରରେ ରକ୍ଷା ବନ୍ଧନ

ପବିତ୍ର ଗହ୍ମା ପୂର୍ଣ୍ଣିମା ଦିନ ହଳଧାରୀ ଭଗବାନ ବଳରାମ ଜନ୍ମ ଗ୍ରହଣ କରିଥିଲେ ବସୁଦେବଙ୍କର ପ୍ରଥମ ପତ୍ନୀ ରୋହିଣୀଙ୍କ ଗର୍ଭରୁ। ପୌରାଣିକ ଆଖ୍ୟାନରୁ ଜଣାଯାଏ, ବସୁଦେବ ଦ୍ୱିତୀୟ ପତ୍ନୀ ଭାବେ ଦେବକୀଙ୍କୁ ଗ୍ରହଣ କରନ୍ତେ ଦେବକୀଙ୍କ ଭ୍ରାତା ତଥା ଦୁର୍ଦ୍ଦାନ୍ତ ରାକ୍ଷସ କଂସ ମନ ଆନନ୍ଦରେ ଦେବକୀ ଓ ବସୁଦେବଙ୍କୁ ରଥାରୂଢ କରାଇ ନଗର ସାରା ପରିକ୍ରମା କରାଇବା ବେଳେ ଶୂନ୍ୟରୁ ଦୈବୀବାଣୀ ତାଙ୍କର କର୍ଣ୍ଣଗୋଚର ହେଲା। ଦେବକୀଙ୍କୁ ବଧ କରିବାକୁ ଉଦ୍ୟତ ହୁଅନ୍ତେ ବସୁଦେବ କଂସ ସମ୍ମୁଖରେ ପ୍ରତିଜ୍ଞା କଲେ ଦେବକୀ ଗର୍ଭରୁ ଜାତ ସମସ୍ତ ସନ୍ତାନକୁ ସେ ତାଙ୍କ ହାତରେ ଟେକି ଦେବେ। ତେଣୁ ସେ ଦେବକୀଙ୍କୁ ବଧ କରିବା ପରିବର୍ତ୍ତେ ବସୁଦେବଙ୍କ ସହିତ କାରାରୁଦ୍ଧ କରି ରଖିଲେ ଏବଂ ଦେବକୀଙ୍କ ଗର୍ଭରୁ ଜାତ ସନ୍ତାନକୁ ଗୋଟି ଗୋଟି କରି ବସୁଦେବ କଂସ ହାତରେ ଟେକି ଦେଲେ । ଏହି କ୍ରମରେ ନବଜାତ ସନ୍ତାନକୁ



ଗୋଟିକ ପରେ ଗୋଟିଏ ଟେକି ନେଇ ବଧ କଲାପରେ ଦେବତାମାନଙ୍କ ଉଦ୍ୟମରେ ଦେବକୀଙ୍କ ପରବର୍ତ୍ତୀ ସନ୍ତାନକୁ ବସୁଦେବଙ୍କ ପ୍ରଥମ ପତ୍ନୀ ରୋହିଣୀଙ୍କ ଗର୍ଭକୁ ସ୍ଥାନାନ୍ତରିତ କରାଇ ଗୋଟିଏ ଗାଈ ରୂପେ ରୂପାନ୍ତରିତ କରାଗଲା ଏବଂ ଯମୁନା ନଦୀର ଅପରପାର୍ଶ୍ୱସ୍ଥ ଗୋପପୁରରେ ରାଜା ନନ୍ଦଙ୍କ ଗୋଶାଳାରେ ନେଇ ଅବସ୍ଥାପିତ କରାଗଲା। ତାଙ୍କରି ଗର୍ଭରୁ ହିଁ ଜାତ ହେଲେ ବଳଭଦ୍ର। ସେଇ ଗୋଶାଳାରେ ବଳଭଦ୍ର ଗୋଟିଏ ଗାଈ ଔରସରୁ ଭୂମିଷ୍ଠ ହୋଇଥିବାରୁ ତାଙ୍କ ଜନ୍ମ ଦିବସରେ ଗାଈ ଗୋରୁଙ୍କର ପୂଜନ କରିବାର ପରମ୍ପରା ଅଦ୍ୟାବଧି ରହିଆସିଛି ।

ଗହ୍ମା ପୂର୍ଣ୍ଣିମା ଦିନ ସକାଳ ଧୂପ ଉତ୍ତାରେ ମାର୍ଜନା ହୁଅନ୍ତି ଶ୍ରୀମନ୍ଦିରରେ ବିରାଜିତ ଦିଅଁତ୍ରୟ । ଭଅଣ୍ଡ (ଅନ୍ନଛତ୍ର ଭୋଗ) ପରେ ଠାକୁରଙ୍କୁ ମୈଲମ କରାଯାଇ ମହାସ୍ନାନ ନୀତି ଆଚରିତ ହୋଇଥାଏ। ତତ୍ପରେ ସିଂହାରୀଙ୍କ ଦ୍ୱାରା ତିନିଠାକୁରଙ୍କୁ ନୂଆ ପାଟ ଲାଗି କରାଯାଏ। ପରେ ଠାକୁରଙ୍କ ସର୍ବାଙ୍ଗରେ ଚନ୍ଦନ ପ୍ରଲେପନ

କରାଯାଏ ଏବଂ ଛଅ ମୂର୍ତ୍ତି ଅଳଂକାର ଲାଗିହୁଏ । ତତ୍ପରେ ଶ୍ରୀକ୍ଷେତ୍ର ପରିକ୍ରମା କରୁଥିବା ଦ୍ୱାଦଶ କଳାତ୍ମକ ଦେଦୀପ୍ୟମାନ, ଜାଜୁଲ୍ୟମୟ ଆଦିତ୍ୟସମ ଚକ୍ରରାଜ ସୁଦର୍ଶନ ଏହି ଗହ୍ମା ପୂର୍ଣ୍ଣମୀରେ ଶ୍ରୀଜଗନ୍ନାଥଙ୍କ ମଧ୍ୟାହ୍ନ ଧୂପ ସମାପନାନ୍ତେ ମହାପ୍ରଭୁଙ୍କ ଆଜ୍ଞାମାଳା ବହନ କରନ୍ତି । ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀମନ୍ଦିର ରତ୍ନ ସଂହାସନରୁ ବାହାରି ମୁକ୍ତିମଣ୍ଡପରେ ଥିବା ଦ୍ୱାଦଶ ଚକ୍ର ବିଶିଷ୍ଟ ବିମାନରେ ବିଜେ କରନ୍ତି । ଶ୍ରୀମନ୍ଦିର ବାହାର ବେଢା ଅତିକ୍ରମ କରି ମାର୍କଣ୍ଡେଶ୍ୱର ନିକଟରେ ଅବସ୍ଥାନ କରନ୍ତି । କୁମ୍ଭାର ବିଶୋୟୀ ଯୋଗାଇଥିବା ଚିକିଟା ମାଟିରେ ବଳଦ ଆକୃତିର ଗହ୍ମା ସୁଦୁସୁଆରମାନେ ତିଆରି କରନ୍ତି । ଏହା ବଳଭଦ୍ରଙ୍କ ପ୍ରତିମୂର୍ତ୍ତି ବୋଲି ବିବେଚିତ କରାଯାଏ । ତା' ପରେ ପୂଜାପଣ୍ଡାମାନେ ତାକୁ ଜୀବନ୍ୟାସ ଦେଇ ବିଧି ମୁତାବକ ଜାତକର୍ମ ସମ୍ପାଦନ କରିଥାନ୍ତି । ପ୍ରସାଦ ଲାଗିର ବନ୍ଦୋବସ୍ତ ହୁଏ । ଶୀତଳ ଭୋଗ, ବନ୍ଦାପନା ଅନ୍ତେ ପିତୁଳାକୁ ଜଳରେ ବିସର୍ଜନ କରାଯାଏ । ଯଥାବିଧି ପୂର୍ବକ ବଳଭଦ୍ର ଜନ୍ମ ଉତ୍ସବ ଅନୁଷ୍ଠିତ ହେବା ପରେ ପ୍ରଭୁ ସୁଦର୍ଶନ ପଣ୍ଡୁ ଆଶ୍ରମ ଭ୍ରମଣ କରି ଯମେଶ୍ୱରଙ୍କ ପୀଠରେ ବିଜେ କରନ୍ତି । ସେଠାରୁ ପ୍ରତ୍ୟାବର୍ତ୍ତନ କରି ପୂର୍ବଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ଏହି ଦିନ ପାଟରା ସେବକମାନେ ଦୁଇଟି ବଡ ରାକ୍ଷୀ ତିଆରି କରି ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ଲାଗି ଶ୍ରୀମନ୍ଦିରରେ ଯୋଗାଇଥାନ୍ତି । ଏହା ସକାଳ ଧୂପ ପରେ ବେଶ ସମୟରେ ହିଁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ଲାଗି କରାଯାଏ ।

ଓଡିଶାରେ ପ୍ରତି ଘରେ ପଂଚ ଉପଚାରରେ ଗାଈଗୋରୁଙ୍କୁ ସ୍ନାନ କରାଇ ବେକରେ ଗଳାଇ ଦିଆଯାଏ ଫୁଲମାଳ । ପରେ ସେମାନଙ୍କୁ ପିଠାପଣା ଖୁଆଇ ଦିଆଯାଏ । ଏହି ଦିନ ରାଜା ମହାରାଜାଙ୍କର ପାଳିତ ହୁଏ ଅଭିଷେକ ଉତ୍ସବ । ବ୍ରାହ୍ମଣ, ପୁରୋହିତମାନେ ଏହି ପାବନ ତିଥିରେ ରାଜା, ଜମିଦାରମାନଙ୍କୁ ନଡିଆ ଓ ପଇତା ଭେଟି ଆକାରରେ ପ୍ରଦାନ କରିଥାନ୍ତି । ଭାଇ–ଭଉଣୀଙ୍କ ପବିତ୍ର ସମ୍ପର୍କକୁ ଆଧାର କରି ପାଳିତ ହେଉଛି ରକ୍ଷା ବନ୍ଧନ ପର୍ବ । ପୌରାଣିକ କିମ୍ବଦନ୍ତୀ ଅନୁସାରେ ଦେବରାଜ ଇନ୍ଦ୍ର ବୃତ୍ରାସୁରଙ୍କୁ ଯୁଦ୍ଧରେ ପରାସ୍ତ କରି ନ ପାରିବାରୁ ଇନ୍ଦ୍ରଙ୍କ ପତ୍ନୀ ଶଚୀଦେବୀ ଆପଣାର ଲୁଗାକାନି ଚିରି ଖଣ୍ଡିଏ ଇନ୍ଦ୍ରଙ୍କ ହସ୍ତରେ ବାନ୍ଧି ଦେଇଥିଲେ । ତା' ପରେ ଇନ୍ଦ୍ର ଦୈତ୍ୟମାନଙ୍କ ଉପରେ ଅଭୁତପୂର୍ବ ବିଜୟ ହାସଲ କରିଥିଲେ । ସେବେଠୁ ହିଁ ପାଳିତ ହୋଇଆସୁଛି ଏହି ରାକ୍ଷୀ ଉତ୍ସବ । ରକ୍ଷା ବନ୍ଧନର ତାତ୍ତ୍ୱିକ ଦିଗ ଉପରେ ଦୃଷ୍ଟିପାତ କଲେ ପ୍ରତୀୟମାନ ହୁଏ ଏହା ହେଉଛି ଏକ ପବିତ୍ରତାର ପ୍ରତୀକ । ଆତ୍ମାମାନଙ୍କୁ ପବିତ୍ର ପାବନ ବ୍ରତ ଧାରଣ କରିବାକୁ ଏହା ସନ୍ଦେଶ ପ୍ରଦାନ କରିଥାଏ ।

ଶାସ୍ତ୍ରରେ ସ୍ପଷ୍ଟ ଉଲ୍ଲେଖ ରହିଛି– 'ନାସି ଗଙ୍ଗା ସମଂ ନାସ୍ତି ସ୍ୱସ୍ରା ମାନ୍ୟା' । ଅର୍ଥାତ୍ ଭଗିନୀଠାରୁ ଅଧିକ ସମ୍ମାନୀୟା, ସ୍ନେହଶୀଳା କେହି ନାହିଁ । ଭଗିନୀକୁ ରକ୍ଷା କରିବାକୁ ବଜ୍ର ଶପଥ ନେଇ ଭ୍ରାତା ହସ୍ତରେ ରାକ୍ଷୀ ବାନ୍ଧିଥାଏ । ଗୋପାଙ୍ଗନାମାନେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ରାକ୍ଷୀ ବାନ୍ଧି ତାଙ୍କର ଶୁଭମନାସି ଥିଲେ । ଆଉ ଏକ ପୌରାଣିକ ଆଖ୍ୟାନ ଅନୁସାରେ ପାଣ୍ଡବମାନଙ୍କ ମାତା କୁନ୍ତୀ ଭଗବାନ ଶ୍ରୀକୃଷ୍ଣ ହସ୍ତରେ ରାକ୍ଷୀ ବାନ୍ଧି ପୁତ୍ରମାନଙ୍କୁ କୌରବମାନଙ୍କ ଅତ୍ୟାଚାର କବଳରୁ ଉଦ୍ଧାର କରିଥିଲେ ।

ଐତିହାସିକ ଦିଗକୁ ଅବଲୋକନ କଲେ ଜଣାଯାଏ, ରାଜପୁତ ନାରୀମାନେ ନିଜ ସତୀତ୍ୱକୁ ବଜାୟ ରଖିବା ଉଦ୍ଦେଶ୍ୟରେ ମୁସଲମାନ ରାଜାଙ୍କ ହସ୍ତରେ ବାନ୍ଧୁଥିଲେ ଏହି ପବିତ୍ର ରାକ୍ଷୀ । ଆକବର ମଧ୍ୟ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପାଳିତ ଏହି ରକ୍ଷା ବନ୍ଧନ ଉତ୍ସବର ମହତ୍ୱ ବେଶ୍ ଉପଲବ୍ଧି କରିଥିଲେ ।

ରାକ୍ଷୀ ପୂର୍ଣ୍ଣିମା ଝଲକ ବିଶେଷକରି ଗାଁ ଗହଳିରେ ଅନୁଭୂତ ହୋଇଥାଏ । ରକ୍ଷା ବନ୍ଧନ ପର୍ବ ଆମର ପୁରପଲ୍ଲୀ, ସହର ଆଦିରେ ପାଳିତ ହୋଇଆସୁଛି । ସେଇ ପରମ୍ପରାକୁ କିପରି ଆହୁରି ବୃଦ୍ଧିମନ୍ତ ତଥା ମହିମାନ୍ୱିତ କରିହେବ ସେଥିଲାଗି ଆମକୁ ସାଧ୍ୟମତେ ଉଦ୍ୟମ କରିବା ନିହାତି ଆବଶ୍ୟକ ।

ଜିଲ୍ଲା କୋଷାଗାର ଅଧିକାରୀ, ପୁରୀ

❖ ❖ ❖

# ଓଡ଼ିଶାର ପୁଚିଖେଳ

କ୍ଷୀରୋଦ ପ୍ରସାଦ ମହାନ୍ତି

ପୁଚିଖେଳ ଓଡ଼ିଆ ଗାଉଁଲୀ ଝିଅମାନଙ୍କର ଏକ ଗୀତିମୟ ଖେଳ । ଏହା ଏକ ପ୍ରକାର ବୈଠକ ନୃତ୍ୟ କହିଲେ ଚଳେ । ସାରା ଶରୀରରେ ଛନ୍ଦର ହିଲ୍ଲୋଳ ସୃଷ୍ଟି କରି ଗୀତର ତାଳେ ତାଳେ ଗୋଟିଏ ପରେ ଗୋଟିଏ ପାଦ ଓ ହାତ ଆଗକୁ ପଛକୁ ଚାଲେ । ଖେଳିବା ସମୟରେ ହାତରେ ଧରିଥିବା ମୁଠା ମୁଠା ଫୁଲ ଗୋଟି ଗୋଟି ହୋଇ ବୃଣି ହୋଇଯାଏ । ସତେ ଯେପରି ଗୀତ, ନୃତ୍ୟ ଓ ପୁଷ୍ପବୃଷ୍ଟି ଏକ ଛନ୍ଦରେ ଗତି କରୁଛି ।



ପୁଚି ଖେଳ କେବଳ କୁମାରୀମାନେ ହିଁ ଖେଳିଥାନ୍ତି । ସ୍ୱାଭାବିକ ଲଜ୍ଜାଶୀଳତା ଓ ସାମାଜିକ କଟକଣା ଯୋଗୁଁ ସେମାନେ କୁମାରମାନଙ୍କ ସହ ମୁକ୍ତ ସ୍ଥାନରେ ଡୁଡୁ, ବୋହୂଚୋରୀ ଆଦି ଖେଳ ଖେଳି ପାରୁନଥିଲେ । ଅନ୍ୟ ପକ୍ଷରେ ପୁରୁଷମାନଙ୍କ ସାମନାରେ ଓ ଗାଁ ମଝିରେ ଅଭିଆଡୀ ଝିଅମାନେ କିଡି କିଡି ଖେଳିବେ– ଏ କଥାକୁ ରକ୍ଷଣଶୀଳ ଲୋକେ ନାପସନ୍ଦ କରୁଥିଲେ । ତେଣୁ ଗାଁର କୁମାରୀମାନେ କୌଣସି ଲୋକର ପ୍ରଶସ୍ତ ଅଗଣାରେ କିମ୍ବା ଚାନ୍ଦିନୀ ରାତ୍ରିରେ ଗାଁ ଦାଣ୍ଡରେ ଏକତ୍ରିତ ହୋଇ ପୁଚି ଖେଳ ଖେଳୁଥିଲେ । ସେହି ପରମ୍ପରା ଏବେ ବହୁଳ ଭାବେ ଦେଖାଯାଉ ନଥିଲେ ହେଁ ସଂପ୍ରତି ଓଡ଼ିଶାର ଗାଁମାନଙ୍କରେ ଦେଖିବାକୁ ମିଳୁଛି ।

ବର୍ତ୍ତମାନ ଝିଅମାନେ କବାଡ଼ିଠାରୁ ଆରମ୍ଭ କରି ଫୁଟ୍‌ବଲ, କ୍ରିକେଟ, ଟେବୁଲ ଟେନିସ୍ ଓ ନୌଚାଳନା ଆଦି ବିଭିନ୍ନ ଖେଳରେ ଭାଗନେଇ କୃତିତ୍ୱ ହାସଲ କରୁଥିଲେ ମଧ୍ୟ ଓଡ଼ିଶାର ପୁରପଲ୍ଲୀରେ ପୁଚିଖେଳର ଚାହିଦା କମି ଯାଇନାହିଁ । ପୁଚିଖେଳର ଇତିହାସକୁ ଆଲୋଚନା କଲେ ଜଣାଯାଏ ଯେ, ଏହା ଷୋଡ଼ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ପ୍ରଚଳିତ ଥିଲା । ଏହାର ସୂଚନା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଠୁଳଶୂନ୍ୟ ରାସରେ ଦେଖିବାକୁ ମିଳେ ।

**ଅଚ୍ୟୁତାନନ୍ଦଙ୍କ ଭାଷାରେ**

ଶରଦ କୁମାର ପୂର୍ଣ୍ଣମୀ ଚାନ୍ଦ,<br>
ଉଦେ ହୋଇଛି ସେ ମହାଆନନ୍ଦ,<br>
କୁମାରୀମାନଙ୍କ ଉତ୍ସବ ଦିନ,<br>
ଷୋଳକଳା ଚନ୍ଦ୍ର ଉଦେ ଗଗନ ।<br>
ଦୂତୀ ଗୋ, ସର୍ବ ଗୋପର ବାଳି<br>
କୃଷ୍ଣଙ୍କୁ ଖୋଜନ୍ତି ମନରେ ଭାଳି ।।<br>
ସର୍ବ ଗୋପୀମାନେ ମେଳ ହୋଇଣ,<br>
ଗଲେ ଶ୍ରୀରାଧା ପୁରକୁ ବହନ<br>
ବୋଲନ୍ତି, ଆସ ଗୋ ପୁଚି ଖେଳିବା,<br>
ଚନ୍ଦ୍ରକୁ ଦେଖିଣ ଦୁଃଖ ହାରିବା<br>
ରାଧେ ଗୋ, ବେଗ ହୋଇଣ ଆସ,<br>
କୃଷ୍ଣ ନାହାନ୍ତି କି ତୁମରି ପାଶ ।।

(ଠୁଳଶୂନ୍ୟ ରାସ–୪ର୍ଥ ଅଧ୍ୟାୟ)

ଦ୍ୱାଦଶ ଗୋପାଳ ନାଚନ୍ତି ଧୀରେ,
ପଦ୍ମକାନନ ମଣି ମଣ୍ଡପରେ
ହୁଳହୁଳି ହରିବୋଲର ଗୋଳ,
ଶୁଣି ଭୟ ପାଉ ଅଛଇ କାଳ
ଦୂତୀ ଗୋ, ପୁଚି ଖେଳର ଲୀଳା।
ସାକ୍ଷାତେ ଦେଖିଣ ଅଦ୍ଭୁତ ଭୋଳା।।
(ଠୁଳଶୂନ୍ୟ ରାସ–୪ର୍ଥ ଅଧ୍ୟାୟ)

ପୁଚିଖେଳ ପ୍ରାୟତଃ ପ୍ରତି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥାଏ। ଦୋଳ, ଦଶହରା, ରଜ ଆଦି ପର୍ବମାନଙ୍କରେ ଏହି ଖେଳର ପ୍ରତିଯୋଗିତା ହେଉ ଥିଲେ ହେଁ କୁମାର ପୂର୍ଣ୍ଣିମା ହେଉଛି ଏହାର ପ୍ରଧାନ ଉତ୍ସବ। ମନ ମତାଣିଆ ଚାନ୍ଦିନୀ ରାତ୍ରିରେ କୁମାରୀମାନେ ହାତରେ ମୁଠା ମୁଠା ଜହ୍ନିଫୁଲ ଧରି ଏହି ଖେଳର ପ୍ରତିଯୋଗିତା ଆରମ୍ଭ କରିଦିଅନ୍ତି। ଗୀତ ଓ ହସଖୁସିର ଆସରରେ ସାରା ଗ୍ରାମ ଉଚ୍ଛୁଳି ଉଠେ। ଏକାବେଳକେ ୧୫/୨୦ ଜଣ କୁମାରୀ ବୃତ୍ତାକାରରେ ଖେଳନ୍ତି। ଖେଳିବା ସମୟରେ କେହି ତଳେ ପଡ଼ି ଗଲେ ସେ ଲଜ୍ଜାବଶତଃ ଆପେ ଆପେ ଉଠି ଆସେ। କୌଣସି ଖେଳାଳି ତାରତମ୍ୟ ରକ୍ଷା ନକରି ପାରି କ୍ଲାନ୍ତ ଶିଥିଳ ପାଦରେ ଅନ୍ୟ ଜଣେ ଖେଳାଳିର ପାଖରେ ଲାଗି ଆସିଲେ ସେ କହି ଉଠେ–

ତେଣିକି ଯା ତେଣିକି ଯା
ତେଣିକି ନଗଲେ ଗୋଇଠା ଖା

ପୁଚିଖେଳ ଦୀର୍ଘ ସମୟ ଧରି ଚାଲିବା ପରେ ଯେତେବେଳେ ଦୁଇଜଣଙ୍କ ମଧ୍ୟରୁ ଜଣେ ବିଜୟ ଲାଭ ପରେ ସେ ପରାଜିତାକୁ ବିଦ୍ରୂପ କରି କହେ

ହଟାଇଲିରେ ହଟାଇଲି
ଚୁଡ଼ା ଦୁଇମାଣ କୁଟେଇଲି
ଅଇଁଠା ପତର ଚଟେଇଲି।
(ପଲ୍ଲୀଗୀତ ସଞ୍ଚୟନ, ପୃ–୨୩୦)

## ପୁଚିଖେଳର ବିଶେଷତ୍ୱ

ପୁଚିଖେଳର ଗୀତ ନିରର୍ଥକ ଓ ଅପ୍ରାସଙ୍ଗିକ। କେବଳ ଖେଳରେ ତାଳ ଦେବା ଲାଗି ଏହା ଉଦ୍ଦିଷ୍ଟ। ଆମୂଳ ଚୂଳ ଦେଖିଲେ ଗୀତରେ ଯୋଗସୂତ୍ର ଅକ୍ଷୁଣ୍ଣ ହୋଇ ରହିପାରେ ନାହିଁ। ଏହା ଏକ ଅନାବନା ଫୁଲର ମାଳା ପରି ମନେହୁଏ । କାରଣ ପ୍ରତି ଫୁଲର ସ୍ୱତନ୍ତ୍ର ବାସନା ଥିଲେ ହେଁ ସାମଗ୍ରିକ ଭାବରେ ସେମାନେ ଏକ ସୌରଭର ସଂକେତ ପ୍ରଦାନ କରିପାରନ୍ତି ନାହିଁ। ଗୀତର ଧ୍ୱନି ଝଙ୍କାର ଚିତ୍ତରେ ଆନନ୍ଦ ଆଣେ ସତ କିନ୍ତୁ ଗୀତର ଅର୍ଥ ପୁରିସ୍ଫୁଟ ହୋଇପାରେ ନାହିଁ। ଉଦାହରଣ ସ୍ୱରୂପ –

ପୁଚି ଲୋ ..... ଯା ଯା ତୁ ଘୁଞ୍ଚିଲୋ।
ଗହିରୀ ବିଲରେ ମଇଁଷି, ଧାନ କେଣ୍ଡି କେଣ୍ଡି ଖାଉଚି
ଉଡ଼ାଇ ଦେଏରେ ଭାଇ ବେହେରା
ବୋହୂ ବାପଘର ଯାଉଚି ।୩।

## ପୁଚି ଖେଳ ଗୀତର ବଷୟବସ୍ତୁ

ପୁଚିଖେଳ ଗୀତର ବିଷୟବସ୍ତୁ ଅନେକ ପ୍ରକାରର ହୋଇଥିଲେ ହେଁ କେଉଁଝରର ପୁଚିଖେଳ ଗୀତରେ ଭିନ୍ନତା ଦେଖିବାକୁ ମିଳେ। ସେଥିରେ 'ଚଢ଼େଇ ଧରାର ଚିତ୍ର ପରିଦୃଷ୍ଟ ହୋଇଥାଏ। କିଶୋରୀଟିଠାରୁ ପକ୍ଷୀମାନେ ଦୁଧଭାତ ନଖାଇବାରୁ ସେ ତା' ମାଆକୁ ଡ଼ାକି କହୁଛି –

ନେ ରେ ଚଢ଼େଇ ମାଆ
ଛୁଆଟିକୁ ତୋର ସଙ୍ଗରେ ନେଇ ବନସ୍ତକୁ ଉଡ଼ି ଯା।
(ପଲ୍ଲୀଗୀତ ସଞ୍ଚୟନ–ପୃ.୨୩୫)

କୌଣସି କୌଣସି ଗୀତରେ ମାଆକୁ ବାଘ ନେଇ ଯିବାର ମର୍ମନ୍ତୁଦ କାହାଣୀ ସୂଚିତ ହୋଇଥାଏ।

## ପୁଚି ଗୀତରେ ସମାଜ ଓ ସଂସାର ଚିତ୍ର

ପୂର୍ବେ ଆମ ରାଜ୍ୟରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା। ବିଶେଷକରି ଯେଉଁ କିଶୋରୀମାନେ ଶାଶୁଘରେ କିଛି ଦିନ ରହି ବାପାଘରକୁ ଫେରି ଆସୁଥିଲେ, ସେମାନେ ଶାଶୁଘରର ଦୁଃଖଦ କାହାଣୀକୁ ପୁଚି ଗୀତରେ ପରିପ୍ରକାଶ କରି କହୁଥିଲେ–

ଢ଼ିଙ୍କିରେ କୁଟିଲି ଚଷୁ, କଳି କରୁଥିବେ ଶାଶୁ,
ଢ଼ିଙ୍କିରେ କୁଟିଲି ମସୁର, କଳି କରୁଥିବେ ଶ୍ୱଶୁର।
ଆମ ଦେଢ଼ଶୁର ଅଇଲେ, ତାଙ୍କ ଦୁଃଖ ସୁଖ କହିଲେ,
ଆମ ଦୁଃଖ ସୁଖ କହିଲାବେଳେ ପଛେଇ କହୁଣି ମାଇଲେ।
(କୁଞ୍ଜବିହାରୀ ଦାଶ– ପଲ୍ଲିଗୀତ ସଞ୍ଚୟନ ପୃ.୨୩୧)

ଶ୍ୱଶୁର ଘରେ ବିଧବା ବୋହୂ ଓ ବାପ ଘରେ ବିଧବା ଝିଅର ଆଦର ନଥାଏ। ତେଣୁ ପୁଚି ଗୀତରେ ବୋଲାଯାଏ–

ମୁରୁଖ ପୁଅ, ବିଧବା ଝିଅ, ବିନା ନିଆଁରେ ଦହନ୍ତି ଦିହ।

ବ୍ରାହ୍ମଣ, କ୍ଷତ୍ରିୟ ଘରକୁ ଛାଡ଼ି ଦେଲେ ଅନ୍ୟ ଜାତିରେ ପୁନର୍ବିବାହ ପ୍ରଥା ପ୍ରଚଳିତ ଥିଲା। ତେଣୁ ଅନ୍ୟ ଜାତିର ବିଧବାଙ୍କ

ମନରେ ସ୍ୱାମୀ ମୃତ୍ୟୁଜନିତ ଶୋକ ଦୀର୍ଘସ୍ଥାୟୀ ହୋଇ ରହୁ ନଥିଲା। ସେମାନେ ଅନ୍ୟତ୍ର ବିବାହ କରିବେ ଓ ପୁଣି ସେ ସୁଖ ଦୁଃଖର ସଂସାର ଗଢ଼ିବେ– ଏହି ଆଶାରେ ସେମାନେ ପୁଚିଗୀତ ମାଧ୍ୟମରେ କହୁଥିଲେ–

କଦମ ଗଛ ଢ଼ଳି ପଡ଼ିଲା କାହା ଦୁଆରକୁ ଯିବି।
ବେହୀ ଘଇତା ଘେନି ଆସିଛି ବିହୁଡ଼ି ଲଗେଇ ଯିବି।।

(ପଲ୍ଲୀ ଗୀତ ସଞ୍ଚୟନ, ପୃ. ୨୩୯)

### ଆଧୁନିକ କବିଙ୍କ ଉପରେ ପୁଚିଗୀତର ପ୍ରଭାବ

ଆଧୁନିକ କବିମାନଙ୍କ ମଧ୍ୟରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସାହିତ୍ୟରେ ପୁଚିଗୀତର ପ୍ରଭାବ ଦେଖିବାକୁ ମିଳେ। କାରଣ ସେ ପଲ୍ଲୀଗୀତକୁ ବିଶେଷ ଶ୍ରଦ୍ଧା ଦୃଷ୍ଟିରେ ଦେଖୁଥିଲେ ଓ ଲୋକ ଛନ୍ଦରେ କବିତାମାନ ଲେଖି ଲୋକମାନଙ୍କର ଶ୍ରଦ୍ଧାଭାଜନ ହେଉଥିଲେ। ତାଙ୍କ ରଚିତ 'ନିର୍ଝରିଣୀ' ର କବିତା –

ଆରେ କାଉ ମାରିବି ତୋତେ
ଉଞ୍ଚ ପରବତ ଦେଖା ମୋତେ।
ଉଞ୍ଚ ପରବତ କୁଞ୍ଚି କୁଞ୍ଚିକା
ତହିଁରେ ବସିଛି ତିନି ମଞ୍ଜିକା

(ନିର୍ଝରିଣୀ – ପୃ. ୨୫)

କିମ୍ବା

ଆସ ଆସ ପାରା ଯୋଡ଼ିକ ମୋ ପିଣ୍ଡାରେ ବସ।
ଖାଇବାକୁ ଦେବି ତୁମକୁ ମୁହିଁ ନଡ଼ିଆର ରସ।

(ନିର୍ଝରିଣୀ – ପୃ. ୫୨)

ସ୍ଥାନ ବିଶେଷରେ ପୁଚିଖେଳର ବିଭିନ୍ନ ନାମ ରହିଛି। ବାଲେଶ୍ୱରରେ ପୁଚି ଖେଳକୁ 'ପୁଚୋ ପୁଚି' ଓ ସମ୍ବଲପୁରରେ ଏହାକୁ 'ଛିଲୋଲାଇ' କହନ୍ତି।

ସହରୀ ଚାଲିଚଳଣିରେ ପୁଚିଖେଳ ସେତେଟା ପ୍ରଭାବ ପକାଇ ପାରିନଥିଲେ ହେଁ ପୁରପଲ୍ଲୀର କୁମାରୀମାନଙ୍କ ମନରେ ଏହା ବେଶ୍ ଆଦୃତ ହୋଇପାରିଛି। ଜହ୍ନ ରାତିର ମୁକ୍ତାକାଶ ତଳୁ ସେମାନଙ୍କ କଣ୍ଠରୁ ଭାସି ଆସୁଛି –

ଠିଆ ପୁଚି ନାରଙ୍ଗ, ଗୋଡ଼ ଦିଟା ସାରଙ୍ଗ
ସାରଙ୍ଗ ବାଡ଼ିକି ଯାଇଥିଲି, ନାରଙ୍ଗ ପୁଞ୍ଜିଏ ଆଣିଥିଲି।
ଅଧେ କଲି ଭଜା, ଅଧେ କଲି ରାଇ
ମୋ ଭାଇ ରାଜା, ତୋ ଭଉଣୀ ରାଣୀ
କଟକରେ ଅଛି ବଡ଼ ଭଉଣୀ ଦେଇ ପଠାଇବ ପାଣି।

**ସହାୟକ ଗ୍ରନ୍ଥ ସୂଚୀ**

୧. କୁଞ୍ଜ ବିହାରୀ ଦାଶ – ଓଡ଼ିଆ ଲୋକଗୀତ ଓ କାହାଣୀ, ପୃ. ୧୯୯

୨. ତତୈବ

୩. ଭଗବାନ ମହାନ୍ତି – ଆମ ପର୍ବପର୍ବାଣି, ପୃ. ୧୬୭

ଏ.ଏମ୍–୬, ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ
ଭୁବନେଶ୍ୱର–୨

❖ ❖ ❖

# ଓଡ଼ିଆ ଗୀତିକାବ୍ୟର ଛନ୍ଦ

କସ୍ତୁରୀ ଖଟାଇ

**ଛନ୍ଦ ଓ ଛାନ୍ଦ**

ଗୀତିକାବ୍ୟ ଓ ଛନ୍ଦ ଅବିଚ୍ଛେଦ୍ୟ ଭାବେ ଜଡ଼ିତ । ଆଳଙ୍କାରିକ ବିଶ୍ୱନାଥ ବିଶିଷ୍ଟ ଛନ୍ଦର ଲିଖିତ ପଦକୁ 'ପଦ୍ୟ' ଆଖ୍ୟାରେ ଅଭିହିତ କରିଅଛନ୍ତି । 'ଛନ୍ଦ' ଶବ୍ଦ ଶାସନ ଅର୍ଥକୁ ମଧ୍ୟ ବୁଝାଇଥାଏ । ସାଧାରଣତଃ ନିୟମ ବିଶେଷ ଦ୍ୱାରା ଅକ୍ଷର ବା ମାତ୍ରା ଆବଦ୍ଧ ହୋଇ ଗତିଶୀଳ ହେଲେ ସେହି ଶବ୍ଦ ଯୋଜନା ରୀତିକୁ 'ଛନ୍ଦ' କୁହାଯାଏ । ଅର୍ଥାତ୍ ଶବ୍ଦ ପ୍ରବାହର ଶାସନ, ସଂଯମ ବା ଶୃଙ୍ଖଳିତ ପଦ୍ଧତିକୁ ଛନ୍ଦ ନାମରେ ଅଭିହିତ କରାଯାଇଥାଏ ।

ସଂସ୍କୃତ 'ଛନ୍ଦସ୍'ରୁ ଓଡ଼ିଆ 'ଛାନ୍ଦ' ଶବ୍ଦଟି ନିଷ୍ପନ୍ନ ହୋଇଥିବା ଅନୁମେୟ । ଓଡ଼ିଆରେ 'ଛାନ୍ଦ' ଶବ୍ଦ ତିନିଗୋଟି ବିଶିଷ୍ଟ ଅର୍ଥରେ ଯଥା –(୧) ଗୀତିର ରାଗ, ରାଗିଣୀ ଓ ଏକ ରାଗିଣୀର ବନ୍ଧା ଯାଇଥିବା ଗୀତିକୁ ବୁଝାଇଥାଏ । (୨) କବି ଉପେନ୍ଦ୍ର ଭଞ୍ଜ 'ଛାନ୍ଦ' ଶବ୍ଦକୁ ଏକ କାବ୍ୟରୂପ ଭାବରେ ଗ୍ରହଣ କରି ତାହା ଚଉପଦୀ, ଚଉତିଶା, ବୋଲି ଓ ଢ଼ଗଠାରୁ ସ୍ୱତନ୍ତ୍ର ବୋଲି ଉଲ୍ଲେଖ କରିଅଛନ୍ତି । (୩) ଓଡ଼ିଆ କାବ୍ୟର ବିବିଧ ସର୍ଗ ବିବିଧ ଛନ୍ଦରେ ଲିଖିତ ହେଉଥିବାରୁ ମଧ୍ୟଯୁଗରେ 'ଛାନ୍ଦ' ଶବ୍ଦ ବ୍ୟାପକ ଅର୍ଥରେ କାବ୍ୟକୁ ମଧ୍ୟ ବୁଝାଉଥିଲା ।

**ଓଡ଼ିଆ ଛନ୍ଦର ବିଭାଜନ**

ଭାରତୀୟ ସାହିତ୍ୟର ଛନ୍ଦମାନଙ୍କୁ ସାଧାରଣତଃ ବୈଦିକ ଓ ଲୌକିକ ଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ବୈଦିକ ସାହିତ୍ୟର ଛନ୍ଦଗୁଡ଼ିକ ମୁଖ୍ୟତଃ– ଗାୟତ୍ରୀ, ଉଷ୍ଣିକ, ଅନୁଷ୍ଟୁପ, ବୃହତୀ, ପଂକ୍ତି ତିଷ୍ଟୁପ୍, ଜଗତି ପ୍ରଭୃତି ସାତ ଭାଗରେ ବିଭକ୍ତ । କାଳକ୍ରମେ ପ୍ରାକୃତ ସଂସ୍କୃତ ଓ ପ୍ରାଦେଶିକ ସାହିତ୍ୟମାନଙ୍କର ବହୁବିଧ ଲୌକିକ ଛନ୍ଦ ଉଦ୍ଭାବିତ ହୋଇଥିଲା । ଏହି ଲୌକିକ ଛନ୍ଦମାନଙ୍କୁ 'ମାତ୍ରିକ' ଓ ବର୍ଣ୍ଣିକ ଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ମାତ୍ରିକ ଛନ୍ଦରେ ଦୁଇ ଚରଣରେ ବ୍ୟବହୃତ ମାତ୍ରା ସଂଖ୍ୟାରେ ସମତା ଓ 'ବର୍ଣ୍ଣିକ' ଛନ୍ଦରେ ବର୍ଣ୍ଣ ବା ଅକ୍ଷର ସଂଖ୍ୟାର ସମତା ସମ୍ପାଦିତ ହୋଇଥାଏ ।

ଓଡ଼ିଆ ସାହିତ୍ୟରେ ମୁଖ୍ୟତଃ ବର୍ଣ୍ଣିକ ଛନ୍ଦର ବ୍ୟବହାର ଦେଖାଯାଏ । ପ୍ରାଚୀନ ଓଡ଼ିଆ ଆଖ୍ୟାନ କାବ୍ୟମାନଙ୍କରେ ପ୍ରଧାନତଃ ଅକ୍ଷରମୂଳକ ଛନ୍ଦ ନିୟୋଜିତ ହୋଇଅଛି । ଏଗୁଡ଼ିକୁ 'ଛନ୍ଦବୃତ୍ତ' ନାମରେ ଅଭିହିତ କରାଯାଇପାରେ । ମାତ୍ର ଚଉତିଶା, ଚଉପଦୀ ପ୍ରଭୃତି ଗୀତିକାବ୍ୟମାନଙ୍କରେ ବହୁ ଛାନ୍ଦ– ବୃତ୍ତ ଏବଂ ବିବିଧ ଶାସ୍ତ୍ରୀୟ ରାଗିଣୀ ବ୍ୟବହାର ଦେଖାଯାଏ । ପ୍ରାଚୀନ ଓଡ଼ିଆ ଗୀତିକାବ୍ୟରେ ବ୍ୟବହୃତ ଛନ୍ଦମାନଙ୍କୁ ମୋଟାମୋଟି ଚାରିଭାଗରେ ବିଭକ୍ତ କରାଯାଇପାରେ । ଯଥା– (କ) ଲୋକଗୀତ ଛନ୍ଦ, (ଖ)ଛାନ୍ଦ ବୃତ୍ତ, (ଗ) ସଂସ୍କୃତ– ଛନ୍ଦ, (ଘ) ଶାସ୍ତ୍ରୀୟ ସଂଗୀତର ରାଗ ।

**(କ) ଓଡ଼ିଆ ଗୀତିକାବ୍ୟରେ ଲୋକଗୀତର ଛନ୍ଦ**

ଓଡ଼ିଶାରେ ପ୍ରଚଳିତ କାନ୍ଦଣା, ଢ଼ଗଢ଼ମାଳି, ଶିଶୁ ଖେଳା ଗୀତ, ଡାକବଚନ ପ୍ରଭୃତି ଲୋକଗୀତମାନଙ୍କରେ ଓଡ଼ିଆ ଛନ୍ଦର ଆଦିମ ରୂପ ବିଦ୍ୟମାନ । ଉଚ୍ଛ୍ୱସିତ ଭାବାବେଗରୁ ଏହି ଛନ୍ଦ ସବୁ ସୃଷ୍ଟି ହୋଇଥିବା ଅନୁମେୟ । ବିକାଶ କ୍ରମରେ ଏହି ଲୋକଗୀତ ପ୍ରଚଳିତ ଛନ୍ଦମାନଙ୍କ ମଧ୍ୟରୁ କେତେକ ଛନ୍ଦ ପରିବର୍ତ୍ତିତ ହୋଇ କାବ୍ୟ ଓ କବିତା କ୍ଷେତ୍ରରେ ପ୍ରବର୍ତ୍ତିତ ହୋଇଅଛି ।

ପ୍ରାଚୀନ ଓଡ଼ିଆ ଗୀତି–କାବ୍ୟ କ୍ଷେତ୍ରରେ ପ୍ରଚଳିତ ଛନ୍ଦମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ଲୋକଗୀତ ଛନ୍ଦରୁ ଆନୀତ, ତାହା ନିର୍ଣ୍ଣୟ କରିବା କଷ୍ଟକର । ତଥାପି କେତେକ ଛାନ୍ଦବୃତ୍ତ ଲୋକ

ଗୀତର ଛନ୍ଦ ଅନୁସରଣରେ ଯେ ପ୍ରସ୍ତୁତ ହୋଇଅଛି, ଏ ବିଷୟରେ ସନ୍ଦେହର ଅବକାଶ ନାହିଁ। ଲୋକ ସାହିତ୍ୟରେ ପ୍ରଚଳିତ ଢ଼ଗ ବୃତ୍ତକୁ ଉପେନ୍ଦ୍ର ଭଞ୍ଜ ଅନୁସରଣ କରି ଚାରିଗୋଟି ଗୀତ ରଚନା କରିଅଛନ୍ତି ଓ ଏହାକୁ 'ଢ଼ଗବୃତ୍ତ' ବା ଦେଶ ଢ଼ଗବୃତ୍ତ ବୋଲି ଅଭିହିତ କରିଅଛନ୍ତି।

ଶ୍ୟାମସୁନ୍ଦର ରାଜଗୁରୁ ଦଶ ପ୍ରକାର ଓଡ଼ିଆ ଢ଼ଗବୃତ୍ତକୁ ଭାଟିଆରୀ, ଘଣ୍ଟାରବ, ତୋଡ଼ି, ଗଡ଼ମାଳିଆ, ଚିନ୍ତା ଦେଶାକ୍ଷ ବା ଚିନ୍ତାଭୈରବ, ଶୋକ ବରାଡ଼ି, ରାଜବିଜେ, ଶୋକ, କାମୋଦୀ ପ୍ରଭୃତି କେତେକ ଓଡ଼ିଆ ବିଷମ– ବୃତ୍ତ ସୃଷ୍ଟି ହୋଇଅଛି ବୋଲି ନିର୍ଦ୍ଧାରଣ କରିଅଛନ୍ତି। ଅଧିକାଂଶ ପ୍ରାଚୀନ ଓଡ଼ିଆ ଜଣାଣ, ଭଜନ ପ୍ରଭୃତି ମୁଖ୍ୟତଃ ଲୋକ ସାହିତ୍ୟ ପ୍ରଚଳିତ ଛନ୍ଦକୁ ଭିତ୍ତି କରି ରଚିତ ହୋଇଅଛି। ଏହିପରି ଭାବେ ପ୍ରାଚୀନ ଓଡ଼ିଆ ଗୀତି – କାବ୍ୟ ସହ ଲୋକ ସାହିତ୍ୟ ପ୍ରଚଳିତ ଛନ୍ଦ ଯେ ଘନିଷ୍ଠ ଭାବେ ସମ୍ପୃକ୍ତ ଏହା କହିବା ଅନାବଶ୍ୟକ।

## (ଖ) ଗୀତି କାବ୍ୟରେ ଛାନ୍ଦବୃତ୍ତ

ପ୍ରାଚୀନ ଓଡ଼ିଆ କାବ୍ୟ– ସାହିତ୍ୟରେ ପ୍ରାୟ ଶତାଧିକ ଛାନ୍ଦବୃତ୍ତର ବ୍ୟବହାର ହୋଇଅଛି। ବାମଣ୍ଡାର ରାଜା ସଚ୍ଚିଦାନନ୍ଦ ଦେବ ପଞ୍ଚଷଠି ଗୋଟି ଓଡ଼ିଆ ଛାନ୍ଦ ବୃତ୍ତର ଲକ୍ଷଣ, ଉଦାହରଣ ଓ ଯତିପାତକ୍ରମ ତାହାଙ୍କ ଅଳଙ୍କାରସାର ପୁସ୍ତକରେ ନିର୍ଦ୍ଧାରଣ କରିଥିଲେ। ଏହାପରେ ବଳଭଦ୍ର ବହିଦାର 'ଯତିପାତ' ପୁସ୍ତକରେ ଏକଶହ ସତେଇଶ ଗୋଟି ପ୍ରାଚୀନ ଓଡ଼ିଆ ଛାନ୍ଦ ବୃତ୍ତର ଉଦାହରଣ ଓ ଯତିପାତକ୍ରମେ ନିର୍ଦ୍ଧାରଣ କରିଅଛନ୍ତି।

ଏହିପରି ବହୁ ସଂଖ୍ୟକ ଛାନ୍ଦବୃତ୍ତର ବ୍ୟବହାର ଦୃଷ୍ଟିରୁ ଉତ୍ତର ଭାରତୀୟ ସାହିତ୍ୟମାନଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟର ମହତ୍ୱ ଅବଶ୍ୟ ସ୍ୱୀକାର୍ଯ୍ୟ। ପ୍ରାଚୀନ କାବ୍ୟମାନଙ୍କର ବ୍ୟବହୃତ ଏହିସବୁ ଛାନ୍ଦବୃତ୍ତ ଯେ କିପରି ସୃଷ୍ଟି ହେଲା ଓ କେଉଁ କବିମାନଙ୍କ ଦ୍ୱାରା ସୃଷ୍ଟି ହେଲା, ତାହା ନିଶ୍ଚିତ ହୋଇ ପାରିନାହିଁ। ପ୍ରାଚୀନ ଓଡ଼ିଆ ଗୀତି– କାବ୍ୟମାନଙ୍କରେ ମଧ୍ୟ ବହୁ ସଂଖ୍ୟକ ଛାନ୍ଦବୃତ୍ତର ବ୍ୟବହାର ଦେଖାଯାଏ। ଏଇ ସମ୍ପର୍କରେ ସର୍ବାଦୌ ଓଡ଼ିଆ ସାହିତ୍ୟରେ ପ୍ରାଚୀନତମ ଗୀତିକାବ୍ୟ ଚର୍ଯ୍ୟାପଦର ଛନ୍ଦ ବିଷୟ ବିଚାର୍ଯ୍ୟ। ଓଡ଼ିଆ ସାହିତ୍ୟରେ ବ୍ୟବହୃତ କେତେକ ଛନ୍ଦର ପ୍ରାଚୀନତମ ଉଲ୍ଲେଖ ଏହି ଚର୍ଯ୍ୟା ଗୀତଗୁଡ଼ିକରେ ହିଁ ଦେଖିବାକୁ ମିଳେ। ଏହି ଗୀତଗୁଡ଼ିକରେ ସଂସ୍କୃତର ଜାତି ଛନ୍ଦର ବ୍ୟବହାର ହୋଇନାହିଁ। ପରନ୍ତୁ ଚର୍ଯ୍ୟା ଗୀତରେ କେବଳ 'ବୃତ୍ତଛନ୍ଦ' ଅନୁସୃତ। ଏହି ଗୀତଗୁଡ଼ିକ ମିତ୍ରାକ୍ଷର ରୀତିରେ ଲିଖିତ ଓ ସେହି ଗୀତର ଦୁଇ ଚରଣରେ କେବଳ ଅନ୍ତ୍ୟ ବର୍ଣ୍ଣରେ ମେଳ ପରିଲକ୍ଷିତ ହୁଏ। ଏହି ଲକ୍ଷଣଗୁଡ଼ିକ ଓଡ଼ିଆ ଛାନ୍ଦବୃତ୍ତର ବୈଶିଷ୍ଟ ଓ ଏହି ଛନ୍ଦରୀତି ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କାବ୍ୟ କ୍ଷେତ୍ରରେ ଅନୁସୃତ ହେଉଥିଲା। ଚର୍ଯ୍ୟାପଦର ଅକ୍ଷର ସମତାହୀନ ପଦ୍ୟ ରଚନାର ପ୍ରଭାବ ଓ ପରିଣତି ସ୍ୱରୂପ ପରବର୍ତ୍ତୀକାଳରେ 'ଦାଣ୍ଡୀ' ବୃତ୍ତର ଉଦ୍ଭାବନ ହେବା ଅହେତୁକ ମନେ ହୁଏ ନାହିଁ। ଚର୍ଯ୍ୟାପଦରେ ଚତୁର୍ଦ୍ଦଶାକ୍ଷରୀ ଓ ତ୍ରିପଦୀ ଛନ୍ଦର ନିଦର୍ଶନ ମଧ୍ୟ ମିଳିଥାଏ। ଏହି ଚତୁର୍ଦ୍ଦଶାକ୍ଷରୀ ଛନ୍ଦ ଓଡ଼ିଆ ଛାନ୍ଦବୃତ୍ତମାନଙ୍କ ମଧ୍ୟରେ ପ୍ରାଚୀନତମ ଓ ଓଡ଼ିଆ ସାହିତ୍ୟରେ ସର୍ବାଧିକ ବ୍ୟବହୃତ ଛନ୍ଦ ଅଟେ। ସାରଳା ଯୁଗର କବିମାନଙ୍କ ରଚିତ ଛାନ୍ଦ ଓ ଚଉତିଶାରେ ବିବିଧ ଛାନ୍ଦବୃତ୍ତର ବ୍ୟବହାର ଦେଖାଯାଏ। ଏଥିରୁ ଚତୁର୍ଦ୍ଦଶ – ପଞ୍ଚଦଶ ଶତାବ୍ଦୀ ବେଳକୁ କେତେକ ଛାନ୍ଦବୃତ୍ତ ସୃଷ୍ଟି ହୋଇଥିବାର ପ୍ରମାଣ ମିଳିଥାଏ। ଷୋଡ଼ଶ ଶତାବ୍ଦୀରେ ଓଡ଼ିଆ ଭାଗବତରେ ବ୍ୟବହୃତ ନବାକ୍ଷରୀ ଛନ୍ଦ ବା ଗୁର୍ଜରୀରାଗ ସର୍ବାଧିକ ଜନପ୍ରିୟତା ଲାଭ କରିଥିଲା। ଏହା ପରିବର୍ତ୍ତନ କାଳରେ କାବ୍ୟ ଓ ଗୀତିକାବ୍ୟ କ୍ଷେତ୍ରରେ ଭାବବତ ବୃତ୍ତ ନାମରେ ପରିଚିତ। ଏତଦ୍‌ବ୍ୟତୀତ ଭକ୍ତି ଯୁଗରେ ଚତୁର୍ଦ୍ଦଶାକ୍ଷରୀ ଓ ତ୍ରିପଦୀ ଛନ୍ଦ ମଧ୍ୟ ବହୁଳ ଭାବେ ବ୍ୟବହୃତ ହୋଇଥିଲା।

ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀର କବି ଅର୍ଜୁନ ଦାସ, କାର୍ତ୍ତିକ ଦାସ, ପ୍ରତାପ ରାୟ, ବନମାଳୀ ଦାସ, ବୃନ୍ଦାବନ ଦାସ, ନରସିଂହ ସେଣ ପ୍ରଭୃତିଙ୍କ ରାମବିଭା, ରୁକ୍ମିଣୀ ବିଭା, ଶଶି ସେଣା, ଚାଟ ଇଚ୍ଛାବତୀ ରସ ବାରିଧି, ପରିମଳା ପ୍ରଭୃତି କାବ୍ୟରେ କଲ୍ୟାଣ – ଆହାରି କେଦାର କାମୋଦୀ, କୌଶିକ, ମଙ୍ଗଳ ରାମକେରୀ, ଭୈରବ– ମଙ୍ଗଳ – ଗୁର୍ଜରୀ, ବଙ୍ଗଳାଶ୍ରୀ, ବରାଡ଼ି ମାଳବ, ନଳିନୀ ଗୌଡ଼ା, ଚୋଖି ପ୍ରଭୃତି ଛାନ୍ଦ ବୃତ୍ତ ଓ ଚକ୍ରକେଳି କଳସା, ଆଷାଢ଼– ଶୁକ୍ଳ ଚଳଘଣ୍ଟ ସପନ ଚେତିଆ, ସଙ୍ଗମ ତିଆରି, ଭୂପାଳ ତଣ୍ଡେକ, କୁମୁଦବଦନୀ, ପଦ୍ମତୋଳା, ଭୀଷ୍ମେକ ମୁନିବର, ମେଢ଼ତୋଳା, ଜୟ ଦାମୋଦର, ପିଅର ଗମନ, ଯୋଗୀ ସମଜାଇଯେ ପ୍ରଭୃତି ରାଗ ଓ ବାଣୀର ବ୍ୟବହାର କରିଅଛନ୍ତି। ସପ୍ତଦଶ ଶତାବ୍ଦୀର ପ୍ରଥମ ପାଦର କବି ରଘୁନାଥ ହରିଚନ୍ଦନଙ୍କ ଅପ୍ରକାଶିତ କାଳ୍ପନିକ କାବ୍ୟ 'ଲୀଳାବତୀ' ଓ ତାହାଙ୍କ ଗୁରୁ ବିଷ୍ଣୁ ଦାସଙ୍କ କାବ୍ୟ 'ପ୍ରେମଲୋଚନା'ରେ ମଙ୍ଗଳ ଗୁର୍ଜରୀ ବିଚିତ୍ର ଦେଶକ୍ଷ, ମଙ୍ଗଳ ଧନାଶ୍ରୀ, କେଦାର ପାହାଡ଼ିଆ କେଦାର, ଆହାରି ଚୋଖି ବରାଡ଼ି ପ୍ରଭୃତି ସୁପ୍ରସିଦ୍ଧ ଛାନ୍ଦବୃତ୍ତ ଓ ବିଭିନ୍ନ ବାଣୀର ବ୍ୟବହାର ପରିଲକ୍ଷିତ

ହୁଏ। ସାରଳା ଦାସଙ୍କ ପୂର୍ବରୁ କଳସା, ଚୋଖି ରସକୋଇଲା ପ୍ରଭୃତି ଅଧିକାଂଶ ବୃତ୍ତ ଓଡ଼ିଆରେ ବ୍ୟବହୃତ ହୋଇଥିଲା ବୋଲି ଅନୁମାନ କରାଯାଇଥାଏ।

ଉପେନ୍ଦ୍ର ଭଞ୍ଜ ଯୁଗର ଛନ୍ଦ ରଚନା କ୍ଷେତ୍ରରେ ସମଧିକ ଅଗ୍ରଗତି ସାଧିତ ହୋଇଥିଲା। ଉପେନ୍ଦ୍ର ଭଞ୍ଜଙ୍କୁ ଅନ୍ୟ କୌଣସି ସାଂସାରିକ ଜଞ୍ଜାଳରେ ଜଡ଼ିତ ହେବାକୁ ପଡ଼ୁନଥିଲା ଓ ସେ କେବଳ ନିରାପଦରେ କାବ୍ୟ କବିତା ରଚନା କରି ସେଗୁଡ଼ିକୁ ଗୋଟି ପୁଅମାନଙ୍କୁ ନିର୍ଦ୍ଦୋଷ ଭାବେ ଗାଇବାକୁ ଶିକ୍ଷା ଦେବାରେ ମନୋନିବେଶ କରୁଥିବା ବିଷୟ ବିଜୟ ଚନ୍ଦ୍ର ମଜୁମଦାର ଉଲ୍ଲେଖ କରିଅଛନ୍ତି। କେଉଁ ପ୍ରମାଣ ବଳରେ ମଜୁମଦାର ମହାଶୟ ଭଞ୍ଜଙ୍କ ସମ୍ପର୍କରେ ଏପରି ଅଭିମତ ପ୍ରକାଶ କରିଅଛନ୍ତି, ତାହା ଜଣାଇ ନଥିଲେ ହେଁ ଉପେନ୍ଦ୍ର ଭଞ୍ଜ ଯେ ଓଡ଼ିଆ ସାହିତ୍ୟରେ ନାନାବିଧ ଛାନ୍ଦବୃତ୍ତ ଓ ବିଶେଷ ଭାବେ ଗାନ ଉପଯୋଗୀ ଗୀତିକାବ୍ୟର ବିବିଧ ରୂପ ନିର୍ମାଣ କରି ଯାଇଅଛନ୍ତି ଏ ବିଷୟରେ ସନ୍ଦେହର ଅବକାଶ ନାହିଁ। ଭଞ୍ଜ ସାହିତ୍ୟ ନାନାବିଧ ରାଗରାଗିଣୀର ଆକାର କହିଲେ ଚଳେ। ଏହି ସମୟକୁ ଓଡ଼ିଆ ସାହିତ୍ୟ ଅଧିକ ପରିମାଣରେ ସାଂଗୀତିକ ନିୟମାନୁଗ ହୋଇଥାଏ।

ଛାନ୍ଦବୃତ୍ତମାନଙ୍କର ସୃଷ୍ଟି ଇତିହାସ ତମସାଚ୍ଛନ୍ନ। ପ୍ରାକୃତ, ସଂସ୍କୃତ ଓ ଲୋକଗୀତ ପ୍ରଚଳିତ ଛନ୍ଦମାନଙ୍କୁ ଅବଲମ୍ବନ କରି ଅଧିକାଂଶ ଓଡ଼ିଆ ଛାନ୍ଦବୃତ୍ତ ସୃଷ୍ଟି ହୋଇଥିବା ସମ୍ଭବପର। ପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁ ତାହାଙ୍କ ଓଡ଼ିଆ ଛାନ୍ଦ ବିଷୟକ ପ୍ରବନ୍ଧରେ କିପରି ବହୁ ସଂଖ୍ୟକ ଓଡ଼ିଆ ଛାନ୍ଦବୃତ୍ତ, ପ୍ରାକୃତ ଛନ୍ଦ ଓ ଲୋକଗୀତକୁ ଉଦ୍ଭୂତ ହୋଇଅଛି, ତାହା ଆଲୋଚନା କରିଛନ୍ତି। ବିଭିନ୍ନ ଅକ୍ଷର ବିଶିଷ୍ଟ ଓଡ଼ିଆ ବୃତ୍ତ ସବୁ କେଉଁ ସଂସ୍କୃତ ଛନ୍ଦରୁ ଉତ୍ପନ୍ନ ହୋଇଅଛି, ତାହା ଲକ୍ଷ୍ମୀ ନାରାୟଣ ହରିଚନ୍ଦନ ଜଗଦ୍ଦେବ ନିର୍ଦ୍ଧାରଣ କରିଥିଲେ। ମାତ୍ର ଏହି ନିର୍ଦ୍ଧାରଣ ଉପଯୁକ୍ତ ବିଶ୍ଳେଷଣ ଓ ପ୍ରମାଣ ଦ୍ୱାରା ସମର୍ଥିତ ନହୋଇଥିବାରୁ ଏହାକୁ ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇ ନପାରେ । କେବେ କେବେ ପ୍ରାଚୀନ ସାହିତ୍ୟରେ ଛାନ୍ଦବୃତ୍ତ ସବୁ ବିଭିନ୍ନ କବିଙ୍କ ଦ୍ୱାରା ପରିବର୍ତ୍ତିତ ଓ ପରିମାର୍ଜିତ ହୋଇ ନୂତନ ଛାନ୍ଦ ସୃଷ୍ଟି ହୋଇଥିଲା, ତାହା ସ୍ୱତନ୍ତ୍ରଭାବେ ଅନୁଧ୍ୟାନଯୋଗ୍ୟ। ପ୍ରାଚୀନ ଓଡ଼ିଆ ଛାନ୍ଦ ସାହିତ୍ୟ ଗୀତ ହେବା ଉଦ୍ଦେଶ୍ୟରେ ରଚିତ ହେଉଥିଲା ଏବଂ ତାହା ପ୍ରଧାନତଃ ଗୀତ ହେଉଥିଲା। ସେଯୁଗରେ 'କବିତ୍ୱ- ରସ ଗୋକ୍ଷୀରକୁ ଗ୍ରାହକମାନେ କର୍ଣ୍ଣ ତୁଣ୍ଡରେ ପାନ କରୁଥିଲେ। ଗାୟକ ପାଲାକାରମାନେ ଛାନ୍ଦ ବୃତ୍ତରେ ଲିଖିତ ଗୀତି କାବ୍ୟମାନଙ୍କୁ ଆବୃତ୍ତି କରୁଥିଲେ। ଆବୃତ୍ତିଗୀତିରେ ଗାୟକମାନଙ୍କର ଯଥେଷ୍ଟ ସ୍ୱାଧୀନତା ଥିଲେ ହେଁ ଓଡ଼ିଆ ଛାନ୍ଦବୃତ୍ତମାନଙ୍କର ଯେ ଏକ ନିର୍ଦ୍ଧାରିତ ଗାନ ରୀତି ଏ ଦେଶରେ ପ୍ରଚଳିତ ଥିଲା, ଏହା ସୁନିଶ୍ଚିତ।

ପ୍ରାଚୀନ ଓଡ଼ିଆ କାବ୍ୟ ଓ ଗୀତିକାବ୍ୟରେ ବ୍ୟବହୃତ ହୋଇ ଥିବା ଛାନ୍ଦବୃତ୍ତମାନଙ୍କର ପ୍ରଭାବ ଏବେ ମଧ୍ୟ ସ୍ୱଳ୍ପ ମନେ ହୁଏ ନାହିଁ। ମନେହୁଏ ଯେପରି ଏହି ଛାନ୍ଦ ବୃତ୍ତମାନଙ୍କ ପ୍ରତି ହିଁ ଓଡ଼ିଆ ପ୍ରାଣରେ ଏକ ସହଜାତ ମମତା ବିଦ୍ୟମାନ। ରାଧାନାଥ, ମଧୁସୂଦନ, ଫକୀର ମୋହନ ପ୍ରଭୃତି ଆଧୁନିକ ଯୁଗର କବିମାନେ ବୈଦେଶିକ ସାହିତ୍ୟ ସମ୍ପର୍କରେ ଆସି ଓଡ଼ିଆ ଛନ୍ଦକ୍ଷେତ୍ରରେ କେତେକ ନୂତନ ଛନ୍ଦର ପ୍ରୟୋଗ ଓ କେତେକ ପରିବର୍ତ୍ତନ ସାଧନ କରିଥିଲେ ହେଁ ଓଡ଼ିଶାର ସେହି ସୁପ୍ରାଚୀନ ଛନ୍ଦବୃତ୍ତମାନ ପରିହାର କରି ପାରିନଥିଲା । ରାଧାନାଥ, ମଧୁସୂଦନ ଓ ଫକୀର ମୋହନମାନଙ୍କ ମଧ୍ୟରୁ ସରଳତମ ଛନ୍ଦ ବୃତ୍ତଗୁଡ଼ିକୁ ଆପଣାର କାବ୍ୟ କବିତାରେ ବ୍ୟବହାର କରିଅଛନ୍ତି। ଏହି ତ୍ରିସ୍ରଷ୍ଟାଙ୍କ ସାହିତ୍ୟ ସାଧନା କାଳରୁ ଓଡ଼ିଶାର ଭୌଗୋଳିକ, ରାଜନୈତିକ, ସାଂସ୍କୃତିକ ପରିସ୍ଥିତି ପରିବର୍ତ୍ତିତ ହେବାକୁ ଆରମ୍ଭ କଲା। ନୂତନ କାବ୍ୟ କବିତା ରଚିତ ହେବା ପରେ ଓ ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ଫଳରେ କାବ୍ୟଚର୍ଚ୍ଚା ଗୀତିରେ ମଧ୍ୟ କ୍ରମେ ପରିବର୍ତ୍ତନ ଦେଖାଗଲା। କାବ୍ୟ ପୂର୍ବପରି ଗୀତ ନହୋଇ ପଠିତ ହେବାରେ ପର୍ଯ୍ୟବସିତ ହେଲା। କବି ଚିନ୍ତାମଣି ମହାନ୍ତିଙ୍କ ସଂଗେ ସଂଗେ ଓଡ଼ିଆ ସାହିତ୍ୟରେ କାବ୍ୟ ଯୁଗର ଅବସାନ ହୋଇ ଗୀତି କବିତାର ଯୁଗ ପ୍ରବର୍ତ୍ତିତ ହେଲା। କାଳକ୍ରମେ ପ୍ରାଚୀନ ରାଗବାଣୀ, ବୃତ୍ତ ପ୍ରଭୃତି କବିତାରେ ବ୍ୟବହୃତ ନ ହୋଇ ନୂତନ ରୀତିର ଛନ୍ଦ ପ୍ରଚଳିତ ହେବାକୁ ଲାଗିଲା। କବିତା ଓ ସଂଗୀତ ଦୁହେଁ ଅଭିନ୍ନ ନହୋଇ ଦୁଇଟି ସ୍ୱତନ୍ତ୍ର ଓ ଭିନ୍ନ କାବ୍ୟରୂପ ଭାବରେ ପରିଗଣିତ ହେବାକୁ ଲାଗିଲେ।

ରାଧାନାଥ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କାବ୍ୟର ଦୁଇଟି ଚରଣ ମଧ୍ୟରେ କେବଳ ପ୍ରାନ୍ତ ବର୍ଣ୍ଣ ଦୁଇଟିର ମିଳନ ସାଧିତ ହେଉଥିଲା। ଦୁଇ ଚରଣରେ ଅନ୍ତ୍ୟ ବର୍ଣ୍ଣ ଓ ଉପାନ୍ତ୍ୟ ବର୍ଣ୍ଣ ଦୁଇଟିର ମିଳନ ସାଧିତ ହେଉନଥିଲା। ପ୍ରାଚୀନ ସାହିତ୍ୟରେ ସ୍ଥାନେ ସ୍ଥାନେ ଯେଉଁଠି ଦୁଇ ଚରଣର ଅନ୍ତ୍ୟ ଓ ଉପାନ୍ତ୍ୟ ବର୍ଣ୍ଣ ଦୁଇଟିର ମିଳନ ହେଉଥିଲା, ସେଠାରେ ତାହା ଅନ୍ତ୍ୟାନୁପ୍ରାସ ଭାବରେ ଗୃହୀତ ହେଉଥିଲା।

ରାମକୃଷ୍ଣ କେଳି କଲ୍ଲୋଳ କାବ୍ୟରେ ଏହି ରୀତି ଅନୁସୃତ। ରାଧାନାଥ ଓ ମଧୁସୂଦନ ଏହି ଉପଧା ମିଳନକୁ ସେମାନଙ୍କ କାବ୍ୟ କବିତାରେ ସର୍ବତ୍ର ବ୍ୟବହାର କରି ଏହି ଗୀତିକୁ ଜନପ୍ରିୟ କରିଥିଲେ। ମାତ୍ର ଏହା ଓଡ଼ିଆ କାବ୍ୟର ସ୍ୱାଭାବିକ ବା ପାରମ୍ପରିକ ରୀତି

ନଥିବାରୁ ଏବଂ ଅତ୍ୟାଧୁନିକ କବିମାନଙ୍କ ଦ୍ୱାରା ମୁକ୍ତ ଛନ୍ଦ ଓ ଗଦ୍ୟଛନ୍ଦର ପ୍ରଚଳନ ଦେଖା ଯିବାରୁ ଆଧୁନିକ ସାହିତ୍ୟରେ କ୍ରମଶଃ ଏହି ଉପଧା ବ୍ୟବହାର ଅନାବୃତ ଓ ବର୍ଜିତ ହେଉଅଛି ।

ଗାଇବା ବା ଆବୃତ୍ତି କରିବା ଦ୍ୱାରା ଛାନ୍ଦ ସାହିତ୍ୟ କିପରି ମଧୁର ଓ ରସାଭିବ୍ୟକ୍ତିର ଅନୁକୂଳ ହୋଇଥାଏ, ତାହା ବର୍ଣ୍ଣନା କରିବା କଷ୍ଟକର । ଏହା କେବଳ ଶୁଣି ଅନୁଭବ କରାଯାଇପାରେ । ପାଲାକାରମାନେ ପ୍ରାଚୀନ ଛନ୍ଦୋବଦ୍ଧ କାବ୍ୟ ଆବୃତ୍ତି କରି ସହସ୍ର, ସହସ୍ର ଶ୍ରୋତାଙ୍କୁ ବିମୋହିତ କରୁଥିବା ଦୃଶ୍ୟ ଏ ଯୁଗରେ ମଧ ବିରଳ ନୁହେଁ । ପାଲାକାରମାନେ ସାଧାରଣତଃ ବରାଡ଼ି କୌଶଳ, ନନ୍ଦିନୀ– ଗୌଡ଼ା, ଆଷାଢ଼– ଶୁକ୍ଳ ଶଙ୍କରାଭରଣ ଆହାରୀ ରାମକେରୀ ଚୋଖି, କଳହଂସ କେଦାର, ବଙ୍ଗଳାଶ୍ରୀ, କାମୋଦୀ, ଖଣ୍ଡ– କାମୋଦୀ, କୃଷ୍ଣ କାମୋଦୀ ପ୍ରଭୃତି ବୃତ୍ତ ବହୁଳ ଭାବେ ବ୍ୟବହାର କରିଥାନ୍ତି ।

ସଂସ୍କୃତ ସାଧାରଣତଃ ବୃତ୍ତ ଓ ଜାତି ଭେଦରେ ଦୁଇ ପ୍ରକାର ଛନ୍ଦ ପ୍ରଚଳିତ । ଅକ୍ଷର ଗଣନା ନିୟମରେ ଯେଉଁ ପଦ୍ୟ ରଚିତ ହୁଏ, ତାହାକୁ 'ବୃତ୍ତ' ଓ ମାତ୍ରାର ସଂଖ୍ୟାନୁସାରେ ଯେଉଁ ପଦ୍ୟ ରଚିତ ହୁଏ, ତାହାକୁ 'ଜାତି' ଛନ୍ଦ କୁହାଯାଏ । ସଂସ୍କୃତ ମାତ୍ରା ଛନ୍ଦ ଅନୁସରଣରେ ଓଡ଼ିଆରେ କେତେକ କବିତା ରଚିତ ହୋଇଥିଲେ ହେଁ ଓଡ଼ିଆ ଛନ୍ଦ ସମୂହ ମୁଖ୍ୟତଃ ଅକ୍ଷର ସଂଖ୍ୟା ଦ୍ୱାରା ନିର୍ଦ୍ଧାରିତ,ଅର୍ଥାତ ଓଡ଼ିଆ ଛାନ୍ଦସବୁ ଅକ୍ଷର ଗଣନା ଓ ତାହାର ସଜ୍ଜୀକରଣ ସମ୍ପର୍କୀୟ– ନିୟମରେ ନିବଦ୍ଧ । ଅଷ୍ଟାଦଶ ଶତକର କବି ଦୀନକୃଷ୍ଣଙ୍କ ଭାଷାରେ କହିଲେ– 'ଅକ୍ଷର ଗଣିତ ହାତରେ, ତେବେ ସେ ଲେଖିବ ପତରେ' ଏହାହିଁ ପ୍ରକୃତରେ ଓଡ଼ିଆ ଛନ୍ଦରେ ମୁଖ୍ୟତଃ ଅନୁସୃତ– ହୋଇ ଆସୁଅଛି । ଏଣୁ ଅକ୍ଷରମୂଳକ ଓଡ଼ିଆ ଛାନ୍ଦମାନଙ୍କୁ ସଂସ୍କୃତ ଛନ୍ଦ ସଂଜ୍ଞାନୁଯାୟୀ 'ବୃତ୍ତ' କହିବା ହିଁ, ସମୀଚୀନ । ଯେଉଁ ଯେଉଁ ସ୍ଥାନରେ ଜିହ୍ୱା ସ୍ୱେଚ୍ଛା ପୂର୍ବକ ବିଶ୍ରାମ ଲାଭ କରେ, ତାହାକୁ 'ଯତି' କୁହାଯାଏ । ପଦର ଆବୃତ୍ତି କାଳରେ ବିଚ୍ଛେଦ, ବିରାମ ପ୍ରଭୃତିର ନାମାନ୍ତର ହେଉଛି, ଯଦି ବୃତ୍ତମାନଙ୍କର ଆବୃତ୍ତି ଯତିପାତର ନିୟମାନୁଯାୟୀ ହେବା ବିଧେୟ । ଶବ୍ଦର ପ୍ରାନ୍ତରେ ଯତିପାତ ହେଲେ ତାହା ସୁବୋଧ ଓ ସୁଖକର ହୋଇଥାଏ । ଶବ୍ଦର ମଝିରେ ଯତିପତନ ଦୋଷାବହ ବିବେଚିତ ହୁଏ । ଯତିପାତ– ବିଧି ଓଡ଼ିଆ ଛାନ୍ଦ ବୃତ୍ତର ଏକ ବିଶିଷ୍ଟତା । ଓଡ଼ିଆ କାବ୍ୟ ଓ ଗୀତିକାବ୍ୟରେ ବ୍ୟବହୃତ ବିଭିନ୍ନ ଛାନ୍ଦ ବୃତ୍ତର ଯତିପାତ କ୍ରମ ବଳଭଦ୍ର ବହିଦାରଙ୍କ 'ଯତିପାତ' ଓ ଲେଖକର 'ଓଡ଼ିଆ ଛାନ୍ଦ ପରିଚୟ' ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି ।

ରେନୁକା ଏନ୍‌କ୍ଲେଭ୍
କନିକା ଛକ, କଟକ


## ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ:
## ଶିକ୍ଷକମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା

ଶିକ୍ଷକମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅର୍ଥ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ପ୍ରଦିପ କୁମାର ଅମାତ ଅଧକ୍ଷତା କରିଥିବା ବେଳେ ଶିକ୍ଷ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ସଂଜୟ କୁମାର ଦାସବର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଏଥି ସହିତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଅର୍ଥ) ଶ୍ରୀ ଆର୍. ବାଲକ୍ରିଷ୍ଣନ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଭୁ ପ୍ରସାଦ ରାଉତରାୟଙ୍କ ସମେତ ଅର୍ଥ ଓ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଗଣଶିକ୍ଷକମାନଙ୍କ ସମ୍ବନ୍ଧରେ ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନର ଦିଲ୍ଲୀ ଗସ୍ତରେ ଥିବାରୁ ବୈଠକରେ ଯୋଗଦେଇ ପାରିନଥିଲେ । ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପରବର୍ତ୍ତୀ ବୈଠକ ଖୁବ୍ ଶୀଘ୍ର ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଏ ସଂପର୍କରେ ସବିଶେଷ ଓ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ ବୋଲି ବୈଠକରୁ ପ୍ରକାଶ ।

# ଗାଁରେ ପୁଣି ପାଠାଗାର ପ୍ରତିଷ୍ଠା ହେଉ

ଇଂ. ଅଭୟ ସୂତାର

ଆଜିର ବିଜ୍ଞାନ ଯୁଗରେ ମଣିଷ ଉନ୍ନତିର ଚରମ ସୀମାରେ ଉପନୀତ ହେଲେ ହେଁ ତା'ର ଅନୁସନ୍ଧିତ୍ସା ପ୍ରବୃତ୍ତି ଶତଗୁଣିତ ହୋଇ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନକୁ ସୁଦୂର ପ୍ରସାରୀ କରିପାରିଅଛି । ଏକବିଂଶ ଶତାବ୍ଦୀରେ ବିଜ୍ଞାନ ଓ ସଭ୍ୟତାର ଅଗ୍ରଗତି ଅପ୍ରତିହତ ହୋଇଥିଲେ ହେଁ ଆମ ଦେଶ ଶିକ୍ଷା କ୍ଷେତ୍ରରେ ଆଶାନୁରୂପ ସାଫଲ୍ୟ ଅର୍ଜନ କରିପାରିନାହିଁ । ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ୬୭ବର୍ଷ ପରେ ଦେଶରେ ସାକ୍ଷରତାର ହାର ପାଶ୍ଚାତ୍ୟ ଦେଶମାନଙ୍କ ତୁଳନାରେ ଯଥେଷ୍ଟ କମ୍ । ସହରାଞ୍ଚଳକୁ ବାଦ୍ ଦେଲେ ଗ୍ରାମାଞ୍ଚଳର ଲୋକଙ୍କ ଉପରେ ଶିକ୍ଷାର ପ୍ରଭାବ ଅତ୍ୟନ୍ତ ନୈରାଶ୍ୟଜନକ । ଏଣୁ ଶିକ୍ଷାକୁ ସର୍ବଜନାଦୃତ କରିବାକୁ ହେଲେ ଗଣମାଧ୍ୟମଗୁଡିକର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ । ଆଜିକାଲି ଗ୍ରାମାଞ୍ଚଳରେ ଟି.ଭି., ରେଡିଓ ଓ ବିଭିନ୍ନ ସମ୍ବାଦପତ୍ରର ବ୍ୟବହାର ଦ୍ୱାରା ଏହି ଲକ୍ଷ୍ୟ କେତେକାଂଶରେ ସାଧିତ ହୋଇପାରୁଛି । ମଣିଷ ସମାଜକୁ ସଭ୍ୟ ଓ ଚେତନାଶୀଳ କରିବା ପାଇଁ ଗଣମାଧ୍ୟମଗୁଡିକ ମଧ୍ୟରୁ ପାଠାଗାରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ବହୁ ପ୍ରାଚୀନ କାଳରୁ ଏହି ପାଠାଗାରର ଭୂମିକା ଆମ ଦେଶର ପୁରପଲ୍ଲୀରେ ପ୍ରାଧାନ୍ୟ ଲାଭ କରି ଆସିଛି । ଆଜିର ଆଧୁନିକ ପାଠାଗାରଠାରୁ ତାହା ଅନ୍ୟ ରୂପରେ ହେଲେ ହେଁ ଏହା ଗ୍ରାମ୍ୟ ଜୀବନକୁ ଶୃଙ୍ଖଳିତ କରିପାରିଥିଲା । ଅତୀତରେ ଭାଗବତଗାଦି ସେକାଳର ପାଠାଗାରର କାର୍ଯ୍ୟ କରୁଥିଲା । ସନ୍ଧ୍ୟାକାଳରେ ଗ୍ରାମବାସୀମାନେ ଭାଗବତ ଗାଦି ନିକଟରେ ଏକତ୍ରିତ ହୋଇ ଶ୍ରୀଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥ ମନୋନିବେଶ ପୂର୍ବକ ଶ୍ରବଣ କରୁଥିଲେ ଏବଂ ପୁରାଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ଗୀତା ଆଦି ଗ୍ରନ୍ଥ ଆଲୋଚନା କରି ଚରିତ୍ର ଗଠନରେ ପ୍ରଧାନ ସହାୟକ ହେଉଥିଲେ । ଏହାର ପ୍ରଭାବ ଯୋଗୁଁ ଗ୍ରାମ୍ୟ ଜୀବନ କଳୁଷମୁକ୍ତ ହୋଇପାରିଥିଲା । ଗ୍ରାମବାସୀମାନଙ୍କର ସାମାଜିକ ତଥା ପାରିବାରିକ ଜୀବନ ଅତ୍ୟନ୍ତ ପବିତ୍ର ଓ ମହତପୂର୍ଣ୍ଣ ଥିଲା । ଧର୍ମଭୟ ଯୋଗୁଁ ଅନ୍ୟାୟ କାର୍ଯ୍ୟ କରିବାକୁ ଲୋକମାନେ



ସାହସ କରୁନଥିଲେ, ମାତ୍ର ପାଶ୍ଚାତ୍ୟ ଶିକ୍ଷା ଓ ଶାସନର ପ୍ରଭାବ ଯୋଗୁଁ ସମାଜର ବହୁ ପରିବର୍ତ୍ତନ ସଂଘଟିତ ହୋଇଅଛି । ଜନସାଧାରଣଙ୍କ ମନରୁ କ୍ରମଶଃ ଧର୍ମଭାବ ଦୂର ହୋଇ ଆଧୁନିକ ବିଜ୍ଞାନ ପ୍ରତି ଅନୁରାଗ ସୃଷ୍ଟି ହୋଇଅଛି । ଏଣୁ ଭାଗବତ ପାଠ ପରିବର୍ତ୍ତେ ଆଧୁନିକ ସଭ୍ୟତା ଇଲେକ୍ଟ୍ରୋନିକ୍ସ ମାଧ୍ୟମ ପ୍ରତି ଆଗ୍ରହ ସୃଷ୍ଟି କରୁଛି । ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଦେଶରେ ଦ୍ରୁତ କୃଷି ଓ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହେତୁ ଜନସାଧାରଣଙ୍କୁ ସେ ଦିଗରେ ଅଧିକ ସଚେତନ କରାଇବା ପାଇଁ ପ୍ରଚାର ପୁସ୍ତିକା ଏକ ଜରୁରୀ ଆବଶ୍ୟକତା ବୋଲି ବିବେଚନା କରାଗଲାଣି । ଦେଶରେ ଗଣତନ୍ତ୍ର ଶାସନର ପ୍ରବର୍ତ୍ତନ ଯୋଗୁଁ

ଶାସନର ବିକେନ୍ଦ୍ରୀକରଣ ହୋଇପାରିଛି । ଏଣୁ ଜନସାଧାରଣ ଶାସନ ସଂକ୍ରାନ୍ତୀୟ ସମସ୍ତ ପ୍ରକାର ଜ୍ଞାନଲାଭ ପାଇଁ ସମ୍ବାଦ ପାଠ ଓ ଆଲୋଚନା ଉପରେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି । ଏହିସବୁ କାରଣ ହେତୁ ଆଜିକାଲି ପାଠାଗାରର ଆବଶ୍ୟକତା ବିଶେଷ ଅନୁଭୂତ ହେଉଅଛି ।

ଦେଶକୁ ଉନ୍ନତ ଓ ଏହାର ନାଗରିକମାନଙ୍କୁ ସଚେତନ କରିବାକୁ ହେଲେ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଏକାନ୍ତ ଆବଶ୍ୟକ । ଗ୍ରାମାଞ୍ଚଳର ଲୋକମାନେ ଶିକ୍ଷିତ ନହେଲେ ଭାରତ ଭଳି ଏକ ବିରାଟ ଗଣତନ୍ତ୍ର ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ଆଦୌ ସମ୍ଭବପର ନୁହେଁ । ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ଏ ଦିଗରେ ଯଥେଷ୍ଟ ସହାୟକ ହେଲେ ହେଁ ଏହାର କାର୍ଯ୍ୟକାରିତା ବିଶେଷ ଉତ୍ସାହଜନକ ନୁହେଁ । ଗ୍ରାମାଞ୍ଚଳର ପ୍ରୌଢ଼ ସାକ୍ଷରମାନଙ୍କ ଲାଗି ପାଠାଗାରର ଆବଶ୍ୟକତା ବହୁତ ବେଶୀ । ଅର୍ଥନୈତିକ ଦୁର୍ଦ୍ଦଶାଗ୍ରସ୍ତ ଯୋଗୁଁ ଉଚ୍ଚ ଶିକ୍ଷାଲାଭରୁ ବଞ୍ଚିତ ବ୍ୟକ୍ତିମାନେ ପାଠାଗାର ମାଧ୍ୟମରେ ସେମାନଙ୍କର ଜ୍ଞାନ ଉପାର୍ଜନର ପଥ ସୁଗମ କରିବାର ସୁଯୋଗ ପାଇ ପାରିଥାନ୍ତି। ଦରିଦ୍ର ବ୍ୟକ୍ତିମାନେ ପାଠ୍ୟପୁସ୍ତକାଦି କ୍ରୟ କରି ଅଧ୍ୟୟନ କରିବା ସମ୍ଭବପର ନୁହେଁ । ବିଶେଷତଃ ଆଜିକାଲି ପୁସ୍ତକ, ସମ୍ବାଦପତ୍ର ଓ ପତ୍ର ପତ୍ରିକାଦିର ମୂଲ୍ୟ ବୃଦ୍ଧି ଏ ଦିଗରେ ପ୍ରଧାନ ଅନ୍ତରାୟ ସୃଷ୍ଟି କରୁଅଛି । ଜନସାଧାରଣଙ୍କୁ କୃଷି, ଶିଳ୍ପ ଓ ସ୍ୱାସ୍ଥ୍ୟ ଆଦି ବିଷୟରେ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରିବା ପାଇଁ ସରକାରଙ୍କ ତରଫରୁ ନାନାବିଧ ପୁସ୍ତକ ଓ ପ୍ରଚାରପତ୍ର ପ୍ରକାଶିତ ହେଉଅଛି । ପାଠାଗାରମାନଙ୍କରେ ଏହି ପୁସ୍ତକଗୁଡିକ ରଖାଗଲେ ଜନସାଧାରଣ ସେଗୁଡିକ ଅଧ୍ୟୟନ କରି ନୂତନ ଜ୍ଞାନଲାଭ କରିବା ସଙ୍ଗେ ସଙ୍ଗେ ଆଧୁନିକ ପଦ୍ଧତି ସହ ଖାପ ଖୁଆଇ ଚଳି ପାରିବେ ।

ପାଠାଗାର ଏକ ସାର୍ବଜନୀନ ଶିକ୍ଷା କ୍ଷେତ୍ର, ଏହା ସର୍ବବାଦୀ ସମ୍ମତ । ପ୍ରତ୍ୟେକ ବ୍ୟକ୍ତି ନିଜର ସୁବିଧାନୁଯାୟୀ ଏହାର ଅଧ୍ୟୟନ କରିବାର ସୁଯୋଗ ପାଇପାରିଥାନ୍ତି । ସମାଜକୁ ଉନ୍ନତ ଓ ନାଗରିକମାନଙ୍କୁ ସଚେତନ କରିବା ଦିଗରେ ଅନ୍ୟାନ୍ୟ ଗଣମାଧ୍ୟମ ପରି ପାଠାଗାରର ଭୂମିକା କୌଣସି ଗୁଣରେ ନ୍ୟୂନ ନୁହେଁ । ସମାଜରେ ଆବାଳବୃଦ୍ଧବନିତା ଏହାଦ୍ୱାରା ନାନାପ୍ରକାର ଉପକୃତ ହୋଇଥାନ୍ତି । ଗଳ୍ପ, ସାହିତ୍ୟ, ଉପନ୍ୟାସ, ନାଟକ, ଶିଶୁ ସାହିତ୍ୟ ଓ ମହାପୁରୁଷମାନଙ୍କର ଜୀବନୀ ତଥା ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ସନ୍ନିବେଶିତ ପୁସ୍ତକଗୁଡିକରୁ ବହୁ ଶିକ୍ଷଣୀୟ ବିଷୟ ପାଠ କରି ଜନସାଧାରଣ ବିଶେଷ ଉପକୃତ ହୋଇଥାନ୍ତି । ମହାପୁରୁଷମାନଙ୍କର ଜୀବନାଦର୍ଶ ଆମ୍ଭମାନଙ୍କର ସର୍ବଥା ଅନୁକରଣୀୟ । ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ପନ୍ଥା ସମାଜକୁ ଧ୍ୱଂସ ମୁଖରୁ ରକ୍ଷା କରିବାର ଏକମାତ୍ର ସହାୟକ ରୂପେ କାର୍ଯ୍ୟ କରିଥାଏ । ସେହିପରି ସାହିତ୍ୟ, ଇତିହାସ ଓ ଉପନ୍ୟାସ ଆଦି ପୁସ୍ତକ ଅତୀତ ଓ ବର୍ତ୍ତମାନ ସମାଜର ପ୍ରତିଛବି ବହନ କରିଥାଏ । ଏହିସବୁ ପୁସ୍ତକ ଅଧ୍ୟୟନ ଦ୍ୱାରା ଜନସାଧାରଣ ସେମାନଙ୍କର ସାମାଜିକ ତଥା ନୈତିକ ମାନ ବୃଦ୍ଧି କରିବାକୁ ପ୍ରେରଣା ପାଆନ୍ତି ।

ଆଜିର ଦୁନିଆରେ ଆଧୁନିକ ବିଜ୍ଞାନର ପ୍ରଭାବ ଜୀବନର ସବୁକ୍ଷେତ୍ରରେ ଅନୁଭୂତ ହେଉଅଛି । ବିଜ୍ଞାନର ଅଚିନ୍ତନୀୟ ଆବିଷ୍କାର ଓ ଉଦ୍ଭାବନ ଜଗତବାସୀଙ୍କୁ ଚମତ୍କୃତ କରାଇପାରିଛି । ଏଣୁ ଏହି ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକାଦି ଅଧ୍ୟୟନ କରିବାର ସୁଯୋଗ ପାଠାଗାରରୁ ହିଁ ମିଳିଥାଏ । କୃଷକମାନେ କୃଷିର ବିକାଶ ଓ ଆଧୁନିକୀକରଣ ନିମନ୍ତେ ପାଠାଗାରରୁ ଉପାଦେୟ ପୁସ୍ତକମାନ ଅଧ୍ୟୟନ କରି ଯଥେଷ୍ଟ ଲାଭବାନ୍ ହୋଇପାରିବେ । ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନେ ପାଠାଗାର ଦ୍ୱାରା ବିଶେଷ ଉପକୃତ ହୋଇଥାନ୍ତି । ସେମାନେ ପାଠାଗାରରେ ଥିବା ବିଭିନ୍ନ ପୁସ୍ତକକୁ ଅଧ୍ୟୟନ କରି ଜୀବନ କ୍ଷେତ୍ରରେ ଯଥେଷ୍ଟ ସାଫଲ୍ୟ ହାସଲ କରିବା ପାଇଁ ସୁବର୍ଣ୍ଣ ସୁଯୋଗ ଲାଭ କରିଥାନ୍ତି। ପାଠାଗାର ଅଧ୍ୟୟନ, ଆଲୋଚନା ଓ ସମାଲୋଚନାର ପ୍ରକୃଷ୍ଟ କ୍ଷେତ୍ର ହୋଇଥିବା ହେତୁ ସମାଜର ସବୁ ଶ୍ରେଣୀର ଲୋକ ତହିଁରେ ସକ୍ରିୟ ଅଂଶଗ୍ରହଣ କରିବା ଉଚିତ୍ ।

ସମାଜର ସାମୂହିକ କଲ୍ୟାଣ ନିମନ୍ତେ ଏହା ଉଦ୍ଦିଷ୍ଟ ହୋଇଥିବା ହେତୁ ଏ ପବିତ୍ର ଅନୁଷ୍ଠାନଟି ହୀନ ରାଜନୈତିକ ବାଦ ବିବାଦରୁ ସମ୍ପୂର୍ଣ୍ଣ ମୁକ୍ତ ରହିବା ଏକାନ୍ତ ବାଞ୍ଛନୀୟ । ପାଠାଗାରର ସୁରକ୍ଷା ଓ ଉତ୍ତରୋତ୍ତର ଉନ୍ନତି ପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତି ସଚେଷ୍ଟ ହେବା ସର୍ବାଦୌ କର୍ତ୍ତବ୍ୟ । ଏହା ସମାଜକୁ ପ୍ରତ୍ୟକ୍ଷ ତଥା ପରୋକ୍ଷଭାବେ ଯେପରି ଉନ୍ନତ କରିବାରେ ସହାୟକ ହୋଇଥାଏ, ସେହିପରି ସମାଜ ମଧ୍ୟ ପାଠାଗାରର ଶ୍ରୀବୃଦ୍ଧି ସାଧନ ନିମନ୍ତେ ସବୁ ପ୍ରକାର ଉଦ୍ୟମ କରିବା ଉଚିତ୍ । ପାଠାଗାର ପ୍ରାଚୀନ ତଥା କଳା, ଆଧୁନିକ ସାହିତ୍ୟ ଓ ସଂସ୍କୃତିର ବାହକ । ସାହିତ୍ୟ ଯେପରି ସମାଜର ପ୍ରତିଛବି ନିଜ ଦେହରେ ବହନ କରିଥାଏ, ସେହିପରି ପାଠାଗାର ସାହିତ୍ୟର ଆଲୋଚନା ପାଇଁ ପ୍ରକୃଷ୍ଟ କ୍ଷେତ୍ର ସୃଷ୍ଟି କରିଥାଏ ।

ସମାଜର ଉନ୍ନତି ସାଧନ ପାଇଁ ପୁରୁଷମାନଙ୍କ ପରି ନାରୀମାନଙ୍କର ଭୂମିକା ମଧ୍ୟ ଏକାନ୍ତ କାମ୍ୟ । ଯେଉଁ ସମାଜ

ନାରୀମାନଙ୍କୁ ପୁରୁଷମାନଙ୍କ ପରି ସମାନ ସୁବିଧା ସୁଯୋଗ ଦେବାରୁ ବଞ୍ଚିତ କରିଛି, ସେ ସମାଜକୁ ସଭ୍ୟ ସମାଜ ବୋଲି କେବେହେଲେ ଆଖ୍ୟା ଦିଆଯାଇ ନପାରେ । ଗ୍ରାମାଞ୍ଚଳର ନାରୀ ସମାଜକୁ ଆଗେଇ ନେବାକୁ ହେଲେ ସେମାନଙ୍କୁ ପାଠାଗାରରୁ ସୁଯୋଗ ଦିଆଯିବା ଦରକାର । ଅତୀତର ସାମାଜିକ କୁସଂସ୍କାର ହେତୁ ଏହି ନାରୀମାନେ ଅଶିକ୍ଷିତ ଥିଲେ । ଏବେ ଦେଶରେ ନାରୀ ଶିକ୍ଷାର ପ୍ରସାର ହେତୁ ସେମାନେ ବହୁ ସଂଖ୍ୟାରେ ଶିକ୍ଷାର ସୁଯୋଗ ଲାଭ କରି ସୁଶିକ୍ଷିତା ହେଲେଣି । ଏହି ଶିକ୍ଷିତା ନାରୀମାନେ ପୁସ୍ତକ ଅଧ୍ୟୟନ ପାଇଁ ଯଥେଷ୍ଟ ଆଗ୍ରହ ପ୍ରକାଶ କଲେଣି, ମାତ୍ର ଉପଯୁକ୍ତ ପାଠାଗାରର ଅଭାବ ହେତୁ ଏମାନେ ବହିପତ୍ର ପାଇ ପାରନ୍ତି ନାହିଁ । ଏଣୁ ନାରୀ ସମାଜକୁ ଜାଗ୍ରତ ଓ ଚେତନଶୀଳ କରିବା ପାଇଁ ପାଠାଗାରର ଆବଶ୍ୟକତା ବହୁତ ବେଶୀ । ଆଜିକାଲି ଦେଶର ଚାରିଆଡେ ନାରୀ ଜାତିର ଉନ୍ନତି ପାଇଁ ସରକାର ମାତୃ ମଙ୍ଗଳ କେନ୍ଦ୍ର ଓ ମହିଳା ସମିତି ବିଭିନ୍ନ ଜନହିତକର ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ଉତ୍ସାହିତ କରୁଛନ୍ତି । ଏସବୁ ସତ୍ତ୍ୱେ ନାରୀମାନଙ୍କର ଶିକ୍ଷାର ବିକାଶ ପାଇଁ ପାଠାଗାର ଏକାନ୍ତ ଅପରିହାର୍ଯ୍ୟ । ଏକ ଆଦର୍ଶ ପାଠାଗାର ପ୍ରତିଷ୍ଠା ପାଇଁ କେତେକ ବିଷୟ ପ୍ରତି ବିଶେଷ ଧ୍ୟାନ ଦେବା ଏକାନ୍ତ ବାଞ୍ଛନୀୟ । ପାଠାଗାରରେ ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ରୁଚି ଅନୁଯାୟୀ ପୁସ୍ତକ ନିର୍ବାଚନ କରିବା ବିଶେଷ ଗୁରୁତ୍ୱପୂର୍ଣ୍ଣ । ପାଠାଗାରର ରକ୍ଷଣାବେକ୍ଷଣ ପାଇଁ ଏକ ପକ୍କା ଗୃହ ଓ ପାଠକମାନଙ୍କର ଅଧ୍ୟୟନ ପାଇଁ ଏକ ପଢ଼ିବା କୋଠରୀ ରହିବା ଦରକାର । ପଢ଼ାପଢ଼ି ସୁବିଧା ନିମିତ୍ତ ଗୃହ ମଧ୍ୟରେ ଆବଶ୍ୟକ ପରିମାଣ ଆସବାବପତ୍ର ଇତ୍ୟାଦି ରହିବା ଉଚିତ୍ । ଏହାର ସୁପରିଚାଳନା ନିମିତ୍ତ କର୍ମଚାରୀ ନିଯୁକ୍ତି ଓ ନିୟମାବଳୀ ପ୍ରଣୟନ ହେବା ଦରକାର ।

ଆମ ଦେଶ ଭାରତ ଶିକ୍ଷା କ୍ଷେତ୍ରରେ ଏକ ଅନଗ୍ରସର ରାଷ୍ଟ୍ର । ଏଣୁ ଦେଶରେ ହାରାହାରି ସାକ୍ଷର ସଂଖ୍ୟା ଅନ୍ୟ ପାଶ୍ଚାତ୍ୟ ଦେଶ ତୁଳନାରେ ଯଥେଷ୍ଟ କମ୍ । ବିଶେଷତଃ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଏହି ଶିକ୍ଷାର ହାର ଆଶାତୀତ ଭାବେ କମ୍ । ଏହି କାରଣ ହେତୁ ଆମ ଦେଶର ପାଠାଗାର ବିଶେଷ ଲୋକପ୍ରିୟତା ଅର୍ଜନ କରିପାରିନାହିଁ । ସର୍ବସାଧାରଣଙ୍କ ନିମିତ୍ତ ଉଦ୍ଦିଷ୍ଟ ପାଠାଗାର ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କର ଆନ୍ତରିକ ଉଦ୍ୟମ ରହିବା ଦରକାର । ଏଥିପାଇଁ ଅର୍ଥ ଏକାନ୍ତ ପ୍ରୟୋଜନ । ସମାଜର ପ୍ରତ୍ୟେକ ସ୍ୱେଚ୍ଛାକୃତ ଭାବେ ଏହି ମହତ ସାର୍ବଜନୀନ ଶିକ୍ଷାନୁଷ୍ଠାନ ପାଇଁ ଅର୍ଥଦାନ କରିବା ଉଚିତ ।

ଦ୍ୱିତୀୟରେ, ପାଠାଗାରର ଉପାଦେୟତା ସମ୍ବନ୍ଧେ ଗାଁ ଗହଳର ଲୋକମାନେ ବିଶେଷଭାବେ ସଚେତନ ହେବା ଉଚିତ୍ । ଗଣଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ତରଫରୁ ପ୍ରଚାରପତ୍ର ଓ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଦରକାର । ତା' ନହେଲେ ଗରିବ ଲୋକମାନେ ବିପୁଳ ଅର୍ଥ ବ୍ୟୟ କରି ପାଠାଗାର ପ୍ରତିଷ୍ଠା ପାଇଁ ସକ୍ଷମ ହୋଇପାରିବେ ନାହିଁ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ସମାନ ସୁଯୋଗ ଓ ଅଧିକାର ଲାଭ କରିବା ଉଚିତ୍ । ଆଗ୍ରହୀ ପାଠକମାନଙ୍କର ଜ୍ଞାନ ଲିପ୍‌ସା ଚରିତାର୍ଥ କରିବା ପାଇଁ ଆଦର୍ଶ ପୁସ୍ତକ ରଖିଯିବା ଏକାନ୍ତ ଜରୁରୀ ।

ପାଠାଗାର ସମାଜର ନାନା ଉପକାର ସାଧନ କରିଥାଏ । ଏହା ଏକ ଜ୍ଞାନର ଭଣ୍ଡାର ହୋଇଥିବା ହେତୁ ପ୍ରତ୍ୟେକ ବ୍ୟକ୍ତି ନିଜର ଜ୍ଞାନ ଲିପ୍ସା ଚରିତାର୍ଥ କରାଇଥାନ୍ତି । ଲୋକମାନଙ୍କର ଅର୍ଥନୈତିକ, ରାଜନୈତିକ ଓ ବୈଜ୍ଞାନିକ ଚିନ୍ତାଧାରାକୁ ସୁଦୂର ପ୍ରସାରୀ କରିବାରେ ସାହାଯ୍ୟ କରେ । ମହାପୁରୁଷମାନଙ୍କର ଜୀବନୀ, ଦେଶ ବିଦେଶର ବିଭିନ୍ନ କାହାଣୀ ତଥା ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧେ ଅନୁଶୀଳନ କରି ଲୋକଙ୍କର ସଂକୀର୍ଣ୍ଣ ଚିନ୍ତାଧାରା ଓ କୁସଂସ୍କାର ମନୋଭାବ ଦୂରୀଭୂତ ହୁଏ । ପାଠାଗାର ଏକ ସାମାଜିକ ଅନୁଷ୍ଠାନ ହୋଇଥିବା ହେତୁ ଏହା ଲୋକମାନଙ୍କ ମନରେ ଐକ୍ୟ, ସଂହତି ଓ ଭ୍ରାତୃଭାବ ଜାଗ୍ରତ କରାଏ ।

ଏସବୁ ଦୃଷ୍ଟିରୁ ବିଚାର କଲେ ପାଠାଗାର ସମାଜର ସର୍ବବିଧ ଉନ୍ନତି ସାଧନ କରିବା ସଙ୍ଗେ ସଙ୍ଗେ ଆମ ଦେଶ ଓ ଜାତିର ଶିକ୍ଷା, ସଭ୍ୟତା ଓ ସଂସ୍କୃତିକୁ ପ୍ରତ୍ୟକ୍ଷ ତଥା ପରୋକ୍ଷଭାବେ ମହାନ କରି ଗଢ଼ି ତୋଳେ ।

ସଭାପତି (କାର୍ଯ୍ୟକାରୀ)
ଜିଲ୍ଲା ଲେଖକ ସାମ୍ମୁଖ୍ୟ, ଭଦ୍ରକ

❖ ❖ ❖

# ଉନ୍ନତ ପ୍ରଣାଳୀରେ ଚିନାବାଦାମ ଚାଷ

ଡକ୍ଟର ଦେବୀ ପ୍ରସନ୍ନ ଖୁଣ୍ଟିଆ
ଡକ୍ଟର ନିରାକାର ରଣସିଂହ

ଚିନାବାଦାମ ଏକ ଡାଲି ଜାତୀୟ ଫସଲ କିନ୍ତୁ ଏଥିରେ ତେଲ ଭାଗ ଅଧିକା ଥିବାରୁ ଏହାକୁ ଏକ ତୈଳବୀଜ ଫସଲ ବୋଲି କୁହାଯାଏ । ଏଥିରେ ୪୪–୫୦% ତେଲ ଓ ୨୬–୨୮% ପୁଷ୍ଟିସାର ଥାଏ । ଚିନାବାଦାମରେ ତେଲର



ପରିମାଣ ବ୍ୟବହୃତ ହେଉଥିବା କିସମ ଓ ତା'ର ଚାଷ ପଦ୍ଧତି ଉପରେ ନିର୍ଭର କରେ । ଚୀନ୍, ଭାରତ, ଆମେରିକା, ନାଇଜେରିଆ, ଇଣ୍ଡୋନେସିଆ, ମିଆଁମାର, ସୁଦାନ, ସେନେଗାଲ, ଆର୍ଜେଣ୍ଟିନା, ଭିଏତନାମ୍ ଆଦି ଦେଶରେ ବହୁଳ ଭାବରେ ଚାଷ କରାଯାଏ । ଆମ ଦେଶରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, ଗୁଜୁରାଟ ଏବଂ ଓଡିଶା ଇତ୍ୟାଦି ରାଜ୍ୟରେ ଚିନାବାଦାମ ଚାଷ କରାଯାଏ । ଆମ ରାଜ୍ୟରେ ୨୦୧୪–୧୫ ଖରିଫ ଋତୁରେ ୯୧,୭୭୦ ହେକ୍ଟର, ରବି ଓ ଗ୍ରୀଷ୍ମ ଋତୁରେ ୨,୨୦,୦୦୦ ହେକ୍ଟର ଚାଷ ଜମିରେ ଚିନାବାଦାମ ଚାଷର ଯୋଜନା କରାଯାଇଛି । ମୋଟ ତୈଳବୀଜ ଫସଲର ୩୫ ପ୍ରତିଶତ ଜମିରେ ଏବଂ ମୋଟ ଚାଷ ଜମିରେ ୪ ପ୍ରତିଶତ ଜମିରେ ଚିନାବାଦାମ କରାଯାଏ । ଚାଷ ଜମିରେ ବାରମ୍ବାର ଚାଷ ଫଳରେ ଚିନାବାଦାମର ହେକ୍ଟର ପିଛା ଅମଳ ହାର ଦିନକୁ ଦିନ କମିବାରେ ଲାଗିଛି । ଚିନାବାଦାମ ଚାଷରୁ ଅଧିକ ଅମଳ ଓ ଲାଭ ପାଇବାକୁ ହେଲେ ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀରେ ଚାଷ କରିବାକୁ ହେବ ।

### ଉନ୍ନତ ବିହନ କିସମ

ବ୍ୟବସାୟିକ ଭିତ୍ତିରେ ଚିନାବାଦାମ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରିବା ଉଚିତ୍ । ଆମ ରାଜ୍ୟରେ ଏ ପ୍ରକାର ବିହନ ସରକାର ଦୁଇଟି ସଂସ୍ଥା, ଯଥା – ଓଡିଶା ବିହନ ନିଗମ ଏବଂ ଓଡିଶା କୃଷି ଓ ଶିଳ୍ପ ନିଗମ ମାଧ୍ୟମରେ ଯୋଗାଇ ଦେଉଛନ୍ତି । ଆମ ରାଜ୍ୟ ପାଇଁ ଉପଯୁକ୍ତ କେତେକ ଅଧିକ ଅମଳକ୍ଷମ ଉନ୍ନତ କିସମ ବିହନଗୁଡିକ ନିମ୍ନରେ ପ୍ରଦାନ କରାଗଲା ।

### ଜଳବାୟୁ ଓ ମୃତ୍ତିକା

ଚିନାବାଦାମ ଉଷ୍ମ ଜଳବାୟୁରେ ଭଲ ହୁଏ । କିନ୍ତୁ ଏହା ସମୁଦ୍ର ପତନଠାରୁ ୨୦୦୦ ମିଟର ଉଚ୍ଚ ପର୍ଯ୍ୟନ୍ତ ଚାଷ କରାଯାଇପାରେ । ଏହି ବୃଷ୍ଟିପୁଷ୍ଟ ଓ ଜଳସେଚିତ ଅଞ୍ଚଳରେ ଉଭୟ ଖରିଫ ଓ ରବି ଋତୁରେ ଚାଷ କରାଯାଏ । ଚିନାବାଦାମ ଚାଷ ପାଇଁ ଆମ ରାଜ୍ୟରେ ମୃତ୍ତିକା ଓ ଜଳବାୟୁ ଅନୁକୂଳ ଅଟେ । ଏହି ଫସଲ ଉଭୟ ଖରିଫ ରବି ଓ ଗ୍ରୀଷ୍ମ ଋତୁରେ ଚାଷ

କରାଯାଇଥାଏ । ହାଲୁକା ବାଲିଆ ଦୋରସା ମାଟି, ନଈ ପଠାରେ ଥିବା ଦୋରସା ପଟୁ ମାଟିରେ ଏହି ଫସଲ ଭଲ ହୁଏ । କାଦୁଆ ଚିକିଟା, ଅମ୍ଳୀୟ ବା ଲୁଣିମାଟିରେ ଚିନାବାଦାମ ଫସଲ ଭଲ ହୁଏ ନାହିଁ ଏବଂ ଗଛର ଫୁଲର ଓହଳ ମାଟିରେ ସହଜରେ ପଶିପାରେ ନାହିଁ । ଫଳରେ ଠିକ ଭାବେ ବୃଦ୍ଧି ମଧ୍ୟ ହୁଏ ନାହିଁ । ଜମିରେ ଜଳ ନଜମିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଉଚିତ ।

### ବୁଣିବା ସମୟ ଓ ପରିମାଣ

ଖରିଫ ଋତୁରେ ଜୁନ୍ ମାସରୁ ଜୁଲାଇର ପ୍ରଥମ ସପ୍ତାହ, ରବି ଋତୁରେ ଅକ୍ଟୋବରରୁ ନଭେମ୍ବର ଓ ଖରାଦିନେ ଜାନୁଆରୀରୁ ଫେବୃଆରୀ ମାସ ମଧ୍ୟରେ ବୁଣନ୍ତୁ । ଖରିଫ ଋତୁ ପାଇଁ ୧୦୦ କି.ଗ୍ରା, ରବି ଓ ଖରାଦିନିଆ ଚାଷ ପାଇଁ ୧୨୫ କି.ଗ୍ରା. ହିସାବରେ ଚୋପାଛଡା ବିହନ ଆବଶ୍ୟକ । ଚିନାବାଦାମ ବିହନ ଲଗାଇବାର ୭ଦିନ ପୂର୍ବରୁ ପ୍ରତି କି.ଗ୍ରା ମଞ୍ଜି ପାଇଁ ୩ ଗ୍ରାମ ଥିରାମ କିମ୍ବା ୨ଗ୍ରାମ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଅଧିକ ଅମଳ ପାଇବା ପାଇଁ ରାଇଜୋବିୟମ କଲଚର ପ୍ରତି କି.ଗ୍ରା ବିହନରେ ୨୦ଗ୍ରାମ ଓ ଆମୋନିୟମ ମଲିବଡେଟ ୦.୩ ଗ୍ରାମ ମିଶାଇ ବୁଣନ୍ତୁ ।

### ଜମି ପ୍ରସ୍ତୁତି

ଜମିକୁ ୨–୩ ଓଡ ଚାଷ କରି ମଇଦେଇ ସମତୁଲ କରନ୍ତୁ । ମାଟି ଭଲ ଭାବରେ ଗୁଣ୍ଡ ହେଲେ ବିହନ ସହଜରେ ଗଜା ହୁଏ । ରବି ଓ ଖରାଦିନରେ ଜଳସେଚନ ସୁବିଧା ନେଇ ଚାଷ କରି ଉପଯୁକ୍ତ ପାଗରେ ବିହନ ବୁଣିବା ଦରକାର । ଖରିଫ ଋତୁରେ ଖରାଟିଆ ବର୍ଷାର ସଦୁପଯୋଗ କରି ଚିନାବାଦାମ ଲଗାଇ ପାରିଲେ ଭଲ । ଚିନାବାଦାମ ଲଗାଇବା ପାଇଁ ଜମିକୁ ତିନି ପ୍ରକାରର ପ୍ରସ୍ତୁତି କରାଯାଇପାରିବ ।

କ. ସମତଳ ସଜ୍ୟା
ଖ. ହୁଡା ଓ ସିଆର କରି
ଗ. ଉଚ୍ଚ ସଜ୍ୟା ଓ ସିଆର କରି

| କିସମର ନାମ | ଗଛର ଆକୃତି | ଅମଳ ସମୟ (ଦିନରେ) | ହେକ୍ଟର ପ୍ରତି ଅମଳ (କ୍ୱିଣ୍ଟାଲ) | ବାଦାମରେ ମଞ୍ଜି ଅଂଶ (%) | ତେଲ (%) | ବିଶେଷ ଗୁଣାବଳୀ |
|---|---|---|---|---|---|---|
| ଆଇ.ସି.ଜି.ଭି.– ୯୧୧୧୪ (ଦେବୀ) | ଗୁଚ୍ଛ | ୯୦ (ଖରିଫ)<br>୯୫ (ରବି / ଖରାଦିନ) | ୧୦–୧୫ (ଖରିଫ)<br>୧୦–୧୫ (ଖରାଦିନ) | ୭୫ % | ୪୮% | ସହଳ କିସମ ଓ ଥ୍ରିପସ୍ ସହଣୀ |
| ଟି.ଏ.ଜି –୨୪ | ଗୁଚ୍ଛ | ୧୦୦ (ଖରିଫ)<br>୧୧୦ (ରବି / ଖରାଦିନ) | ୮–୧୦ (ଖରିଫ)<br>୨୦–୨୫ (ରବି/ଖରାଦିନ) | ୭୦% | ୫୧% | ସହଳ କିସମ, ମୁକୁଳ ପୋଡା ଓ ଟିକା ରୋଗ ମରୁଡି ସହଣୀ ଶକ୍ତି ଅଛି |
| ଟି.ଜି –୩୭ଏ | ଅର୍ଦ୍ଧ ଲୋଟଣୀ | ୧୧୦–୧୨୦ (ରବି / ଖରାଦିନ) | ୨୫–୩୦(ରବି/ଖରାଦିନ) | ୭୫% | ୪୯% | ପତ୍ର ଗାଢ ସବୁଜ ଓ ଛୋଟ |
| ଟି.ଜି –୩୮ବି | ଗୁଚ୍ଛ | ୧୧୦– ୧୧୫ (ରବି / ଖରାଦିନ) | ୨୫–୩୦(ରବି/ଖରାଦିନ) | ୭୦% | ୫୦% | ଫଳ ସାଉଁଳିଆ କାଣ୍ଡ ସଢା ରୋଗ ପ୍ରତିରୋଧକ ଶକ୍ତି ଅଛି |
| କାଦିରି –୬ | ଗୁଚ୍ଛ | ୯୫ (ଖରିଫ)<br>୧୦୫ (ରବି /ଖରାଦିନ) | ୨୫–୩୦(ରବି/ଖରାଦିନ) | ୭୨% | ୫୨% | ମରୁଡ଼ି ସହଣୀ ଶକ୍ତି ଅଛି |
| କାଦିରି –୯ | ଗୁଚ୍ଛ | ୧୦୫ –୧୧୦ (ଖରିଫ)<br>୧୧୦ – ୧୨୦ (ରବି/ଖରାଦିନ) | ୧୦–୧୫ (ଖରିଫ)<br>୨୫–୩୦(ରବି/ଖରାଦିନ) | ୭୦% | ୫୧% | ମରୁଡ଼ି ସହଣୀ ଶକ୍ତି ଅଛି |
| ଟିପିଜି–୪୧ | ଅର୍ଦ୍ଧଲୋଟଣୀ | ୧୧୦ (ରବି/ଖରାଦିନ) | ୨୫–୩୦ (ରବି/ଖରାଦିନ) | ୭୨% | ୫୧% | ମରୁଡ଼ି ସହଣୀ ଶକ୍ତି ଅଛି |

ଉପରୋକ୍ତ ଉପାୟମାନଙ୍କ ମଧ୍ୟରୁ ଉଚ୍ଚ ସଜ୍ଜ୍ୟା ଓ ସିଆର ଉପାୟରେ ଜମି ପ୍ରସ୍ତୁତି କରି ଚିନାବାଦାମ ବିହନ ଲଗାଇଲେ ଅମଳ ଅଧିକ ଆସିଥାଏ । କାରଣ ଏପରି ଉପାୟରେ ଜଳ ନିଷ୍କାସନ ଭଲ ହୁଏ, ଅନ୍ତଃଚାଷ, ଜଳସେଚନ ଇତ୍ୟାଦି ସୁବିଧା ହୋଇଥାଏ ।

### ବିହନ ଲଗାଇବା ପଦ୍ଧତି

ଗୁଚ୍ଛ ବା ସିଧା ବଢୁଥିବା କିସମଗୁଡିକୁ ଧାଡିକୁ ଧାଡି ୩୦ସେ.ମି. ଓ ଗଛକୁ ଗଛ ୧୦ ସେ.ମି ବ୍ୟବଧାନରେ ଲଗାଇବା ଉଚିତ । ସେହିପରି ଲୋଟଣି ଓ ଅର୍ଦ୍ଧଲୋଟଣୀ କିସମଗୁଡିକ ଧାଡିକୁ ଧାଡି ୪୫ ସେ.ମି ଓ ଗଛକୁ ଗଛ ୧୫ସେ.ମି ବ୍ୟବଧାନରେ ଲଗାଇବା ଆବଶ୍ୟକ ।

### ଖତ ଓ ସାର

ମାଟି ପରୀକ୍ଷା କରି ଆବଶ୍ୟକ ଅନୁସାରେ ଖତସାର ପ୍ରୟୋଗ କରନ୍ତୁ । ମାଟି ପରୀକ୍ଷା ନ କରିଥିଲେ ସାଧାରଣ ଅନୁମୋଦିତ ପରିମାଣରେ ଖତ ଓ ସାରଦେବା ଦରକାର । ଶେଷଥର ହଳ ସମୟରେ ହେକ୍ଟର ପ୍ରତି ୨୫ କ୍ୱିଣ୍ଟାଲ ସଢା ଗୋବର ବା କମ୍ପୋଷ୍ଟ ଖତ ବ୍ୟବହାର କରନ୍ତୁ । ହେକ୍ଟର ପ୍ରତି ମୂଳ ସାରଭାବେ ୨୦କି.ଗ୍ରା ଯବକ୍ଷାରଜାନ, ୪୦କି.ଗ୍ରା ଫସ୍‌ଫରସ ଓ ୪୦ କି.ଗ୍ରା ପୋଟାସ ମିଶାଇ ୫ସେ.ମି. ଗଭୀର ସିଆରରେ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ଫସ୍‌ଫରସ୍ ଖାଦ୍ୟ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ ରୂପେ ବ୍ୟବହାର କରୁନଥିଲେ, ହେକ୍ଟର ପ୍ରତି ୨୫୦ କି.ଗ୍ରା ଜିପ୍‌ସମ୍ ଗଛ ୩୦–୩୫ ଦିନ ହୋଇଗଲେ ପ୍ରୟୋଗ କରନ୍ତୁ ।

### ଅନ୍ତଃଚାଷ

ଧାଡିରେ ଲଗାଯାଇଥିବା ଚିନାବାଦାମ ଫସଲ ୨୦–୨୫ ଦିନର ହୋଇଗଲେ କୋଡାଖୁସା କରି ଘାସ ବାଛିବା ଉଚିତ । ଗଛ ୩୦–୩୫ ଦିନର ହେଲେ ମାଟିରେ ଫୁଲରୁ ଓହଳ ସୃଷ୍ଟି ହୋଇ ମାଟିରେ ପ୍ରବେଶ କରିଥାଏ । ଏ ସମୟରେ କୋଡାଖୁସା କରିବା ଉଚିତ ନୁହେଁ କାରଣ ଓହଳ ଭାଙ୍ଗି ଯିବାର ସମ୍ଭାବନା ଥାଏ । ଠିକ୍ ସମୟରେ ଘାସ ବଛାବଛି କରିବାକୁ ମୂଲିଆ ମିଳୁ ନଥିଲେ କିମ୍ବା ମୂଲିଆ ବାବଦକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲେ ଘାସମରା ଔଷଧ ବ୍ୟବହାର କରି ଘାସ ନିୟନ୍ତ୍ରଣ କରାଯାଇ ପାରିବ । ଏଥିପାଇଁ ବିହନ ବୁଣିବା ପରେ ପରେ ମାଟିରେ ଯଥେଷ୍ଟ ବତର ଥିବା ସମୟରେ ହେକ୍ଟର ପ୍ରତି ବୁଟାକ୍ଲୋର ୫୦% ଇ.ସି (୨ଲିଟର) ବା ପେଣ୍ଡିମେଥାଲିନ ୩୦% ଇ.ସି (୩ଲିଟର) କୁ ୪୦୦ ଲିଟର ପାଣିରେ ମିଶାଇ ମାଟିରେ ସିଞ୍ଚନ କରନ୍ତୁ ।

### ଜଳ ସେଚନ

ଖରିଫ ଋତୁରେ ସାଧାରଣତଃ ଚିନାବାଦାମ ବିନା ଜଳସେଚନରେ ଚାଷ କରାଯାଏ । କିନ୍ତୁ ବର୍ଷାର ଅନିୟମିତତା ହେତୁ ଖରିଫ ଚିନାବାଦାମକୁ ଆବଶ୍ୟକ ସ୍ଥଳେ ଜଳସେଚନ କରିବାକୁ ପଡିଥାଏ । ରବି ଓ ଖରାଦିନିଆ ଚିନାବାଦାମକୁ ଜଳସେଚନ ଦ୍ୱାରା ଚାଷ କରାଯାଏ । ଗଛ ଫୁଲ ଧରିବା, ଓହଳ ସୃଷ୍ଟି ହୋଇ ମାଟି ଭିତରେ ପ୍ରବେଶ କରିବା ଓ ଫଳ ବଢିବା ଏହି ତିନୋଟି ଅବସ୍ଥା ଚିନାବାଦାମର ସଙ୍କଟ କାଳ । ଏହି ଅବସ୍ଥାରେ ଜଳାଭାବ ଫସଲର ବିଶେଷ କ୍ଷତି କରେ । ରବି ଓ ଖରାଦିନିଆ ଚିନାବାଦାମ ଚାଷ ଯଥାକ୍ରମେ ୪୦ ଏବଂ ୬୦ ସେ.ମି ଜଳ ଆବଶ୍ୟକ କରିଥାଏ ।

### ଫସଲ ସଂରକ୍ଷଣ

ରୋଗ ଓ ପୋକର ଦମନ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରାଯାଇ ପାରିବ । ସର୍ବଦା ବିଶୋଧିତ ବିହନ ବ୍ୟବହାର କରନ୍ତୁ । ଟୀକା ରୋଗ ଓ କଳଙ୍କି ରୋଗ ନିରାକରଣ ପାଇଁ ୨ ଗ୍ରାମ କାର୍ବେଣ୍ଡିଜିମ୍ ୧ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଇପାରେ । କାଣ୍ଡ ଓ ମୂଳ ସଢା ରୋଗର ନିରାକରଣ ପାଇଁ ୦.୧୫% କାର୍ବେଣ୍ଡାଜିମ୍ ବା ୦.୨୫% ଟପସିନ ଏମ ଦ୍ରବଣ ସିଞ୍ଚନ କରନ୍ତୁ ଓ ମୃତ୍ତିକା ବିଶୋଧନ ପାଇଁ ଟ୍ରାଇକୋଡରମା ଭିରିଡେ ୨.୫କେ.ଜି ଗୁଣ୍ଡକୁ ୨୫୦କେ.ଜି କୁରା ଖତକୁ ଶେଷ ଓଡ ଚାଷରେ ମାଟିରେ ମିଶାଇ ଦିଅନ୍ତୁ। ଉଇ ପୋକର ଦମନ ପାଇଁ ବିହନ ବୁଣିବା ପୂର୍ବରୁ ମାଟିରେ ୨୫ କି.ଗ୍ରା ମିଥାଇଲ ପାରାଥିଅନ ୨% ବା କ୍ଲୋରୋପାଇରିଫସ ୧% ଗୁଣ୍ଡ ପ୍ରୟୋଗ କରନ୍ତୁ । ଥ୍ରିପ୍‌ସ ବା ଉକୁଣିଆ ପୋକ ଦମନ ପାଇଁ ପ୍ରୋଫେନଫସ୍ ୨ମିଲି ନେଇ ୧ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଷା ଦମନ ପାଇଁ ୦.୦୦୫% ବ୍ରୋମୋଡିଓଲନ୍ ପ୍ରୟୋଗ କରନ୍ତୁ ।

### ଅମଳ

ଗଛର ପତ୍ର ହଳଦିଆ ପଡିଲେ, ଫଳ ଭିତରେ ଚୋପାରେ କଳାଦାଗ ଦେଖାଗଲେ, ପାକଳ ଫଳର ଉପରି ଭାଗରେ ଶିରା ପ୍ରଶିରା ସ୍ପଷ୍ଟ ଦେଖାଗଲେ ଓ ଗଛରେ ୮୦ଭାଗ ଫଳ ପାକଳ

ହେଲେ ଚିନାବାଦାମକୁ ଖୋଳି ଅମଳ କରାଯାଇ ପାରିବ । ଅମଳ ପରେ ଫଳ ଲାଗିଥିବା ଗଛକୁ ୩-୪ ଦିନ ପାଇଁ ଖରାରେ ଶୁଖାଯାଏ । ଏହାଦ୍ୱାରା ଫଳରେ ଜଳୀୟ ଅଂଶ ଶତକଡା ୮ଭାଗକୁ କମିଆସେ । ଏହି ଶୁଖି ଯାଇଥିବା ଗଛକୁ ଫଳକୁ ହାତରେ ବା ଯନ୍ତ୍ର ସାହାଯ୍ୟରେ ଅଲଗା କରାଯାଏ ।

**ଆଦାୟ**

ହେକ୍ଟର ପ୍ରତି ଅମଳ, ବିହନ କିସମ, ମାଟି, ଋତୁ ଓ ଚାଷ ପଦ୍ଧତି ଉପରେ ନିର୍ଭର କରିଥାଏ । ତଥାପି ମଧ୍ୟ ଖରିଫ ଋତୁରେ ୧୫-୨୦ କ୍ୱିଣ୍ଟାଲ ଓ ରବି ବା ଖରାଦିନିଆ ଚାଷରେ ୨୫-୩୦ କ୍ୱିଣ୍ଟାଲ ଚିନାବାଦାମ ଅମଳ ହୋଇଥାଏ ।

**ଆୟ ବ୍ୟୟ, ଏକ ହେକ୍ଟର ପାଇଁ ଖର୍ଚ୍ଚ**

୧. ଜମି ପ୍ରସ୍ତୁତି (ଟ୍ରାକ୍ଟର ଦ୍ୱାରା ଚାଷ ଜମି ପରିଷ୍କାର କରିବା ଓ ସମାନ କରିବା) ଟ. ୪, ୫୦୦.୦୦

୨. ବିହନର ମୂଲ୍ୟ ଟ.୪୦/କି.ଗ୍ରା, ୧୭୫ କି.ଗ୍ରା ପାଇଁ ଟ. ୭,୦୦୦.୦୦

୩. ବିହନ ବିଶୋଧନ ଓ ବୁଣିବା ଖର୍ଚ୍ଚ ଟ. ୧,୦୮୦.୦୦

୪. ଖତ, ସାରର ମୂଲ୍ୟ ଓ ପ୍ରୟୋଗ ଖର୍ଚ୍ଚ ଖତ ଟ.୬୦୦/ ଏକ ଟନ, ୨.୫ ଟନ ପାଇଁ ଟ.୧୫୦୦.୦୦

ଯବକ୍ଷାରଜାନ ଖାଦ୍ୟସାର ଟ.୮/କି.ଗ୍ରା., ୨୦ କି.ଗ୍ରା ପାଇଁ ଫସ୍‌ଫରସ୍ ଖାଦ୍ୟସାର ଟ ୨୧/ କି.ଗ୍ରା, ୪୦ କି.ଗ୍ରା ପାଇଁ ଟ. ୧୪୮୦.୦୦ ପଟାସିୟମ ଖାଦ୍ୟସାର ଟ .୧୨/ କି.ଗ୍ରା, ୪୦ କି.ଗ୍ରା ପାଇଁ ଜିପ୍‌ସମ ଓ ବାୟୋଫ୍ରଟିଲାଇଜର ଖର୍ଚ୍ଚ ଟ. ୩୫୦.୦୦ ଖତ, ସାରର ପ୍ରୟୋଗ ଟ. ୧୩୫୦.୦୦

୫. ରୋଗ ଓ କୀଟ ନାଶକ ଓ ଔଷଧ ମୂଲ୍ୟ ଟ. ୧୫୦୦.୦୦

୬. ଘାସ ମରା ଔଷଧର ମୂଲ୍ୟ ଟ. ୪୫୦.୦୦

୭. ରୋଗ, କୀଟମରା ଓ ଘାସ ମରା ଔଷଧ ପ୍ରୟୋଗ ଟ.୯୦୦.୦୦

୮. ଜଳସେଚନ ଖର୍ଚ୍ଚ ୬ଥର ପାଇଁ (ରବି ଓ ଖରାଦିନ) ଟ.୨୩୪୦.୦୦

୯. ଅନ୍ତଃ ଚାଷ ଟ.୨୭୦୦.୦୦

୧୦. ଅନ୍ୟାନ୍ୟ ଖର୍ଚ୍ଚ ଟ. ୩୩୨୫.୦୦ ସମୁଦାୟ ବ୍ୟୟ ଟ. ୩୬, ୫୭୫.୦୦

୧୧. ବାଦାମ ବିକ୍ରି ଖରିଫରେ ଅମଳ ୧୫କ୍ୱି/ ହେକ୍ଟର ଟ.୪୫,୦୦୦.୦୦ରବିରେ ଅମଳ ୨୫କ୍ୱି / ହେକ୍ଟରଟ. ୭୫,୦୦୦.୦୦ନେଟ୍ ଲାଭ ଖରିଫରେ (ଟ. ୪୫,୦୦୦- ଟ.୩୪,୨୩୫) ଟ.୧୦,୭୬୫.୦୦ (ଜଳସେଚନ ଖର୍ଚ୍ଚ କାଟକଲେ ) ରବି / ଖରାଦିନିଆ ଫସଲରେ(ଟ.୭୫,୦୦୦- ଟ.୩୬,୫୭୫) ଟ. ୩୮,୪୨୫.୦୦ ।

କନିଷ୍ଠ କୃଷି ଅଧିକାରୀ
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର
ସହଯୋଗୀ ପ୍ରାଧ୍ୟାପକ
ଉଦ୍ଭିଦ ରୋଗ ନିଦାନ, ଓୟୁଏଟି, ଭବାନୀପାଟଣା

❖ ❖ ❖

# ଜଗନ୍ନାଥ ଦାସଙ୍କ ଭାଗବତ

ଲକ୍ଷ୍ମୀଚରଣ ସାମନ୍ତରାୟ

ଭାରତର ଆଧ୍ୟାତ୍ମିକ ପୃଷ୍ଠଭୂମିରେ ଯେତେବେଳେ ବଙ୍ଗଳାରେ ଶ୍ରୀ ଚୈତନ୍ୟଙ୍କର ପ୍ରେମଭକ୍ତିର ପ୍ରଚାର, ମହାରାଷ୍ଟ୍ରରେ ତୁକାରାମ, ନାମଦେବ, ଉତ୍ତରଭାରତରେ କବୀର, ନାନକ ଯୁଗ, ସେହି ସମୟରେ ଭକ୍ତକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ସୃଷ୍ଟି । ଷୋଡ଼ଶ ଶତାବ୍ଦୀରେ ରଚିତ ତାଙ୍କର ଓଡ଼ିଆ ଭାଗବତ କାବ୍ୟଗ୍ରନ୍ଥ ସମଗ୍ର ଓଡ଼ିଆ ସାହିତ୍ୟର କୀର୍ତ୍ତିସ୍ତମ୍ଭ । ଏହାର ଧାର୍ମିକ ଭାବନା ଯେପରି ଗଭୀର, ସାଂସ୍କୃତିକ ନବଜାଗରଣ ପାଇଁ ସେହିପରି ଏହାର ଭୂମିକା ମଧ୍ୟ ଅତୁଳନୀୟ । ଓଡ଼ିଶାର ଆଧ୍ୟାତ୍ମିକ ପରମ୍ପରାରେ ଭାଗବତ ଅତ୍ୟନ୍ତ ପ୍ରଭାବଶାଳୀ, ଶକ୍ତିଶାଳୀ ଉପମା ମାଧ୍ୟମରେ ଜଗନ୍ନାଥ ଦାସ ଭାଗବତରେ ସୃଷ୍ଟି କରିଗଲେ ଭାବ ବିମୁଗ୍ଧ ପଦାବଳୀ । ବାସ୍ତବିକ ତା'ର ପଟ୍ଟାନ୍ତର ନାହିଁ କହିଲେ ଚଳେ । ଭାରତୀୟ ଧର୍ମ ଓ ଦର୍ଶନର ଜଟିଳ ତତ୍ତ୍ୱରାଜିକୁ ଖୁବ୍ ସହଜ, ସରଳଭାବେ ଭାଗବତରେ ବ୍ୟାଖ୍ୟା କରାଯାଇଛି । ମୂଳତଃ ମହର୍ଷି ବେଦବ୍ୟାସ ଭାଗବତକୁ ସଂସ୍କୃତରେ ରଚନା କରିଥିଲେ ମଧ୍ୟ ଜଗନ୍ନାଥ ଦାସ ଏହାକୁ ଓଡ଼ିଆ ଭାଷାରେ ଓ ନବାକ୍ଷରୀ ଛାନ୍ଦରେ ରଚନା କରି ଓଡ଼ିଶାର ଘରେ ଘରେ ବେଶ୍ ଆଦୃତ କରାଇ ପାରିଛନ୍ତି । ଜଗନ୍ନାଥ ଦାସ ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ କରିନାହାନ୍ତି, ପରନ୍ତୁ ମୂଳଗ୍ରନ୍ଥର ଭାବ, ଭାଷା ଓ ବିଷୟବସ୍ତୁକୁ ନେଇ ସର୍ବଜନବୋଧ ସୁଲଳିତ ଭାଷାରେ ଭାଗବତ ରଚନା କରିଛନ୍ତି । ନବାକ୍ଷରୀ ବୃତ୍ତରେ ରଚିତ ଭାଗବତର ଭାଷା ଯେପରି ସାବଲୀଳ ସେହିପରି ମାର୍ଜିତ ଓ ମନୋଜ୍ଞ । ଜଗନ୍ନାଥ ଦାସଙ୍କ ଦ୍ୱାରା ଭାଗବତ ଗ୍ରନ୍ଥର ସୃଷ୍ଟି ଭାଦ୍ରବ ପୂର୍ଣ୍ଣିମାରେ ହୋଇଥିବାରୁ ଏହି ଦିନଟିକୁ 'ଭାଗବତ ପୂର୍ଣ୍ଣିମା' ଭାବରେ ପାଳନ କରାଯାଇଥାଏ । ଉକ୍ତ ଦିନ ଭାଗବତ ଆବୃତ୍ତି ପୂର୍ବକ ଭକ୍ତିଭାବ ସହ 'ଭାଗବତ ଗାଦି'ର ଉପାସନା କରାଯାଏ । ଏକାଦଶ ସ୍କନ୍ଧ ସମ୍ବଳିତ ଭାଗବତ ଗ୍ରନ୍ଥର ପ୍ରବକ୍ତା ମହର୍ଷି ଶୁକଦେବ ଏବଂ ଶ୍ରୋତା ଚନ୍ଦ୍ରବଂଶୀ ସମ୍ରାଟ୍ ମହାରାଜ ପରୀକ୍ଷିତ, ଯିଏ କି ଭାଗବତର ଅମୃତବାଣୀକୁ ଶ୍ରବଣ କରି ବ୍ରହ୍ମ ଅଭିଶାପରୁ ମୁକ୍ତ ହୋଇ ବୈକୁଣ୍ଠପୁରୀକୁ ଯାତ୍ରା କରିଥିଲେ ।

ପଞ୍ଚସଖା ଚେତନାର ସୂତ୍ରଧର ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଓଡ଼ିଶାରେ ସୁପରିଚିତ । ପୁରୀ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ କପିଳେଶ୍ୱରପୁର ଶାସନରେ ୧୪୯୦ ଖ୍ରୀଷ୍ଟାବ୍ଦରେ ଭାଦ୍ରମାସ, ଶୁକ୍ଳ ପକ୍ଷ ବୁଧବାର ମଧ୍ୟାହ୍ନରେ ଅନୁରାଧା ନକ୍ଷତ୍ରରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ଭଗବାନ ଦାସ ଓ ମାତାଙ୍କ ନାମ ଥିଲା ପଦ୍ମାବତୀ ଦେବୀ । ଧର୍ମପ୍ରାଣା ମାତା ପଦ୍ମାବତୀ ଦେବୀଙ୍କର ଭାଗବତ ଶ୍ରବଣର ଅଭିଳାଷ ଥିଲା । ଅଶ୍ରୁସିକ୍ତା ମାଆ ପଦ୍ମାବତୀଙ୍କର ଅନୁରୋଧ ଜଗନ୍ନାଥ ଦାସଙ୍କୁ କାଳଜୟୀ ପ୍ରେରଣା ଯୋଗାଇ ଥିଲା । ନବାକ୍ଷରୀ ବୃତ୍ତରେ ନିଜର ମୌଳିକ ଗୁଣ ପ୍ରୟୋଗ କରି ସେ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରିବା ନିମନ୍ତେ ବ୍ରତୀ ହୋଇ ଭାଗବତ ପୁରାଣ ରଚନା କରିଥିଲେ । ବୋଧଗମ୍ୟ ଭାଷାରେ ସେ ଭାଗବତକୁ ଲୋକାବିମୁଖୀ କଲେ । ତାଙ୍କ ଭାଗବତକୁ କେନ୍ଦ୍ରକରି ଲୋକେ ଗାଁ ଗାଁରେ ଗଢ଼ିଲେ ଭାଗବତ ଘର ।

ଆଜକୁ ପ୍ରାୟ ପାଞ୍ଚଶତ ବର୍ଷ ପୂର୍ବେ ଓଡ଼ିଆ ସାହିତ୍ୟର ସନ୍ଥକବି ଜଗନ୍ନାଥ ଭାଗବତର ବାଣୀ ଶୁଣାଇଥିଲେ । ଓଡ଼ିଶାର ଘରେ ଘରେ ଭାଗବତ ଅତ୍ୟନ୍ତ ପରିଚିତ । ଜୀବନର ଅନ୍ତିମ କାଳରେ ଓଡ଼ିଆ ଲୋକେ ଭାଗବତ ଶୁଣି ମୁକ୍ତି କାମନା କରିଥାନ୍ତି । ସେହି କାରଣରୁ ଭାଗବତକାର କହିଛନ୍ତି–

'କହିଲା ବିପ୍ର ଜଗନ୍ନାଥ, ଭକ୍ତଙ୍କ ହିତେ ଭଗବତ ।'

ଭାଗବତ ହେଉଛି ଓଡ଼ିଆ ଜାତିର 'ଜୀବନନୈବେଦ୍ୟ' । ଜଗନ୍ନାଥ ଦାସଙ୍କ ଏହି ଗ୍ରନ୍ଥ ଓଡ଼ିଆ ଜାତିର ନୈତିକ ଜୀବନକୁ

ଗଢି ଆସିଛି । ଭାଗବତର ଅମରବାଣୀ ବ୍ୟକ୍ତିଗତ, ସାମାଜିକ ଜୀବନର ବିଭିନ୍ନ ସମସ୍ୟା ସମାଧାନ କରିବାରେ ସହାୟକ ।

ଭାଗବତର ପ୍ରତ୍ୟେକ ପଦ ହରିରସାମୃତ । ଏହାକୁ ଜୀବନରେ ପ୍ରୟୋଗ କଲେ ନିଜ ପରିବେଶରେ ପରିବାରରେ ଶାନ୍ତି, ସଂହତି ପ୍ରତିଷ୍ଠା ଲାଭ ହୋଇପାରିବ । ସତସଙ୍ଗ ମାଧ୍ୟମରେ ମାୟାଧୀନ ମାନବ ଉପଯୁକ୍ତ ପଥ ଦର୍ଶନ କରେ । ଭାଗବତକାରଙ୍କ ଭାଷାରେ–

'ନିରତେ ସାଧୁ ସଙ୍ଗ ଯେବେ, ମନ ନିଶ୍ଚଳ ରହେ ତେବେ
ମନ ପ୍ରସନ୍ନ ଯେତେବେଳେ, ଜ୍ଞାନ ପ୍ରସନ୍ନ ସୁନିଶ୍ଚଳେ ।'

ଭାଗବତ ଭାବନା ମାଧ୍ୟମରେ ସାଂସାରିକ ପାପତାପରୁ ଉଦ୍ଧାର ହେବା ସମ୍ଭବ ହୋଇଥାଏ । ବୈରାଗ୍ୟ ବିନା ଜ୍ଞାନ ଆସେ ନାହିଁ । ଭଗବାନଙ୍କ ନାମ ପ୍ରତି ପ୍ରୀତି ନହେବା ପର୍ଯ୍ୟନ୍ତ ମଣିଷର ଜୀବନ ସଫଳ ହୁଏ ନାହିଁ । ଭାଗବତକାର ସେହି ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ଲେଖିଛନ୍ତି–

'ହରି ଚରଣେ ଯାର ଶ୍ରଦ୍ଧା, ତାକୁ ନଲାଗେ ଭବ ବାଧା ।'

ଶ୍ରୀକୃଷ୍ଣ ଚରିତ ସମ୍ବଳିତ ଏହି ଭାଗବତ ଏକ ପବିତ୍ରଗ୍ରନ୍ଥ । ଭାଗବତରେ ପ୍ରେମ, ଭକ୍ତି ଓ ଜ୍ଞାନରସର ଅବତାରଣା କରାଯାଇଛି । ଜନ୍ମମୃତ୍ୟୁ ସମୟରେ ଲୋକେ ଭାଗବତ ଶୁଣନ୍ତି, ଶୁଣାନ୍ତି । ଭାଗବତର ଜନପ୍ରିୟତା ଏହାକୁ ପଢି ଶୁଣାଇବା ପାଇଁ ସେସମୟରେ ପଲ୍ଲୀ ଓ ନଗରରେ 'ଭାଗବତ ଘର' ବା 'ଭାଗବତ ଟୁଙ୍ଗୀ' ଗଢି ଉଠିଥିଲା । ସେଠାରେ ଲୋକମାନେ ସଂଧ୍ୟାରେ ଏକତ୍ରିତ ହୋଇ ଭାଗବତ ଆଲୋଚନା କରୁଥିଲେ । ଭାଗବତର ବାଣୀ ଅନୁସାରେ ଉପୁଜିଥିବା ନାନାବିଧ ସମସ୍ୟାର ସମାଧାନ କରୁଥିଲେ ।

ସଂସାରର ସକଳ ଦୃଶ୍ୟ ପଦାର୍ଥ ମିଥ୍ୟା । ମନର କଳ୍ପନା ଆମର ଏହି ସଂସାର ସୃଷ୍ଟି କରିଛି । ଜଗତର ସମସ୍ତ ସମ୍ବନ୍ଧ ମିଥ୍ୟା । ଜଗତ ଅନିତ୍ୟ, କେବଳ ପରମାତ୍ମା ହିଁ ସତ୍ୟ । ତେଣୁ ସଂସାର ଚକ୍ରରୁ ଉଦ୍ଧାର ପାଇଁ ହରି ନାମ ସ୍ମରଣ ହିଁ ହେଉଛି ଏକମାତ୍ର ପନ୍ଥା । ଆଧ୍ୟାତ୍ମିକ ଜୀବନଯାପନ କରିବା ପାଇଁ ଭାଗବତ ଅଧ୍ୟୟନ ଏକାନ୍ତ ପ୍ରୟୋଜନ । ଧାର୍ମିକ ପଥ ଅନୁସରଣ କଲେ ମନୁଷ୍ୟ ଅହଂତ୍ୱ ଭୁଲିଯାଏ । ନିଜକୁ ଅନ୍ୟ ପାଇଁ ଉତ୍ସର୍ଗ କରି ଧନ୍ୟ ହୋଇଥାଏ । ତେଣୁ ଭାଗବତକାର କହିଛନ୍ତି–

'ଧନ୍ୟ ଜୀବନ ଏ ଜଗତେ, ଯେ ପ୍ରାଣ ଧରେ ପରହିତେ ।'

ଯୁଗେ ଯୁଗେ ଧାର୍ମିକ ମହାପୁରୁଷମାନେ ସମାଜର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିଦେଇଛନ୍ତି । ନିଜ ଜୀବନର ବିନିମୟରେ ମାନବ ଜାତିର ସୁଖ, ଶାନ୍ତି ପାଇଁ କାର୍ଯ୍ୟ କରିଛନ୍ତି ।

ଜନ୍ମ ଓ ମୃତ୍ୟୁ ବିଷୟରେ ମନୁଷ୍ୟର ଅଧିକାର ନାହିଁ । ତାହା ହେଉଛି ଏକ ଅରୂପ ଶକ୍ତିର ଲୀଳା । ଭାବବନ୍ଧନରେ ପୀଡିତ ମାନବ ମୁକ୍ତିଲାଭ କରିବା ପାଇଁ ବ୍ୟାକୁଳ ହେବା ଆବଶ୍ୟକ । ଏହି ବ୍ୟାକୁଳତା ହେଉଛି ଈଶ୍ୱର ଚିନ୍ତନ । ମନୁଷ୍ୟ ଶରୀର ପରମାତ୍ମାଙ୍କୁ ଉପାସନା କରିବାକୁ ମିଳିଛି । ପୁଣ୍ୟ ଅର୍ଜନ କରିବା ପାଇଁ ମିଳିଛି ଏବଂ ପରମାତ୍ମାଙ୍କୁ ଦର୍ଶନ କରିବା ପାଇଁ ମିଳିଛି । ଦୁର୍ଲଭ ମାନବ ଶରୀର ଧାରଣ କରି ମନୁଷ୍ୟ କେବଳ ଈଶ୍ୱରଙ୍କୁ ପୂଜା କରିବା ପାଇଁ ସୁଯୋଗ ଲାଭ କରିଥାଏ । ମଣିଷ ଯଦି ଦୃଢମନା ହୁଏ, ବୁଦ୍ଧିର ସଦୁପଯୋଗ କରି ପରମାତ୍ମାଙ୍କୁ ଭକ୍ତି କରିପାରେ । ମଣିଷ ବ୍ୟତୀତ ଅନ୍ୟ କେହି ଭକ୍ତି କରିପାରନ୍ତି ନାହିଁ । ସେଥିପାଇଁ ଭାଗବତକାର ଆମ୍ଭମାନଙ୍କୁ ସ୍ମରଣ କରାଇ ଦିଅନ୍ତି–

'ଈଶ୍ୱରେ ଦେଲେ ସେହି ଚିତ୍ତ, ବନ୍ଧନୁ ହୁଅଇ ମୁକତ ।'

ବିଷୟ ଐଶ୍ୱର୍ଯ୍ୟ ଓ ଲାଭ ଜଗତକୁ ଅବଲୋକନ କରି ମନୁଷ୍ୟ ଆତ୍ମାର ଅବମାନନା କରେ । ପୁତ୍ର, କନ୍ୟା, ଜାୟା ପ୍ରୀତିକୁ ଝୁରିଝୁରି ସେ ପାଗଳ ପ୍ରାୟ ହେଉଥାଏ । ସେମାନେ ଯେ ଅଳ୍ପକାଳ ସ୍ଥାୟୀ, ଏହି କଥାଟି ସେ ସ୍ୱୀକାର କରେ ନାହିଁ । ମନୁଷ୍ୟ ଏକାକୀ ଆସିଥିଲା ଏବଂ ଏକାକୀ ଚାଲିଯିବ ସେହି ଅରୂପ ରାଜ୍ୟକୁ । ଯେଉଁମାନେ ଆଜି ଆପଣାର, ସେମାନେ କେହି ସାଥୀରେ ଆସି ନଥିଲେ କି ସେହି ଅନ୍ତିମ ଯାତ୍ରାରେ ସଖ୍ୟ ପ୍ରଦାନ କରିବେ ନାହିଁ । ତଥାପି ଏ ମାୟାର ପ୍ରହେଳିକା ମନୁଷ୍ୟକୁ ସମ୍ମୋହିତ କରି ରଖିଅଛି । ଭାଗବତକାର ସେହି ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ଲେଖିଛନ୍ତି–

'ବୃକ୍ଷର ତଳେ ଯେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି ।
ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଇ କାହାରି ।
ତେମନ୍ତ ମାୟା ଏ ସଂସାର, କେ ପିତା କେ କାହା କୁମର ।'

ସେହି କାରଣରୁ ଭାଗବତକାର କହିଛନ୍ତି ତୁମେ ଆଧ୍ୟାତ୍ମିକ ଜୀବନଯାପନ କର । ସତ୍ୟପଥରେ ଅଗ୍ରସର ହୁଅ । ଅନ୍ୟ ପାଇଁ ଜୀବନ ଦାନ କରି ଆନନ୍ଦ ଉପଲବ୍ଧି କର । ଇନ୍ଦ୍ରିୟ ଆହ୍ଲାଦ ପାଇଁ ଜୀବନଯାପନ କରି ଅନୁତାପରେ ଦଗ୍ଧ ହୁଏ ନାହିଁ । ସାତ୍ତ୍ୱିକ ଧର୍ମୀ ହୁଅ, ଜୀବନକୁ ଅମୃତମୟ କର । ଜୀବନ ପାଣିର ଫୋଟକା ପରି ଅଳ୍ପକାଳ ସ୍ଥାୟୀ । ଜଗତର ସମସ୍ତ ସମ୍ବନ୍ଧ ହେଉଛି ମିଥ୍ୟା ।

ଈଶ୍ୱର ହିଁ କେବଳ ସତ୍ୟ । କେବଳ ତାଙ୍କ ପାଖକୁ ଯିବାକୁ ବ୍ୟାକୁଳତା ଆବଶ୍ୟକ । ତେଣୁ ତୁମେ ସର୍ବପ୍ରଥମେ ଆଚରଣ ଶୁଦ୍ଧ ହୁଅ, ପବିତ୍ର ହୁଅ ଏବଂ ନିଷ୍ପାପର ହୁଅ । ଭାଗବତର ଅମୃତବାଣୀ କେବଳ ପରାୟଣ କରନାହିଁ, ନିଜେ ଭାଗବତ ପ୍ରାଣ ହୁଅ । ଇନ୍ଦ୍ରିୟ ପରତନ୍ତ ଜୀବନଯାପନ କରି ଅନୁତାପରେ ଘାରି ହୁଅ ନାହିଁ । ଜୀବନକୁ ଅମୃତମୟ କର । ଭାଗବତ ସମସ୍ତ ଶାସ୍ତ୍ରର ସାରମର୍ମ ଏବଂ ଚିରନ୍ତନ ସତ୍ୟର କଥା କହିଥିବାରୁ ଭାଗବତକୁ ପରମଶାସ୍ତ୍ର ବୋଲି ବିବେଚନା କରାଯାଇଛି । ଏହାକୁ ଆସ୍ୱାଦନ କରି ଜୀବନରେ ପ୍ରୟୋଗ କଲେ ମନ ବିଷୟମୁକ୍ତ ହୁଏ । ଏଣୁ ବର୍ତ୍ତମାନର ସମାଜ ଯଦି ଭାଗବତର ବାଣୀକୁ ଅନୁଭବ କରି ସତ୍‌ପଥରେ ପରିଚାଳିତ ହୁଏ, ତା' ହେଲେ ମାନବ ସମାଜର ଅଶେଷ ମଙ୍ଗଳ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କାଳର ପ୍ରଭାବରେ ଓଡ଼ିଆ ଜାତିର ଜୀବନଧାରାରେ ବହୁ ପରିବର୍ତ୍ତନ ଦେଖାଦେଇଅଛି । କିନ୍ତୁ ଭାଗବତ ଜନସାଧାରଣଙ୍କ ମନରୁ ଆଦୌ ଲୋପ ପାଇନାହିଁ । ଏହାର ବୈଶିଷ୍ଟ୍ୟ ରହିଛି ଅମୃତତୁଲ୍ୟ, ସହଜ ଭାଷା ଏବଂ ସୁଲଳିତ ରସ ମାଧୁର୍ଯ୍ୟରେ । ଏବେ ବି ଓଡ଼ିଆ ମୁଖରୁ ଭାଗବତର ବାଣୀ ଶୁଣିବାକୁ ମିଳୁଛି । ସୁଖରେ ଦୁଃଖରେ ଜୀବନର ପ୍ରତ୍ୟେକ ଘଟଣାରେ ଭାଗବତର ଅମୃତବାଣୀ ଏବେ ବି ଓଡ଼ିଆ ଜୀବନରେ ଧାର୍ମିକ ଭାବ ସଂକେତରେ ଶାନ୍ତିଲାଭର ପରମ ନିର୍ଦ୍ଦେଶକ ହୋଇଅଛି । ସେଥିପାଇଁ ଭାଗବତକାର ଆମ୍ଭମାନଙ୍କୁ ସ୍ମରଣ କରାଇ ଦିଅନ୍ତି–

'ମୋ ଭାବେ ଚିତ୍ତ ଯା'ର ନାହିଁ, ସଂସାରେ ଦରିଦ୍ରଟି ସେହି ।
କୃଷ୍ଣ ଚରିତ ଭାଗବତ, କହଇ ବିପ୍ର ଜଗନ୍ନାଥ ।'

ଜଗନ୍ନାଥ ଦାସଙ୍କ ଭାଗବତର ଆଶା, ଆଶ୍ୱାସନାର ଏ ଅଭୟବାଣୀ ଅନନ୍ତକାଳ ଯାଏ ଜଗତର ତାପିତ ପ୍ରାଣରେ ସୁଶୀତଳ ସୁଧା ଧାରା ଢାଳୁଥିବ ।


ଆଇନଜୀବୀ
ଖାଜା ସାହି, ବ୍ରହ୍ମପୁର–୭୬୦୦୦୧

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟରେ ଆୟୁଷ ମିଶନର ଶୁଭାରମ୍ଭ

ରାଜ୍ୟରେ ଆୟୁଷ ମିଶନର ଶୁଭାରମ୍ଭ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ମିଶନ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆୟୁଷ ଚିକିତ୍ସା ପଦ୍ଧତିକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱଆରୋପ କରିଛନ୍ତି ।

ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ, ଆୟୁଷ ଚିକିତ୍ସା ପଦ୍ଧତି ମାଧ୍ୟମରେ ସ୍ୱଳ୍ପ ବ୍ୟୟରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହିତ ସଂପୃକ୍ତ ଶିକ୍ଷାୟତନଗୁଡିକର ଭିତ୍ତିଭୂମି ଉନ୍ନତି, ଶିକ୍ଷାର ମାନବୃଦ୍ଧି ଓ ବିକାଶ, ଆୟୁର୍ବେଦ ଔଷଧ ସାମଗ୍ରୀ ପ୍ରସ୍ତୁତିରେ ଗୁଣବତ୍ତା ନିୟନ୍ତ୍ରଣ ଏବଂ ଔଷଧୀୟ ବୃକ୍ଷର ଯତ୍ନ ତଥା ବିକାଶ ଇତ୍ୟାଦି ରାଜ୍ୟରେ ଆୟୁଷ ମିଶନ୍‌ର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହେବ । ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ୫୦ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ସମନ୍ୱିତ ଆୟୁଷ ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ଉଲ୍ଲେଖ କରିଥିଲେ । ଏହା ବ୍ୟତୀତ ସମ୍ବଲପୁର, ବ୍ରହ୍ମପୁର, ପୁରୀ, ରାଉରକେଲା ସମେତ ଭୁବନେଶ୍ୱରର ୭ଟି ସ୍ଥାନରେ ଯୋଗ ଓ ଆରୋଗ୍ୟ କେନ୍ଦ୍ରମାନ କାର୍ଯ୍ୟାରମ୍ଭ କରିବ । ରାଜ୍ୟରେ ବ୍ୟାପକ ଭାବରେ ଆୟୁଷ ଔଷଧୀୟ ଉଦ୍ୟାନ ସୃଷ୍ଟି କରାଯିବ । ଗଞ୍ଜାମ ଜିଲ୍ଲାର ଛାଞ୍ଚୁଣି ଓ ଖୋର୍ଦ୍ଧା ଜିଲ୍ଲାର ଛତାବର ଗ୍ରାମକୁ ଆୟୁଷ ଗ୍ରାମ ଭାବରେ ଗ୍ରହଣ କରାଯାଇ ଚିକିତ୍ସା ଓ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ପ୍ରକାଶ କରିଥିଲେ । ସମାରୋହରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଆରତୀ ଆହୁଜା ରାଜ୍ୟରେ ଆୟୁଷ କାର୍ଯ୍ୟାନ୍ୱୟନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ସହିତ ଆୟୁଷ ଚିକିତ୍ସା ପଦ୍ଧତିକୁ ନିଷ୍ଠା ଓ ଆନ୍ତରିକତାର ସହ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ମିଶନ ଉଦ୍ୟମ କରିବ ବୋଲି ଉଲ୍ଲେଖ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ନିର୍ଦ୍ଦେଶିକା ରୂପା ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଆୟୁଷ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ଉଦ୍‌ଘାଟନୀ ସଭାରେ ଆୟୁଷ ମିଶନ୍ ପ୍ରଣୟନ ସମ୍ବନ୍ଧୀୟ ଏକ ପୁସ୍ତକ ଏବଂ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତୁତ ପୁରାତନ ତାଳପତ୍ର ପୋଥିରୁ ସଂଗୃହୀତ 'ପର୍ଯ୍ୟାୟ ମୁକ୍ତାବଳୀ' ପୁସ୍ତକ ମୁଖ୍ୟ ଅତିଥି ଶ୍ରୀ ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

# ସପ୍ରସଙ୍ଗ ଓଡ଼ିଶା



## ଇନ୍ଦୋରରେ ଟୁର ଅପରେଟର୍ସ ମହାସଂଘର ବାର୍ଷିକ ଅଧିବେଶନ

ଓଡ଼ିଶାରେ ପର୍ଯ୍ୟଟନ ବିକାଶ ଦିଗରେ ଟୁର୍ ଅପରେଟରମାନଙ୍କର ଯଥେଷ୍ଟ ଭୂମିକା ରହିଛି ଓ ସେହି ଦୃଷ୍ଟିରୁ ରାଜ୍ୟକୁ ଅଧିକ ପର୍ଯ୍ୟଟକ ଆଣିବାରେ ସେମାନେ ସହଯୋଗ କରିବାକୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପରାମର୍ଶ ଦେଇଛନ୍ତି । ମଧ୍ୟପ୍ରଦେଶର ଇନ୍ଦୋରଠାରେ ଭାରତୀୟ ଟୁର୍ ଅପରେଟର୍ସ ମହାସଂଘର ୩୧ତମ ବାର୍ଷିକ ଅଧିବେଶନରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ଏହି ମର୍ମରେ ଓଡ଼ିଶାର ପର୍ଯ୍ୟଟନ ବିକାଶ ନିମନ୍ତେ ସେମାନଙ୍କ ସହଯୋଗ କାମନା କରିଛନ୍ତି ।

ଇନ୍ଦୋରସ୍ଥିତ ଭଗବତୀ ପ୍ୟାଲେସ୍‌ରେ ଅନୁଷ୍ଠିତ ଏହି ତିନିଦିନିଆ ଅଧିବେଶନର ଉଦ୍‌ଘାଟନ ପର୍ବରେ ମନ୍ତ୍ରୀ ଶ୍ରୀ ପଣ୍ଡା କହିଲେ ଯେ ଟୁର୍ ଅପରେଟରମାନେ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ଯାତାୟାତ, ସୁବିଧା, ସ୍ୱାଚ୍ଛନ୍ଦ୍ୟ ଓ ପସନ୍ଦ ସହିତ ସଂପୃକ୍ତ ରହିଥିବା ବେଳେ ପର୍ଯ୍ୟଟନ ମାଧ୍ୟମରେ ଭାରତୀୟ ଅର୍ଥନୀତିର ଉନ୍ନତିରେ ସହାୟକ ହୋଇଥାନ୍ତି । ଓଡ଼ିଶା ସଂପର୍କରେ ମନ୍ତ୍ରୀ ଶ୍ରୀ ପଣ୍ଡା କହିଲେ ଯେ ଆନ୍ତର୍ଜାତିକ ବିମାନ ଚଳାଚଳ ଆରମ୍ଭ ହେତୁ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତବର୍ଷ ରାଜ୍ୟକୁ ଆସିଥିବା ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ୧ ଲକ୍ଷ ୮ ହଜାର ହୋଇଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୭୨ ହଜାର ହୋଇ ପୂର୍ବ ବର୍ଷ ତୁଳନାରେ ଏହା ଯଥାକ୍ରମେ ୧୦ ଓ ୭ ପ୍ରତିଶତକୁ ବୃଦ୍ଧି ପାଇଛି । ଓଡ଼ିଶାରେ ସୁଦୀର୍ଘ ବେଳାଭୂମି ଓ ମନ୍ଦିର କୀର୍ତ୍ତିରାଜି ସମେତ କୋଣାର୍କ, ପୁରୀ, ଚିଲିକା, ଭିତରକନିକା, ଶିମିଳିପାଳ ଅତ୍ୟନ୍ତ ଆକର୍ଷଣୀୟ । ଏହା ବ୍ୟତୀତ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର ଏବଂ ପରିବେଶ ପର୍ଯ୍ୟଟନ ଦିଗରେ ଯଥେଷ୍ଟ ଆକର୍ଷଣ ରହିଛି । ସଦ୍ୟ ସମାପ୍ତ ନବକଳେବର ପରେ ପୂଜିତ ନୂତନ ବିଗ୍ରହଙ୍କ ପ୍ରତି ତୀର୍ଥଯାତ୍ରୀ ପର୍ଯ୍ୟଟକଙ୍କ ଆଗ୍ରହ ବୃଦ୍ଧି ପାଇବା ସ୍ୱାଭାବିକ । ରାଜ୍ୟ ସରକାର ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଉନ୍ନତିକରଣ ସାଙ୍ଗକୁ ଧଉଳିରେ ଶବ୍ଦ ଓ ଧ୍ୱନି ବ୍ୟବସ୍ଥା ଆରମ୍ଭ କରିଛନ୍ତି । କେନ୍ଦ୍ର ସରକାରଙ୍କ ଅତୁଲ୍ୟ ଭାରତ ଅଭିଯାନରେ ସାମିଲ ହେବା ସହିତ ଓଡ଼ିଶାର ନୃତ୍ୟ, ସଂଗୀତ, କଳା, ସ୍ଥାପତ୍ୟ, ହସ୍ତଶିଳ୍ପ ପ୍ରତି ପର୍ଯ୍ୟଟକମାନଙ୍କ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୧୩ରୁ ବିଧିବଦ୍ଧ ପର୍ଯ୍ୟଟନ ନୀତି ମାଧ୍ୟମରେ ପର୍ଯ୍ୟଟନର ବିକାଶ ନିମନ୍ତେ ଉଦ୍ୟମ ଅବ୍ୟାହତ ରହିଛି । ଏପରି ସ୍ଥିତିରେ ଟୁର୍ ଅପରେଟରମାନେ ଓଡ଼ିଶାକୁ ଅଧିକ ପର୍ଯ୍ୟଟକ ଆଣିବାରେ ଉଦ୍ୟମ କରିବେ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଆଶାବ୍ୟକ୍ତ କରିଥିଲେ ।

## ବିଶ୍ୱ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପକୁ ଆକର୍ଷଣୀୟ କରାଯିବ

ବିଶ୍ୱ ବାଣିଜ୍ୟ ମେଳାରେ ରାଜ୍ୟର ଅଂଶଗ୍ରହଣକୁ ଅଧିକ ଆକର୍ଷଣୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଗୁରୁତ୍ୱ ଦେଇଛନ୍ତି । ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା 'ଭାରତ ବିଶ୍ୱ ବାଣିଜ୍ୟ ମେଳା–୨୦୧୫'ରେ ଓଡ଼ିଶା ମଣ୍ଡପ ସଂପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ ମେଳାର ପ୍ରମୁଖ ବିଷୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚୂଡାନ୍ତ କରିବାକୁ ଦୁଇଟି କମିଟି ଗଠନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

ଆସନ୍ତା ନଭେମ୍ବର ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଓଡ଼ିଶା ମଣ୍ଡପ(ପାଭିଲିୟନ୍)ର ରୂପରେଖ, ସାଜସଜ୍ଜା, ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ନଭେମ୍ବର ୨୪ ତାରିଖରେ ଓଡ଼ିଶା ଦିବସ ପାଳନ ପ୍ରସଙ୍ଗ ଉପରେ ଏହି ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା । ଗତ ବର୍ଷ ଓଡ଼ିଶା ମଣ୍ଡପକୁ ଦ୍ୱିତୀୟ ପୁରସ୍କାର ମିଳିଥିବା ବେଳେ ଚଳିତ ବର୍ଷ ଅଧିକ ପ୍ରତିଯୋଗିତାମୂଳକ ମନୋଭାବରେ ବିଭିନ୍ନ ବିଭାଗଙ୍କ ସମନ୍ୱିତ ଉଦ୍ୟମ କ୍ରମେ ମେଳାରେ ଓଡ଼ିଶାର ଆକର୍ଷଣୀୟ ଓ ଉଚ୍ଚକୋଟୀର ଉପସ୍ଥାପନ ପାଇଁ ମନ୍ତ୍ରୀ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ । ବିଶେଷ କରି ପ୍ରଦର୍ଶନୀରେ ଓଡ଼ିଶାରେ ରୂପାୟିତ ପ୍ରମୁଖ (ଫ୍ଲାଗସିପ୍) କାର୍ଯ୍ୟକ୍ରମଗୁଡିକ ନେଇ ଉପସ୍ଥାପନା ସାମିଲ କରିବାକୁ ମଧ ମନ୍ତ୍ରୀ ଶ୍ରୀ ନାୟକ ଉଲ୍ଲେଖ କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆହୂତ ଏହି ବୈଠକରେ ବିଭାଗୀୟ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ କହିଲେ ଯେ ଚଳିତ ବର୍ଷ ବାଣିଜ୍ୟ ମେଳାର ବିଷୟ ବା ଥିମ୍ 'ମେକ୍ ଇନ୍ ଇଣ୍ଡିଆ' ରଖାଯାଇଥିବାରୁ ବିଷୟ ବସ୍ତୁକୁ ନେଇ ବିଭିନ୍ନ ବିଭାଗର ସମ୍ମିଳିତ ଉଦ୍ୟମରେ ଚିତ୍ତାକର୍ଷକ ସାଜସଜ୍ଜା କରାଯିବ । ବିଷୟ ବସ୍ତୁକୁ ନେଇ ସାଜସଜ୍ଜା ବାବଦରେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ଏକ ପରାମର୍ଶଦାତା କମିଟି ଗଠନ କରାଯିବ । ସେହିପରି ଓଡ଼ିଶା ଦିବସ ପାଳନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ମଧ ଏକ କମିଟି ବିଭିନ୍ନ ନିଷ୍ପତ୍ତି ନେବ ବୋଲି ବୈଠକରେ ସ୍ଥିର ହୋଇଛି । ଏହା ବ୍ୟତୀତ ଟିମ୍ ଓଡ଼ିଶା, ଅଣୁ– କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ହସ୍ତଶିଳ୍ପ–ହସ୍ତତନ୍ତ ଓ ବୟନ ଶିଳ୍ପ, ପର୍ଯ୍ୟଟନ, ଶକ୍ତି, କୃଷି, ପଞ୍ଚାୟତିରାଜ, ମହିଳା ଓ ଶିଶୁ ବିକାଶ ଇତ୍ୟାଦି ବିଭାଗଗୁଡିକ ମିଶାଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା । ବ୍ୟବସାୟିକ ସୂଚନା, ଦୃଶ୍ୟଶ୍ରାବ୍ୟ ସଂଗ୍ରହଣ, ଅଗ୍ନିଶମ ବ୍ୟବସ୍ଥା, ଫୁଡ୍ କୋର୍ଟ, ବାଲୁକା କଳା, ଗାଇଡ୍ ନିୟୋଜନ, ପ୍ରଚାର ସାମଗ୍ରୀ ମୁଦ୍ରଣ ଇତ୍ୟାଦି ପ୍ରସଙ୍ଗ ଆଲୋଚିତ ହୋଇଥିଲା । ବୈଠକ ଆରମ୍ଭରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସୁଶୀଲ କୁମାର ଦାସ ସ୍ୱାଗତ ଜଣାଇବା ସହିତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଭଗବାନ ନନ୍ଦ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଗୋପାଳ ଚନ୍ଦ୍ର ନାୟକ, ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଂଜିତ କୁମାର ମହାନ୍ତି, ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ଅପର୍ତ୍ତି ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ । ସ୍ୱତନ୍ତ୍ର ଅଧିକାରୀ(ପ୍ରଦର୍ଶନୀ) ଶ୍ରୀ ବିବେକାନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂର୍ଯ୍ୟ ମିଶ୍ର, ସୂଚନା ଅଧିକାରୀ

## ପ୍ରମୁଖ ନଦୀମାନଙ୍କର ଅବବାହିକାରେ ବର୍ଷା ଜଳପତ୍ତନ ସ୍ଥିର

ପାଣିପାଗ ବିଭାଗ ରିପୋର୍ଟ ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରମୁଖ ନଦୀର ଅବବାହିକାରେ ବୃଷ୍ଟିପାତ ହୋଇଛି । ଏଥି ମଧ୍ୟରୁ ବ୍ରାହ୍ମଣୀ ନଦୀର ନିମ୍ନ ଅବବାହିକାରେ ସର୍ବାଧିକ ୩୪.୫ ମିଲିମିଟର ଏବଂ ମହାନଦୀର ଉପର ଅବବାହିକାରେ ହାରାହାରି ୨୮.୭ ମିଲିମିଟର ବୃଷ୍ଟିପାତ ହୋଇଛି ।

ଏହାଛଡା ବଂଶଧାରା ଅବବାହିକାରେ ୧୩.୯ ମିଲିମିଟର, ମହାନଦୀର ନିମ୍ନ ଅବବାହିକାରେ ୧୦.୮ ମିଲିମିଟର ଏବଂ ବୈତରଣୀ ଅବବାହିକାରେ ୧୦.୭ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି । ତେବେ ମହାନଦୀ ବ୍ୟତୀତ ଅନ୍ୟ ସମସ୍ତ ନଦୀ ଜଳସ୍ତର ସ୍ଥିର କିମ୍ବା ହ୍ରାସ ପାଇଛି । ମହାନଦୀର ଖଇରମାଳ ଏବଂ ନରାଜଠାରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଟିକରପଡାଠାରେ ହ୍ରାସ ପାଇଛି । ନରାଜଠାରେ ଜଳସ୍ତର ବିପଦ ସଂକେତ ୨୬.୪୧ ମିଟର ତଳେ ୨୨.୨୩ ମିଟରରେ ପ୍ରବାହିତ ହେଉଥିବା ବେଳେ ଖଇରମାଳଠାରେ ବିପଦ ସଂକେତ ୧୦୯ ମିଟର ତଳେ ୧୦୧.୧୩ ମିଟରରେ ପ୍ରବାହିତ ହେଉଛି । ସେହିପରି ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବୃଦ୍ଧି ପାଉଛି ଏବଂ ବିପଦ ସଂକେତ ୧୭.୮୩ ମିଟର ତଳେ ୧୭.୨୨ ମିଟରରେ ପ୍ରବାହିତ ହେଉଛି । ବୈତରଣୀ ନଦୀର ଜଳସ୍ତର ଚମ୍ପୁଆ, ସ୍ୱମ୍ପାଟଣାଠାରେ ସ୍ଥିର ରହିଛି ଏବଂ ଆନନ୍ଦପୁରଠାରେ ହ୍ରାସ ପାଇଛି । ସୁବର୍ଣ୍ଣରେଖା ଜାମସେଦପୁର, ଜାମଶୋଳାଘାଟ ଏବଂ ରାଜଘାଟଠାରେ ସ୍ଥିର ରହିଛି । ବୁଢାବଳଙ୍ଗ ନଦୀର ଜଳସ୍ତର ଚନ୍ଦନପୁର, ବାରିପଦା, ବାଲିମୁଣ୍ଡଳି ଏବଂ ୫ ନମ୍ବର ଜାତୀୟ ରାଜପଥ ଗୋବିନ୍ଦପୁରଠାରେ ସ୍ଥିର ରହିଛି । ବଂଶଧାରା ନଦୀର ଜଳପତ୍ତନ ଗୁଣୁପୁରଠାରେ ସ୍ଥିର ରହିଛି ଏବଂ ବିପଦ ସଂକେତ ୮୪ ମିଟର ତଳେ ୮୦.୯୯ ମିଟରରେ ଏବଂ କାଶୀନଗରଠାରେ ବିପଦ ସଂକେତ ୫୪ ମିଟର ତଳେ ୫୨.୭୪

ମିଟରରେ ପ୍ରବାହିତ ହେଉଛି । ଋଷିକୂଲ୍ୟା ନଦୀର ଜଳସ୍ତର ସୋରଡା ଓ ପୁରୁଷୋତ୍ତମପୁରଠାରେ ସ୍ଥିର ରହିବା ସହିତ ବିପଦ ସଂକେତ ତଳେ ଏବଂ ମାଧବରିଡାଠାରେ ହ୍ରାସ ପାଇବା ସହିତ ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୧୪.୩୯ ଫୁଟ ରେକର୍ଡ କରାଯାଇଛି । ମହାନଦୀର ଖଇରମାଳଠାରେ ୪୨ ହଜାର ୮୦୦ କ୍ୟୁସେକ୍, ବରମୂଳଠାରେ ୫୪ ହଜାର କ୍ୟୁସେକ୍ ଏବଂ ମୁଣ୍ଡୁଳୀଠାରେ ୫୩ ହଜାର ୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବୈତରଣୀ ନଦୀର ଆଖୁଆପଦାଠାରେ ୩୫ ହଜାର ୭୬୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଏହି ସମୟ ମଧ୍ୟରେ ମହାନଦୀର ଉପର ମୁଣ୍ଡରେ ବଙ୍ଗୋଡାମଠାରେ ୮୦.୬ ମିଲିମିଟର, ଜଗଦଲପୁରଠାରେ ୭୯.୩ ମିଲିମିଟର, ରାମପୁରଠାରେ ୭୪.୬ ମିଲିମିଟର, ସୁରଜଗଡଠାରେ ୫୬ ମିଲିମିଟର ଏବଂ ଯୋନ୍ଧ୍ରାଠାରେ ୫୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସେହିପରି ମହାନଦୀର ନିମ୍ନ ଅବବାହିକାର ନିମାପଡାଠାରେ ୭୨.୪ ମିଲିମିଟର ପାଟଣାଗଡଠାରେ ୫୭ ମିଲିମିଟର ଏବଂ ଗୋପରେ ୫୧ ମିଲିମିଟର ବୃଷ୍ଟିପାତ ହୋଇଛି । ଏତଦ୍‌ବ୍ୟତୀତ ପଟାଙ୍ଗୀଠାରେ ୯୦ ମିଲିମିଟର, ରାଜକନିକାଠାରେ ୬୦ ମିଲିମିଟର, ଦୈତାରୀଠାରେ ୪୫.୮ ମିଲିମିଟର, ଅନୁଗୁଳଠାରେ ୬୧ ମିଲିମିଟର ଏବଂ କାମାକ୍ଷାନଗରଠାରେ ୫୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

## ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ୧୫ ଅଗଷ୍ଟ ସନ୍ଧ୍ୟାରେ ''ବନ୍ଦେ ମାତରମ୍'' ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କଲା

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ-୨୦୧୫ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନଠାରେ ସନ୍ଧ୍ୟାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଦେଶାତ୍ମବୋଧକ ସଂଗୀତର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ''ବନ୍ଦେ ମାତରମ୍''ର ଆୟୋଜନ କରାଯାଇଥିଲା । ଭାରତର ସ୍ୱାଧୀନତା ସଂଗ୍ରାମରେ ଉତ୍ସର୍ଗୀକୃତ ହୋଇ ଆତ୍ମବଳିଦାନ ଦେଇଥିବା ମହାମନୀଷୀ ତଥା ଅଗଣିତ ବୀର ସଂଗ୍ରାମୀମାନଙ୍କ ତ୍ୟାଗପୂତ ଜୀବନୀର ପ୍ରେରଣା ସ୍ରୋତକୁ ଭିତ୍ତି କରି ଆୟୋଜିତ ଏହି ଦେଶବନ୍ଦନା କାର୍ଯ୍ୟକ୍ରମ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା ।

ମନୋଜ୍ଞ ଜାତୀୟ ଗୀତି ସମ୍ବଳିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀ ଗୋକୁଳ ଚନ୍ଦ୍ର ପତି, ସୂଚନା ଓ ଲୋକସମ୍ପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଏବଂ ନିର୍ଦ୍ଦେଶକ ଶ୍ରୀ ସୁଶୀଲ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ସଂଗ୍ରାମୀ ତଥା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ବନ୍ଦେ ମାତରମ୍' ବୃନ୍ଦଗାନ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ସୁବାସ ଦାସ, ଲକ୍ଷ୍ମୀକାନ୍ତ ପାଲିତ୍, ଶାନ୍ତିଲତା ଛୋଟରାୟ (ବାରିକ୍), ସାଗରିକା ପଟ୍ଟନାୟକ, ନାଜିଆ ସୟଦ୍, ସୌରଭ ନାୟକ, ଜୟଶ୍ରୀ ଧଳ, ଶେଖର ପାଢ଼ୀ, ଶଶାଙ୍କ ସାହୁ, ସୋମା କର୍ମକାର, ଶାନ୍ତନୁ ନାୟକ, ସନ୍ତୋଷ ପରିଡ଼ା, ଲିଟିଲ୍ କର ଏବଂ ୟସ୍ ମହାନ୍ତି ପ୍ରମୁଖଙ୍କ କଣ୍ଠଦାନରେ ପ୍ରେକ୍ଷାଳୟ ମୁଖରିତ ହୋଇଥିଲା । ଉପସ୍ଥିତ ଶ୍ରୋତବୃନ୍ଦ ଏପରି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜାତୀୟ ପର୍ବ ଅବସରରେ ଏପରି ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନକୁ ବିଭିନ୍ନ ମହଲରେ ଉଚ୍ଚପ୍ରଶଂସା କରାଯାଇଛି ।

ସମ୍ବିତ ମହାନ୍ତି, ସୂଚନା ଅଧିକାରୀ

## ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ନିମନ୍ତେ ବିଭିନ୍ନ ଶିକ୍ଷକ ସଂଗଠନ ସହିତ ଆଲୋଚନା

ରାଜ୍ୟର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ନିମନ୍ତେ ବିଭିନ୍ନ ଶିକ୍ଷକ ସଂଗଠନମାନଙ୍କ ସହିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଏବଂ ୟୁନିସେଫ୍‌ର ସହାୟତାରେ ବିଭିନ୍ନ ଶିକ୍ଷକ ସଂଗଠନର ଦାବି ସଂପର୍କରେ ଆଲୋଚନା କରିବା ପାଇଁ ଆୟୋଜିତ ଏହି କର୍ମଶାଳାରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ

ମିଶ୍ର କହିଲେ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ସମସ୍ତଙ୍କ ସୁଚିନ୍ତିତ ମତାମତ ଆଧାରରେ ଏବଂ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ । ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଶିକ୍ଷକମାନଙ୍କର ପ୍ରମୁଖ ଭୂମିକା ରହିଛି ଏବଂ ସେମାନେ ଯେପରି ଉପଯୁକ୍ତ ଶୈକ୍ଷିକ ବାତାବରଣ ମଧ୍ୟରେ ଶିକ୍ଷାଦାନ କରିପାରିବେ ସେଥି ନିମନ୍ତେ ସରକାର ସବୁପ୍ରକାର ସହଯୋଗ ଯୋଗାଇଦେବେ ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ଆଲୋଚନାରେ ଅଂଶଗ୍ରହଣ କରିବା ଅବସରରେ ସଂପ୍ରତି ତାଙ୍କର ଜିଲ୍ଲା ଗସ୍ତରେ ଯାଇଥିବାବେଳେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ସମୟରେ ପାଠପଢ଼ାର ମାନର ପ୍ରଶଂସା କରିବା ସହିତ ବିଦ୍ୟାଳୟ ପରିବେଶର ଉନ୍ନତି ଏବଂ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଆଲୋଚନାଚକ୍ରରେ ମୁଖ୍ୟତଃ ଗୁଣାତ୍ମକ ଶିକ୍ଷା, ସ୍କୁଲ ସମୟ ନିର୍ଘଣ୍ଟ ଏବଂ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କର ଭୂମିକା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଭାଗ ତରଫରୁ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସମୟ ନିର୍ଘଣ୍ଟର ବ୍ୟବସ୍ଥା ଏବଂ ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ପୌଷ୍ଟିକ ଆହାର ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ଶିକ୍ଷକ ସଂଗଠନର କର୍ମକର୍ତ୍ତାମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରି ଶିକ୍ଷକମାନଙ୍କର ବିଭିନ୍ନ ପ୍ରକାର ବର୍ଗୀକରଣ, ଦରମାରେ ତାରତମ୍ୟ ଓ ପଦୋନ୍ନତିର ଆନୁଷ୍ଠାନିକ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ମୁକ୍ତି, ସ୍କୁଲ ଗୃହ ନିର୍ମାଣ ଦାୟିତ୍ୱରୁ ଅବ୍ୟହତି, ପୂର୍ବପରି ସକାଳ ୧୦ଟା ଠାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ବିଦ୍ୟାଳୟର ସମୟ ନିର୍ଘଣ୍ଟ ଏବଂ ସର୍ବୋପରି ଗୁଣାତ୍ମକ ଶିକ୍ଷା ପାଇଁ ଉପଯୁକ୍ତ ଦରମା ପ୍ରଦାନ ଦିଗରେ ସେମାନଙ୍କର ମତବ୍ୟକ୍ତ କରିଥିଲେ ।

ଆଲୋଚନାରେ ବିଭିନ୍ନ ଶିକ୍ଷକ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଓଡ଼ିଶା ପ୍ରାଥମିକ ଶିକ୍ଷା ସଂଗଠନ, ଓଡ଼ିଶା ମାଧ୍ୟମିକ ଶିକ୍ଷା ସଂଗଠନ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍, ଓଡ଼ିଶା ସରକାରୀ ସ୍କୁଲ ଶିକ୍ଷକ ସଂଗଠନ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଗଠନ, ଓଡ଼ିଶା ସରକାରୀ ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଗଠନ, ଓଡ଼ିଶା ପ୍ରାଥମିକ ଟ୍ରେଣ୍ଡ ଗ୍ରାଜୁଏଟ୍ ଶିକ୍ଷକ ସଂଗଠନ ଆଦି ଯୋଗ ଦେଇଥିଲେ ।

ତାପସ କୁମାର ସାହା, ସୂଚନା ଅଧିକାରୀ

## ବ୍ରହ୍ମପୁରରେ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ସୁପାରିଶ

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର(ଗଞ୍ଜାମ)ଠାରେ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରତିଷ୍ଠାନ ନିମନ୍ତେ ୨୦୦ ଏକର ସରକାରୀ ଜମି ମାଗଣାରେ ଯୋଗାଇଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି । ଆବଶ୍ୟକ ଭିତ୍ତିଭୂମି ଯଥା ସଡ଼କ ପଥ, ରେଳପଥ ଓ ଆକାଶପଥ ସଂଯୋଗୀକରଣ ବ୍ୟବସ୍ଥା ବ୍ରହ୍ମପୁରଠାରେ ରହିଛି ଯାହାକି କେନ୍ଦ୍ରୀୟ ନିର୍ଦ୍ଦେଶାବଳୀର ଅନୁପାଳନ କରୁଛି ।

ଏଥି ସହିତ ବ୍ରହ୍ମପୁର ଏବଂ ଆଖପାଖ ଅଞ୍ଚଳରେ ଏକ ଅସ୍ଥାୟୀ କ୍ୟାମ୍ପସ୍ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ପ୍ରତିଷ୍ଠାନ ବ୍ରହ୍ମପୁରରେ ସ୍ଥାପନ କରାଗଲେ ଦକ୍ଷିଣ ଓଡ଼ିଶା ତଥା ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚତର ବିଜ୍ଞାନ ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହିତ କରିବ । ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବୈଜ୍ଞାନିକ ଏବଂ ସେମାନଙ୍କ ଗବେଷଣା ସଂଦର୍ଭ ସହିତ ବୈଷୟିକ ଜ୍ଞାନ ମେଧାବୀ ଛାତ୍ରଛାତ୍ରୀଙ୍କ ମେଧାକୁ ଉନ୍ନୀତ କରିବ । ଏହାଦ୍ୱାରା ଆନୁଷଙ୍ଗିକ ଶିଳ୍ପ, ଆନ୍ତର୍ଜାତିକ ଭିତ୍ତିଭୂମି ଓ ଗବେଷଣାର ସୁଫଳ ପାଇପାରିବ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ନିଷ୍ପତ୍ତି ସମଗ୍ର ରାଜ୍ୟ ତଥା ଦକ୍ଷିଣ ଓଡ଼ିଶା ପାଇଁ ବିଜ୍ଞାନର ଉଚ୍ଚତର ଗବେଷଣା ପାଇଁ ଏକ ନୂଆ ରାସ୍ତା ଉନ୍ମୋଚନ କରିବ । ନିୟୋଜନ, ବୈଷୟିକ ଶିକ୍ଷା ଓ ତାଲିମ ମନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହି କମିଟିରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଉଚ୍ଚ ଶିକ୍ଷା ବିଭାଗ, ପ୍ରମୁଖ ଶାସନ ସଚିବ, ରାଜସ୍ୱ ବିଭାଗ, ସିଜିଏମ୍, ଇଡ୍କୋ ସଦସ୍ୟ ଅଛନ୍ତି । ପ୍ରମୁଖ ଶାସନ ସଚିବ, ନିୟୋଜନ, ବୈଷୟିକ ଶିକ୍ଷା ଓ ତାଲିମ ଏହି କମିଟିର ଆବାହକ ରୂପେ କାର୍ଯ୍ୟ କରିବେ ।

ରକ୍ଷକ ନାୟକ, ସୂଚନା ଅଧିକାରୀ

# ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏବଂ ଏସିଆନ ହେରିଟେଜ ଫାଉଣ୍ଡେସନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ରାଜ୍ୟ ସଚିବାଳୟଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ବୁଣାକାରମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏବଂ ଏସିଆନ ହେରିଟେଜ ଫାଉଣ୍ଡେସନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି ।

ଆଦିବାସୀ ଅଧ୍ୟୁଷିତ ତିନୋଟି ରାଜ୍ୟ ଯଥା– ଓଡ଼ିଶା, ଝାଡଖଣ୍ଡ ଏବଂ ମଧ୍ୟପ୍ରଦେଶରେ ବିଶ୍ୱବ୍ୟାଙ୍କ୍ ପରିଚାଳନାରେ ଜାପାନ ସାମାଜିକ ବିକାଶ ପାଣ୍ଠିର ଆର୍ଥିକ ସହାୟତାରେ ଏକ ୪ବର୍ଷିଆ ପ୍ରକଳ୍ପ 'ବଞ୍ଚିତ ଜନଜାତିଙ୍କ ନିମନ୍ତେ ସାମଗ୍ରୀକ ବ୍ୟବସାୟିକ ସୁଯୋଗ ସୃଷ୍ଟି' କାର୍ଯ୍ୟକାରୀ ହେଉଛି । ନୂଆଦିଲ୍ଲୀସ୍ଥିତ ଏସିଆନ୍ ହେରିଟେଜ୍ ଫାଉଣ୍ଡେସନ୍ ସଂସ୍ଥା ଜରିଆରେ ଏହା କରାଯାଉଛି । ପୂର୍ବରୁ ଏହି ସଂସ୍ଥା ବିହାର, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାର ଗ୍ରାମାଞ୍ଚଳର ଗରିବ ଶ୍ରେଣୀଙ୍କ ନିମନ୍ତେ ଏହି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ କରିଛି । ପ୍ରକଳ୍ପର ଶତ ପ୍ରତିଶତ ପାଣ୍ଠି ବିନିଯୋଗ ଏହି ସଂସ୍ଥା ବହନ କରିବେ । ଗ୍ରାମାଞ୍ଚଳର ବେକାର ଯୁବକ ଯୁବତୀ, ମହିଳା ଏବଂ ଅବହେଳିତ ବର୍ଗର ଜନସାଧାରଣଙ୍କ ମଧ୍ୟରେ ଥିବା ପାରମ୍ପରିକ ଜ୍ଞାନକୌଶଳର ପୂର୍ଣ୍ଣ ବିନିଯୋଗ କରି ସେମାନଙ୍କ ଜୀବନ ଜୀବିକା ନିର୍ବାହ ଏବଂ ଉପାର୍ଜନ ବୃଦ୍ଧି ନିମନ୍ତେ ସୁଯୋଗ ସୃଷ୍ଟି କରିବା ହେଉଛି ପ୍ରକଳ୍ପର ଆଭିମୁଖ୍ୟ। ଆମ ରାଜ୍ୟ ଓଡ଼ିଶାର ଜନଜାତି ବହୁଳ ମୟୂରଭଞ୍ଜ ଏବଂ କୋରାପୁଟ ଜିଲ୍ଲାରେ ୨.୭୨ କୋଟି ଟଙ୍କା ଆର୍ଥିକ ସହାୟତାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏଥି ନିମନ୍ତେ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବ । ଯୋଜନାର ଅବଧି ୨୦୧୫–୨୦୧୯ ପର୍ଯ୍ୟନ୍ତ ରଖାଯାଇଛି। ବିଭିନ୍ନ ପ୍ରାଥମିକ ବୁଣାକାର ସମବାୟ ସମିତି, ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଏହି ପ୍ରକଳ୍ପରେ ସାମିଲ କରାଯିବ ।

ରାଜ୍ୟ ସରକାରଙ୍କ ତରଫରୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ୍ ଏବଂ ଏସିଆନ ହେରିଟେଜ ଫାଉଣ୍ଡେସନର ମୁଖ୍ୟ ଶ୍ରୀ ରାଜୀବ ସେଠୀ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ମୁଖ୍ୟ ଶାସନ ସଚିବ ଶ୍ରୀ ଗୋକୁଳ ଚନ୍ଦ୍ର ପତି, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଉପେନ୍ଦ୍ର ନାଥ ବେହେରା, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଅର୍ଥ) ଆର୍.ବାଲକ୍ରିଷ୍ଣନ, ପଞ୍ଚାୟତିରାଜ ସଚିବ ଶ୍ରୀ ଦେଓ ରଞ୍ଜନ ସିଂ, ସଂସ୍କୃତି ତଥା ସୂଚନା ଓ ଲୋକସମ୍ପର୍କ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଏବଂ ବିଶ୍ୱବ୍ୟାଙ୍କ୍ ଓ ଏସିଆନ୍ ହେରିଟେଜ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ

❖ ❖ ❖